# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୫/୨୦୨୫ (୧୬ ପୃଷ୍ଠା) | Bhubaneswar, Wednesday, February 5/2025 | Page 16 | ₹ 7.00

୫୧ଶ ଭାଗ ୭୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 73 | ମୂଲ୍ୟ ₹୭/-



DSPL - 376

ବିକଶିତ ଗାଁ ବିକଶିତ ଓଡ଼ିଶା

ଓଡ଼ିଶା ଶାସନ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଶୁଭାରମ୍ଭ

# ବିକଶିତ ଗାଁ ବିକଶିତ ଓଡ଼ିଶା

## ସମୃଦ୍ଧ ଓଡ଼ିଶାର ନୂତନ ପରିଭାଷା

ମୁଖ୍ୟମନ୍ତ୍ରୀ **ଶ୍ରୀ ମୋହନ ଚରଣ ମାଝୀ**ଙ୍କ
କରକମଳରେ

**୫ ବର୍ଷ ପର୍ଯ୍ୟନ୍ତ ଯୋଜନା ହେବ କାର୍ଯ୍ୟକାରୀ**

**୫ ହଜାର କୋଟି ଟଙ୍କାର ବ୍ୟୟବରାଦ**

- ମୌଳିକ ଭିତ୍ତିଭୂମି ବିକାଶ ସହ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ ।
- ବିଶେଷ ଭାବରେ ଅନୁନ୍ନତ ଜନଜାତି ସମୁଦାୟ (PVTG) ବସବାସ କରୁଥିବା ଅଞ୍ଚଳରେ ଆଭ୍ୟନ୍ତରୀଣ ଓ ଆନ୍ତଃ ଗ୍ରାମ୍ୟ ସଡ଼କ ସଂଯୋଗୀକରଣ ।
- କ୍ଷୁଦ୍ର ପର୍ଯ୍ୟଟନସ୍ଥଳୀର ବିକାଶ ଓ ଉନ୍ନତିକରଣ ।
- ଶିକ୍ଷା ଓ କ୍ରୀଡ଼ା ଭିତ୍ତିଭୂମିର ସମ୍ପ୍ରସାରଣ ଓ ଆଧୁନିକୀକରଣ ।
- ନୂତନ ଅଭିନବ ଜନମଙ୍ଗଳକାରୀ ବହୁମୁଖୀ ପ୍ରକଳ୍ପର ନିର୍ମାଣ ଓ କାର୍ଯ୍ୟାନ୍ୱୟନ ।

**୦୫ ଫେବୃଆରୀ ୨୦୨୫ | ଦିବା ୧୧ ଘଟିକା**

**ଜଙ୍କିଆ ମିନି ଷ୍ଟାଡିୟମ୍, ଖୋର୍ଦ୍ଧା**

OIPR-19001/13/0010/2425

**ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର**

# ମହାକୁମ୍ଭ ଦଳାଚକଟା: ମୃତ୍ୟୁସଂଖ୍ୟାରେ ଦ୍ୱନ୍ଦ୍ୱ

## ପାର୍ଲାମେଣ୍ଟରେ ହଟ୍ଟଗୋଳ ଜାରି

**ଉତ୍ତର ପ୍ରଦେଶର ପ୍ରୟାଗରାଜ ମହାକୁମ୍ଭ ମେଳାରେ ଜାନୁଆରୀ ୨୯ ମୌନୀ ଅମାବାସ୍ୟା ରାତିରେ ବୁଡ଼ ପକାଇବାକୁ ଯାଇଥିବା ଅନେକ କୋଟି ଶ୍ରଦ୍ଧାଳୁଙ୍କ ମଧ୍ୟରୁ ଦଳାଚକଟାରେ କେତେଜଣଙ୍କ ମୃତ୍ୟୁ ଘଟିଥିଲା, ତାହା ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ। ୟୁପିର ଯୋଗୀ ସରକାର ଏହା ୩୦ରେ ସୀମିତ ବୋଲି କହୁଥିବାବେଳେ ସଙ୍ଗମସ୍ଥଳକୁ ଯାଇଥିବା କେତେଜଣ ଶ୍ରଦ୍ଧାଳୁ ଏହି ସଂଖ୍ୟା ହଜାରେରୁ ଊର୍ଦ୍ଧ୍ୱ ହୋଇପାରେ ବୋଲି ଦାବି କରୁଛନ୍ତି। କିନ୍ତୁ ସରକାରଙ୍କ ପକ୍ଷରୁ ଏହା ଉପରେ ଆଉ କିଛି ସ୍ପଷ୍ଟୀକରଣ ଆସି ନ ଥିବାରୁ ମୃତକଙ୍କ ପ୍ରକୃତ ସଂଖ୍ୟାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। କଂଗ୍ରେସ କହୁଛି, ଅନେକ ହଜାର ଶ୍ରଦ୍ଧାଳୁ ମରିଛନ୍ତି। ଉଦ୍ଧବ ଠାକ୍‌ରେଙ୍କ ଶିବସେନା ମତରେ ଏହି ସଂଖ୍ୟା ୨,୦୦୦ ହେବ। ସମାଜବାଦୀ ପାର୍ଟି (ଏସ୍‌ପି) କହୁଛି, ପ୍ରାଣ ହରାଇଥିବା ଶ୍ରଦ୍ଧାଳୁଙ୍କ ସଂଖ୍ୟା କମ୍ କରି ଦେଖାଇବା ପାଇଁ ସେମାନଙ୍କ ମୃତଦେହଗୁଡ଼ିକୁ ତ୍ରିବେଣୀ ସଙ୍ଗମରେ ଭସାଇ ଦିଆଯାଇଛି। କେବଳ ଏତିକି ନୁହେଁ, ଖବର ଲୁଚାଇବା ଲାଗି କେତେକ ଗଣମାଧ୍ୟମକୁ ଲାଞ୍ଚ ମଧ୍ୟ ଦିଆଯାଇଛି। ଏହି ପ୍ରସଙ୍ଗରେ ସଂସଦର ଉଭୟ ଗୃହରେ ୨ ଦିନ ହେଲା ହଟ୍ଟଗୋଳ ଲାଗିରହିଥିବାବେଳେ ଭାଜପା ଏମ୍‌ପି ହେମାମାଳିନୀ ଅଭିଯୋଗକୁ ଖଣ୍ଡନ କରିବା ସହ ଦଳାଚକଟାକୁ 'ଏକ ବଡ଼ ଘଟଣା ନୁହେଁ' ବୋଲି ଦର୍ଶାଇବା ପରେ ଜୋର୍ ଧରିଛି ବାକ୍‌ଯୁଦ୍ଧ।**

ନୂଆଦିଲ୍ଲୀ,୪।୨

ପ୍ରୟାଗରାଜ ମହାକୁମ୍ଭରେ ଦଳାଚକଟା ଘଟଣାକୁ ନେଇ ପାର୍ଲାମେଣ୍ଟର ଉଭୟ ଗୃହରେ ୨ ଦିନ ହେଲା ହଟ୍ଟଗୋଳ ଜାରି ରହିଛି। ଲୋକ ସଭାରେ ମଙ୍ଗଳବାର ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଏହି ପ୍ରସଙ୍ଗରେ ଉତ୍ତରପ୍ରଦେଶର ଡବଲ ଇଞ୍ଜିନ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଦଳାଚକଟାରେ ବହୁ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିବାବେଳେ ସରକାର ସଂଖ୍ୟାକୁ ଲୁଚାଉଥିବା ସେ ଅଭିଯୋଗ କରିଛନ୍ତି। ଉକ୍ତ ଘଟଣା ଉପରେ ଏକ ସର୍ବଦଳୀୟ ବୈଠକ ଡକାଯିବା ସହ ମହାକୁମ୍ଭ ବିପର୍ଯ୍ୟୟ ପରିଚାଳନା ସଂସ୍ଥାର ଦାୟିତ୍ୱ ସେନାକୁ ଦିଆଯାଉ ବୋଲି ଅଖିଳେଶ ଦାବି କରିଛନ୍ତି।

ଗତ ମାସ ୨୯ ତାରିଖ ମୌନୀ ଅମାବାସ୍ୟା ଅବସରରେ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇବା ବେଳେ କେତେଜଣଙ୍କ ମୃତ୍ୟୁ ଘଟିଥିବା ଏବଂ ସେମାନଙ୍କ ମୃତଦେହ ଶବାଗାର ଓ ହସ୍ପିଟାଲରେ ପଡ଼ିରହିଥିବା ଜଣାପଡ଼ିଥିଲା। ପରେ ସରକାରୀ ହେଲିକପ୍ଟରରେ ପୁଷ୍ପ ଭର୍ତ୍ତି କରାଯାଇ ସେଗୁଡ଼ିକୁ ଶ୍ରଦ୍ଧାଳୁଙ୍କ ଉପରେ ବର୍ଷା କରାଯାଇଥିଲା। ଏହା କି ପ୍ରକାର ସନାତନୀ ପରମ୍ପରା ବୋଲି ସମାଜବାଦୀ ପାର୍ଟି ଏମ୍‌ପି ପ୍ରଶ୍ନ କରିଛନ୍ତି।



ସେଠାରେ କେତେ ସଂଖ୍ୟାରେ ଚପଲ, ଶାଢ଼ି ଓ ପୋଷାକ ପଡ଼ିଥିଲା, ତାହା ଭଗବାନ ଜାଣନ୍ତି। ସେଗୁଡ଼ିକୁ ଜେସିବି ମେଶିନ୍ ଓ ଟ୍ରାକ୍ଟର ଟ୍ରଲିରେ ଉଠାଇ ନିଆଯାଇ କେଉଁଠି ଫିଙ୍ଗାଗଲା, ତାହା କେହି ଜାଣନ୍ତି ନାହିଁ। ସବୁକିଛି ଘୋଡ଼ାଇଦେବା ପାଇଁ ଚାପ ପକାଯିବା ସହ ଖବର ଯେପରି ପଦାକୁ ନ ଆସିବ ସେଥିପାଇଁ ଲାଞ୍ଚ ଦିଆଯାଇଥିବା ଶୁଣାଯାଇଛି ବୋଲି ଅଖିଳେଶ କହିଛନ୍ତି। ମହାକୁମ୍ଭ ଦୁର୍ଘଟଣାର ମୃତ୍ୟୁସଂଖ୍ୟା, ଆହତଙ୍କ ଚିକିତ୍ସା, ଉପଲବ୍ଧ ଔଷଧ, ଡାକ୍ତର, ଖାଦ୍ୟ, ପାଣି ଓ ପରିବହନ, ସବୁକିଛି ପାର୍ଲାମେଣ୍ଟରେ ଉପସ୍ଥାପନ ହେବା ସହ ଯେଉଁମାନେ ଦୁର୍ଘଟଣା ପାଇଁ ଦାୟୀ ଏବଂ ଯେଉଁମାନେ ସତ୍ୟକୁ ଲୁଚାଇଛନ୍ତି, ସେମାନଙ୍କ ବିରୋଧରେ କଠୋର ଦଣ୍ଡ ବିଧାନ ହେବା ଆବଶ୍ୟକ। ଡବଲ ଇଞ୍ଜିନ୍ ସରକାରର ଯଦି କିଛି ଭୁଲ୍ ନାହିଁ ତେବେ ମୃତ୍ୟୁସଂଖ୍ୟା ଲୁଚାଯାଇଛି କାହିଁକି। ସରକାରଙ୍କ ପ୍ରତି ସାଧୁସନ୍ଥ ଓ ଶ୍ରଦ୍ଧାଳୁମାନଙ୍କ ଆସ୍ଥା ଫେରାଇଆଣିବା ପାଇଁ ମହାକୁମ୍ଭର ପ୍ରଶାସନ ଓ ପରିଚାଳନା ତୁରନ୍ତ ସେନାକୁ ହସ୍ତାନ୍ତର କରାଯାଉ ବୋଲି ଅଖିଳେଶ ଦାବି କରିଛନ୍ତି।

ଅନ୍ୟପକ୍ଷରେ ଭାଜପା ଏମ୍‌ପି ହେମା ମାଳିନୀ ଏସ୍‌ପି ନେତା ଅଖିଳେଶଙ୍କ ମନ୍ତବ୍ୟକୁ ସମାଲୋଚନା କରିଛନ୍ତି। ଦଳାଚକଟା ସେଭଳି ବଡ଼ ଘଟଣା ନୁହେଁ ବୋଲି ସେ କହିଛନ୍ତି। ଉତ୍ତରପ୍ରଦେଶ ସରକାର ମହାକୁମ୍ଭ ଭଳି ଏତେବଡ଼ କାର୍ଯ୍ୟକ୍ରମକୁ ବହୁତ ଭଲ ଭାବେ ପରିଚାଳନା କରୁଛନ୍ତି। ଦୁର୍ଘଟଣାକୁ ନେଇ ବିରୋଧୀମାନେ ବଢ଼େଇ ଚଢ଼େଇ କହୁଥିବା

### ଦଳାଚକଟା ବଡ଼ ଘଟଣା ନୁହେଁ: ହେମା ମାଳିନୀ

ଭାଜପା ନେତ୍ରୀ ଅଭିଯୋଗ କରିଛନ୍ତି।

ରାଜ୍ୟ ସଭାରେ ଏହି ପ୍ରସଙ୍ଗରେ ବିରୋଧୀ ଆଲୋଚନା ଦାବି କରିଥିଲେ। ମହାକୁମ୍ଭ ଦଳାଚକଟାରେ ୩୦ ଜଣଙ୍କ ମୃତ୍ୟୁ ଘଟିଥିବା ସରକାରୀ ଭାବେ କୁହାଯାଉଥିବାବେଳେ ଶିବସେନା (ୟୁବିଟି) ଏମ୍‌ପି ସଞ୍ଜୟ ରାଉତ୍ ଏହା ଉପରେ ପ୍ରଶ୍ନ ଉଠାଇଥିଲେ। ଦଳାଚକଟାରେ ୨,୦୦୦



### ମୃତକଙ୍କ ସଂଖ୍ୟା ଲୁଚାଉଛନ୍ତି ସରକାର: ଅଖିଳେଶ

ଲୋକଙ୍କ ମୃତ୍ୟୁ ଘଟିଥିବା ସେ କହିବାରୁ ପ୍ରବଳ ହଟ୍ଟଗୋଳ ହୋଇଥିଲା। ଏହି ସଂଖ୍ୟାର ପ୍ରମାଣ ଉପସ୍ଥାପନ କରିବାକୁ ଗୃହର ଉପାଧ୍ୟକ୍ଷ ହରିବଂଶ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଉତ ମହାକୁମ୍ଭ ଟ୍ରାଜେଡି ପାଇଁ ଦୁର୍ବଳ ପରିଚାଳନାକୁ ଦାୟୀ କରିଛନ୍ତି। ରାଜନୈତିକ ପ୍ରଚାର ପାଇଁ ଏହା କାର୍ଯ୍ୟକ୍ରମକୁ ବ୍ୟବହାର କରାଯାଉଛି। ଅନ୍ୟ ଦେଶରେ ଏଭଳି ଘଟଣା ଘଟିଥିଲେ, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଥାନ୍ତା ବୋଲି ରାଉତ କହିଛନ୍ତି। ସୂଚନାଯୋଗ୍ୟ, ସୋମବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ ମୃତ୍ୟୁସଂଖ୍ୟା ୧,୦୦୦ ହେବ ବୋଲି କହିଥିଲେ। ସରକାରଙ୍କ ଅବହେଳା ଏବଂ ସମ୍ବେଦନହୀନତା ଯୋଗୁ ଏତେ ସଂଖ୍ୟାରେ ଲୋକଙ୍କ ଜୀବନ ଗଲା ବୋଲି ବିରୋଧୀ ଅଭିଯୋଗ କରିବା ସହ ଏଥିପାଇଁ ସରକାର ନିଜକୁ ଉତ୍ତରଦାୟୀ କରନ୍ତୁ ବୋଲି ଦାବି କରିଥିଲେ।



## ସଂକ୍ଷେପରେ

### ପଞ୍ଜାବୀ ଗାୟକ ପ୍ରେମ ଧିଲ୍ଲୋଁଙ୍କ ଘର ସମ୍ମୁଖରେ ଫୁଟିଲା ଗୁଳି



ଓଟାୱା, ୪।୨

ଲୋକପ୍ରିୟ ପଞ୍ଜାବୀ ଗାୟକ ପ୍ରେମ ଧିଲ୍ଲୋଁଙ୍କ କାନାଡାସ୍ଥିତ ଘର ସମ୍ମୁଖରେ ମଙ୍ଗଳବାର ଗୁଳି ଫୁଟିଛି। ଏହି ଗୁଳିକାଣ୍ଡ ନେଇ ଜୟପାଲ ଭୁଲ୍ଲର ଗ୍ୟାଙ୍ଗ୍ ପକ୍ଷରୁ ସୋସିଆଲ ମିଡିଆରେ ଏକ ପୋଷ୍ଟ ମାଧ୍ୟମରେ ନିଜକୁ ଦାୟୀ କରାଯାଇଛି। ଉକ୍ତ ପୋଷ୍ଟରେ ପଞ୍ଜାବୀ ସିଙ୍ଗର ସିଧୁ ମୁସେୱାଲା ଓ ଜଗ୍ଗୁ ଭଗୱାନ୍‌ପୁରିଆଙ୍କର ନାମ ନିଆଯାଇଛି। ୨୦୨୨ରେ ପଞ୍ଜାବର ମାନସା ଜିଲାରେ ସିଧୁଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଧିଲ୍ଲୋଁଙ୍କ ଘର ସମ୍ମୁଖରେ ଗୁଳିକାଣ୍ଡ ଘଟଣା ପରେ କାନାଡାର ସୁରକ୍ଷା ଏଜେନ୍ସି ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ କରାଯାଇଛି।

### ଆଜି ସଙ୍ଗମରେ ବୁଡ଼ ପକାଇବେ ମୋଦି

ନୂଆଦିଲ୍ଲୀ, ୪।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ପୂର୍ବାହ୍ନ ୧୧ଟାରେ ଉତ୍ତରପ୍ରଦେଶର ପ୍ରୟାଗରାଜରେ ପହଞ୍ଚି ମହାକୁମ୍ଭ ମେଳା ପରିଦର୍ଶନ କରିବା ସହ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇବେ। ଏନେଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଭାରତର ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ଐତିହ୍ୟର ପ୍ରଚାର ପ୍ରସାର ଓ ସଂରକ୍ଷଣ ପାଇଁ ପ୍ରଧାନମନ୍ତ୍ରୀ ନିଜର ପ୍ରତିଶ୍ରୁତିବଦ୍ଧତାକୁ ପାଳନ କରିଆସିଛନ୍ତି। ତୀର୍ଥସ୍ଥାନଗୁଡ଼ିକର ଭିତ୍ତିଭୂମି ବିକାଶ ଓ ସୁବିଧା ପାଇଁ ସେ ସକ୍ରିୟ ପଦକ୍ଷେପ ନେଇଛନ୍ତି। ଗତ ଡିସେମ୍ବର ୧୩ରେ ପ୍ରଧାନମନ୍ତ୍ରୀ ପ୍ରୟାଗରାଜ ଯାଇ ୫,୫୦୦ କୋଟି ଟଙ୍କାର ୧୬୭ଟି ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ।

### ସୁଇଡେନ୍ ସ୍କୁଲରେ ଗୁଳି: ୧୦ ମୃତ

ଷ୍ଟକ୍‌ହୋମ, ୪।୨

ମଧ୍ୟ ସୁଇଡେନ୍‌ର ଓରେବ୍ରୋସ୍ଥିତ କ୍ୟାମ୍ପସ ରିସବେର୍ଗସ୍କା ସେକେଣ୍ଡାରି ସ୍କୁଲରେ ମଙ୍ଗଳବାର ଗୁଳିକାଣ୍ଡ ଘଟି ୧୦ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ସନ୍ଦିଗ୍ଧ ଆତତାୟୀ ମଧ୍ୟ ରହିଛନ୍ତି। ପୋଲିସ ପୂରା ସ୍କୁଲକୁ ଛାଉଣି କରି ଘଟଣାର ତଦନ୍ତ ଚଳାଇଛି। ତେବେ ସନ୍ଦିଗ୍ଧ ଆତତାୟୀ କୌଣସି ଆପରାଧିକ ଗ୍ୟାଙ୍ଗରେ ସାମିଲ ନ ଥିବା ନେଇ ଓରେବ୍ରୋ ସହରର ପୋଲିସ ପ୍ରମୁଖ ରୋବର୍ଟ ଇଡ୍ ଫରେଷ୍ଟ ସୂଚନା ଦେଇଛନ୍ତି। ତେବେ ପ୍ରାଥମିକ ତଦନ୍ତରୁ ଏହା ଏକ ଆତଙ୍କବାଦୀ ଆକ୍ରମଣ ନୁହେଁ ବୋଲି ଜଣାପଡ଼ିଥିବା ସେ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ମୃତକଙ୍କ ପରିଚୟ କିମ୍ବା ବୟସ ସମ୍ପର୍କରେ ପୋଲିସ ସୂଚନା ଦେଇନାହିଁ। ସେହିପରି ମୃତକଙ୍କ ମଧ୍ୟରେ କେତେଜଣ ଛାତ୍ରୀଛାତ୍ର ରହିଛନ୍ତି ସେନେଇ ମଧ୍ୟ ପୋଲିସ ସ୍ପଷ୍ଟ କରିନାହିଁ। ସ୍କୁଲ ମଧ୍ୟରେ ଗୁଳି ଚଳାଇବା ପରେ ସନ୍ଦିଗ୍ଧ ଆତତାୟୀ ଜଣକ ନିଜକୁ ନିଜେ ଗୁଳି କରିଥିବା ନେଇ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି।



ପ୍ରୟାଗରାଜ ମହାକୁମ୍ଭ ମେଳାରେ ଭୁଟାନ ରାଜା ଜିଗ୍‌ମେ ଖେଶର ନମ୍‌ଗେଲ ୱାଙ୍ଗ୍‌ଚୁକ୍‌ଙ୍କ ସହ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପକ୍ଷୀଙ୍କୁ ଦାନା ଖୁଆଉଛନ୍ତି।

## ସଙ୍ଗମରେ ଭୁଟାନ ରାଜା

ପ୍ରୟାଗରାଜ, ୪।୨

ଭୁଟାନ ରାଜା ଖେସର ନାମଗ୍ୟାଲ ୱାଙ୍ଗ୍‌ଚୁକ୍ ମଙ୍ଗଳବାର ମହାକୁମ୍ଭରେ ପହଞ୍ଚି ପବିତ୍ର ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇଛନ୍ତି। ଏହି ଅବସରରେ ତାଙ୍କ ସହ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଉପସ୍ଥିତ ଥିଲେ। ଏହାପରେ ସେ ରୀତିନୀତି ଅନୁଯାୟୀ ସଙ୍ଗମ କୂଳରେ ପୂଜା କରିଥିଲେ ଏବଂ ଅକ୍ଷରବଟ ଧାମ ଗସ୍ତ କରିଥିଲେ। ସେ ସୋମବାର ଲକ୍ଷ୍ନୌର ଚୌଧୁରୀ ଚରଣ ସିଂହ ଅନ୍ତର୍ଜାତୀୟ ଏୟାରପୋର୍ଟରେ ପହଞ୍ଚି ସ୍ଥଳପଥରେ ପ୍ରୟାଗରାଜ ପହଞ୍ଚିଥିଲେ। ସେଠାରେ ଅନେକ କଳାକାର ବିଭିନ୍ନ ସାଂସ୍କୃତିକ ପ୍ରଦର୍ଶନ କରିବା ସହ ଭୁଟାନ ରାଜାଙ୍କୁ ସ୍ୱାଗତ କରିଥିଲେ।

## ରାହୁଲଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ

ନୂଆଦିଲ୍ଲୀ,୪।୨

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ଉପରେ ଆପତ୍ତିଜନକ ମନ୍ତବ୍ୟ ପାଇଁ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ବିରୋଧରେ ରାଜ୍ୟ ସଭାରେ ସ୍ୱାଧିକାର ଭଙ୍ଗ ନୋଟିସ ଆସିବାର ଦିନକ ପରେ ମଙ୍ଗଳବାର ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ମଧ୍ୟ ନିମ୍ନ ସଦନରେ ଅନୁରୂପ ନୋଟିସର ସାମ୍ନା କରିବାକୁ ପଡ଼ିଛି। ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ରାହୁଲଙ୍କ ବିରୋଧରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ସ୍ୱାଧିକାର ଭଙ୍ଗ ନୋଟିସ ଦେଇଛନ୍ତି। ଲୋକ ସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ବେଳେ ରାହୁଲ କେତେକ ଭିତ୍ତିହୀନ ଅଭିଯୋଗ ଆଣିଥିଲେ। ବାଚସ୍ପତି ପ୍ରାମାଣିକତା ଦାବି କରିବାରୁ ସେ ଏହା ଉପସ୍ଥାପନ କରିବାରେ ବିଫଳ ହୋଇଥିଲେ। ଗୃହରେ ମିଥ୍ୟା ବିବୃତି ଦେବା ରାହୁଲଙ୍କର ଅଭ୍ୟାସରେ ପରିଣତ ହୋଇଗଲାଣି। ଏଥିପାଇଁ ତାଙ୍କୁ ତାଗିଦ କରାଯାଉ ବୋଲି ଦୁବେ ଦାବି କରିଛନ୍ତି। ସୋମବାର ରାହୁଲ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଭାଗନେଇ ଭାରତରେ ଚାଇନା ସୈନ୍ୟ ଉପସ୍ଥିତ ରହିଥିବା କହିଥିଲେ, ଯାହାକୁ ନେଇ ଜୋର୍‌ଦାର ହଟ୍ଟଗୋଳ ହୋଇଥିଲା। କଂଗ୍ରେସ ନେତା ମିଛ କହୁଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଥିଲେ। ରାହୁଲ ତାଙ୍କ ଭାଷଣରେ କେବଳ ନିର୍ଲଜ ଭାବେ ଐତିହାସିକ ଏବଂ ମୌଳିକ ତଥ୍ୟକୁ ବିକୃତ କରୁନାହାନ୍ତି, ଆମ ଦେଶକୁ ପରିହାସ କରିବା ସହ ଏହାର ସମ୍ମାନ କ୍ଷୁଣ୍ଣ କରୁଛନ୍ତି ବୋଲି ଦୁବେ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି।

## ଶୁଭ ମୁହୂର୍ତ୍ତକୁ ଅପେକ୍ଷା କରିଛ କି

### ବିଦେଶୀଙ୍କୁ ବିଦାକରି ନ ଥିବାରୁ ଆସାମ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ,୪।୨(ପି.ଟି.)

ଆସାମ ସରକାର ବେଆଇନ ବିଦେଶୀମାନଙ୍କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅଟକ କେନ୍ଦ୍ରରେ ରଖିବା ଓ ସେମାନଙ୍କୁ ବିଦା ନ କରିବା ଘଟଣାରେ ସୁପ୍ରିମକୋର୍ଟ ମଙ୍ଗଳବାର ଭର୍ତ୍ସନା କରିଛନ୍ତି। ସେମାନଙ୍କୁ ବିଦା କରିବା ପାଇଁ କୌଣସି ଶୁଭ ମୁହୂର୍ତ୍ତକୁ ଅପେକ୍ଷା କରିଛ କି ବୋଲି ଜଷ୍ଟିସ୍ ଅଭୟ ଏସ୍ ଓକା ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଅଟକ ଥିବା ଲୋକମାନେ ବିଦେଶୀ ବୋଲି ଚିହ୍ନଟ ହେବା ପରେ ସେମାନଙ୍କୁ ତୁରନ୍ତ ବିଦା କରିବା ଆବଶ୍ୟକ। ସରକାର ଏ ସମ୍ପର୍କିତ ତଥ୍ୟ ଲୁଚାଉଥିବା ଖଣ୍ଡପୀଠ ଅନୁଭବ କରିଛନ୍ତି। ସେମାନଙ୍କ ଠିକଣା ଜଣା ନ ଥିବା କହି ବିଦା କରିବା ପ୍ରକ୍ରିୟା ଆରମ୍ଭକୁ ମନା କରୁଛ। ଏହା ଆମ ପାଇଁ ଚିନ୍ତାର କାରଣ କ'ଣ ପାଇଁ। ବିଦେଶୀମାନଙ୍କୁ ସେମାନଙ୍କ ଦେଶକୁ ପଠାଅ ବୋଲି ଖଣ୍ଡପୀଠ କହିଛନ୍ତି। ଠିକଣା ଜଣା ନ ଥିବା ବିଦେଶୀ ଅଟକମାନଙ୍କ ଜାତୀୟତା ଯାଞ୍ଚ ଫର୍ମଗୁଡ଼ିକୁ ଆସାମ ସରକାର ବହିର୍ବ୍ୟାପାର ମନ୍ତ୍ରଣାଳୟକୁ ପଠାଇ ନ ଥିବାରୁ ସର୍ବୋଚ୍ଚ ଅଦାଲତ ବିସ୍ମୟ ପ୍ରକାଶ କରିଥିଲେ। ଜଣକୁ ବିଦେଶୀ ଘୋଷଣା କରିବା ପରେ ପରବର୍ତ୍ତୀ ତାର୍କିକ ପଦକ୍ଷେପ ନେବାକୁ ହେବ। ସେମାନଙ୍କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅଟକ ରଖାଯାଇପାରିବ ନାହିଁ। ସେଠାରେ ସମ୍ବିଧାନର ଅନୁଚ୍ଛେଦ ୨୧ ରହିଛି ବୋଲି ଖଣ୍ଡପୀଠ କହିଛନ୍ତି। ବିଦେଶୀ ଘୋଷିତ ହୋଇଥିବା ୬୩ ଜଣଙ୍କ ବହିଷ୍କାର ପ୍ରକ୍ରିୟା ଆରମ୍ଭ କରିବା ସହ ୨ ସପ୍ତାହ ମଧ୍ୟରେ ଷ୍ଟାଟସ୍ ରିପୋର୍ଟ ଦାଖଲ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

## ମନମୋହନଙ୍କ ସ୍ମାରକୀ ପାଇଁ ଜାଗା ଚିହ୍ନଟ

ନୂଆଦିଲ୍ଲୀ,୪।୨

ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସମ୍ମାନାର୍ଥେ ତାଙ୍କ ସ୍ମାରକୀ ନିର୍ମାଣ ପାଇଁ କେନ୍ଦ୍ର ସରକାର ଏକ ଜାଗା ଚିହ୍ନଟ କରିଛନ୍ତି। ଏନେଇ ସିଂଙ୍କ ପରିବାରର ଉତ୍ତରକୁ ସରକାର ଅପେକ୍ଷା କରିଛନ୍ତି। ସୂତ୍ର ଅନୁଯାୟୀ, ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ପାଇଁ ସ୍ମୃତି ସ୍ଥଳଠାରେ ରହିଥିବା ସ୍ଥାନ ନିକଟରେ ମନମୋହନଙ୍କ ସ୍ମାରକୀ ନିର୍ମାଣ କରାଯିବ। ଏଥିପାଇଁ ସରକାର ୨୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପୂର୍ବରୁ ଏନେଇ ସିଂଙ୍କ ପରିବାରକୁ ଅବଗତ କରାଇଥିଲା। ଏଥିପାଇଁ ଏକ ଟ୍ରଷ୍ଟ ଗଠନ କରିବାକୁ ସେମାନଙ୍କୁ ନିବେଦନ କରାଯାଇଥିଲା, କାରଣ ସରକାର ଜମି ଆବଣ୍ଟନ ପାଇଁ ଟ୍ରଷ୍ଟ ଜରୁରୀ। ସିଂଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବିତ ସ୍ଥଳ ଦେଖିବା ପାଇଁ ନିମନ୍ତ୍ରଣ କରାଯାଇଥିବାବେଳେ ସେମାନେ ଏପର୍ଯ୍ୟନ୍ତ ଯାଇନାହାନ୍ତି। ନରସିଂ ରାଓଙ୍କ ସରକାରରେ ଅର୍ଥମନ୍ତ୍ରୀ ଏବଂ ରିଜର୍ଭ ବ୍ୟାଙ୍କ ଗଭର୍ନର ଭାବେ ଭାରତର ଆର୍ଥିକ ଉଦାରୀକରଣରେ ପ୍ରମୁଖ ଅବଦାନ ଥିବା କଂଗ୍ରେସ ନେତା ମନମୋହନଙ୍କର ଗତ ଡିସେମ୍ବର ୨୬ରେ ୯୨ ବର୍ଷ ବୟସରେ ପରଲୋକ ହୋଇଥିଲା।

## ଟ୍ରମ୍ପ୍‌ଙ୍କ ଟାରିଫ୍‌କୁ ଚାଇନାର ଚ୍ୟାଲେଞ୍ଜ

ୱାଶିଂଟନ୍/ଓଟାୱା,୪।୨

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚାଇନାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ୧୦ ପ୍ରତିଶତ ଆମଦାନୀ ଶୁଳ୍କ ଲାଗୁ କରିବା ପରେ ବେଜିଂ ଏହାକୁ ଚ୍ୟାଲେଞ୍ଜ କରିଛି। ଟ୍ରମ୍ପ୍‌ଙ୍କ ଟାରିଫ୍‌କୁ ବିରୋଧ କରି ଚାଇନା ଅନୁରୂପ ପଦକ୍ଷେପ ନେଇଛି। ଗୁଗଲ ସମେତ ଅନେକ ଆମେରିକୀୟ କମ୍ପାନୀ ଉତ୍ପାଦିତ ସାମଗ୍ରୀ ଉପରେ ବେଜିଂ ମଧ୍ୟ ୧୦ ପ୍ରତିଶତ ଟାରିଫ୍ ଲଗାଇବ ବୋଲି ଚାଇନାର ଅର୍ଥନୀତି ଓ ବାଣିଜ୍ୟ ମନ୍ତ୍ରଣାଳୟ ସୂଚନା ଦେଇଛି। ଆମେରିକୀୟ କୋଇଲା ଉପରେ ୧୦ ପ୍ରତିଶତ ଶୁଳ୍କ ଲଗାଯାଇଥିବାବେଳେ ଏଲ୍‌ଏନ୍‌ଜି ଏବଂ କ୍ରୁଡ୍ ଅଏଲ୍, କୃଷି ଯନ୍ତ୍ରପାତି ଓ ଟ୍ରକ୍ ଇଞ୍ଜିନ୍‌ଗୁଡ଼ିକ ଉପରେ ୧୦ ପ୍ରତିଶତ ଟିକସ କଷାଯିବ ବୋଲି ଚାଇନା କହିଛି। ବାଣିଜ୍ୟ ଯୁଦ୍ଧ ତେଜିବାରେ ଲାଗିଥିବାବେଳେ ରାଷ୍ଟ୍ରପତି ଟ୍ରମ୍ପ୍ ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗଙ୍କ ସହ ଆସନ୍ତା ସପ୍ତାହରେ ଆଲୋଚନା କରିବେ ବୋଲି ହ୍ୱାଇଟ୍ ହାଉସ୍ ସୂଚନା ଦେଇଛି।

ଅନ୍ୟପକ୍ଷରେ ମେକ୍ସିକୋ ଓ କାନାଡାରୁ ଆମଦାନୀ ସାମଗ୍ରୀ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇବାକୁ ଶନିବାର ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିଥିଲେ, ଯାହାକି ମଙ୍ଗଳବାରଠାରୁ କାର୍ଯ୍ୟକାରୀ ହୋଇଥାନ୍ତା। ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ସେଇନ୍‌ବମ୍ ସୋମବାର ଟ୍ରମ୍ପ୍‌ଙ୍କ ସହିତ ଟେଲିଫୋନ୍ ଯୋଗେ କଥାହୋଇ ସୀମା ସୁରକ୍ଷିତ ରଖିବାକୁ ରାଜି ହୋଇଥିଲେ। ଫଳରେ ମାସେ ପାଇଁ ଟାରିଫ୍ ସ୍ଥଗିତ ରଖିବାକୁ ଟ୍ରମ୍ପ୍ ସହମତ ହୋଇଛନ୍ତି। ସେହିପରି କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋଙ୍କ ସହ ଏକ ପୃଥକ୍ ଆଲୋଚନା ପରେ ସେହି ଦେଶରୁ ଆମଦାନୀ ହେବାକୁ ଥିବା ସାମଗ୍ରୀଗୁଡ଼ିକ ଉପରେ ମଧ୍ୟ ଆଗାମୀ ମାସେ ପର୍ଯ୍ୟନ୍ତ ୨୫ ପ୍ରତିଶତ ଟାରିଫ୍ ଲାଗିବ ନାହିଁ ବୋଲି ମଙ୍ଗଳବାର ହ୍ୱାଇଟ୍ ହାଉସ୍ ପକ୍ଷରୁ ସୂଚନା ଦିଆଯାଇଛି। ଉତ୍ତର ସୀମା ଦେଇ ଆମେରିକାକୁ ଫେଣ୍ଟାନିଲ୍ ଭଳି ବେଆଇନ ନିଶାଦ୍ରବ୍ୟ ଚୋରାଚାଲାଣ ରୋକିବା ଦିଗରେ ଉଭୟ ଆମେରିକା ଓ ମେକ୍ସିକୋ ଏକାଠି କାର୍ଯ୍ୟ କରିବେ। ସେହିପରି ମେକ୍ସିକୋକୁ ଉଚ୍ଚ କ୍ଷମତାସମ୍ପନ୍ନ ଅସ୍ତ୍ର ଚୋରାଚାଲାଣ ବନ୍ଦ ଦିଗରେ କାର୍ଯ୍ୟ କରିବାକୁ ଆମେରିକା ପ୍ରତିଶ୍ରୁତି ଦେଇଥିବା ଏହାର ରାଷ୍ଟ୍ରପତି କ୍ଲାଉଡିଆ କହିଛନ୍ତି। ଅନ୍ୟପକ୍ଷରେ ଟ୍ରମ୍ପ୍‌ଙ୍କ ଟାରିଫ୍ ବିରୋଧରେ କାନାଡା ମୁକାବିଲାମୂଳକ ଅଭିମୁଖ୍ୟ ନେବ ଓ ୨୫ ପ୍ରତିଶତ ଟାରିଫ୍ ଲଗାଇବ ବୋଲି ଦିନକ ପୂର୍ବରୁ କାନାଡା କହିଥିଲା। ଏପରିକି କାନାଡାର ଓଣ୍ଟାରିଓ ପ୍ରଦେଶ ଆମେରିକା କମ୍ପାନୀ ଏବଂ ଏଲନ୍ ମସ୍କଙ୍କ ଷ୍ଟାରଲିଙ୍କ୍ ସେବାକୁ ସୋମବାର ବ୍ୟାନ୍ କରିଦେଇଥିଲା। ଫଳରେ ଷ୍ଟାରଲିଙ୍କ୍‌ର ୧୦୦ ନିୟୁତ ଡଲାରର ଡିଲ୍ ରଦ୍ଦ ହେବାକୁ ଯାଉଥିବା କୁହାଯାଉଥିଲା। କାନାଡା ଉପରେ ଟ୍ରମ୍ପ୍ ପ୍ରଶାସନ ଲଗାଇଥିବା ଟାରିଫ୍ ନ ଉଠାଇବା ଯାଏ ବ୍ୟାନ୍ ବଳବତ୍ତର ରହିବ ବୋଲି ଓଣ୍ଟାରିଓ ରାଜ୍ୟର ଶାସନ ମୁଖ୍ୟ ଡୋଉଗ୍ ଫୋର୍ଡ କହିଥିଲେ।

### ଜାତିଗତ ସର୍ଭେ ପାଇଁ ତେଲଙ୍ଗାନା ବିଧାନସଭାରେ ପ୍ରସ୍ତାବ ପାରିତ

ହାଇଦ୍ରାବାଦ, ୪।୨

ତେଲଙ୍ଗାନା ବିଧାନସଭାରେ ମଙ୍ଗଳବାର ସର୍ବସମ୍ମତି କ୍ରମେ ଏକ ପ୍ରସ୍ତାବ ପାରିତ ହୋଇଛି। ଦେଶବ୍ୟାପୀ ପାରିବାରିକ, ଜାତିଗତ ଏବଂ ସାମାଜିକ ଆର୍ଥିକ ସର୍ବେକ୍ଷଣ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଏହି ପ୍ରସ୍ତାବରେ ଅପିଲ କରାଯାଇଛି। ଉକ୍ତ ପ୍ରସ୍ତାବକୁ ତେଲଙ୍ଗାନା ବିଧାନସଭାରେ ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଆଗତ କରିଥିଲେ। ରାଜ୍ୟ ସରକାର ପଛୁଆ ବର୍ଗ, ଏସ୍‌ସି, ଏସ୍‌ଟି ଏବଂ ଅନ୍ୟ ବଞ୍ଚିତ ବର୍ଗର ଲୋକଙ୍କ ବିକାଶ ପାଇଁ ସର୍ବଦା ପ୍ରତିବଦ୍ଧ ଥିବା ସେ କହିଛନ୍ତି। ସଂସଦର ବଜେଟ ଅଧିବେଶନରେ ଦେଶବ୍ୟାପୀ ଜାତିଗତ ସର୍ଭେ କରାଇବା ପାଇଁ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ଉପରେ ଚାପ ପକାଇବେ ବୋଲି ରେଭନ୍ତ ବିଧାନସଭାର ସଦସ୍ୟଙ୍କୁ ଏହି ଅବସରରେ ଅବଗତ କରାଇଥିଲେ।

## ଥାନାରେ ବିବାହ କରାଇଲା ପୋଲିସ

### ଭୋଜିକୁ ନେଇ ଉତ୍ତେଜନା



ସୁରଟ

ଗୁଜରାଟର ସୁରଟରେ ବିବାହ ଭୋଜିକୁ ନେଇ ବର ପକ୍ଷ ଓ କନ୍ୟା ପକ୍ଷଙ୍କ ମଧ୍ୟରେ ବିବାଦ ଦେଖାଦେବାରୁ ପୋଲିସ ବୁଝାଶୁଝା କରି ଥାନାରେ ବିବାହ ସମ୍ପନ୍ନ କରାଇଛି।

ମଙ୍ଗଳବାର ସୁରଟର ବାର୍ଛାସ୍ଥିତ ଲକ୍ଷ୍ମୀ ନାରାୟଣ ହଲ୍‌ରେ ବିହାରର ବାସିନ୍ଦା ରାହୁଲ ପ୍ରମୋଦ ମହୋତୋ ଏବଂ ସ୍ଥାନୀୟ ନିବାସୀ ଅଞ୍ଜଳି କୁମାରୀଙ୍କ ମଧ୍ୟରେ ବିବାହ ଅନୁଷ୍ଠିତ ହେଉଥିଲା। ତେବେ ବିବାହ ଭୋଜିକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଭୋଜିରେ ଆବଶ୍ୟକ ମୁତାବକ ସୁସ୍ୱାଦୁ ଖାଦ୍ୟ ନ ଥିବା କହି ବରପକ୍ଷ ଅସନ୍ତୋଷ ପ୍ରକାଶ କରିବା ସହ ବିବାହ ସ୍ଥଳରୁ ଫେରିଯିବାକୁ କନ୍ୟା ପକ୍ଷଙ୍କୁ ଧମକ ଦେଇଥିଲେ। ବିବାହ ଭାଙ୍ଗିଯାଉଥିବାର ଅନୁମାନ କରି ଅଞ୍ଜଳି ଓ ତାଙ୍କ ପରିବାର ତୁରନ୍ତ ପୋଲିସର ସାହାଯ୍ୟ ଲୋଡ଼ିଥିଲେ। ସୁରଟ ପୋଲିସ ଡେପୁଟି କମିଶନର (ଡିସିପି) ଆଲୋକ କୁମାର କହିଛନ୍ତି, ରାହୁଲ ବିବାହ ପାଇଁ ପ୍ରସ୍ତୁତ ଥିବା ଅଞ୍ଜଳି କହିଥିଲେ। ହେଲେ ତାଙ୍କ ପରିବାର ବିବାହ ଭୋଜିରେ ଅସନ୍ତୋଷ ପ୍ରକାଶ କରି ବିବାହକୁ ଭାଙ୍ଗିବାକୁ ବସିଥିଲେ। ଏଭଳି ସ୍ଥିତିରେ ପୋଲିସ ଉଭୟ ପକ୍ଷକୁ ଥାନାକୁ ଡାକି ବିବାଦକୁ ଶାନ୍ତ କରିବାକୁ ଚେଷ୍ଟା କରିଥିଲା। ପୋଲିସର ହସ୍ତକ୍ଷେପ ଓ ବହୁ ବୁଝାଶୁଝା ପରେ ରାହୁଲଙ୍କ ପରିବାର ବିବାହ ପାଇଁ ରାଜି ହୋଇଥିଲେ।

ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ବୁଧବାର, ଫେବୃଆରୀ ୫/୨୦୨୫ | Bhubaneswar, Wednesday, February 5/2025




**ସଲମାନଙ୍କ ରେକର୍ଡକୁ ଛୁଇଁଲେ ଅକ୍ଷୟ**

'ସ୍କାଏଫୋର୍ସ' ଫିଲ୍ମ ସହ ଅଭିନେତା ଅକ୍ଷୟ କୁମାରଙ୍କ ୧୭ଟି ଫିଲ୍ମ ୧୦୦ କୋଟି କ୍ଲବ୍‌ରେ ପହଞ୍ଚିଛି। ଏହାସହ ସେ ଅଭିନେତା ସଲମାନ ଖାନ୍‌ଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି।

୦୫

୧୪

**ସାଇକ୍ଲିଷ୍ଟ ସ୍ୱସ୍ତି ସିଂଙ୍କୁ ସ୍ୱର୍ଣ୍ଣ**

ଓଡ଼ିଶା ସାଇକ୍ଲିଷ୍ଟ ସ୍ୱସ୍ତି ସିଂ ଜାତୀୟ କ୍ରୀଡ଼ାର ଟ୍ରାକ୍ ସାଇକ୍ଲିଂରେ ନୂଆ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।



# ଆମେରିକାରୁ ୨୦୫ ବେଆଇନ ପ୍ରବାସୀ ଭାରତୀୟ ବିଦା

**ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶପଥ ନେବା ପରଠୁ ଦେଶରୁ ବେଆଇନ ଆପ୍ରବାସୀମାନଙ୍କୁ ବିଦାକରିବା ଦିଗରେ ଉଦ୍ୟମ ଚଳାଇଛନ୍ତି। ଏହି କ୍ରମରେ ଆମେରିକାରେ ବିନା କୌଣସି ଦସ୍ତାବିଜରେ ବସବାସ କରୁଥିବା ଅନେକ ଲକ୍ଷ ଆପ୍ରବାସୀ ଭାରତୀୟଙ୍କ ମଧ୍ୟରୁ ୨୦୫ ଜଣଙ୍କୁ ମଙ୍ଗଳବାର ପ୍ରଥମ ପର୍ଯ୍ୟାୟରେ ସ୍ୱଦେଶକୁ ପଠାଇ ଦିଆଯାଇଛି। କୁହାଯାଉଛି ଯେ ଏହି ଭାରତୀୟ ନାଗରିକମାନେ ବେଆଇନ ଭାବେ ଆମେରିକାରେ ପ୍ରବେଶ କରିଥିଲେ। ଟ୍ରମ୍ପ୍ ପ୍ରଶାସନ ସେମାନଙ୍କୁ ଚିହ୍ନଟ କରିବା ପରେ ଟେକ୍ସାସ୍‌ର ସାନ୍ ଆଣ୍ଟୋନିଓରୁ ଏକ ଆମେରିକୀୟ ସେନା ବିମାନ ଯୋଗେ ଭାରତକୁ ପଠାଇଦେଇଛି। ଆଗକୁ ମଧ୍ୟ ଏଭଳି ଅନେକ ବିମାନରେ ବହୁ ବେଆଇନ ଆପ୍ରବାସୀ ଭାରତୀୟଙ୍କୁ ତଡ଼ିବା ନେଇ ଯୋଜନା ରହିଥିବା ସୂଚନା ମିଳିଛି। ରିପବ୍ଲିକାନ୍ ଟ୍ରମ୍ପ୍ ଦ୍ୱିତୀୟ ଥର କ୍ଷମତାସୀନ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୧୩ ତାରିଖରେ ତାଙ୍କୁ ଭେଟିବା ପାଇଁ ୱାଶିଂଟନ୍ ଗସ୍ତ କରିବେ। ଏହା ପୂର୍ବରୁ ଟ୍ରମ୍ପ୍ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ଉଚ୍ଚ ଆମଦାନୀ ଶୁଳ୍କ କଷିବା ନେଇ ଧମକ ଦେଇସାରିଛନ୍ତି। ଏଭଳି ସ୍ଥିତିରେ ପ୍ରଧାନମନ୍ତ୍ରୀଙ୍କ ଆମେରିକା ଗସ୍ତ ଅନ୍ତର୍ଜାତୀୟ ସମୁଦାୟ ସମ୍ମୁଖରେ ଭାରତର ପକ୍ଷକୁ ଦୁର୍ବଳ କରିଦେଇଥିବା ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି।**

**ଟ୍ରମ୍ପଙ୍କ ବଡ଼ କାର୍ଯ୍ୟାନୁଷ୍ଠାନ**

ୱାଶିଂଟନ୍/ନୂଆଦିଲ୍ଲୀ,୪।୨(ପିଟି/ରଏଟର୍ସ)

ପିଉ ରିସର୍ଚ୍ଚ ସେଣ୍ଟରର ଏକ ଆକଳନ ଅନୁସାରେ ଆମେରିକାରେ ୨୦୨୧ ବେଳକୁ ପ୍ରାୟ ୭,୨୫,୦୦୦ ଭାରତୀୟ ନାଗରିକ ବିନା କୌଣସି ଆଇନଗତ ଦସ୍ତାବିଜରେ ବସବାସ କରୁଥିଲେ। ୨୦୨୫ରେ ଏହି ସଂଖ୍ୟା ବହୁ ଅଧିକ ହୋଇଥାଇପାରେ। ମେକ୍ସିକୋ ଓ ଏଲ୍ ସାଲ୍‌ଭାଡର ପରେ ଆମେରିକାରେ ଭାରତୀୟ ହେଉଛନ୍ତି ସର୍ବାଧିକ ବେଆଇନ ଆପ୍ରବାସୀ। ସେଠାକାର କଷ୍ଟମ୍ସ ଆଣ୍ଡ ବର୍ଡର ପ୍ରୋଟେକ୍ସନର ତଥ୍ୟ ଅନୁସାରେ ୨୦୧୮ରୁ ୨୦୨୩ ☞ପୃଷ୍ଠା-୨

## ୟୁଏସ୍‌ଏଡ୍ ପାଣ୍ଠି ବନ୍ଦ

**ଭାରତର ସ୍ୱାସ୍ଥ୍ୟ, ଶିକ୍ଷା ପ୍ରକଳ୍ପ ପ୍ରଭାବିତ ହେବ**

ନୂଆଦିଲ୍ଲୀ,୪।୨

ଆମେରିକାର ଅନ୍ତର୍ଜାତୀୟ ବିକାଶ ସଂସ୍ଥା (ୟୁଏସ୍ ଏଜେନ୍ସି ଫର୍ ଇଣ୍ଟରନ୍ୟାଶନାଲ ଡେଭଲପମେଣ୍ଟ ବା ୟୁଏସ୍‌ଏଡ୍)ର ପାଣ୍ଠି ବନ୍ଦ କରିବାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିଛନ୍ତି। ଫଳରେ ଏହି ପାଣ୍ଠି ସହାୟତାରେ ଭାରତରେ କାର୍ଯ୍ୟକାରୀ ହେଉଥିବା ଶିକ୍ଷା, ସ୍ୱାସ୍ଥ୍ୟ ଆଦି ବିଭିନ୍ନ ପ୍ରକଳ୍ପ ଗୁରୁତର ପ୍ରଭାବିତ ହେବାକୁ ଯାଉଛି। ଏହାକୁ ନେଇ ସମ୍ପୃକ୍ତ ପ୍ରକଳ୍ପଗୁଡ଼ିକର ଚିନ୍ତା ବଢ଼ିଯାଇଛି। ବିଦେଶ ସହାୟତାର ସମୀକ୍ଷା କରିବା ଏବଂ ସେଗୁଡ଼ିକୁ ନୂଆ ପ୍ରଶାସନର ନୀତି ଅନୁରୂପ କରିବା ଲାଗି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିର୍ଦ୍ଦେଶନାମା ଜାରି କରିବା ପରେ ୟୁଏସ୍‌ଏଡ୍ ଏହାର ସହାୟତାରେ ଭାରତରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ପରବର୍ତ୍ତୀ ନୋଟିସ୍ ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ ସମସ୍ତ ସଂଗଠନକୁ ନିର୍ଦ୍ଦେଶ ଦେଇଛି। ଫଳରେ ଭାରତରେ ୟୁଏସ୍‌ଏଡ୍ ପାଣ୍ଠିରେ ଚାଲିଥିବା ପ୍ରକଳ୍ପଗୁଡ଼ିକ ଆର୍ଥିକ ସଙ୍କଟର ସମ୍ମୁଖୀନ ହେବାକୁ ଯାଉଛନ୍ତି। ଆମେରିକାର ଏହି କଟକଣା ଯୋଗୁ ସ୍ୱାସ୍ଥ୍ୟ ସମ୍ପର୍କିତ କାର୍ଯ୍ୟକ୍ରମଗୁଡ଼ିକ ଗୁରୁତର ପ୍ରଭାବିତ ହେବ। ଉକ୍ତ କାର୍ଯ୍ୟକ୍ରମଗୁଡ଼ିକୁ ☞ପୃଷ୍ଠା-୨




ଉତ୍ତରପ୍ରଦେଶର ଫତେହପୁର ଜିଲା ପମ୍ଭିପୁର ନିକଟରେ ଦୁଇ ମାଲବାହୀ ଟ୍ରେନ ମଧ୍ୟରେ ମଙ୍ଗଳବାର ହୋଇଥିବା ଧକ୍କା।

# ଭୁବନେଶ୍ୱରରେ ଷୋଡ଼ଶ ଅର୍ଥ କମିଶନ ଅଧ୍ୟକ୍ଷ

ଭୁବନେଶ୍ୱର,୪।୨(ସୁନିତ୍ ମିଶ୍ର)

ଷୋଡ଼ଶ ଅର୍ଥ କମିଶନ ମଙ୍ଗଳବାର ୪ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। କମିଶନର ଅଧ୍ୟକ୍ଷ ଅରବିନ୍ଦ ପାନାଗାରିଆ ଓ ତାଙ୍କ ସହ ୧୫ ଜଣିଆ ଟିମ୍ ୭ ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ରହିବେ। ଏହି ଅବସରରେ ରାଜ୍ୟ ସରକାର ଏବଂ ଷୋଡ଼ଶ ଅର୍ଥ କମିଶନଙ୍କ ମଧ୍ୟରେ ବିଭିନ୍ନ ବିଷୟରେ ଆଲୋଚନା ହେବ ବୋଲି ଜଣାପଡ଼ିଛି। ବୁଧବାର ସେମାନେ ପୁରୀ ଓ କୋଣାର୍କ ଗସ୍ତ କରିବେ। କେନ୍ଦ୍ର ସରକାରଙ୍କୁ ବିଭିନ୍ନ କ୍ଷେତ୍ର ଲାଗି ରାଜ୍ୟ ସରକାର ମାଗିଥିବା ଅର୍ଥ କେଉଁ କ୍ଷେତ୍ରରେ ବ୍ୟବହାର କରାଯିବ, ୬ ତାରିଖରେ ରାଜ୍ୟ ସରକାରଙ୍କ ସହ ହେବାକୁ ଥିବା ବୈଠକରେ ଷୋଡ଼ଶ ଅର୍ଥ କମିଶନ ଏହାର ଅନୁଧ୍ୟାନ କରିବେ। କମିଶନ ସବୁ ଦିଗରୁ ତର୍ଜମା କରିବେ ବୋଲି ଜଣାପଡ଼ିଛି। ଅନ୍ୟପଟେ କମିଶନରଙ୍କ ନିକଟରେ ରାଜ୍ୟ ସରକାର ୧୨ ଲକ୍ଷ ୫୬ ହଜାର ୧୪୮ କୋଟି ଟଙ୍କାର ଦାବି ରଖିପାରନ୍ତି। ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଲାଗି ☞ପୃଷ୍ଠା-୨



ଭୁବନେଶ୍ୱରରେ ପହଞ୍ଚିଥିବା ଷୋଡ଼ଶ ଅର୍ଥ କମିଶନ ଅଧ୍ୟକ୍ଷ ଅରବିନ୍ଦ ପାନାଗାରିଆ (ମଝି)।

# ମୋ ବସ୍ ଧକ୍କାରେ ନାବାଳିକା ମୃତ





କୁନି ଜୁଆଡ଼ି

- ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ନନ୍ଦନକାନନ ରାସ୍ତା ଅବରୋଧ
- ଅଭିଯୁକ୍ତ ଡ୍ରାଇଭର ଗିରଫ, କ୍ଷୁଟ୍ ଦେଲା ୨ ଲକ୍ଷ

ବାରଙ୍ଗ/ଭୁବନେଶ୍ୱର,୪।୨ (ଲିଙ୍ଗରାଜ ରାଉତ/ସତ୍ୟଜିତ୍ ରାଉତ)

ବାପାଙ୍କ ଦେହ ଅସୁସ୍ଥ ଥିଲା। ପାଖ ଦୋକାନରୁ କୁନିଝିଅ ବିସ୍କୁଟ ଆଣିବାକୁ ଯାଇଥିଲେ। ହେଲେ ବାଟରେ ଛକି ବସିଥିଲା ମୃତ୍ୟୁ। ରାସ୍ତା ପାର ବେଳେ ମୋ ବସ୍ ଧକ୍କାରେ କଅଁଳ ଜୀବନଟି ସବୁଦିନ ପାଇଁ ଆଖି ବୁଜିଦେଲା। ଭୁବନେଶ୍ୱର ନନ୍ଦନକାନନ ରୋଡ୍ ଏକ ରିସୋର୍ଟ ସାମ୍ନାରେ ମଙ୍ଗଳବାର ସକାଳେ ଏହି ହୃଦୟ ବିଦାରକ ଘଟଣା ଘଟିଛି। ମୃତା ହେଲେ ସ୍ଥାନୀୟ ଅଞ୍ଚଳରେ ଏକ ଫାର୍ମହାଉସରେ ଶ୍ରମିକ ଭାବେ କାମ କରୁଥିବା ବରଗଡ଼ ଅଞ୍ଚଳର ରାମ ଜୁଆଡ଼ିଙ୍କ ସାନଝିଅ କୁନି(୧୨)। ଏହି ଘଟଣାରେ କ୍ଷତିପୂରଣ ସହ ଅନ୍ୟାନ୍ୟ ଦାବି ନେଇ ସ୍ଥାନୀୟ ଲୋକମାନେ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ କରିଥିଲେ। ନନ୍ଦନକାନନ ରୋଡ୍‌ରେ ବାଉଁଶ ବାଡ଼ା ଦେବା ସହ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଅନ୍ୟପକ୍ଷରେ ମୃତା କୁନିଙ୍କ ମା'ସାବିତ୍ରୀଙ୍କ ପକ୍ଷରୁ ଏତଲାକ୍ରମେ ନନ୍ଦନକାନନ ପୋଲିସ ବିଏନ୍ଏସ୍ ଦଫା ୨୮୧, ☞ପୃଷ୍ଠା-୨

## ଯୁକ୍ତ୨ ପରୀକ୍ଷା: ୪୫ ଦିନରେ ରେଜଲ୍ଟ

ଭୁବନେଶ୍ୱର,୪।୨(ସୁଚିସ୍ମିତା ସାହୁ)

ଓଡ଼ିଶା ସରକାରଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ଆସନ୍ତା ୧୮ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨୭ରେ ଶେଷ ହେବ। ତେବେ ଚଳିତବର୍ଷ ପରୀକ୍ଷା ସରିବାର ୪୫ ଦିନ ମଧ୍ୟରେ ରେଜଲ୍ଟ ପ୍ରକାଶ ପାଇବ ବୋଲି ପରିଷଦର ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ ପରିଡ଼ା ମଙ୍ଗଳବାର କହିଛନ୍ତି।

ପରିଡ଼ା ଅଧିକ ସୂଚନା ଦେଇ କହିଛନ୍ତି ଯେ, ଚଳିତବର୍ଷ ମୋଟ ୧୨୭୬ଟି କେନ୍ଦ୍ରରେ ପରୀକ୍ଷା ହେବ। ପ୍ରତିଦିନ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ପରୀକ୍ଷା ଚାଲିବ। ୨୨ ସିଟିଂରେ ପରୀକ୍ଷା ହେବ। ଦିବ୍ୟାଙ୍ଗଙ୍କୁ ପରୀକ୍ଷା ସମୟରେ ଅଧିକ ୨୦ ମିନିଟ ସମୟ ଦିଆଯିବ। ଚଳିତ ଥର ପରୀକ୍ଷା ସମୟରେ କପି ରୋକିବା ପାଇଁ ପଞ୍ଚସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି। ପରୀକ୍ଷା କେନ୍ଦ୍ରକୁ ମୋବାଇଲ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଆମେରିକା ଆଗ**






**ଆଜିର ମନ୍ତବ୍ୟ**

"ମହାକୁମ୍ଭରେ ସାମିଲ ହେଉଥିବା ରାଜନେତା ଓ ଧନୀ ଲୋକମାନେ ସେଠାରେ ମରିଗଲେ ମୋକ୍ଷ ପ୍ରାପ୍ତ ହୋଇପାରିବେ। – **ପପୁ ଯାଦବ, ସାଂସଦ**"

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସିଆଇଟିୟୁ ପକ୍ଷରୁ ପ୍ରତିବାଦ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଧଉଳି–କଳିଙ୍ଗ ମହୋତ୍ସବ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ଓଡ଼ିଶା ଡ୍ୟାନ୍ସ ଏକାଡମୀ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ରାଷ୍ଟ୍ରୀୟ ଯୁବା ସଙ୍ଗଠନ ପକ୍ଷରୁ ଦ୍ୱିତୀୟ ମାସିକ ଆଲୋଚନା ଚକ୍ର, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ଅପରାହ୍ନ ୫ଟା ୩୦।

## କଟକ

- ମା' ନାରାୟଣୀ ଚଣ୍ଡୀଙ୍କ ନୂତନ ମନ୍ଦିରର ରତ୍ନମୂଦ କାର୍ଯ୍ୟକ୍ରମ, ସ୍ଥାନ: ପାହାଳ ଗ୍ରାମର ଗ୍ରାମଦେବତୀ ମା' ନାରାୟଣୀ ଚଣ୍ଡୀପୀଠ ସ୍ଥଳୀ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଶୁଭାରମ୍ଭର ସିଧାପ୍ରସାରଣ, ସ୍ଥାନ: ସଦର ବ୍ଲକ କାର୍ଯ୍ୟାଳୟ, ନୂଆବଜାର, ସମୟ: ପୂର୍ବାହ୍ନ ୧୧ଟା।
- ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ୩୭ତମ ବାର୍ଷିକୋତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ଅଡ଼ଶପୁର, ସମୟ : ପୂର୍ବାହ୍ନ ୧୧ଟା।
- ନାଟକ 'ଜାତି ନନ୍ଦିଘୋଷ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ୨୯ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ, ସ୍ଥାନ: ଦୁର୍ଗାପୂଜା ମଣ୍ଡପ ପରିସର, ଭିଙ୍ଗାରପୁର, ସମୟ: ରାତି ୭ଟା ୩୦।

## ଖୋର୍ଦ୍ଧା

- 'ବିକଶିତ ଗାଁ ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ: ମିନି ଷ୍ଟାଡିୟମ, ଜଙ୍କିଆ, ସମୟ: ପୂର୍ବାହ୍ନ ୧୧ଟା।
- ନୀଳକଣ୍ଠେଶ୍ୱର ଦେବଙ୍କ ୧୯ତମ ସ୍ୱଜନ୍ମ ନକ୍ଷେତ୍ରାଦି ପୂଜା ଏବଂ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମନ୍ଦିର ପରିସର, ଜଟଣୀଗାଁ ହାଟବଜାର, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ବିକଶିତ ଗାଁ, ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଆୟୁଷ୍ମାନ କଲ୍ୟାଣମଣ୍ଡପ, ଗୋପାଳଗାଁ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବିକଶିତ ଗାଁ, ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି ପରିସର, ବସ୍ତା, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ତୃତୀୟ ସନ୍ଧ୍ୟା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- 'ବିକଶିତ ଗାଁ ବିକଶିତ ଓଡ଼ିଶା' ସଭା, ସ୍ଥାନ: ବାସୁଦେବପୁର ବ୍ଲକ ଅଫିସ୍ ପରିସର, ଚାନ୍ଦବାଲି ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜନାର୍ଦ୍ଦନ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ସେଣ୍ଟୀରା, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା ୩୦।
- 'ବିକଶିତ ଗାଁ ବିକଶିତ ଓଡ଼ିଶା' ଉତ୍ସବ, ସ୍ଥାନ: ତିହିଡ଼ି ଓ ବନ୍ତ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ଅଷ୍ଟମ ପ୍ରହର ନାମଯଜ୍ଞ,ସ୍ଥାନ: ନାହାଳିଆ(ମଠ),ଛେନାପଦି, ସମୟ:ସକାଳ ୬ଟା।
- ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ ହାଟଡିହି ବ୍ଲକ କାର୍ଯ୍ୟାଳୟ ପରିସର, ସମୟ ପୂର୍ବାହ୍ନ ୧୦ଟା।

- ବିକଶିତ ଗାଁ ବିକଶିତ ଓଡ଼ିଶା ଉତ୍ସବ, ସ୍ଥାନ:ଆନନ୍ଦପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ଚମ୍ପୁଆ ବ୍ଲକ କାର୍ଯ୍ୟାଳୟ ସଭା ଗୃହ, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଜନଶୁଣାଣି ଶିବିର, ସ୍ଥାନ:ବାରିପଦା ମ୍ୟୁନିସିପାଲିଟି କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ,ସ୍ଥାନ:ଗୋପବନ୍ଧୁ ନଗର ବ୍ଲକ କାର୍ଯ୍ୟାଳୟ ପରିସର,ସମୟ:ପୂର୍ବାହ୍ନ ୧୧ଟା
- ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଲୋକାର୍ପଣର ସିଧାପ୍ରସାରଣ, ସ୍ଥାନ: ବ୍ଲକ କନଫରେନ୍ସ ହଲ, ଚିତ୍ରଡ଼ା, ମୋରଡ଼ା, ସମୟ:ପୂର୍ବାହ୍ନ ୧୧ଟା ।

## ବ୍ରହ୍ମପୁର

- ବିଜୁ ଟ୍ରଫି ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପନୀ, ସ୍ଥାନ: ଗଜପତି ନଗର ପ୍ରଥମ ଲେନ,ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ

- ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ, ସ୍ଥାନ: ଆସିକା ତହସିଲ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଆଖୁ ଉନ୍ନୟନ କର୍ମଶାଳା, ସ୍ଥାନ: ଆସିକା ଟିଁନିଶିଳ୍ପ କୃଷକ ଭବନ,ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଶ୍ୱନାଥ ଉଚ୍ଚ ଓ ବୈଷୟିକ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ଗୋଳନ୍ଥରା ଚଟି, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ

- ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବାଲିଗୁଡ଼ା ବଡ଼ଗାଁ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବିକଶିତ ଗାଁ ବିକଶିତ ଓଡିଶା,ସ୍ଥାନ: ଦାରିଙ୍ଗବାଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବିକଶିତ ଗାଁ ବିକଶିତ ଓଡିଶା, ସ୍ଥାନ: ଫୁଲବାଣୀ କରୋନେଶନ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- ଢେଙ୍କାନାଳ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ଅଡିଟୋରିୟମ, ସମୟ: ସକାଳ ୯ଟା୩୦।
- ବିକଶିତ ଗାଁ, ବିକଶିତ ଓଡ଼ିଶା ଶୁଭାରମ୍ଭ ଉତ୍ସବ, ସ୍ଥାନ: ଢେଙ୍କାନାଳ ମିନି ଷ୍ଟାଡ଼ିୟମ, ସମୟ: ପୂର୍ବାହ୍ନ ୧୧ଟା।

## ଅନୁଗୋଳ

- ବିକଶିତ ଗାଁ, ବିକଶିତ ଓଡ଼ିଶା ଶୁଭାରମ୍ଭ ଉତ୍ସବ, ସ୍ଥାନ: ଅନୁଗୋଳ ବିଜୁ ମଇଦାନ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର

- ପାରାଦୀପ ଡକ୍ ଆଣ୍ଡ ୱାର୍କର୍ସ ୟୁନିୟନ ପରିସରରେ ଶାରଳା ମେଳା ଓ ଚଣ୍ଡିପାଠ, ସ୍ଥାନ: ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ୬ଟା।
- ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ଦିବ୍ୟ ଜୀବନ ସଂଘ ପକ୍ଷରୁ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶିବାନନ୍ଦ ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ଜିଲାସ୍ତରୀୟ ବିକଷିତ ଗାଁ ବିକଶିତ ଓଡ଼ିଶା, ସ୍ଥାନ: କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୧ଟା।
- ସୁବର୍ଣ୍ଣ ଜୟନ୍ତୀ ଉତ୍ସବ, ସ୍ଥାନ: ଲୋକନାଥ ମହାବିଦ୍ୟାଳୟ, କୋରୁଆ, ଗରଦପୁର, ସମୟ: ପୂର୍ବାହ୍ନ ୧୧ଟା।

## ଯାଜପୁର

- ଧର୍ମଶାଳା ବ୍ଲକ ପକ୍ଷରୁ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ସମାରୋହ, ସ୍ଥାନ: ଧର୍ମଶାଳା ବ୍ଲକ ମହୋତ୍ସବ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଅଷ୍ଟପ୍ରହରୀ ନାମଯଜ୍ଞର ନଗର ପରିକ୍ରମା, ସ୍ଥାନ: ଧର୍ମଶାଳା ବ୍ଲକ ଅଧୀନ ଚୋରମୁହାଁ ପଞ୍ଚାୟତର ବଡ଼ମଙ୍ଗଳପୁର, ସମୟ: ଅପରାହ୍ନ ୧ଟା।

## ନୟାଗଡ଼

- ଗଣଧାରଣାର ୩ୟ ଦିବସ, ସ୍ଥାନ:ଗଣିଆ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖ, ସମୟ:ପୂର୍ବାହ୍ନ ୧୦ଟା।
- ନୟାଗଡ଼ ବ୍ଲକ୍‌ସ୍ତରୀୟ ନିପୁଣ ଓଡ଼ିଶା ମେଳା, ସ୍ଥାନ:ନୟାଗଡ଼ ବଜେନ୍ଦ୍ର ହାଇସ୍କୁଲ, ସମୟ:ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ:ଗଣିଆ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ସମୟ:ପୂର୍ବାହ୍ନ ୧୦ଟା ।
- ପଞ୍ଚକୁଣ୍ଡୀୟ ଗାୟତ୍ରୀ ଯଜ୍ଞାରମ୍ଭ, ସ୍ଥାନ:ଅତ୍ରିମୁନି ସେବାଶ୍ରମ ଶାମୁକା ଓଡ଼ଗାଁ, ସମୟ:ପୂର୍ବାହ୍ନ ୧୦ଟା।
- ଜିଲା ଓ ନୟାଗଡ଼ ବ୍ଲକ୍‌ସ୍ତରୀୟ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ:ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲ, ସମୟ:ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ:ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ନୂଆଗାଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ଓଡ଼ଗାଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ସମୟ:ପୂର୍ବାହ୍ନ ୧୧ଟା।
- ବରୁଣେଇ କ୍ରିକେଟ ଟୁର୍ନାମେଣ୍ଟର ଦଶମ ଦିବସ, ସ୍ଥାନ:କଣ୍ଟିଲୋ ପଲଟନ ମିନି ଷ୍ଟାଡିୟମ, ସମୟ:ପୂର୍ବାହ୍ନ ୧୧ଟା ।
- ପଞ୍ଚୁପାଣ୍ଡବ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଉଦ୍‌ଯାପନୀ ଦିବସରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ନୂଆଗାଁ ବ୍ଲକର ନୂଆଗାଁ କଲେଜ ସମ୍ମୁଖ ମହୋତ୍ସବ ପଡ଼ିଆ, ସମୟ:ଅପରାହ୍ନ ୪ଟା। ସାଧାରଣ ସଭା, ସମୟ:ସନ୍ଧ୍ୟା ୬ଟା।

## ରାୟଗଡ଼ା

- ଜିଲାସ୍ତରୀୟ ବିକଶିତ ଗ୍ରାମ ବିକଶିତ ଭାରତ କାର୍ଯ୍ୟକ୍ରମ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ କଲୋନୀ ପରିସର, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।
- ଆରଡ଼ିସି ପରେଡରେ ଭାଗ ନେଇଥିବା ଛାତ୍ରୀଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡ଼ା ମହିଳା ମହାବିଦ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

## ନବରଙ୍ଗପୁର

- ବିକଶିତ ଗାଁ, ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଶୁଭାରମ୍ଭ, ସ୍ଥାନ: ନବରଙ୍ଗପୁର ସାଇ କଲ୍ୟାଣ ମଣ୍ଡପ, ଡାବୁଗାଁ ଶ୍ରୀନିବାସ କଲ୍ୟାଣ ମଣ୍ଡପ, ନନ୍ଦାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ତେନ୍ତୁଳିଖୁଣ୍ଟି ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଖାତିଗୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଝରିଗାଁ ମିନି ଷ୍ଟାଡିୟମ, କୋଷାଗୁମୁଡ଼ା ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ

- ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟନ, ସ୍ଥାନ: ମିନି ଷ୍ଟାଡିୟମ, ପଟ୍ଟାଙ୍ଗି, ପୋଲିସ ପଡ଼ିଆ, କୋରପୁଟ,ସମୟ :ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ମାଥିଲି ଆରଏମ୍‌ସି ଗୋଦାମ ପରିସର, କାଲିମେଳା ତମାଦୋରା ପାର୍କ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ୱାର୍ଡ ପରିଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ : ଜେଲ ଛକ, ସମୟ : ସକାଳ ୮ଟା।
- ଜିଲା ପ୍ରଶାସନ ପକ୍ଷରୁ ବିକଶିତ ଗ୍ରାମ ଓ ବିକଶିତ ଓଡିଶା କାର୍ଯ୍ୟକ୍ରମ, ସ୍ଥାନ : ଧନକଉଡା ସ୍ଥିତ ବ୍ଲକ କାର୍ଯ୍ୟାକ୍ରମ, ସମୟ : ପୂର୍ବାହ୍ନ୧୧ଟା।
- ବାଗଦେବୀ ଶିଶୁ ବିଦ୍ୟା ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ, ସ୍ଥାନ : ବୁଢ଼ାରଜା ସ୍ଥିତ ବିଦ୍ୟାଳୟ ପରିସର, ସମୟ : ଅପରାହ୍ନ ୪ଟା।

## ରାଉରକେଲା

- ବିପିୟୁଟିରେ ୫ମ ତମ ସମାବର୍ତ୍ତନ ଉତ୍ସବ, ସ୍ଥାନ: ନେତାଜୀ ଅଡିଟୋରିୟମ୍ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆହେ ନୀଳଶୈଳ ନାଟକ ପରିବେଷଣ, ସ୍ଥାନ: ସିଭିକ୍ ସେଣ୍ଟର ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼

- ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ:ବଡ଼ଗାଁ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ:ପୂର୍ବାହ୍ନ ୧୦ଟା୩୦।
- ବଡ଼ଗାଁ ବ୍ଲକ ଅନ୍ତର୍ଗତ ଏକମା ଗ୍ରାମ ସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ,ସ୍ଥାନ:ମାଧ୍ୟମିକ ବିଦ୍ୟାଳୟ ପରିସର, ସମୟ:ପୂର୍ବାହ୍ନ ୧୦ଟା୩୦।
- ପଞ୍ଚାୟତ ସମିତି ବିଜ୍ଞାନ ଓ କଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭେଡାବାହାଲ ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଘାଟନୀ ଦିବସ, ସ୍ଥାନ:ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର,ସମୟ:ପୂର୍ବାହ୍ନ ୧୦ଟା।
- ବିକଶିତ ଗାଁ, ବିକଶିତ ଓଡିଶା ଯୋଜନାର ଉଦ୍‌ଘାଟନୀ ସମାରୋହର ସିଧାପ୍ରସାରଣ କାର୍ଯ୍ୟକ୍ରମ, ସ୍ଥାନ: ଟାଙ୍ଗରପାଲି ବ୍ଲକ କାର୍ଯ୍ୟାଳୟ ପରିସର,ସମୟ:ପୂର୍ବାହ୍ନ ୧୧ଟା।
- ମା' ନିତେଇ ଧୋବଣୀ ମନ୍ଦିର, ବିଗ୍ରହ ଏବଂ ସଙ୍କଟମୋଚନ ହନୁମାନ ବୀରଙ୍କ ବିଗ୍ରହ ପ୍ରତିଷ୍ଠା ସମାରୋହ,ଅଷ୍ଟପ୍ରହରୀ ନାମ ଯଜ୍ଞର ପୂର୍ଣ୍ଣାହୂତୀ,ଦଧିଭାଣ୍ଡ ଭଞ୍ଜନ, ନଗପରିକ୍ରମା କାର୍ଯ୍ୟକ୍ରମ,ସ୍ଥାନ ଅବନକେଲା:ସମୟ ପୂର୍ବାହ୍ନ୧୦ଟା।

## ବରଗଡ଼

- ଶ୍ରୀ ହନୁମାନ, ଶିବଲିଙ୍ଗ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ: ଡାଙ୍ଗ(ପ୍ରଧାନଟିକ୍ରା), ବରଗଡ଼, ସମୟ: ସକାଳ ୮ଟା।
- ଶ୍ରୀ ଗ୍ରାମଦେବୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଭାଲୁପାଲି(ଗୁଝୁଡ଼ା), ଭେଡ଼େନ, ସମୟ: ସକାଳ ୮ଟା।
- ବିକଶିତ ଗାଁ, ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଲେଙ୍ଗୁ ମିଶ୍ର ମିନି ଷ୍ଟେଡ଼ିୟମ, ବରଗଡ଼,ସମୟ:ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି

- ବିକଶିତ ଗାଁ ବିକଶିତ ଓଡ଼ିଶା ଜିଲାସ୍ତରୀୟ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ନୂତନ ଜିଲା ସଭାପତି ତଥା ୮ ରାଜ୍ୟ ପରିଷଦ ସଦସ୍ୟଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା।
- ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଉଦ୍‌ଘାଟନ, ଲାଞ୍ଜିଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ସପ୍ତମ ପରଗଳପୁର କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ପରଗଳପୁର ଖେଳ ପଡିଆ, ହରଭଙ୍ଗା, ସମୟ: ଅପରାହ୍ନ ୩ଟା।
- ବାବା କପ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ବାବା ବୈଦ୍ୟନାଥ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ସରସରା, ବୌଦ୍ଧ, ସମୟ: ସକାଳ ୯ଟା।

## ଦେବଗଡ଼

- ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅନ୍ତର୍ଗତ ଲାଭ ବଣ୍ଟନ ଶିବିର, ସ୍ଥାନ: ବିଜୁ ପଟ୍ଟନାୟକ ଅଡିଟୋରିୟମ୍, ଦେବଗଡ଼, ସମୟ: ପୂର୍ବାହ୍ନ ୯ଟା ୩୦।
- ବିକଶିତ ଗାଁ ବିକଶିତ ଓଡ଼ିଶା ଉଦ୍‌ଘାଟନ ଉତ୍ସବ, ସ୍ଥାନ: ତିଲେଇବଣି ବ୍ଲକ ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ପଲ୍ଲୀଶ୍ରୀ ମେଳା ଉଦ୍‌ଯାପିତ, ସ୍ଥାନ: ବଡ଼ବଗିଚା, ପ୍ରଧାନପାଟ ରୋଡ, ଦେବଗଡ଼, ସମୟ: ଅପରାହ୍ନ ୫ଟା।
- ଉତ୍ସବ ପ୍ରଧାନପାଟ–୨୦୨୫ ଉଦ୍‌ଯାପିତ ଓ ସାଧାରଣ ସଭା, ସ୍ଥାନ: ବଡ଼ ବଗିଚା, ଉତ୍ସବ ପେଣ୍ଡାଲ, ସମୟ: ସନ୍ଧ୍ୟା ୬ଟା।
- ଉତ୍ସବ ପ୍ରଧାନପାଟ ଉଦ୍‌ଯାପିତ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବଡ ବଗିଚା, ଉତ୍ସବ ପେଣ୍ଡାଲ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ପାତାଳି ଶ୍ରୀକ୍ଷେତ୍ରରେ ୫୬ ପ୍ରହାର ନାମଯଜ୍ଞ, ସ୍ଥାନ: କୋଟସମଲାଇସ୍ଥିତ ପାତାଳି ଶ୍ରୀକ୍ଷେତ୍ର, ଉଲୁଣ୍ଡା ବ୍ଲକ,ସମୟ : ସକାଳ ୯ଟା।
- ୧୬ ତମ ମା' ଉମଦେବୀ କ୍ରିକେଟ ଟୁର୍ନାମେଣ୍ଟର ପଞ୍ଚମ ଦିବସ, ସ୍ଥାନ: କାଦୋଦର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ପାତାଳି ମହୋତ୍ସବର ସାଂସ୍କୃତିକ ସଭା, ସ୍ଥାନ: କୋଟସମଲାଇସ୍ଥିତ ପାତାଳି ଶ୍ରୀକ୍ଷେତ୍ର, ଉଲୁଣ୍ଡା ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ରାମାୟଣ ପାରାୟଣ, ସ୍ଥାନ: ଭାଲୁଦୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଆଳତି, ସ୍ଥାନ: କୋମନା ବ୍ଲକ ତରବୋଡ଼ ଗାଁ ବସ୍ତିପଡ଼ା, ସମୟ: ପ୍ରାତଃ ୫ଟା ୩୦।
- ଖଡିଆଳ ମହୋତ୍ସବ ୨୦୨୫ ତୃତୀୟ ରଜନୀ, ସ୍ଥାନ: ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆ, ସମୟ: ରାତ୍ର ୮ଟା।
- ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ପୋଲିସ ପଡିଆ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ଝାରସୁଗୁଡ଼ା

- କୋଇଲିଗୁଘରରେ ବୁଧାଷ୍ଟମୀ ସ୍ନାନ, ସ୍ଥାନ: କୋଇଲିଘୁଗର, ସମୟ: ସକାଳ ୬ଟା।
- ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବାଗଡିହି ରେଞ୍ଜ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଦିନଟିରେ ଅର୍ଥଲାଭ ସହ କିଛି ପୁରୁଣା କଥା ଓ ନୂଆ କାମକୁ ନେଇ ବ୍ୟସ୍ତ ରହିବେ। ପ୍ରତ୍ୟେକ ସ୍ତରରେ ଆତ୍ମୀୟଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରି ଚର୍ଚ୍ଚିତ ହେବେ। ଧର୍ମକାର୍ଯ୍ୟ, ସଭାସମିତି, ରାଜନୀତି, ପ୍ରଶାସନ, ସାମ୍ବାଦିକତା ତଥା ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିବ। କର୍ମକ୍ଷେତ୍ରରେ ଫାଇଲ୍ କାମର ଚାପ ବୃଦ୍ଧି ପାଇବ ।

**ବୃଷ** – ସମସ୍ୟା ମଧ୍ୟରେ ବୁଡ଼ି ରହିଥିଲେ ମଧ୍ୟ କୌଣସି କାମକୁ ଅଣଦେଖା କରିପାରିବେ ନାହିଁ। କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ଉପୁଜିଥିବା କିମ୍ବା ନିଜର ପରିବାର ଭିତର ବିବାଦକୁ ପ୍ରତିହତ କରିପାରିବେ। ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ସମ୍ପର୍କୀୟଙ୍କର କୃତକର୍ମ ଆପଣଙ୍କ ସକାଶେ ମୁଣ୍ଡବ୍ୟଥାର କାରଣ ହେବ।

**ମିଥୁନ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତାର ସହ କାର୍ଯ୍ୟସିଦ୍ଧି, ଅର୍ଥପ୍ରାପ୍ତି, ଉଚ୍ଚ ସମ୍ମାନର ସୂଚନା ରହିଛି। ପ୍ରିୟଜନ ଭାବରେ ପାଖରେ ରଖିଥିବା ବ୍ୟକ୍ତିଟି ଦୁଶ୍ଚିନ୍ତାର କେନ୍ଦ୍ରବିନ୍ଦୁ ସାଜିପାରନ୍ତି। ଉପରିସ୍ଥଙ୍କ ଅନୁକମ୍ପା ହେତୁକ କାମ ହାସଲ କରି ବହୁଜନ ପ୍ରଶଂସିତ ହେବେ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ହଟିଯାଇ ଲାଭବାନ ହୋଇପାରନ୍ତି।

**କର୍କଟ** – ସାମାଜିକ କ୍ଷେତ୍ରରେ ସମସ୍ୟା ସମାଧାନ ପୂର୍ବକ ଆଶ୍ୱସ୍ତି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ କରିବା ପାଇଁ ନିଷ୍ପତ୍ତି ନେଇ ସଫଳ ହେବେ। ପରିବାରରେ ମତାନ୍ତରଜନିତ ଅଶାନ୍ତି ଓ ଅସୁବିଧାର ସମ୍ମୁଖୀନ ହେବେ। ଜିଦ୍‌ଖୋର ମନୋବୃତ୍ତି କାରଣରୁ କୌଣସି କ୍ଷେତ୍ରରେ ଗୁଡ଼ାଏ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ।

**ସିଂହ** – ଆଜି ମନ ଯଦିଓ ଅଶାନ୍ତ ରହିବ ତଥାପି ଭାବୁଥିବା କାମଟିକୁ ଶେଷ କରିପାରିବେ ଓ ଅର୍ଥ ମଧ୍ୟ ପାଇବେ। ଅନ୍ୟମନସ୍କ କାରଣରୁ କିଛି ମୂଲ୍ୟବାନ ଜିନିଷ ହରାଇ ମାନସିକ ବ୍ୟଥା ଅନୁଭବ କରିପାରନ୍ତି। ଚାଲୁ ରହିଥିବା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବ ଓ ଏହି ଦିଗରେ ଥିବା ପ୍ରତିବନ୍ଧକ ଅବଶ୍ୟ ଦୂରେଇ ଯିବ।

**କନ୍ୟା** – ଗୋପନ କଥାଟିକୁ ବନ୍ଧୁ ଆଗରେ କହି ପରେ ଅନୁତାପ କରିବେ। ପ୍ରକୃତ ସମସ୍ୟାକୁ ହୃଦୟଙ୍ଗମ ନ କରି ପଡ଼ୋଶୀ କ୍ରୋଧ ପ୍ରକାଶ କରିବାରୁ କଳହ ଲାଗିପାରେ। କଚେରୀ ମାମଲା କିମ୍ବା ପରିବହନରେ ସମସ୍ୟା ଦୂର ହେବ ଏବଂ ଲାଭବାନ ହେବେ। ପ୍ରଶାସନିକ ଓ ସାଂଗଠନିକ ସ୍ତରରେ କଠିନ ଶ୍ରମ କରିବାକୁ ବାଧ୍ୟ ହେବେ।

**ତୁଳା** – ଅନ୍ୟମାନଙ୍କୁ ଖୁସି କରିବାକୁ ଯାଇ ନିଜେ ସାମାନ୍ୟ ଅସୁବିଧା ଭୋଗିପାରନ୍ତି। କୌଣସି ବନ୍ଧୁଙ୍କୁ ସହାନୁଭୂତି ପ୍ରଦର୍ଶନ କରି ନିଜେ ଚର୍ଚ୍ଚାକୁ ଆସିଯିବେ। କଂଟ୍ରାକ୍ଟରୀ କାମରେ କିମ୍ବା କଳ କାରଖାନାରେ ଶ୍ରମିକ ଅଶାନ୍ତି ହେତୁ ଟେନ୍‌ସନ ଦେଖାଦେଇପାରେ। ମନକଥା ମନରେ ରଖି ବାହାରକୁ ଠିକ୍ ଭାବେ କାମ କରିବାର ଅଭିନୟ କରିପାରନ୍ତି।

**ବିଛା** – ଆଜି ସକାଳୁ କୌଣସି ଶୁଭ ଖବର ମନକୁ ଆହ୍ଲାଦିତ କରିବ। ଯାତ୍ରାରେ ସଫଳତା ସଙ୍ଗକୁ ବିଭିନ୍ନ ସଂଗଠନରେ ସାମିଲ ରହି ଖୁସି ହୋଇପାରନ୍ତି। ଆକସ୍ମିକ ଆବଶ୍ୟକତାକୁ ନେଇ ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବାକୁ ମନ ବଳାଇବେ। ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛି ଅଂଶରେ ବଢ଼ିଚାଲିବ, ଏଣୁ ମନ ନୂତନ ଉତ୍ସାହ ଉଦ୍ଦୀପନାରେ ଭରିଯିବ।

**ଧନୁ** – ବିଗତ ଘଟଣାର ବିଷୟବସ୍ତୁ ସମୂହକୁ ଜାଣିଥିଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ସତ କହିପାରିବେ ନାହିଁ। ଯେକୌଣସି ପରିସ୍ଥିତିରେ ମଧ୍ୟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ ନ କଲେ ସମସ୍ୟା ବଢ଼ିଯିବ। ଯେଉଁ ଜିନିଷଟିକୁ ପାଇବାକୁ ଇଚ୍ଛା କରିଛନ୍ତି ତାହା ବିଳମ୍ବରେ ପାଇବେ।

**ମକର** – ଆବଶ୍ୟକତା ପୂରଣ କରିବାକୁ ଯାଇ ଭାଇ କିମ୍ବା ପଡ଼ୋଶୀଙ୍କଠାରୁ କରଜ କରିବାକୁ ପଡ଼ିବ। ଆଜି ନିଜକୁ ନିୟନ୍ତ୍ରଣରେ ରଖିବା ପାଇଁ ସମର୍ଥ ନ ହେଲେ କ୍ଷତିରେ ପଡ଼ି ପାରନ୍ତି। ଧର୍ମାନୁଷ୍ଠାନ, ରାଜନୀତି, ପ୍ରଶାସନ, ଯାତ୍ରା, ବାଣିଜ୍ୟ, ନିର୍ମାଣ ପାଇଁ ଦିନଟି ଭଲ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ** – ମାନସିକ ଅସ୍ଥିରତା ସହିତ ଅନ୍ୟମାନଙ୍କୁ ସାହାଯ୍ୟକରି ହରଡ଼ଘଣାରେ ପଡ଼ିପାରନ୍ତି। ସମ ପରିମାଣର ପ୍ରତିଦାନ ଆଶା କରି କିଛି ନ ପାଇବା କାରଣରୁ ମନରେ କ୍ରୋଧ ଜାଗ୍ରତ ହେବ। କର୍ମକ୍ଷେତ୍ରରେ ବିଶୃଙ୍ଖଳିତ ପରିସ୍ଥିତିକୁ କେତେକାଂଶରେ ନିୟନ୍ତ୍ରଣ ମଧ୍ୟରେ ରଖିବାରେ ସମର୍ଥ ହେବେ। ବନ୍ଧୁଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ।

**ମୀନ** – କର୍ମଜଞ୍ଜାଳ ବୃଦ୍ଧି ପାଉଥିବା କାରଣରୁ ମାନସିକ ସ୍ତରରେ ବିଚଳିତବୋଧ ଅନୁଭବ କରିପାରନ୍ତି। ଅତି ଭଲ ସମ୍ପର୍କ ଥିବା ବ୍ୟକ୍ତିଙ୍କ ଉପରେ ଖପ୍ପା ହେଲେ ମଧ୍ୟ କରିପାରିବେ ନାହିଁ। ମାଲି ମକଦ୍ଦମାରେ ନିଜ ସପକ୍ଷରେ ରାୟ ଯିବାର ଆଶାକରି ଏକ ପ୍ରକାର ଚିନ୍ତାମୁକ୍ତ ହେବେ। ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନରେ ମଧ୍ୟାହ୍ନରେ ଟେନସନ୍ ଦୂର ହେବ।

ଆଜି ଫେବୃଆରୀ ୫ ତାରିଖ, ମାଘ ଶୁକ୍ଳପକ୍ଷର ବୁଧାଷ୍ଟମୀ ବୁଧବାର, ଭୀଷ୍ମାଷ୍ଟମୀ ଶ୍ରାଦ୍ଧ, ତର୍ପଣ ଓ ପିଣ୍ଡଦାନ। ରାଶିନକ୍ଷତ୍ର– ଦ୍ୱିଜା/ମେଷ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୬.୨୪ମି. ଗତେ ଘ.୦୭.୫୩ମି. ମଧ୍ୟେ, ଘ.୧୦.୩୬ମି. ଗତେ ଘ.୧୧.୩୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୨.୦୦ମି. ଗତେ ଘ.୦୧.୨୪ମି. ମଧ୍ୟେ ରାହୁ କାଳ।

# ପ୍ରଥମ ପୃଷ୍ଠାରୁ...

## ଆମେରିକାରୁ ୨୦୫ ...

ମଧ୍ୟରେ ଆମେରିକୀୟ ଅଧିକାରୀମାନେ ୨ ଲକ୍ଷରୁ ଉର୍ଦ୍ଧ୍ୱ ବେଆଇନ ଭାରତୀୟ ଆପ୍ରବାସୀଙ୍କୁ ଧରିଥିଲେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତ ୨୦ ତାରିଖରେ ଦ୍ୱିତୀୟ ଥର ଶପଥ ନେବା ପରେ ଏଭଳି ୧୮,୦୦୦ ଅବୈଧ ଭାରତୀୟ ଆପ୍ରବାସୀଙ୍କୁ ସ୍ୱଦେଶକୁ ପ୍ରତ୍ୟର୍ପଣ ପାଇଁ ଆମେରିକା ସରକାର ଯୋଜନା କରିଛନ୍ତି। କେବଳ ଏତିକି ନୁହେଁ, ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ଆମଦାନୀ ଶୁଳ୍କ ବୃଦ୍ଧି ନେଇ ମଧ୍ୟ ସେ ଚେତାବନୀ ଦେଇଛନ୍ତି। ଆମେରିକା ହେଉଛି ଭାରତର ସର୍ବବୃହତ୍ ବାଣିଜ୍ୟିକ ସହଯୋଗୀ। ୨୦୨୩–୨୪ରେ ଦୁଇଦେଶର ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ବିଲିୟନ୍ ଡଲାର ରହିଥିଲା। ଅନ୍ୟପକ୍ଷେ ଟ୍ରମ୍ପଙ୍କ ଧମକ ପରେ ଅତ୍ୟଧିକ ଟାରିଫ୍ ଭୟରେ ଗତ ୧ରେ ସଂସଦରେ ଉପସ୍ଥାପିତ ବଜେଟରେ ଭାରତ ସରକାର ଆମେରିକାରୁ ଆମଦାନୀ ହେଉଥିବା ଅଟୋମୋବାଇଲ୍ସ ସମେତ କେତେକ ସାମଗ୍ରୀ ଉପରୁ ଶୁଳ୍କ ହ୍ରାସ କରିଛନ୍ତି। ଟ୍ରମ୍ପଙ୍କ ଏଭଳି କଠୋର ଆଭିମୁଖ୍ୟକୁ ନେଇ ତାଙ୍କ ପ୍ରଶାସନ ମଙ୍ଗଳବାର ଭାରତକୁ ଆଉ ଏକ ଝଟକା ଦେଇଛି। ହ୍ୱାଇଟ୍ ହାଉସ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ଜଣ ଜଣ କରି ୨୦୫ ଭାରତୀୟଙ୍କ ପରିଚୟ ସ୍ପଷ୍ଟ କରାଯାଇଛି। ଏହି ପ୍ରତ୍ୟର୍ପଣ ପ୍ରକ୍ରିୟାରେ ନୂଆଦିଲ୍ଲୀର ମଧ୍ୟ ସମ୍ପୃକ୍ତି ରହିଛି। ଆମେରିକାରୁ ଏତେ ସଂଖ୍ୟକ ବେଆଇନ ପ୍ରବାସୀଙ୍କୁ ଭାରତକୁ ବିଦା କରାଯିବାର ଏହା ହେଉଛି ପ୍ରଥମ ଘଟଣା। ଭାରତୀୟ ସମୟ ଭୋର ୩ଟାରେ ୨୦୫ ଭାରତୀୟଙ୍କୁ ନେଇ ଆସୁଥିବା ଆମେରିକା ସେନାର ସି–୧୭ ଏୟାରକ୍ରାଫ୍ଟରେ ମାତ୍ର ଗୋଟିଏ ଟଏଲେଟ୍ ରହିଛି।

ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି, ବେଆଇନ ପ୍ରବାସୀଙ୍କୁ ଫେରାଇନେବା ପାଇଁ ଯାହା ଉପଯୁକ୍ତ ଭାରତ ତାହା କରିବା ନେଇ ପ୍ରଧାନମନ୍ତ୍ରୀ ମୋଦି ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ନିକଟରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଥିଲେ, ବେଆଇନ ଆପ୍ରବାସନ ଅନେକ ସଙ୍ଗଠିତ ଅପରାଧ ସହ ଜଡ଼ିତ ହୋଇଥିବାରୁ ଭାରତ ଏହାକୁ ବିରୋଧକରେ। କେବଳ ଆମେରିକା ନୁହେଁ, ବିଶ୍ୱର ଯେକୌଣସି ଦେଶରେ ଭାରତୀୟ ନାଗରିକମାନେ ବେଆଇନ ଭାବେ ବସବାସ କରୁଥିଲେ, ସେମାନଙ୍କୁ ଫେରାଇ ଆଣିବା ପାଇଁ ନୂଆଦିଲ୍ଲୀ ପ୍ରସ୍ତୁତ। ନୂଆଦିଲ୍ଲୀସ୍ଥିତ ଆମେରିକା ଦୂତାବାସର ଜଣେ ମୁଖପାତ୍ର କହିଛନ୍ତି, ଆମେରିକା ନିଜ ସୀମା ଉପରେ କଡ଼ା ନଜର ରଖିଛି। ବେଆଇନ ଅନୁପ୍ରବେଶକାରୀଙ୍କୁ ରୋକିବା ପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯାଉଛି। ଏହି କାର୍ଯ୍ୟାନୁଷ୍ଠାନ ଏଭଳି ଅନୁପ୍ରବେଶକାରୀଙ୍କ ପାଇଁ ଏକ ସ୍ପଷ୍ଟ ସନ୍ଦେଶ। ଏହା ପୂର୍ବରୁ ଟ୍ରମ୍ପ ପ୍ରଶାସନ ଗୁଏଟ୍‌ମାଲା, ପେରୁ ଓ ହୋଣ୍ଡୁରାସ୍‌ରୁ କେତେଜଣ ବେଆଇନ ଆପ୍ରବାସୀଙ୍କୁ ସେମାନଙ୍କ ଦେଶକୁ ସାମରିକ ବିମାନରେ ବସାଇ ବିଦା କରିସାରିଛି।

## ୟୁଏସ୍ଏଡ୍ ପାଣ୍ଠି ...

ତୃଣମୂଳ ସ୍ତରରେ ପହଞ୍ଚାଇବାରେ ୟୁଏସ୍ଏଡ୍ ପାଣ୍ଠି ପ୍ରଯୁକ୍ତିଗତ ସହାୟତା ବଢ଼ାଇଥିଲା। ସେହିପରି ଶିକ୍ଷା, ଲିଙ୍ଗଗତ ସମାନତା ଏବଂ ଜଳବାୟୁ ପରିବର୍ତ୍ତନ ଉପରେ ଚାଲିଥିବା ପ୍ରକଳ୍ପଗୁଡ଼ିକ ମଧ୍ୟ ପ୍ରଭାବିତ ହେବ। ଭାରତରେ ୟୁଏସ୍ଏଡ୍‌ର ଉପସ୍ଥିତି କମ୍ ହୋଇଥିଲେ ମଧ୍ୟ ଏହାର ଯୋଗଦାନର ସମ୍ଭାବନା ଆହୁରି ହ୍ରାସ ପାଇବ, କାରଣ ଆମେରିକା ଏହାର ବୈଶ୍ୱିକ ସହାୟତାକୁ ଯଥେଷ୍ଟ ହ୍ରାସ କରିଛି। ଫଳରେ ବିକାଶମୂଳକ କାର୍ଯ୍ୟରେ ନିୟୋଜିତ ଥିବା ଏନ୍‌ଜିଓଗୁଡ଼ିକ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେବେ। ପ୍ରକଳ୍ପ ବନ୍ଦ ରହିବା ସମୟରେ ମିଳିତ ଭାବେ ହେଉଥିବା ବ୍ୟୟକୁ କମାଇବା ପାଇଁ ୟୁଏସ୍ଏଡ୍ ନିର୍ଦ୍ଦେଶନାମାରେ ସ୍ୱେଚ୍ଛାସେବୀ ସଂଗଠନ ଏବଂ ସଂସ୍ଥାଗୁଡ଼ିକୁ କୁହାଯାଇଛି। ପାଣ୍ଠି ଯୋଗାଣରେ ଲାଗିଥିବା ସ୍ଥଗିତାଦେଶ ବାତିଲ ହେଲା ବୋଲି ଏହାର ଆୟୋଜକ ଅଫିସରଙ୍କଠାରୁ ଲିଖିତ ବିଜ୍ଞପ୍ତି ନ ପାଇବା ପର୍ଯ୍ୟନ୍ତ ସଂସ୍ଥାଗୁଡ଼ିକ କାମ ଆରମ୍ଭ ନ କରିବାକୁ କୁହାଯାଇଛି। ତେବେ ଏହି ଅନିଶ୍ଚିତତା ଆତଙ୍କ ସୃଷ୍ଟି କରିଥିବା ଜଣେ ଡେଭେଲପ୍‌ମେଣ୍ଟ ପ୍ରାକ୍ଟିଶନର କହିଛନ୍ତି।

୨୦୨୧ ଜାନୁଆରୀର ୟୁଏସ୍ଏଡ୍ ୱେବ୍‌ସାଇଟ୍ ଅନୁଯାୟୀ, ଭାରତରେ ଶିଶୁ ଓ ମାତୃ ସ୍ୱାସ୍ଥ୍ୟସେବାର ବିକାଶ ପାଇଁ ୬ ରାଜ୍ୟକୁ ଏହା ସହାୟତା ଯୋଗାଇଦେଉଥିଲା। ଏଥିସହିତ ଅନେକ ସହରରେ ନିରାପଦ ପାନୀୟ ଜଳ, ପରିମଳ ଏବଂ ସୁସ୍ଥ ପରିବେଶ ପାଇଁ ପାଣ୍ଠି ଯୋଗାଇ ସ୍ୱାସ୍ଥ୍ୟସେବାରେ ଉନ୍ନତି କରାଇଆସୁଥିଲା। ସେହିପରି ଲିଙ୍ଗଗତ ହିଂସା ରୋକିବା ଏବଂ ଭିନ୍ନକ୍ଷମଙ୍କ ସୁରକ୍ଷା ଓ ସହାୟତା ପାଇଁ ବିଭିନ୍ନ ରାଜ୍ୟ ଓ ଘରୋଇ ସଂସ୍ଥା ସହ ମିଶି ଏହା କାର୍ଯ୍ୟ କରୁଥିଲା। କେତେ ଦଶନ୍ଧି ହେଲା ବିଦେଶୀ ସହାୟତା ହ୍ରାସ ପାଇଥିବାରୁ ଉନ୍ନୟନ କ୍ଷେତ୍ରର ପେସାଦାର ଏବଂ ସିଭିଲ୍ ସୋସାଇଟି ପାଣ୍ଠି ସଙ୍କଟର ସମ୍ମୁଖୀନ ହୋଇଆସୁଛନ୍ତି। ଏଥିସହିତ ବିଦେଶୀ ଅନୁଦାନ ନିୟାମକ ଆଇନର କଟକଣା ସ୍ଥାନୀୟ ସଂଗଠନଗୁଡ଼ିକୁ ବିଦେଶୀ ସହାୟତା ପାଇବା ଦିଗରେ ସମସ୍ୟା ସୃଷ୍ଟି କରିଛି। ପୂର୍ବରୁ ସୁଇଡେନ୍, ଜର୍ମାନୀ ଓ ବ୍ରିଟେନ୍ ବିଭିନ୍ନ ଦେଶକୁ ସହାୟତା ହ୍ରାସ କରିଥିବାବେଳେ ୟୁଏସ୍ଏଡ୍ ପାଣ୍ଠି ବନ୍ଦ ଏହି ବୈଶ୍ୱିକ ଧାରାର ଅଂଶବିଶେଷ ବୋଲି ଭଲ୍ୟୁଣ୍ଟାରି ଆକ୍ସନ ନେଟ୍‌ୱର୍କ ଇଣ୍ଡିଆର ସିଇଓ ହର୍ଷ ଜୈଟଲି କହିଛନ୍ତି।

## ମୋ ବସ୍ ଧକ୍କାରେ ...

୧୦୬(୧)ରେ ଏକ ମାମଲା (ନଂ.୩୭/୨୦୨୫) ରୁଜୁକରି କାର୍ଯ୍ୟାନୁଷ୍ଠାନନେଇଛି।ଦୁର୍ଘଟଣାଘଟାଇଥିବାବସ୍(ଓଡି୦୨–ବିଜେ–୯୪୦୬)କୁ ଜବତ ସହ ଥାନାରେ ଆତ୍ମସମର୍ପଣ କରିଥିବା ଡ୍ରାଇଭରଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ହରିପୁର ଗାଁର ନୃସିଂହ ସେଠୀ (୩୩)। କୋର୍ଟଚାଲାଣ କରାଯିବା ପରେ ନୃସିଂହଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, କୁନିଙ୍କ ବାପା ଦୀର୍ଘଦିନ ହେବ ସ୍ଥାନୀୟ ଅଞ୍ଚଳରେ ପରିବାର ସହ ରହୁଛନ୍ତି। ସକାଳ ପ୍ରାୟ ୮ଟା ବେଳେ କୁନି ସାଇକେଲ ଧରି ପାଖ ଦୋକାନରୁ ବାପାଙ୍କ ପାଇଁ ବିସ୍କୁଟ୍ ଆଣିବାକୁ ଯାଇଥିଲେ। ରାସ୍ତା ପାରିହେବା ବେଳେ ଭୁବନେଶ୍ୱରରୁ କଟକ ଅଭିମୁଖେ ଯାଉଥିବା ୫୪ ନଂ ମୋ ବସ୍ ତାଙ୍କୁ ପଛପାର୍ଶ୍ୱରୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, କୁନିଙ୍କ ସାଇକେଲକୁ ବସ୍‌ଟି ୧୦୦ ମିଟର ଯାଏ ଘୋଷାଡ଼ି ନେଇଥିଲା। ଦୁର୍ଘଟଣାରେ କୁନିଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିବା ସହ ଶରୀରର ଅନ୍ୟାନ୍ୟ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ପରିବାର ସଦସ୍ୟ ଓ ସ୍ଥାନୀୟ ଲୋକେ ତାଙ୍କୁ ଘଟଣାସ୍ଥଳରୁ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ହେଲେ ଡାକ୍ତର କୁନିଙ୍କୁ ମୃତ ଘୋଷଣା କରିଥିଲେ। ସେପଟେ ଚାଳକ ନୃସିଂହ ବସ୍‌କୁ ନେଇ ଥାନାରେ ଆତ୍ମସମର୍ପଣ କରିଥିଲେ। ତେବେ ମୃତାଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ୩ଟି ମୋ ବସ୍‌କୁ ଅଟକ ରଖି ନନ୍ଦନକାନନ–ଭୁବନେଶ୍ୱର ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ। ଫଳରେ ବହୁ ଗାଡ଼ି ଅଟକି ରହିଥିଲା। ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ଲୋକେ ଶୁଣି ନ ଥିଲେ। ଜିଲାପାଳ ଘଟଣାସ୍ଥଳକୁ ଆସି ମୃତାଙ୍କ ପରିବାରକୁ କ୍ଷତିପୂରଣ ଦେବା ସହ ରାସ୍ତାରେ ହମ୍ପ୍ସ ନିର୍ମାଣ, ମୋ ବସ୍ ଚାଳକଙ୍କ ବେପରୁଆ ଗାଡ଼ି ଚାଳନାକୁ ବନ୍ଦ କରିବାକୁ ଲୋକମାନେ ଦାବି କରିଥିଲେ। ଘଟଣାସ୍ଥଳରେ କ୍ରୁଟ୍ ଅପରେଶନ ମ୍ୟାନେଜର ଜୟନ୍ତ କୁମାର ପହଞ୍ଚି ମୃତାଙ୍କ ପରିବାରକୁ କ୍ଷତିପୂରଣ ପାଇଁ ୨ଲକ୍ଷ ଟଙ୍କା ଦେଇଥିଲେ। ଏଥିସହ ପୋଲିସ ପକ୍ଷରୁ ରେଡ୍‌କ୍ରସ୍‌ରୁ ୨୦ହଜାର ଟଙ୍କା ଦିଆଯିବାର ପ୍ରତିଶ୍ରୁତି ପରେ ଘଣ୍ଟାଏ ପରେ ରାସ୍ତା ଅବରୋଧ ହଟିଥିଲା।

## ଯୁକ୍ତ୨ ପରୀକ୍ଷା: ୪୫ ...

ଫୋନ ଓ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ ଡିଭାଇସ୍ ନେବା ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଇଛି। ପରୀକ୍ଷାର ଶେଷଘଣ୍ଟି ପୂର୍ବରୁ ପରୀକ୍ଷାକେନ୍ଦ୍ର ଛାଡ଼ିଲେ କୌଣସି ପରୀକ୍ଷାର୍ଥୀ ପ୍ରଶ୍ନପତ୍ର ବାହାରକୁ ନେଇପାରିବେ ନାହିଁ। ସବୁ ସେଣ୍ଟରରେ ସିସିଟିଭି ବ୍ୟବସ୍ଥା କରାଯାଇଛି। ପ୍ରଶ୍ନପତ୍ର ହେଉ କିମ୍ବା କୌଣସି ପେପର ଯେପରି ଲିକ୍ ନ ହେବ, ସେଥିପ୍ରତି ଅଧିକ ଧ୍ୟାନ ଦିଆଯିବ। ଏ ନେଇ ସିଏଚ୍ଏସ୍ଇ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଏଥିସହ ବର୍ତ୍ତମାନ ଖରାଦିନ ଆରମ୍ଭ ହେଉଥିବାରୁ ବିଦ୍ୟାର୍ଥୀମାନେ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ସେଥିଲାଗି ପରୀକ୍ଷା ହଲରେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଛି। ହଲଗୁଡ଼ିକରେ ଓଆର୍ଏସ୍ ପାଣି ରଖାଯିବା ସହ କୌଣସି ଅପପ୍ରଚାରରେ ପ୍ରଭାବିତ ନ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦିଆଯାଇଛି। ସମସ୍ତ ଅଧିକାରୀ, ପର୍ଯ୍ୟବେକ୍ଷକ, ସ୍କାଡ୍ ସଦସ୍ୟ, ଜିଲା ପ୍ରଶାସନର ଅଧିକାରୀ ଏବଂ ଅନ୍ୟ କର୍ମଚାରୀମାନେ ପରୀକ୍ଷାକେନ୍ଦ୍ରକୁ ପ୍ରବେଶ କରିବା ପୂର୍ବରୁ ନିଜ ମୋବାଇଲ ଫୋନକୁ କେନ୍ଦ୍ର ଅଧୀକ୍ଷକଙ୍କ ନିକଟରେ କିମ୍ବା ନିଜ ଗାଡ଼ିରେ ରଖିବେ। କେନ୍ଦ୍ର ଅଧୀକ୍ଷକମାନେ ତାରିଖ ଅନୁଯାୟୀ ଏସବୁର ରେକର୍ଡ ରଖିବେ।

## ଭୁବନେଶ୍ୱରରେ ଷୋଡ଼ଶ ...

ରାଜ୍ୟ ସରକାର ସ୍ୱତନ୍ତ୍ର ଅନୁଦାନ ପ୍ୟାକେଜ ମଧ୍ୟ ମାଗିପାରନ୍ତି। ୪ ଦିନିଆ ଗସ୍ତରେ ଆସିଥିବା ଷୋଡ଼ଶ ଅର୍ଥ କମିଶନ ଭୁବନେଶ୍ୱରଠାରେ ପହଞ୍ଚିବା ପରେ ଅପରାହ୍ନରେ ସମସ୍ତ ସଦସ୍ୟ ରାଜ୍ୟ ଜନଜାତି ସଂଗ୍ରହାଳୟ ଏବଂ କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ କରିଛନ୍ତି। ସଂଗ୍ରହାଳୟ ପରିଦର୍ଶନ ପରେ ବ୍ୟକ୍ତିଗତ ଆଭୂଷଣ କେନ୍ଦ୍ରରେ ଜନଜାତି ଅଳଙ୍କାର, ଗୋଡ଼ ଖଡୁ, ବାହୁଟି, ଅଣ୍ଟାସୂତା ମାଳିହାର ଆଦି ଦେଖିଛନ୍ତି। ଏହାସହ ପ୍ରେକ୍ଷାଳୟରେ ଆଦିମ ଜନଜାତିଙ୍କ ସଂସ୍କୃତି, ପରମ୍ପରା, ଜୀବନଯାପନ ଶୈଳୀକୁ ନେଇ ପ୍ରସ୍ତୁତ ବୃତ୍ତଚିତ୍ର ଦେଖିଛନ୍ତି। ପରେ କମିଶନ ଟିମ୍ କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ କରିଛନ୍ତି। ଏହି ସମୟରେ ସ୍ପୋର୍ଟସ ସାଇନ୍ସ ସେଣ୍ଟର, ବାୟୋ ମେକାନିକ୍ସ ଲାବ୍, ଗେଟ୍ ଲାବ୍, ସ୍କିନ୍ ଷ୍ଟୁଡିଓ, ପାରା ଆଥ୍‌ଲେଟ ପରଫର୍ମାନ୍ସ ସେଣ୍ଟର, ଟେନିସ ସେଣ୍ଟର, ଆଥ୍‌ଲେଟିକ୍ସ ସେଣ୍ଟର, ହକି ଷ୍ଟାଡିୟମ, ଜିମ୍ନାଷ୍ଟିକ କେନ୍ଦ୍ର, ସନ୍ତରଣ କେନ୍ଦ୍ର ଆଦି ବୁଲି ଦେଖିଛନ୍ତି।

# ଚନ୍ଦ୍ରଭାଗାରେ ବୁଡ଼ ପକାଇଲେ ୨ ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ

## ତ୍ରିଶମ୍ଭୁଙ୍କ ମହାସ୍ନାନ ବିଳମ୍ବକୁ ନେଇ ଅସନ୍ତୋଷ



କୋଣାର୍କ,୪।୨(ଜ୍ୟୋତିରାଜ ମହାନ୍ତି)

ପବିତ୍ର ମାଘ ସପ୍ତମୀ ଅବସରରେ ମଙ୍ଗଳବାର ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ୨ ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଓ ସାଧୁସନ୍ଥ ବୁଡ଼ ପକାଇଛନ୍ତି। ତେବେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ନିର୍ଘଣ୍ଟ ହୋଇଥିବା ନୀତି ସମୟଠାରୁ ୩୦ ମିନିଟ୍ ବିଳମ୍ବରେ ତିନି ମହାଦେବ ଭାବେ ପରିଚିତ ତ୍ରିଶମ୍ଭୁଙ୍କ ମହାସ୍ନାନ ବିଧି ସମ୍ପନ୍ନ ହେବା ନେଇ ଶ୍ରଦ୍ଧାଳୁ ଓ ସାଧୁସନ୍ଥଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାଦ୍ୱାରା ପରମ୍ପରା ଓ ରୀତିନୀତି ଭଙ୍ଗ ହୋଇଥିବା ସାଧାରଣରେ ଚର୍ଚ୍ଚା ଚାଲିଛି।

କୋଣାର୍କସ୍ଥିତ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ମୁତାବକ ମାଧିପୁର ଗ୍ରାମର ବାବା ତ୍ରିବେଣୀଶ୍ୱର, ସନ୍ଥପୁର ଗ୍ରାମର ବାବା ଐଶାନେଶ୍ୱର ଓ କୁରୁଜଙ୍ଗ ଗ୍ରାମର ବାବା ଦକ୍ଷିଣେଶ୍ୱର ମହାଦେବ ମାଘ ସପ୍ତମୀ ଅବସରରେ ପୀଠରୁ ଷଷ୍ଠୀ ରାତି ୧୦ଟା ୪୫ ମିନିଟ୍ ସମୟରେ ବିମାନରେ ବିଜେ କରି ଶୋଭାଯାତ୍ରାରେ ବାହାରି କୋଣାର୍କ ଏନ୍ଏସି ଭୋଗ ମଣ୍ଡପଠାରେ ରାତ୍ର ୧୨ଟା ସମୟରେ ପହଞ୍ଚିଥିଲେ। ସେଠାରେ ଧାର୍ମିକ ରୀତିନୀତି ଓ ପରମ୍ପରା ଅନୁଯାୟୀ ତ୍ରିଶମ୍ଭୁଙ୍କ ପୂଜାର୍ଚ୍ଚନା ଓ ହୋମଯଜ୍ଞ ସହ ଭୋଗ ଲାଗି କରାଯାଇଥିଲା। ପରେ ପରେ ତ୍ରିଶମ୍ଭୁଙ୍କୁ କୋଣାର୍କ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଓ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟଠାରେ ପୂଜାର୍ଚ୍ଚନା ଓ ଭୋଗ ଲାଗି କରାଯାଇଥିଲା। ବେହେରା ସେବାୟତ, ତ୍ରିଶମ୍ଭୁଙ୍କ ସେବକ ଓ ସାଧୁସନ୍ଥଙ୍କ ଗହଣରେ ତ୍ରିଶମ୍ଭୁ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ବାହାରି ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ନୀତି ଅନୁସାରେ ନ ପହଞ୍ଚି ପ୍ରାୟ ୩୦ ମିନିଟ ବିଳମ୍ବରେ ଚନ୍ଦ୍ରଭାଗାସ୍ଥିତ ତୀର୍ଥ ପୁଷ୍କରିଣୀ ସ୍ନାନମଣ୍ଡପ ଠାରେ ପହଞ୍ଚିଥିଲେ। ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ସ୍ନାନମଣ୍ଡପଠାରେ ନିର୍ଦ୍ଧାରିତ ରାତ୍ର ୪ଟା ୩୭ ମିନିଟ୍ ବଦଳରେ ୪ଟା ୫୦ ମିନିଟ୍ ସମୟରେ ତ୍ରିଶମ୍ଭୁଙ୍କ ସ୍ନାନ କାର୍ଯ୍ୟ ସମ୍ପାଦନ ନେଇ ଭକ୍ତ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଭୋର ୫ଟା ୩ ମିନିଟ୍ ସମୟରେ ୨ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ବୁଡ଼ ପକାଇଥିଲେ। ପୁରୀ ଏସ୍‌ପି ଭିନୀତ ଅଗ୍ରୱାଲଙ୍କ ନେତୃତ୍ୱରେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀର ଚତୁଃପାର୍ଶ୍ୱ, ମେଳାପଡ଼ିଆ ଓ କୋଣାର୍କ ମୁଖ୍ୟ ବଜାର ସମେତ ବିଭିନ୍ନ ସ୍ଥାନରେ ୩୩ ପ୍ଲାଟୁନ୍ ଫୋର୍ସ, ଲାଇଫ୍ ଗାର୍ଡ, ଆଗ୍ନିକ, ବୋମା ନିଷ୍କ୍ରିୟକାରୀ ଟିମ୍ ଓ ପୋଲିସ ଅଧିକାରୀଙ୍କୁ ଭକ୍ତମାନଙ୍କ ସୁରକ୍ଷା ଓ ସୁରକ୍ଷିତ ସ୍ନାନ ନିମନ୍ତେ ମୁତୟନ କରାଯାଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀଙ୍କ ନେତୃତ୍ୱରେ ମାଘ ସପ୍ତମୀ ବୁଡ଼ ଅବସରରେ ହଜିଲା ଖୋଜିଲା ମଞ୍ଚ କରାଯାଇଥିଲା। ଚନ୍ଦ୍ରଭାଗା ମାଘ ସପ୍ତମୀ ବୁଡ଼ ମେଳା ପଡ଼ିଆରେ ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା, ଉପଜିଲାପାଳ ରାଜକିଶୋର ଜେନାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# 'କହନା ଏ ଫୁଲ କହନା' ଗୀତର ଗୀତିକାରଙ୍କ ବିୟୋଗ

ବାରିପଦା,୪।୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ସୁନାମଧନ୍ୟ ଗୀତିକାର ସଂଗ୍ରାମ କେଶରୀ ମହାନ୍ତି(୭୭)ଙ୍କ ମଙ୍ଗଳବାର ସକାଳ୬ଟା ୩୦ରେ ପରଲୋକ ହୋଇଯାଇଛି। ସାହିତ୍ୟ, ସମାଜସେବା, କୃଷି ଓ କଳା କ୍ଷେତ୍ରରେ ସେ ନିଜକୁ ନିୟୋଜିତ କରିଥିଲେ। ୧୯୭୧ରୁ କଟକ ଆକାଶବାଣୀ କେନ୍ଦ୍ରର ସ୍ୱୀକୃତିପ୍ରାପ୍ତ ଗୀତିକାର ଭାବେ ସେ ନିଜର ପରିଚୟ ସୃଷ୍ଟି କରିଥିଲେ। 'କହନା ଏ ଫୁଲ କହନା'(ଓଡ଼ିଆ ଫିଲ୍ମ ଫୁଲ ଚନ୍ଦନ), 'ଏଇ ଝୁମା ଝୁମା ଗୋଲାପି ବେଳାରେ'(ଅଭିଳାଷ), 'ରୁମ୍ ଝୁମ୍ ବାଜେ ପାଦର ପାଉଁଜି' (ଗୋପରେ ବଢ଼ୁଛି କଳା କହ୍ନେଇ), 'ହେଇରେ ଖଣ୍ଡିଆ ଭୂତ ଆସିଲା'(ମୋ ମନ ଖାଲି ତୋରି ପାଇଁ),'ଶୂନ୍ ଶାନ୍ ରାତି ଶୂନ୍ ଶାନ୍ ଜ୍ୟୋସ୍ନା'(ତୁମେ ହିଁ ସାଥୀ ମୋର) ଆଦି ଲୋକପ୍ରିୟ ସିନେ ଗୀତର ସେ ରଚୟିତା ଥିଲେ। ସେହିପରି ରସିଆ ଠାକୁର, ଆମରି ଅମ୍ବିକା ମା', ତୁଳସୀ କର୍ପୂର ଚନ୍ଦନ, ରିମ ଝିମ୍ ବର୍ଷା, ମୋ ପ୍ରିୟା, ମାଦଳ ତାଳେ ତାଳେ, ପିତଳ ସିଟି, ଡାକିନିଅ ପାଶେ, ଭକ୍ତି ପୀୟୂଷ, ସାଇ ସରଗମ ଆଦି ଓଡ଼ିଆ କ୍ୟାସେଟ ପାଇଁ ସେ ଗୀତ ରଚନା କରିଥିଲେ। ଏଥିପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସେ ସମ୍ବର୍ଦ୍ଧିତ ହୋଇଛନ୍ତି। ସେ ବାରିପଦା ହରିହର କଳାମନ୍ଦିର ପ୍ରତିଷ୍ଠାତା, ମୟୂରଭଞ୍ଜ ଛଉନୃତ୍ୟ ପ୍ରତିଷ୍ଠାନର ପୂର୍ବତନ ସଦସ୍ୟ, ମୟୂରଭଞ୍ଜ ସଂସ୍କୃତି ପରିଷଦର ପୂର୍ବତନ ସଦସ୍ୟ, ପରଶମଣି ଶିଶୁ ସାହିତ୍ୟ ସଂସଦ ମୟୂରଭଞ୍ଜର ସାଧାରଣ ସମ୍ପାଦକ, ଓଡ଼ିଆ ଗୀତିକବି ସମାଜ କଟକର ଆଜୀବନ ସଦସ୍ୟଭଳି ବିଭିନ୍ନ ସଂସ୍ଥା ସହ ଜଡ଼ିତ ଥିଲେ। ତାଙ୍କ ପରଲୋକ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, କଳାକାର ଓ ଛଉପ୍ରେମୀ ମୟୂରଭଞ୍ଜ ଜିଲା ବାରିପଦା ସହର ଭଞ୍ଜପୁରସ୍ଥିତ ଜେଲମାର୍ଗ ବାସଭବନରେ ତାଙ୍କର ଶେଷ ଦର୍ଶନ କରିଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ମମତା ଓ ୩ ଝିଅ ଉପସ୍ଥିତ ଥିଲେ। ବାରୁଣୀଘାଟଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।



ସଂଗ୍ରାମ କେଶରୀ ମହାନ୍ତି

### ମୁଖ୍ୟମନ୍ତ୍ରୀଙ୍କ ଶୋକ

ଗୀତିକାର ସଂଗ୍ରାମ ମହାନ୍ତିଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକବ୍ୟକ୍ତ କରିଛନ୍ତି। ନିଜର ଏକ୍ସ ଆକାଉଣ୍ଟରେ ଏନେଇ ସୂଚନା ଦେବା ସହ ସ୍ୱର୍ଗତ ମହାନ୍ତିଙ୍କ ପରଲୋକ ଖବର ଶୁଣି ଅତ୍ୟନ୍ତ ଦୁଃଖିତ ବୋଲି ଉଲ୍ଲେଖ କରିଛନ୍ତି। ଜଣେ ମହାନ୍ ଗୀତିକାର ଏବଂ ସରଳ ବ୍ୟକ୍ତିତ୍ୱ ଭାବେ ସ୍ୱର୍ଗତ ମହାନ୍ତି ସୁପରିଚିତ ଥିଲେ। ମହାପ୍ରଭୁଙ୍କ ନିକଟରେ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।







# ଅଗ୍ନିଶମ କର୍ମଚାରୀଙ୍କ ଭତ୍ତା ବୃଦ୍ଧି

ଭୁବନେଶ୍ୱର,୪।୨(ସୁନିତ୍ ମିଶ୍ର)

ଓଡ଼ିଶାର ଅଗ୍ନିଶମ କର୍ମଚାରୀଙ୍କ ସାମାଜିକ ସୁରକ୍ଷା ଦିଗରେ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ବିଭିନ୍ନ ପରିସ୍ଥିତିରେ ଲୋକଙ୍କୁ ତ୍ୱରିତ ସେବା ଯୋଗାଉଥିବା ଅଗ୍ନିଶମ କର୍ମଚାରୀଙ୍କ କଲ୍ୟାଣ ପାଇଁ ଘରଭଡ଼ା ପ୍ରଦାନ ସହିତ ସେମାନଙ୍କ ଭତ୍ତା ବୃଦ୍ଧି କରାଯାଇଛି। ଡାଏଟ୍ ଭତ୍ତା ୯୦୦ ଟଙ୍କାରୁ ୧,୪୦୦ ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳେ ମୋଟର ସାଇକେଲ ଭତ୍ତା ୧୫୦ରୁ ୩୦୦ ଟଙ୍କାକୁ ବଢ଼ାଯାଇଛି। ସେହିପରି ରିସ୍କ ଭତ୍ତାକୁ ୪୦୦ରୁ ୧ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ) ପକ୍ଷରୁ ମଙ୍ଗଳବାର ଏନେଇ ଏକ ବିବୃତି ଜରିଆରେ ଘୋଷଣା କରାଯାଇଛି। ଅନେକ ଆହ୍ୱାନପୂର୍ଣ୍ଣ ସ୍ଥିତିରେ ଲୋକଙ୍କୁ ଜରୁରୀ ସେବା ପ୍ରଦାନରେ ଅଗ୍ନିଶମ କର୍ମଚାରୀଙ୍କ ଭୂମିକାକୁ ଏଥିରେ ପ୍ରଶଂସା କରାଯାଇଛି। ଏହାଦ୍ୱାରା ଅଗ୍ନିଶମ ସେବା ବିଭାଗର ୬,୦୫୮ କର୍ମଚାରୀ ଉପକୃତ ହେବେ ବୋଲି ସିଏମ୍‌ଓ ପକ୍ଷରୁ ସୂଚନା ଦିଆଯାଇଛି। ଦୀର୍ଘ ବର୍ଷର ଦାବି ପୂରଣ ହୋଇଥିବାରୁ ଅଗ୍ନିଶମ କର୍ମଚାରୀମାନେ ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି।

# ରେଳ ୱାଗନରୁ ୧୨ ସେଲ୍ ବୋମା ଜବତ

ବଲାଙ୍ଗୀର/ସଇଁତଲା/କଣ୍ଟାବାଞ୍ଜି,
୪।୨(ବୀରେନ୍ଦ୍ର କୁମାର ଝାଙ୍କର /ରାଖାଲ ପ୍ରସାଦ ଶତପଥୀ /ଗୁରୁଦୟାଲ ହଂସ)

## ବଡ଼ମାଲ ଗୋଳାବାରୁଦ କାରଖାନାର ୨ କର୍ମଚାରୀ ନିଲମ୍ବିତ



ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ରେଳଷ୍ଟେଶନଠାରେ ଗତ ରବିବାର ରେଳ ୱାଗନ ଯାଞ୍ଚ ସମୟରେ ୧୨ଟି ସେଲ୍(ଯୁଦ୍ଧାସ୍ତ୍ର) ବୋମା ମିଳିଛି। ଏହି ଘଟଣାରେ ବଡ଼ମାଲ ଗୋଳାବାରୁଦ କାରଖାନାର ୨ଜଣ କର୍ମଚାରୀଙ୍କୁ ମଙ୍ଗଳବାର ନିଲମ୍ବନ କରାଯାଇଥିବା ଜଣାପଡ଼ିଛି। ନିଲମ୍ବିତ ୨ କର୍ମଚାରୀ ହେଲେ କନିଷ୍ଠ କାର୍ଯ୍ୟ ପ୍ରବନ୍ଧକ ସୁଶାନ୍ତ ପାଣିଗ୍ରାହୀ ଓ ବଉଦ ବେହେରା। ଉଭୟଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିବା ଜଣାପଡ଼ିଛି। ରେଳ ୱାଗନରୁ ମିଳିଥିବା ଗୋଳାବାରୁଦ ବଡ଼ମାଲ କାରଖାନାର ବୋଲି କୁହାଯାଉଛି। ମିଳିଥିବା ସୂଚନାନୁଯାୟୀ, ରେଳ ୱାଗନ ଯାଞ୍ଚ ବେଳେ ସେଲ୍ ବୋମା ମିଳିବା ଘଟଣା ଜଣାପଡ଼ିବା ପରେ ଅଞ୍ଚଳରେ ଆତଙ୍କ ଓ ହଇଚଇ ଖେଳିଯାଇଥିଲା। କିଭଳି ପରିସ୍ଥିତିରେ, କେଉଁଠାରୁ ଏବଂ କାହା ଦ୍ୱାରା ଏହି ଯୁଦ୍ଧାସ୍ତ୍ର ବା ସେଲ୍ ବୋମା ରେଳୱାଗନ ଭିତରକୁ ଆସିଥିଲା ତାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଥିଲା। କଣ୍ଟାବାଞ୍ଜି ରେଳଷ୍ଟେଶନ ମାଷ୍ଟରଙ୍କ ନିକଟରୁ ବିଶେଷ କିଛି ସୂଚନା ମିଳି ନ ଥିଲା। ତେବେ ଉକ୍ତ ସେଲ୍ ବୋମାକୁ ବଡ଼ମାଲ ଗୋଳାବାରୁଦ କାରଖାନା କର୍ତ୍ତୃପକ୍ଷଙ୍କୁ ଫେରାଇ ଦିଆଯାଇଥିବା ସୂଚନା ଦିଆଯିବା ପରେ ଘଟଣା ଅଧିକ ରହସ୍ୟଜନକ ହୋଇପଡ଼ିଥିଲା। କେଉଁ ପରିସ୍ଥିତିରେ ଏଭଳି ବ୍ୟତିକ୍ରମ ହେଲା ଏବଂ ଅତିସମ୍ବେଦନଶୀଳ ସେଲ୍ ବୋମା ରେଳୱାଗନ ଭିତରେ କିପରି ରହିଯାଇଥିଲା ତାହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବହୁ ରହସ୍ୟ ଉଦ୍‌ଘାଟିତ ହୋଇପାରିବ। ବଲାଙ୍ଗୀର ଗୋଳାବାରୁଦ କାରଖାନା ଅତିସମ୍ବେଦନଶୀଳ ନିଷିଦ୍ଧାଞ୍ଚଳ ଭାବେ ପରିଗଣିତ। ସେଠାରୁ କିଭଳି ସେଲ୍‌ବୋମା କଣ୍ଟାବାଞ୍ଜି ଷ୍ଟେଶନସ୍ଥିତ ରେଳୱାଗନ ଭିତରକୁ ଆସିଲା ତାହା ଜଣାପଡ଼ିନାହିଁ। ବଲାଙ୍ଗୀର ମାଓବାଦୀପ୍ରବଣ ଜିଲା ଭାବେ ଚିହ୍ନଟ ହୋଇଥିବାରୁ ଏଠାରେ ଏଭଳି ଘଟଣା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଏ ସଂକ୍ରାନ୍ତରେ ଗୋଳାବାରୁଦ କାରଖାନା କର୍ତ୍ତୃପକ୍ଷ କିମ୍ବା କଣ୍ଟାବାଞ୍ଜି ରେଳ ବିଭାଗ ପକ୍ଷରୁ କିଛି ନିର୍ଦ୍ଦିଷ୍ଟ ସୂଚନା ଦିଆଯାଇନାହିଁ। ଉକ୍ତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଦାବି ହେଉଛି।

# ଘାଟିରେ ବସ୍ ଦୁର୍ଘଟଣାଗ୍ରସ୍ତ, ୨୦ ଆହତ

ପାରଳାଖେମୁଣ୍ଡି,୪।୨
(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ନୂଆଗଡ଼ ବ୍ଲକ ଖଜୁରିପଦା ନିକଟସ୍ଥ ବୁଡା ଘାଟିରେ ମଙ୍ଗଳବାର ରାତିରେ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨୦ ଜଣ ଆହତ ହୋଇଥିବା ବେଳେ ୪ ଗୁରୁତର ଅଛନ୍ତି। ଖଜୁରିପଦା ଫାଣ୍ଡି, ରାୟଗଡ ପୋଲିସ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଖଜୁରିପଦା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ଗୁରୁତର ୪ଜଣଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।









# ଆମେରିକା ଆଗ

ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ଆମେରିକା ରାଷ୍ଟ୍ରପତି ହେବା ପରେ ନେଉଥିବା ନିଷ୍ପତ୍ତିଗୁଡ଼ିକ ବିବାଦୀୟ ହୋଇଚାଲିଛି। ୨୦ ଜାନୁଆରୀ ୨୦୨୫ରେ ଦାୟିତ୍ୱ ନେବାର ପ୍ରଥମ ଦିନରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)ରୁ ଆମେରିକା ଓହରିଯିବା ବିଷୟ ସେ ଘୋଷଣା କରିଥିଲେ। ସ୍ମରଣ କରାଯାଇପାରେ ଯେ ଜୁଲାଇ ୨୦୨୦ରେ ଟ୍ରମ୍ପ ତାଙ୍କ ପ୍ରଥମ ରାଷ୍ଟ୍ରପତିତ୍ୱ ସମୟରେ କୋଭିଡ୍-୧୯ ପାଇଁ ଚାଇନାକୁ ଦାୟୀ କରି ବିଧିବଦ୍ଧ ଭାବେ ଡବ୍ଲ୍ୟୁଏଚ୍‌ଓରୁ ଆମେରିକା ଓହରିଯିବା ନେଇ କାର୍ଯ୍ୟ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଜୋ ବାଇଡେନ୍ କ୍ଷମତାସୀନ ହେବାରୁ ଟ୍ରମ୍ପଙ୍କ ନିଷ୍ପତ୍ତିକୁ ବାତିଲ କରିଥିଲେ। ତେବେ ୨ ଫେବୃଆରୀ ୨୦୨୫ରେ ମେକ୍ସିକୋ, କାନାଡା ଓ ଚାଇନା ଉପରେ ଆମଦାନୀ ଶୁଳ୍କ ବୃଦ୍ଧି କରି ଟ୍ରମ୍ପ ବିଶ୍ୱବ୍ୟାପୀ ହଇଚଇ ସୃଷ୍ଟି କରିଛନ୍ତି। ତାଙ୍କ କହିବା କଥା ହେଲା ଆମେରିକାର ବାଣିଜ୍ୟ ନିଅଣ୍ଟ ବା ଟ୍ରେଡ୍ ଡେଫିସିଟ୍ ପାଇଁ ଏହି ଦେଶଗୁଡ଼ିକ ଅଧିକ ମାତ୍ରାରେ ଦାୟୀ ରହୁଥିବାରୁ ସେଗୁଡ଼ିକ ଉପରେ ଏଭଳି ଶୁଳ୍କ ବସାଇବା ଜରୁରୀ ଥିଲା। ତେବେ ୪ ଫେବୃଆରୀରେ ହ୍ୱାଇଟହାଉସ୍ ପକ୍ଷରୁ ଘୋଷଣା ହୋଇଛି ଯେ, ମେକ୍ସିକୋ ଓ କାନାଡା ଉପରେ ହୋଇଥିବା ଟ୍ରମ୍ପଙ୍କ ଟାରିଫ ବୋଝକୁ ୩୦ ଦିନ ପାଇଁ ସାମୟିକ ସ୍ଥଗିତ ରଖାଯାଇଛି। ଅନ୍ୟପକ୍ଷରେ ଟ୍ରମ୍ପଙ୍କୁ କଡ଼ା ଜବାବ ଦେଇ କାନାଡା ସେହି ସମାନ ୨୫ ପ୍ରତିଶତ ଟାରିଫ୍ ଆମେରିକା ଉପରେ ବସାଇବ ବୋଲି ଘୋଷଣା କରିଛି। ଅନୁରୂପ ଧମକ ମେକ୍ସିକୋ ଦେଇଥିବା ବେଳେ ଚାଇନା ଟ୍ରମ୍ପଙ୍କ ନିଷ୍ପତ୍ତି ବିରୋଧରେ ବିଶ୍ୱ ବାଣିଜ୍ୟ ସଙ୍ଗଠନ (ଡବ୍ଲ୍ୟୁଟିଓ) ଯିବ ବୋଲି କହିବା ସହ କଡ଼ା ପଦକ୍ଷେପ ନେବ ବୋଲି ପ୍ରକାଶ କରିଛି। ଏସବୁ ଧମକକୁ ଟ୍ରମ୍ପ ଭୟ କରୁଥିବା ଭଳି ମନେ ହେଉନାହିଁ। ଏଥିସହିତ ବ୍ରିକ୍ସ ସଙ୍ଗଠନରେ ଅଧିକ ଶବ୍ଦ କରୁଥିବା ଭାରତ ସମେତ କେତୋଟି ଦେଶର ମୁଖ୍ୟମାନଙ୍କୁ ହ୍ୱାଇଟ୍ ହାଉସ୍ ତରଫରୁ ଡକରା ଜାରି କରାଯାଇଛି। ଏହିସବୁ ଦେଶର ମୁଖ୍ୟମାନଙ୍କୁ ଧମକ ଦିଆଯିବା ସହିତ କୌଣସି ପ୍ରକାରର ଡଲାର ବିରୋଧୀ ମନ୍ତବ୍ୟ କିମ୍ବା କାର୍ଯ୍ୟଠାରୁ ବିରତ ରହିବାକୁ ନିର୍ଦ୍ଦେଶ ଦିଆଯିବ। ଏପରିକି ଏହି ନେତାମାନଙ୍କୁ ଭବିଷ୍ୟତରେ ବ୍ରିକ୍ସ ସଭାରେ ଯୋଗଦେବା ପାଇଁ ବାରଣ କରାଯାଇପାରେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ଟ୍ରମ୍ପଙ୍କ ନିଷ୍ପତ୍ତି ପରେ ବିଶ୍ୱରେ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହୋଇଯାଇଥିବା ବେଳେ ଭାରତ ଆପାତତଃ ବର୍ତ୍ତିଯାଇଥିବାରୁ ସାଧାରଣରେ ଆଲୋଚନା ହୋଇଥିଲା ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଟ୍ରମ୍ପଙ୍କ ମଧ୍ୟରେ ସମ୍ବନ୍ଧ ଭଲ ଥିବାର ଏହା ହେଉଛି ପ୍ରତିଫଳନ। ଏପରି ଚର୍ଚ୍ଚା ହେଉଥିବା ବେଳେ ୩ ଫେବୃଆରୀରେ ଖବର ଆସିଲା ଯେ ଆସନ୍ତା ୧୩ ତାରିଖରେ ମୋଦି ଆମେରିକା ଗସ୍ତରେ ଯିବେ। ଏ କଥା ଶୁଣି କେତେକ ଭାରତୀୟ ଅଧିକ ଉତ୍ସାହିତ ହୋଇଯାଇଥିଲେ। କିନ୍ତୁ ସେହି ଉତ୍ସାହକୁ ଦିନେ ପୂରି ନ ଥିବା ବେଳେ ୪ ଫେବୃଆରୀରେ ଟ୍ରମ୍ପ ଆଉ ଏକ ଏକ୍‌ଜିକ୍ୟୁଟିଭ୍ ଅର୍ଡର ବାହାର କରି ୟୁଏସ୍ ଏଜେନ୍ସି ଫର୍ ଇଣ୍ଟରନ୍ୟାଶନାଲ ଡେଭଲପମେଣ୍ଟ (ୟୁଏସ୍‌ଏଡ୍)ର କାର୍ଯ୍ୟ ସମୀକ୍ଷା କରାଯିବ କହି ପାଣ୍ଠି ଯୋଗାଣକୁ ରଦ୍ଦ କରିଦେଇଛନ୍ତି। ଅର୍ଥାତ୍ ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ଯାଏ ଭାରତରେ ଯେଉଁ ସରକାରୀ ଓ ବେସରକାରୀ ସଙ୍ଗଠନଗୁଡ଼ିକ ୟୁଏସ୍‌ଏଡ୍‌ଠାରୁ ପାଣ୍ଠି ପାଉଥିଲେ ସେଗୁଡ଼ିକ ସଙ୍କଟ ମଧ୍ୟକୁ ଚାଲିଯାଇଛନ୍ତି। ଫଳରେ ଭାରତରେ ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରକଳ୍ପଗୁଡ଼ିକ ବାଧାପ୍ରାପ୍ତ ହେବା ଥୟ ବୋଲି କୁହାଗଲାଣି। କେବଳ ସେତିକି ନୁହେଁ ସଦ୍ୟ ସୂଚନା ଅନୁଯାୟୀ ଆମେରିକା ତା' ସେନା ବିମାନରେ ୨୦୫ ଜଣ ବେଆଇନ ପ୍ରବାସୀଙ୍କୁ ଭାରତକୁ ପଠାଇଛି। ଏହି ଦୁଇ ପଦକ୍ଷେପ ଟ୍ରମ୍ପଙ୍କ ଭାରତ ପ୍ରତି ଥିବା ଆଭିମୁଖ୍ୟକୁ ସୂଚାଉଛି।

ବିଶ୍ୱବାସୀ ଜାଣିଛନ୍ତି ଟ୍ରମ୍ପ କାହାର ନୁହନ୍ତି, କେବଳ ଆମେରିକାର। ସେ ଜଣେ ଏକଜିଦିଆ ନେତା ହୋଇଥିବା ବେଳେ ବିଶେଷକରି ବେପାର କଥାରେ ସମ୍ପୂର୍ଣ୍ଣ ଭାବେ ସ୍ୱାର୍ଥାନ୍ୱେଷୀ। ହେଲେ ଭାରତର ନେତୃତ୍ୱ ତାଙ୍କୁ ଅସ୍ୱାଭାବିକ ଗୁରୁତ୍ୱ ଦେଇ ଆସୁଥିବାରୁ ଏବେ ସେ ଯେଉଁ ଝଟକା ଦେଲେ ତାହାକୁ ଗମ୍ଭୀରତାର ସହ ବିଚାର କରାଯିବା ଦରକାର ବୋଲି କୁହାଗଲାଣି। ବିଗତ ବର୍ଷଗୁଡ଼ିକରେ ଆମେରିକାର ହ୍ୟୁଷ୍ଟନରେ ହୋଇଥିବା 'ହାଉଡି ମୋଦି' ହେଉ ବା ଗୁଜରାଟର ଅହମଦାବାଦରେ 'ନମସ୍ତେ ଟ୍ରମ୍ପ' କାର୍ଯ୍ୟକ୍ରମ ଦୁଇ ନେତାଙ୍କ ମଧ୍ୟରେ ସମ୍ପର୍କ ନିବିଡ଼ ରହିଥିବା ବିଷୟରେ ଭାରତୀୟ ଗଣମାଧ୍ୟମରେ ବିଶେଷ ଚର୍ଚ୍ଚା ହୋଇଆସିଛି। କିନ୍ତୁ ଏବର ସ୍ଥିତି ଦେଖିଲେ ଟ୍ରମ୍ପଙ୍କ ଭାରତ ପ୍ରତି ବେଖାତିର ମନୋଭାବ ଅଛି ବୋଲି ସ୍ପଷ୍ଟ ଜଣାପଡୁଛି। କାନାଡା, ମେକ୍ସିକୋ ଓ ଚାଇନା ଭଳି ରାଷ୍ଟ୍ର ସହ ଆମେରିକାର ବାଣିଜ୍ୟିକ କାରବାର ଆକାର ବୃହତ୍ ଥିବା ବେଳେ ଟ୍ରମ୍ପ ଯେତେବେଳେ ଟାରିଫ୍ ବୃଦ୍ଧି ନିଷ୍ପତ୍ତି ନେଇପାରୁଛନ୍ତି, ସେହି ତୁଳନାରେ ଭାରତ ତାଙ୍କ ପାଇଁ ବେଶି ଗୁରୁତ୍ୱ ରଖିବ ଭାବିବା ବୋକାମି। ତେଣୁ ବହିର୍ବ୍ୟାପାର ନୀତି ହେଉ ବା ବାଣିଜ୍ୟିକ ଓ ରଣନୀତିକ ସ୍ତରରେ ଭାରତ ଅତି ସତର୍କତାର ସହିତ ପଦକ୍ଷେପ ନେବା ଦରକାର। ସାଧାରଣରେ କୁହାଯାଇଥାଏ, କୌଣସି ସମୟରେ ଜଣେ ବ୍ୟକ୍ତି ଯଦି ଅନ୍ୟ ଜଣଙ୍କ ଆଗରେ ପାଇବା ଆଶାରେ ଗୋଡ଼ଭାଙ୍ଗି ଠିଆ ହୋଇଥାଆନ୍ତି, ସେତେବେଳେ ସେ ନିଜକୁ ନ୍ୟୂନ ସ୍ତରରେ ରଖିଦେଇଥାଆନ୍ତି। ସେତେବେଳେ କିଛି ମିଳେ ନାହିଁ। ଦମ୍ଭ ଧରି ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ହେଉଥିବା ବ୍ୟକ୍ତି ବା ଦେଶ ମୁଣ୍ଡ ଉପରକୁ କରି ଚାଲିଥାଏ।

# ଆକବରଙ୍କ ଘଣ୍ଟା



ରଂଜନ କୁମାର ଦାସ

ଶାସନର ସଂଜ୍ଞା ଏବେ ବଦଳିଗଲାଣି। ଆଗେ ବ୍ରିଟିଶ୍ ଶାସନ ସମୟରେ କିମ୍ବା ଭାରତ ସ୍ୱାଧୀନତା ପାଇଲା ପରେ ପରେ ସଂଜ୍ଞା ମୁଖ୍ୟତଃ ରାଜସ୍ୱ ଆଦାୟ, ଆଇନଶୃଙ୍ଖଳା ରକ୍ଷାରେ ସୀମିତ ଥିଲା। ଭାରତ ଏକ ଜନମଙ୍ଗଳ ରାଷ୍ଟ୍ରରେ ପରିଣତ ହେବା ପରେ ଉନ୍ନୟନ ଓ କଲ୍ୟାଣକର ଯୋଜନାର ଭାର ପ୍ରଶାସନ ମୁଣ୍ଡକୁ ଗଲା। ସୀମିତ ଦାୟିତ୍ୱରୁ ଅସୀମିତ ଦାୟିତ୍ୱର କାର୍ଯ୍ୟଭାର ପଡ଼ିଲା ପ୍ରଶାସନ ଉପରେ। ଗ୍ରାମ୍ୟ ଉନ୍ନୟନଠାରୁ ଆରମ୍ଭ କରି ଜଳସେଚନ, ପାନୀୟଜଳ ଯୋଗାଣ, ପରିମଳ ବ୍ୟବସ୍ଥା, ମତ୍ସ୍ୟ, ପଶୁପାଳନ, ବିଜ୍ଞାନ ଓ କାରିଗରି, ଦକ୍ଷତା ବିକାଶ, କୃଷି, ଉଦ୍ୟୋଗ ବିକାଶ, କ୍ରୀଡ଼ା ଓ ସଂସ୍କୃତିର ବିକାଶ, ସ୍ୱାସ୍ଥ୍ୟ, ଶିକ୍ଷା, ଶ୍ରମିକ କଲ୍ୟାଣ, ଅବକାରୀ, ଆଇନଶୃଙ୍ଖଳା, ସାମାଜିକ କଲ୍ୟାଣ ଏବଂ ଏସବୁ ବାଦ୍ ସମୟକୁ ସମୟ ଯେତେବେଳେ ଯାହା ନୂଆ ଦାୟିତ୍ୱ ଆସିବ, ସବୁ ପ୍ରଶାସନ ଉପରେ ଲଦି ଦିଆଗଲା। ଆଜିକାଲି ଛୋଟଛୋଟ କାମ ପାଇଁ ମଧ୍ୟ ଲୋକେ ପ୍ରଶାସନର ଦ୍ୱାରସ୍ଥ ହେଉଛନ୍ତି, ଯାହା ସେମାନେ ନିଜେ ଚାହିଁଲେ ମଧ୍ୟ କରିପାରନ୍ତେ। କହିବାବାହୁଲ୍ୟ, ପ୍ରଶାସନର ଦାୟିତ୍ୱ ଆଜିକାଲି ବହୁଗୁଣିତ ହେଇଚି।

ପ୍ରଶାସନ ଦାୟିତ୍ୱରେ ଥିଲାବେଳେ ମୁଁ ଦେଖିଚି ଏମିତି ସମୟ ଆସେ ଅଫିସରମାନଙ୍କୁ ଗାଧୋଇବା, ଖାଇବା ବା ଶୋଇବା ପାଇଁ ମଧ୍ୟ ସମୟ ନିଅଣ୍ଟ ହୁଏ। ବେଳେବେଳେ ଗାଡ଼ିରେ ଗଲାବେଳେ ରାତିର ନିଦ ଭରଣା କରିବାକୁ ହୁଏ। ଟିଫିନ୍ କ୍ୟାରିୟରରେ ବୁହାହେଇ ଆସିଥିବା ଖାଦ୍ୟ ଗାଡ଼ିରେ ହିଁ ଖିଆହୁଏ। ଦିନ କିମ୍ବା ରାତି ହଉ ମୋବାଇଲ ଫୋନ ବନ୍ଦ କରିହୁଏନି। ସବୁବେଳେ ଲୋକଙ୍କ ଗହଳି ଲାଗିଥାଏ। ଲୋକଙ୍କ ସମସ୍ୟା ଆଜିକାଲି ନ ଶୁଣିଲେ ନହୁଏ! ଆଗେ ଲୋକଙ୍କ ପାଖରେ ପ୍ରତିବାଦ କରିବାକୁ ଏତେ ବେଶି ସୁଯୋଗ ନଥିଲା। ପ୍ରଶାସନ ତାଙ୍କ କଥା ନ ଶୁଣିଲେ ସେମାନେ ଭାଗ୍ୟକୁ ଦୋଷ ଦେଇ ମନମାରି ରହୁଥିଲେ! ଆଜିକାଲି ତ ଗଣମାଧ୍ୟମ ଏତେ ବଢ଼ିଗଲେଣି ଯେ କୋଉ କଥାଟା ଟିକିଏ ଅଣଦେଖା ହୋଇ ରହିଗଲେ ତା' ପରଦିନ ବଡ଼ ଅକ୍ଷରରେ ଖବରକାଗଜର ଶିର ମଣ୍ଡନ କରୁଛି ବା ଟିଭି ନ୍ୟୁଜ୍‌ରେ ଗ୍ରାଉଣ୍ଡ ଜିରୋ ରିପୋର୍ଟ ହୋଇ ବାହାରୁଚି। ଏତଦ୍‌ବ୍ୟତୀତ ସୂଚନା ଅଧିକାର ଆଇନ ଓ ମାନବାଧିକାର କର୍ମୀମାନଙ୍କ ହସ୍ତକ୍ଷେପ ଯୋଗୁ ମଧ୍ୟ ପ୍ରଶାସନକୁ ତତ୍ପର ହେବାକୁ ପଡୁଛି। ଲୋକେ ନିଜେ ବି ଉଚ୍ଚରୁ ଉଚ୍ଚତର ସୋପାନକୁ ପେଟିଶନ ମାରି ଦଉଛନ୍ତି। ପ୍ରଯୁକ୍ତିବିଦ୍ୟା ଏ ଦିଗରେ ତାଙ୍କୁ ସହାୟକ ହଉଚି। ତେଣୁ ଜଣେ ପ୍ରଶାସକ ଆଜିକାଲି ନିଜ ମର୍ଜିରେ କାମକରି, ମଉଜ ମଜଲିସ୍‌ରେ ସମୟ ବିତେଇବାର ଅବସର ଆଉ ନାହିଁ। ତାକୁ ଚିରତତ୍ପର ଓ କ୍ରିୟାଶୀଳ ହେବାକୁ ପଡିବ ହିଁ ପଡ଼ିବ।



ମୋର ମନେଅଛି, ପ୍ରଶାସନରେ ଥିଲାବେଳେ ଆମେ ଏ ଦିଗ ପ୍ରତି ସଚେତନ ରହିବାକୁ ପଡୁଥିଲା। ଯେତେବେଳେ ଯୋଉ ଲୋକ ଆମ ଦ୍ୱାରସ୍ଥ ହୁଏ, ତା' କଥା ଶୁଣିଦେଲେ ଗଲା। ଥରେ ତା' କଥା ଶୁଣିଦେଲେ ତା'ର ଅଭିଯୋଗ ଅଧା କମିଯାଏ! ତା'ର କ୍ରୋଧ ଓ ବିଦ୍ୱେଷ ମଧ୍ୟ କମିଯାଏ। ତେଣୁ ମୁଁ ନିୟମିତ ସକାଳୁ ସନ୍ଧ୍ୟା ଭିତରେ ଯିଏ ଯେତେବେଳେ ଆସେ, ଅନ୍ୟ କାମ ପଛକୁ ରଖି ତା' କଥା ଆଗେ ଶୁଣେ। ଲୋକଙ୍କର ଥରେ ଆସ୍ଥା ଆସିଲେ, ସେମାନେ ଅନ୍ୟ କାହା ପାଖକୁ ନ ଯାଇ ସଂପୃକ୍ତ ଅଧିକାରୀଙ୍କ ପାଖକୁ ହିଁ ଆସନ୍ତି। ଆମ ସମୟର ପ୍ରଶାସନିକ ଅଧିକାରୀମାନେ ବେଳେବେଳେ କୁହନ୍ତି, ରାଜନୈତିକ ଲୋକମାନେ ସମସ୍ୟାକୁ ନେଇ ଅଯଥା ହସ୍ତକ୍ଷେପ କରୁଛନ୍ତି। କିନ୍ତୁ ଆମକୁ ମନେରଖିବାକୁ ହେବ ଯେ, ଲୋକଟି ପ୍ରଶାସନଠାରୁ ଭରସା ନ ପାଇବାରୁ ରାଜନୈତିକ ଲୋକଙ୍କ ପାଖକୁ ବା ମିଡିଆ ପାଖକୁ ଗଲା! ଆମେ ଯଦି ତା' କଥା ଶୁଣି ତା'ର ସମାଧାନ ବାଟ ବାହାର କରିଥା'ନ୍ତେ, ତାହାଲେ ହୁଏତ ଲୋକଟି ଏପଟସେପଟ ହୋଇନଥାନ୍ତା। କାହାକୁ ବା ଭଲ ଲାଗେ ବାରଦୁଆର ଶୁଙ୍ଘିପିଣ୍ଡା ହବାକୁ? ଗୋଟିଏ ନିର୍ଦ୍ଧାରିତ ଜାଗାରେ ଯଦି ନିଶ୍ଚିତ ସେବା ମିଳିବ, ସେ କାହିଁକି ଅନ୍ୟ କୁଆଡ଼େ ଯିବ? ମାତ୍ର ଆମ ପ୍ରଶାସକମାନେ ନିଜ ଅବହେଳାଟିକୁ ଅଣଦେଖା କରନ୍ତି। ମନେଥିବ ମୋଗଲ ସମ୍ରାଟ୍ ଆକବର ତାଙ୍କ ପ୍ରାସାଦର ବାହାରେ ଏକ ବଡ଼ ଘଣ୍ଟିର ବ୍ୟବସ୍ଥା କରିଥିଲେ, ଯାହାର ନାମ ଥିଲା ନଗରଖାନା ଘଣ୍ଟା। ଅସୁବିଧାରେ ପଡ଼ିଥିବା ଲୋକେ ସେଇ ଘଣ୍ଟି ବଜେଇ ସମ୍ରାଟ୍‌ଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ଓ ତାଙ୍କ ସମସ୍ୟା ଜଣେଇ ତା'ର ନିରାକରଣ କରୁଥିଲେ। ସେଇଥିପାଇଁ ଆକବରଙ୍କ ଶାସନ ବ୍ୟବସ୍ଥା ଭାରତ ଇତିହାସରେ ଏକ ସୁବର୍ଣ୍ଣ ଯୁଗ ହେଇ ରହିଛି। ତା'ର ଅନୁସରଣ କରି ବ୍ରିଟିଶ୍ ପ୍ରଶାସନର ଉଚ୍ଚପଦସ୍ଥ ଅଧିକାରୀମାନଙ୍କର ଆବାସିକ କାର୍ଯ୍ୟାଳୟର ବ୍ୟବସ୍ଥା ଥିଲା। ଏବେ ମଧ୍ୟ ଉପଜିଲାପାଳ ବା ଜିଲାପାଳମାନଙ୍କ ବାସଭବନରେ ଆବାସିକ କାର୍ଯ୍ୟାଳୟର ବ୍ୟବସ୍ଥା ଅଛି। ଉଦ୍ଦେଶ୍ୟ ହେଲା ଲୋକେ ଅଫିସ ସମୟ ବାଦ୍ ମଧ୍ୟ ଅନ୍ୟ ସମୟରେ ଜରୁରିକାଳୀନ ସେବା ପାଇଁ ତାଙ୍କୁ ଭେଟିପାରିବେ। ମାତ୍ର ଏବେ ଦେଖାଯାଉଛି, ଅନେକ ଜିଲାପାଳ ତାଙ୍କ ଆବାସିକ କାର୍ଯ୍ୟାଳୟକୁ ବନ୍ଦ କରିଦେଲେଣି। ସତେ ଯେମିତି ଏହା ଏକ ଇଚ୍ଛାଧୀନ ବିଷୟବସ୍ତୁ! ସେମାନେ ଜାଣିବା ଦରକାର ଯେ ଶାସନ ଦାୟିତ୍ୱରେ ଥିବା ଲୋକଟି ଦାୟିତ୍ୱର ଏକ ଆସନରେ ବସିଛି। ଏହା କୌଣସି ମେରି-ଗୋ-ରାଉଣ୍ଡର ଚେୟାର ନୁହେଁ। ବିଳାସବ୍ୟସନ ବା ଉପଭୋଗର ଆସନ ନୁହେଁ। ସମଗ୍ର ଜିଲାର ଲକ୍ଷଲକ୍ଷ ଲୋକଙ୍କର ଆଶା ଆକାଂକ୍ଷାର ପରିପାଳନ ଓ ପରିପୂରଣ ପାଇଁ ତାଙ୍କ ପଦବୀ ଉଦ୍ଦିଷ୍ଟ। ସେମାନେ ଯଦି ବ୍ୟକ୍ତିଗତ ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ଦ୍ୱାର ବନ୍ଦ କରିଦେବେ, ଲୋକେ କାହା ପାଖକୁ ଯିବେ? ସେମାନେ ଯଦି ଏତେ ସୁଖସ୍ୱାଚ୍ଛନ୍ଦ୍ୟ ମଧ୍ୟରେ ରହିବାକୁ ପସନ୍ଦ କରୁଥିଲେ, ହୁଏତ ସେମାନେ ଏଭଳି ଏକ ମୁକାବିଲାପୂର୍ଣ୍ଣ ଚାକିରିରେ ଯୋଗ ଦେଇନଥାନ୍ତେ! କିନ୍ତୁ ଥରେ ଢିଙ୍କି ତଳେ ମୁଣ୍ଡ ରଖିଲା ପରେ ଢିଙ୍କିର ମାଡ଼କୁ ଡରିଲେ ଚଳିବ କି?

ଥରେ ଗୋଟେ ଉପକୂଳବର୍ତ୍ତୀ ଜିଲାରେ କାମ କଲାବେଳେ ଏହିଭଳି ଏକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଥିଲା। ମୋ ପାଖକୁ ଯିଏ ଯେତେବେଳେ ଆସନ୍ତି ଦଳମତ ନିର୍ବିଶେଷରେ ମୁଁ ପ୍ରାୟ ସମସ୍ତଙ୍କୁ ଭେଟେ। ସେ ଜିଲାର ଜଣେ ତୁଙ୍ଗ ନେତା ମତେ ଦିନେ ପରିହାସ ଛଳରେ କହିଲେ, ଆପଣ ଆମ ଶାସନରେ ଥାଇ ଏ ବିରୋଧୀ ଦଳିଆ ଟାଉଟରଗୁଡ଼ାଙ୍କ କଥା ସବୁବେଳେ କାହିଁକି ଶୁଣୁଛନ୍ତି? କାହିଁକି ସେଗୁଡ଼ାଙ୍କୁ ବସେଇ ଚା ପାଣିରେ ଆପ୍ୟାୟିତ କରୁଛନ୍ତି? ମୁଁ କହିଲି, ମୁଁ ତାଙ୍କ କଥା ଶୁଣୁଛି ଏଇଥିପାଇଁ ଯେ ସେମାନଙ୍କର ସରକାର ନାହିଁ। ତେଣୁ ସେମାନେ ତାଙ୍କ ସମସ୍ୟାର ସମାଧାନ ପାଇଁ କେବେହେଲେ ଆପଣଙ୍କ ପାଖକୁ ଯିବେ ନାହିଁ। ସେମାନେ ବାଧ୍ୟ ହୋଇ ମୋ ପାଖକୁ ଆସୁଛନ୍ତି। ମୁଁ ଯଦି ତାଙ୍କ କଥା ନ ଶୁଣେ, ତେବେ ସେମାନେ ବିରୋଧ କରିବେ, ବିକ୍ଷୋଭ କରିବେ, ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିବେ। ସେଥିରେ ସରକାରଙ୍କର ବା ସମାଜର ଯୋଉ ଆର୍ଥିକ ବା ଭାବମୂର୍ତ୍ତିଗତ କ୍ଷତି ହେବ, ତା' ତୁଳନାରେ କେଇ କପ୍ ଚା ବା କେଇ ଗ୍ଲାସ ପାଣି କ'ଣ ବେଶି ମୂଲ୍ୟବାନ୍? ବିରୋଧୀ ଦଳର କର୍ମୀଙ୍କୁ ମ୍ୟାନେଜ କରିବାର ଆବଶ୍ୟକତା ବେଶି ଅଛି। ତା'ଛଡ଼ା ଯୋଉ ଲୋକମାନେ ମଝିମଝିଆ ଏ ଦଳର ନୁହନ୍ତି କି ସେ ଦଳର ନୁହନ୍ତି, ସେମାନେ ଯିବେ କୁଆଡ଼େ? ସେମାନେ ତ ପ୍ରଶାସନ ପାଖକୁ ଆସିବେ ହିଁ ଆସିବେ।

ଏଇସବୁ ଲୋକମାନେ ତାଙ୍କ କାର୍ଯ୍ୟହାସଲ ପାଇଁ ବିକଳ୍ପ ଭାବେ ଗଣମାଧ୍ୟମ ପାଖକୁ ବା ରାଜନୈତିକ ନେତାଙ୍କ ପାଖକୁ ଯିବାକୁ ଚାହାନ୍ତି ନାହିଁ। ସେମାନେ ଚାହାନ୍ତି ସିଧାସଳଖ ତହସିଲଦାର, ବିଡିଓ ବା ଜିଲାପାଳ ତାଙ୍କ ସମସ୍ୟା ବୁଝନ୍ତୁ। ଏମାନଙ୍କ କଥା ନ ଶୁଣିଲେ ସେମାନେ ଯିବେ କୁଆଡ଼େ? ସାଧାରଣ ଲୋକଙ୍କ ପାଇଁ ତ ପ୍ରଶାସନ! ଏଇମାନେ ଯଦି ଅଶ୍ରୁତ ହୋଇ ରହିଯିବେ, ତେବେ ତାଙ୍କ ଅକଥ୍ୟ ଯନ୍ତ୍ରଣା ହୁଏତ ପ୍ରଶାସନ ପାଇଁ ଏକ ଅନିର୍ବଚନୀୟ ସମସ୍ୟା ହୋଇ ଫେରିଆସିବ।

**ମୋ: ୯୪୩୭୨୮୬୫୧୨**

## ଏଇ ଭାରତରେ

ବିବାହରେ ବରଯାତ୍ରୀଙ୍କ ପାଇଁ ଭୋଜନ ବ୍ୟବସ୍ଥାରେ ଯେମିତି କୌଣସି ପ୍ରକାରର ଅସୁବିଧା ନ ହୁଏ ସେଥିପାଇଁ କନ୍ୟାପକ୍ଷ ନିଜ ସକ୍ଷମ ଅନୁସାରେ ସବୁ ପ୍ରସ୍ତୁତି କରିଥାନ୍ତି। ଏସବୁ ପରେ ବି ଭୋଜନରେ କିଛି ନା କିଛି ଅବ୍ୟବସ୍ଥା କଥା କହି ଅଭିଯୋଗ କରିବା ବରଯାତ୍ରୀଙ୍କର ଏକ ଚିରାଚରିତ ସ୍ୱଭାବ ହୋଇଥାଏ କହିଲେ ଭୁଲ୍ ହେବ ନାହିଁ। ଏମିତି ସମସ୍ୟା ପାଇଁ ଅନେକ ସମୟରେ ଝଗଡ଼ା ବି ହୁଏ। ହେଲେ ଏଥିପାଇଁ ବାହାଘର ବନ୍ଦ ହୋଇଯିବା ଭଳି ଏକ ଘଟଣା ଦେଖିବାକୁ ମିଳିଛି ଗୁଜରାଟର ସୁରଟରେ। ସୁରଟର ବରାଛା ଅଞ୍ଚଳରେ ଥିବା ଲକ୍ଷ୍ମୀ ହଲ୍‌ରେ ଏକ ବିବାହ ଅନୁଷ୍ଠିତ ହେଉଥିଲା। ବାଜାବାଣ ଫୁଟାଇ ବେଶ୍ ଖୁସିରେ ବରଯାତ୍ରୀ ଆସି ପହଞ୍ଚିଥିଲେ। ଏହାପରେ ସେମାନଙ୍କୁ ଖାଦ୍ୟ ପରଷା ଯାଇଥିଲା। ହେଲେ ଖାଦ୍ୟ କମ୍ ଥିବାର ଅଭିଯୋଗ କରି ବରଯାତ୍ରୀମାନେ ପାଟିତୁଣ୍ଡ କରିଥିଲେ। ପରେ ଏହା ଝଗଡ଼ାର ରୂପ ନେଇଥିଲା ଓ ବରଯାତ୍ରୀମାନେ ଫେରି ଯାଇଥିଲେ। ତେବେ ବରଯାତ୍ରୀଙ୍କୁ ଫେରିବା ଦେଖି ବେଦି ଉପରୁ ବର ମଧ୍ୟ ଉଠିଯାଇ ସେମାନଙ୍କ ସହିତ ଘରକୁ ଫେରିଯାଇଥିଲା। ଏହାପରେ ଥାନାରେ କନ୍ୟାପକ୍ଷ ଅଭିଯୋଗ କ୍ରମେ ପୋଲିସ ବରପକ୍ଷ ପରିବାର ଲୋକଙ୍କୁ ଡକାଇ ବୁଝାଶୁଝା କରି ସେହି ଥାନାରେ ବର କନ୍ୟାଙ୍କର ବିବାହ କରାଇଥିଲା।

# ଅହଂକାର ଅନୁଚିନ୍ତା



ହରେକୃଷ୍ଣ ଦାସ

''ସୁଶୀଲ ବନ୍ଧୁ, ଆମ ଅହଂକାର ଯୋଗୁ ଆମେ ନିଜେ ବହୁ ଅଶାନ୍ତି ଭୋଗିବା ସହ ଅନ୍ୟମାନଙ୍କ ଭିତରେ ମଧ୍ୟ ଅପ୍ରୀତିକର ବାତାବରଣ ସୃଷ୍ଟିକରି ଜୀବନଟାକୁ କଳୁଷିତ କରିଦେଉଛେ। ଆମେ ସମସ୍ତେ ସବୁ କାମର ଶ୍ରେୟ ନେବା ପାଇଁ ବ୍ୟାକୁଳ, ଏବଂ 'ମୋ ଯୋଗୁ ହିଁ ଏଇଟା ହେଲା', 'ମୁଁ ହିଁ ଏଇଟା କରେଇଛି' ବୋଲି ପ୍ରଚାର କରିବା ପାଇଁ ଯେମିତି ଗୋଟେ ପ୍ରତିଯୋଗିତାରେ ମାତିଛେ। ଆଉ ଏ ମାନସିକତା ବେଳେବେଳେ ଏତେ ତୀବ୍ର ଯେ ଆମେ ଆଦୌ କରି ନ ଥିବା ଅନେକ କାମ ପାଇଁ ବାହାବା ନେବାକୁ ତତ୍ପର। କିନ୍ତୁ ଏହାଦ୍ୱାରା ଅନେକ ସମୟରେ ଅନ୍ୟମାନଙ୍କ ଭୂମିକା ଓ ଅବଦାନକୁ ଏମିତି ଭାବରେ ଚାପିଦେଉ ବା ଗୁରୁତ୍ୱହୀନ କରିଦେଉ ଯେ ଫଳସ୍ୱରୂପ ଆମେ ଯେ କେବଳ ଘୃଣା, ଅସନ୍ତୋଷ ଓ ରୋଷର ଶିକାର ହେଉ ତା' ନୁହେଁ, ଅନ୍ୟମାନେ ମଧ୍ୟ ଆମ ସହ ସମ୍ପର୍କ ରଖିବାରେ ଛଳନା ଓ କୃତ୍ରିମତା ପ୍ରକାଶ କରନ୍ତି। ଏମିତି ଅନେକ ଅହଂକାରୀ ଲୋକଙ୍କ ଗହଣରେ ରହିରହି ଭାରି ବିରକ୍ତ ଲାଗିଲାଣି।''

ବନ୍ଧୁଙ୍କ ବିଭକ୍ତିର ଔଚିତ୍ୟକୁ ଅନୁଭବକରି ମୁଁ କଥା ଯୋଡ଼ି କହିଲି, ''ତମ କଥା ଅବଶ୍ୟ ଠିକ୍, କିନ୍ତୁ ଆମେ ପ୍ରାୟ ସମସ୍ତେ କୌଣସି ନା କୌଣସି ପ୍ରକାର ଅହଂକାର ଦ୍ୱାରା କବଳିତ। କିନ୍ତୁ ବିଡ଼ମ୍ବନା ଏଇୟା ଯେ ଯୁଗ ଯୁଗ ଧରି ଈଶ୍ୱର ସମସ୍ତଙ୍କ ଅହଙ୍କାର ନାଶ କରିଥିବା କାହାଣୀ ଆମେ ଶୁଣିଥିଲେ ବି ନିଜ ଚରିତ୍ର ସଂଶୋଧନକରି ଅହଂକାର ଛାଡ଼ିବାକୁ ପ୍ରସ୍ତୁତ ନୋହୁଁ। ମହାଭାରତ ଯୁଦ୍ଧରେ ଭୀମ, ଅର୍ଜୁନ ଆଦି ବୀରମାନେ ନିଜ ଶୌର୍ଯ୍ୟ ବଳରେ ଶତ୍ରୁ ସଂହାର କରିଛନ୍ତି ବୋଲି ଅହଙ୍କାରରେ ମତ୍ତ ଥିଲାବେଳେ ଏକା ସୁଦର୍ଶନ ଚକ୍ର ହିଁ ଯୁଦ୍ଧ ଲଢୁଥିଲା ବୋଲି ଶୁଣିଲା ପରେ ସେମାନଙ୍କର ଦର୍ପ ନାଶ ହୋଇଥିଲା। ନିଜକୁ ଜଣେ ମହାଶକ୍ତିଶାଳୀ ଯୋଦ୍ଧା ବୋଲି ଜାଣିଲା ପରେ ସୁଦର୍ଶନଙ୍କ ମନରେ ଗର୍ବ ଆସିଥିଲା ଯେ ତାଙ୍କଠାରୁ ଶକ୍ତିଶାଳୀ ଆଉ କେହି ନ ଥାଇପାରେ। କିନ୍ତୁ ଭଗବାନ୍ ଶ୍ରୀକୃଷ୍ଣଙ୍କ ଦ୍ୱାରରେ ସେ ସୁରକ୍ଷା ପ୍ରଦାନ କରୁଥିବା ବେଳେ ଯେତେବେଳେ ତାଙ୍କୁ ନିଜ ପାଟି ଭିତରେ ଲୁଚାଇ ଦେଇ ହନୁମାନ ସବୁ ସୁରକ୍ଷା ବଳୟ ଭେଦିଯାଇ ପ୍ରଭୁଙ୍କ ପାଖରେ ପହଞ୍ଚି ସେଠି ନିଜ ପାଟି ଭିତରୁ ତାଙ୍କୁ ବାହାରକଲେ, ସେତେବେଳେ ଲଜ୍ଜା ଓ ଅପମାନରେ ଜର୍ଜରିତ ହୋଇ ସୁଦର୍ଶନଙ୍କର ଗର୍ବ ଚୂନା ହୋଇଯାଇଥିଲା। ଠିକ୍ ସେମିତି, ଅଳଙ୍କାର ବିଭୂଷିତା ହୋଇ ଶ୍ରୀକୃଷ୍ଣଙ୍କ ପାଖରେ ବସିଥିବା ତଥା ନିଜକୁ ସର୍ବଶ୍ରେଷ୍ଠ ସୁନ୍ଦରୀ ବୋଲି ଗର୍ବ କରୁଥିବା ସତ୍ୟଭାମାଙ୍କୁ ଦେଖି ହନୁମାନ ଯେତେବେଳେ ସନ୍ଦେହ ପ୍ରକଟ କଲେ ଯେ ସଂସାରର ସର୍ବଶ୍ରେଷ୍ଠ ସୁନ୍ଦରୀ ତଥା ସ୍ୱୟଂ ଲକ୍ଷ୍ମୀ, ମାତା ସୀତାଙ୍କ ସ୍ଥାନରେ ପ୍ରଭୁଙ୍କ ପାଖରେ ଏ ଦାସୀ କିଏ ବସିଛି – ସେତେବେଳେ ସତ୍ୟଭାମାଙ୍କର ଗର୍ବ ନାଶ ହୋଇଥିଲା। ଭୀମ ଅର୍ଜୁନ ଆଦି ଯୋଦ୍ଧା, ବୀର ସୁଦର୍ଶନ, ଏମିତିକି କୌରବ ପକ୍ଷର ଅନେକ ବୀରଙ୍କର ଅହଂକାର ନାଶର କାହାଣୀ ଅନ୍ତତଃ ଏତିକି ସୂଚନା ଦିଏ ଯେ ମୁଁ କରୁଛି ବୋଲି ମଣିଷ ଯେଉଁ ଗର୍ବକରେ, ପ୍ରକୃତରେ ଅଦୃଶ୍ୟ ଭାବରେ ଈଶ୍ୱର ହିଁ ତା'ର କର୍ତ୍ତା। ସେଥିପାଇଁ ଗୀତାରେ କୁହାଯାଇଛି, ''ଅହଂକାର ବିମୂଢ଼ାତ୍ମା କର୍ତ୍ତାହମିତି ମନ୍ୟତେ।''



ସେମାନଙ୍କ ପାଇଁ ଭଗବାନ୍ ଶ୍ରୀକୃଷ୍ଣ ଥିଲେ ବୋଲି ସେମାନେ ସଜାଡ଼ି ହୋଇଗଲେ। କିନ୍ତୁ ଏମାନଙ୍କ ଦର୍ପଗଞ୍ଜନ ପାଇଁ ତମ ଆମ ଭଳିଆ ସାଧାରଣ ଲୋକଙ୍କର କ'ଣ ସାମର୍ଥ୍ୟ ଅଛି? ଜଣେ ଯଦି ନିଜକୁ ସୁଧାରିବାକୁ ରାଜି ନ ହୁଏ, ତେବେ ତାକୁ ସ୍ୱୟଂ ଭଗବାନ୍ ସୁଧାରିପାରିବେନାହିଁ। ତମେ ଯେଉଁମାନଙ୍କ କଥା ଓ ଚରିତ୍ର ବିଷୟରେ ଇଙ୍ଗିତ କରୁଛ ସେମାନଙ୍କର ଦୋଷ କ'ଣ ଜାଣିଛ? ସେମାନେ ନିଜକୁ ସବୁବେଳେ ଏକଦମ ପର୍‌ଫେକ୍ଟ ବୋଲି ମନେକରନ୍ତି। ସାମାନ୍ୟତମ କଥାରେ ଅନ୍ୟମାନଙ୍କର ତ୍ରୁଟି ଖୋଜୁଥାଆନ୍ତି। ନିଜେ କେବେ ବି ଭୁଲ୍ କରନ୍ତିନି ବୋଲି ଯେହେତୁ ଭ୍ରମରେ ଥାଆନ୍ତି, କେହି ତାଙ୍କ ଭୁଲ୍ ଦେଖାଇଲେ ସେମାନେ ସ୍ୱୀକାର କରିବାକୁ ରାଜି ହୁଅନ୍ତି ନାହିଁ। ବରଂ ଅନ୍ୟମାନଙ୍କ ଅଲଗା ଭୁଲ୍ ଦେଖାଇ ନିଜ ଭୁଲ୍‌କୁ ଠିକ୍ ବୋଲି ସାବ୍ୟସ୍ତ କରିବାକୁ ଚେଷ୍ଟାକରନ୍ତି। ଏମାନେ ଯୋଗ୍ୟ ଥାଆନ୍ତୁ କି ନ ଥାଆନ୍ତୁ ପଛେ ସବୁବେଳେ ସମ୍ମାନ ଖୋଜନ୍ତି। ଆଉ ଯଦି ସାମାନ୍ୟ ଧନ, କ୍ଷମତା କି ଅଧିକାର ମିଳିଗଲା, ତେବେ ଏମାନଙ୍କ ସ୍ଥିତି ଦେଖେ କିଏ? ସମ୍ପତ୍ତି, କର୍ତ୍ତୃତ୍ୱର ଅହଂକାରଜନିତ ନିଶା ଏମିତି ଚଢ଼ିଯାଏ ଯେ ପିମ୍ପୁଡ଼ି ଗୁଖା ଚଢ଼ିବା ପରି ଅବସ୍ଥା ଆସିଯାଏ। ସମୟ ଓ ପରିସ୍ଥିତି ଯେତେ ଧକ୍କା ଓ ଧୋକା ଦେଲେ ବି ଅହଂକାର ଯୋଗୁ ଏମାନେ ସତ୍ୟକୁ ଗ୍ରହଣ କରିପାରନ୍ତିନାହିଁ। ଏମାନେ ତୁମ ପାଇଁ ବହୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରନ୍ତି। ତେଣୁ ତାଙ୍କ ସହ ଭାବବିହ୍ୱଳ ହେଇ ଜଡ଼େଇ ନ ହୋଇ ବାସ୍ତବଧର୍ମୀ ହୁଅ। ସେମାନଙ୍କ ଗର୍ବ ନାଶ ପାଇଁ ସବୁକିଛି ସମୟ ଓ ଭଗବାନଙ୍କ ଉପରେ ଛାଡ଼ିଦିଅ।

ହଠାତ୍ ସବୁ ବୁଝିଯାଇଥିବା ପରି ବନ୍ଧୁ କହିଲେ, '' ଠିକ୍ କଥା। ଏମିତି ଲୋକଙ୍କ ସହ ଭାବଗତ ଦୂରତା ରଖି , ସେମାନଙ୍କ ବ୍ୟକ୍ତିତ୍ୱ କିମ୍ବା ବ୍ୟବହାରରେ ବିଚଳିତ ନ ହୋଇ, ତାଙ୍କୁ ନିଜର ଅହଂକାର ସହ ବଞ୍ଚିବାକୁ ଛାଡ଼ିଦେବା ଉଚିତ ହେବ।''

ଠିକ୍ ଏତିକିବେଳେ ବନ୍ଧୁଙ୍କ ଶାଳକ ମହୋଦୟ ତାଙ୍କ ଘରପ୍ରତିଷ୍ଠା ଉତ୍ସବକୁ ନିମନ୍ତ୍ରଣ ଜଣାଇବାକୁ ଆସି କହିଲେ, ଅଳ୍ପ କିଛି ଟଙ୍କା ଖଟାଇ ଛୋଟ କୁଡ଼ିଆଟେ କରିଛି। ଆପଣଙ୍କ ପାଦ ପଡ଼ିଲେ, ତା'ର ସୌନ୍ଦର୍ଯ୍ୟ ବଢ଼ିଯିବ। ଉତ୍କଣ୍ଠାର ସହ ପଚାରିଲି, କେତେ ଟଙ୍କା ଖର୍ଚ୍ଚ ହେଲା? ଉତ୍ତର ମିଳିଲା, ମୋର ତ ଛୋଟିଆ ଚାକିରିଟେ। ବେଶି ପଇସା କୁଆଡୁ ଆଣିବି? ମୁଁ ପୁଣି ଦୋହରାଇଲି, ତଥାପି, କେତେ ଖର୍ଚ୍ଚ ହେଲା? ଏଥର ସରଳ ଉତ୍ତର, ଏଇ ପ୍ରାୟ ଅଢ଼େଇ କୋଟି। ପିଲାମାନଙ୍କ ବରାଦ ମୁତାବକ କୋଉ କରିହେଲା କି? ସେଥିପାଇଁ ଆଉ କୋଟିଏ ଲାଗିଥାନ୍ତା। ତଥାପି ମୋର ଜଣେ ସାଙ୍ଗ କହୁଥିଲା, ଘରଟା କାଳେ ଦେଖିଲା ଭଳିଆ ହେଇଛି। ଅନୁରୋଧ ଆପଣ ପ୍ରତିଷ୍ଠାଦିନ ନିଶ୍ଚୟ ଆସିବେ। ମୁରୁକି ହସି କହିଲି, ତମ ଭଳି ଜଣେ ସାଦାସିଧା, ନିରହଂକାରୀ ଲୋକର କୁଡ଼ିଆ ଦର୍ଶନ ପାଇଁ ନିଶ୍ଚୟ ଯିବି।

ମହୋଦୟ ଜଣକ ଫେରିଯିବା ପରେ ମୁଁ ବନ୍ଧୁଙ୍କୁ ଚାହେଁ ତ ସେ ଲଜ୍ଜାରେ ଲାଲ୍ ପଡ଼ିଯାଇଥିଲେ। କଥା ବାଆଁରେଇ କହିଲି, ସେଦିନ ମନେକରି ତମ ଶାଳକଙ୍କ ଘରର କିଛି ଫଟୋ ଉଠାଇଆଣିବ। କେହି କାହାକୁ କିଛି ନ କହି ଚୁପ୍‌ଚାପ୍ ବାଟ ଭାଙ୍ଗିଲୁ।

**ଅଧ୍ୟାପକ, ଇଂରାଜୀ ବିଭାଗ, ନିଆଳି କଲେଜ**
**କଟକ, ମୋ: ୯୮୬୧୩୪୫୬୫୮**

## ୫୦ ବର୍ଷ ତଳର ଧରିତ୍ରୀ

**୫ ଫେବୃଆରୀ ୧୯୭୬**

- ଭୁବନେଶ୍ୱର, କୋଣାର୍କ ଓ ପୁରୀକୁ ଅଧିକ ଆକର୍ଷଣୀୟ କରାଯିବା ନେଇ ବୃହତ୍ତର ଭୁବନେଶ୍ୱର ଉନ୍ନୟନ ସଂସ୍ଥାର ନିଷ୍ପତ୍ତି।
- ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍‌ର ଚେୟାରମ୍ୟାନ୍ ତଥା ମ୍ୟାନେଜିଂ ଡିରେକ୍ଟର ଏସ୍. କୃଷ୍ଣସ୍ୱାମୀଙ୍କୁ ଭାରତ ତୈଳ ଶୋଧନାଗାର ଲିମିଟେଡ୍‌ର ଚେୟାର୍‌ମ୍ୟାନ୍ ନିଯୁକ୍ତ କରାଯାଇଛି।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | 8 | | 2 | | | | | 9 |
| | | | | 6 | | | | |
| | | | 8 | | 7 | | | 5 |
| | 7 | | | | 2 | | | |
| | 9 | 3 | | | | | | |
| | 1 | | 3 | 9 | | | 4 | |
| | 2 | | 9 | | 5 | 6 | | |
| 3 | | | | | | | | 4 |
| 5 | | 7 | | | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 8 | 7 | 4 | 9 | 3 | 5 | 2 |
| 3 | 7 | 5 | 8 | 6 | 2 | 4 | 9 | 1 |
| 9 | 2 | 4 | 5 | 1 | 3 | 6 | 8 | 7 |
| 7 | 5 | 6 | 3 | 9 | 4 | 2 | 1 | 8 |
| 2 | 4 | 1 | 6 | 5 | 8 | 9 | 7 | 3 |
| 8 | 3 | 9 | 1 | 2 | 7 | 5 | 4 | 6 |
| 1 | 9 | 7 | 2 | 3 | 5 | 8 | 6 | 4 |
| 4 | 6 | 2 | 9 | 8 | 1 | 7 | 3 | 5 |
| 5 | 8 | 3 | 4 | 7 | 6 | 1 | 2 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ହସ ହଜିଯାଉଛି

ମହାଶୟ,

ହସ ହସ ସର୍ବୋତ୍ତମ ମହୌଷଧି। ହସିବା ଦ୍ୱାରା କେବଳ ନିଜ ଜୀବନ ସକାରାତ୍ମକ ହେବ ନାହିଁ ବରଂ ଆପଣ ଅନ୍ୟକୁ ହସାଇବା ଦ୍ୱାରା ଆପଣଙ୍କର ମାନସିକ ଶାନ୍ତି ବଜାୟ ରହିବ । ହସ ଯନ୍ତ୍ରଣା ଏବଂ ଚାପରୁ ମୁକ୍ତି ପ୍ରଦାନ କରିଥାଏ। ହସ ଶରୀରରୁ ଷ୍ଟ୍ରେସ ହର୍ମୋନ କମାଏ। ଫଳରେ ଅବସାଦ, ଚିନ୍ତା ଆଦି ବିଭିନ୍ନ ମାନସିକ ରୋଗରୁ ମଣିଷକୁ ମୁକ୍ତି ମିଳେ। ମଦର ଟେରେସା କହିଥିଲେ, 'ପିସ ବିଗନ୍ସ ଏ ସ୍ମାଇଲ' ଅର୍ଥାତ୍ ହସରୁ ଆରମ୍ଭ ହୋଇଥାଏ ଶାନ୍ତି । କିନ୍ତୁ ଆଜିର ଦିନରେ ମଣିଷ ଯେମିତି ହସିବା ଭୁଲିଯାଇଛି। ଅନେକ ସମସ୍ୟାରେ ଆଜି ସମସ୍ତେ ଛନ୍ଦି ହୋଇପଡ଼ିଛନ୍ତି। ବିଶେଷକରି ସୋସିଆଲ ମିଡିଆ ଯୁଗରେ ପରସ୍ପର ହସିବା, ସମୟ ବିତାଇବା କମିଯାଇଛି। ଏବେ ହସ ଖୋଜୁଛି ମଣିଷ।

**-ରବିନାରାୟଣ ପଟ୍ଟନାୟକ, ପଟିଆ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚାନ୍ଦତଳେ କାନ୍ଦେ ଚକୋର,
ମୋହରି ବିରହେ କାତର,
ବରଷା ଆଗମେ ଡାହୁକ ଡାକିଲା
ମୋହରି ବିରହ ଭାଷାରେ,
ଆଜି ସରବେ ମୋହରି ଆଶାରେ !
-(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଗ୍ୟାସ ସିଲିଣ୍ଡରରୁ ନିଆଁ ଲାଗି ୫ ଶ୍ରମିକ ଗୁରୁତର

ଗଞ୍ଜାମ ଜିଲା କେ. ନୂଆଗାଁ ଥାନା ଟିକିଟି ଫାଣ୍ଡି ଅନ୍ତର୍ଗତ ଜେନାପୁର ଗ୍ରାମର ୫ ଜଣ ଯୁବକ ମଙ୍ଗଳବାର ରାତି ୯ଟାରେ ଗ୍ୟାସ ସିଲିଣ୍ଡରରୁ ନିଆଁ ଲାଗି ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଟିକିଟି ଏନଏସି ଅନ୍ତର୍ଗତ ଜେନାପୁର ଗ୍ରାମର ସନ୍ତୋଷ ବେହେରା, ପବିତ୍ର ସେଠୀ, ଗୁନା ସାହୁ, ବିପିନ ସେଠୀ ଓ ସାରଥୀ ସେଠୀ। ଏମାନେ ପରିବାର ଚଳାଇବା ଲାଗି ଗତ ମାସେ ତଳେ କାମ କରିବାକୁ ବେଙ୍ଗାଲୁରୁ ଯାଇଥିଲେ। ସମସ୍ତ ଶ୍ରମିକ ସେଠାରେ ଗୋଟିଏ ସ୍ପେୟାର ପାର୍ଟସ୍ କମ୍ପାନୀରେ କାମ କରୁଥିଲେ। ଶ୍ରମିକମାନେ କମ୍ପାନୀ କାମସାରି ନିଜ ରହିବା ଜାଗାକୁ ଆସି ରୋଷେଇ କରିବାକୁ ଗ୍ୟାସ ଷ୍ଟୋଭ୍‌ରେ ଅଗ୍ନି ସଂଯୋଗ କରିବା ବେଳେ ଅଘଟଣ ଘଟିଥିଲା।

# ବିକଶିତ ଗାଁ ବିକଶିତ ଓଡ଼ିଶା

**ପ୍ରଫେସର ଦେବେନ୍ଦ୍ର ନାଥ ଜେନା**

ଜାତିର ପିତା ମହାତ୍ମା ଗାନ୍ଧୀଜୀଙ୍କର ଆହ୍ୱାନ ଥିଲା "ଗାଁକୁ ଫେରିଚାଲ, ଗାଁର ବିକାଶ ହେଲେ, ଭାରତର ବିକାଶ ହେବ"। ଏହି ଚିନ୍ତା ଓ ଚିନ୍ତନର ପ୍ରେକ୍ଷାପଟରେ, ଆମ ରାଜ୍ୟ ସରକାର 'ବିକଶିତ ଗାଁ ବିକଶିତ ଓଡ଼ିଶା' ନାମରେ ଏକ ନୂତନ ଗ୍ରାମୀଣଭିତ୍ତିକ ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି। ଆଶା କରାଯାଏ ଏହି ଯୋଜନା କ୍ଷଣସ୍ଥାୟୀ ନ ହୋଇ ଚିରସ୍ଥାୟୀ ହେବ ଏବଂ ଗ୍ରାମୀଣ ଲୋକମାନଙ୍କର ଜୀବନଶୈଳୀର ସାମାଜିକ ଓ ମାନବୀୟ ଉପାଦାନର ବିକାଶରେ ଏକ ମୁଖ୍ୟ ଅଙ୍ଗ ହୋଇ ଓ ବିକାଶର ଏକ ନୂତନ ସୋପାନରେ ପହଞ୍ଚାଇପାରିବ। ଏହି ଯୋଜନା ଏକ ଦୀର୍ଘମିଆଦି ଯୋଜନା ଓ ୨୦୨୪- ୨୫ ଆର୍ଥିକବର୍ଷରେ ଏହି ଯୋଜନା ପାଇଁ ୧୦୦୦ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରାଯାଇଛି। ଗ୍ରାମାଞ୍ଚଳ ଓଡ଼ିଶାର ଦ୍ରୁତ ଓ ସାମଗ୍ରିକ ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନକୁ ଦୂର କରିବା ତଥା ଗ୍ରାମାଞ୍ଚଳରେ ମୌଳିକ ଭିତ୍ତିଭୂମିର ବିକାଶ ନିମନ୍ତେ ବିଭିନ୍ନ ସ୍ଥାୟୀ ଉନ୍ନୟନ ପ୍ରକଳ୍ପମାନ ଯଥା- ଅପହଞ୍ଚ ଗାଁକୁ ରାସ୍ତା ଦ୍ୱାରା ସଂଯୋଗୀକରଣ, ସର୍ବସାଧାରଣଙ୍କ ସୁବିଧା ପାଇଁ ସମ୍ପଦ ସୃଷ୍ଟି କରିବା, ଶିକ୍ଷା ଓ କ୍ରୀଡ଼ା ଭିତ୍ତିଭୂମିର ଉନ୍ନତିକରଣ, କ୍ଷୁଦ୍ର ପର୍ଯ୍ୟଟନସ୍ଥଳୀର ଉନ୍ନତିକରଣ, ସର୍ବସାଧାରଣ ପୋଖରୀ ଏବଂ ଜଳ ଅମଳ ସଂରଚନାର ନିର୍ମାଣ, ନୂତନ ଅଭିନବ ପ୍ରକଳ୍ପ ନିର୍ମାଣ ଇତ୍ୟାଦି ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। ଏହି ପ୍ରକଳ୍ପ ବିଭିନ୍ନ ପ୍ରକାରର ଗ୍ରାମୀଣ ଭିତ୍ତିଭୂମିର ବିକାଶକୁ ଆଗେଇ ନେଇ, ଗ୍ରାମୀଣ ସମ୍ପଦ ସୃଷ୍ଟି କରି, ଏକ ବିକଶିତ ଓ ଗଠନର ଲକ୍ଷ୍ୟ ପୂରଣ ଦିଗରେ ଏହା ଏକ ସ୍ଥାୟୀ ମାଧ୍ୟମ ରୂପେ କାର୍ଯ୍ୟ କରିବ।

**ମୁଖ୍ୟ ଉପାଦାନ:**

୧. ଓଡ଼ିଶା ରାଜ୍ୟର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଅଭିବୃଦ୍ଧିରେ ଗ୍ରାମୀଣ ଜନସାଧାରଣଙ୍କୁ ଓଡ଼ିଶା ଅର୍ଥନୀତିର ମେରୁଦଣ୍ଡ ବୋଲି ବିବେଚନା କରାଯାଏ। ଗୋଟିଏ ରାଜ୍ୟର ଅର୍ଥନୈତିକ ବିକାଶରେ ଗ୍ରାମାଞ୍ଚଳର ଯୋଗାଯୋଗ ବ୍ୟବସ୍ଥା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଏହି ଯୋଜନାରେ ଗ୍ରାମାଞ୍ଚଳ ଓଡ଼ିଶାର ରାସ୍ତା, ସେତୁ, ନଳାପୋଲ, ଅଭ୍ୟନ୍ତରୀଣ ଗ୍ରାମ୍ୟ ରାସ୍ତା, ଆନ୍ତଃ – ଗ୍ରାମ ସଡ଼କର ଉନ୍ନତିକରଣ କରାଯାଇ, ଗ୍ରାମ ସହର ସଂଯୋଗକୁ ନିରନ୍ତର କରାଯିବ। ଦୁର୍ଗମ ଅଞ୍ଚଳ, ନକ୍ସଲ ପ୍ରବଣ ଅଞ୍ଚଳ, ଦୁର୍ବଳ ଆଦିବାସୀ ବାସ କରୁଥିବା ଅଞ୍ଚଳକୁ ମୁଖ୍ୟ ରାସ୍ତା ସହିତ ସଂଯୋଗ କରାଯିବ।

୨. ଆବଶ୍ୟକତା ଅନୁଯାୟୀ କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର, ଗାଧୋଇବା ଘାଟ/ ପୋଖରୀ, ନଦୀକୂଳରେ ପରିଧାନ ପରିବର୍ତ୍ତନ ପ୍ରକୋଷ୍ଠ, ବଜାର ସେଡ, ଡ୍ରେନ ନିର୍ମାଣ, ଗ୍ରାମ୍ୟ ଶ୍ମଶାନର ଉନ୍ନତିକରଣ ପରି ସର୍ବସାଧାରଣ ସମ୍ପତ୍ତିର ନିର୍ମାଣ ମଧ୍ୟ କରାଯିବ।

୩. ସମସ୍ତ ଧର୍ମର ପୂଜାପାଠ ସ୍ଥାନଗୁଡ଼ିକରେ ଭକ୍ତ, ତୀର୍ଥ ଯାତ୍ରୀଙ୍କ ପାଇଁ ମୌଳିକ ସୁବିଧା ଓ ସେବା ଯୋଗାଇବା ପାଇଁ ଭୋଗମଣ୍ଡପ, ଭାଗବତ ଟୁଙ୍ଗି, ସାଂସ୍କୃତିକ କେନ୍ଦ୍ର ଇତ୍ୟାଦି ପ୍ରକଳ୍ପ ଗୁଡିକର ନିର୍ମାଣ କାର୍ଯ୍ୟ ଉକ୍ତ ଯୋଜନା ଅଧୀନରେ ନିଆଯିବ।

୪. ସର୍ବସାଧାରଣ ପୋଖରୀ ଏବଂ ଜଳ ଅମଳ ସଂରଚନାର ନିର୍ମାଣ ଓ ନବୀକରଣ ପ୍ରକଳ୍ପ ଗ୍ରହଣ କରାଯିବ।

୫. ଶିକ୍ଷା ପାଇଁ ଭିତ୍ତିଭୂମିର ଉନ୍ନତିକରଣ, ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ, ଆଧୁନିକୀକରଣ ଓ ବିଦ୍ୟମାନ ଭିତ୍ତିଭୂମିର ସମ୍ପ୍ରସାରଣ କାର୍ଯ୍ୟ ଗ୍ରହଣ କରାଯିବ। ବିଦ୍ୟାଳୟ, ମହାବିଦ୍ୟାଳୟରେ ପଠନଗୃହ, ଖେଳପଡ଼ିଆ, କ୍ରୀଡ଼ା ଭିତ୍ତିଭୂମି ବିକାଶ ଓ ଅନ୍ୟାନ୍ୟ ଅଭିନବ ସୁବିଧାର ବିକାଶ କରାଯିବ।

୬. କ୍ଷୁଦ୍ର ପର୍ଯ୍ୟଟନ ସ୍ଥଳଗୁଡ଼ିକର ଉନ୍ନତି ମଧ୍ୟ ଏହି ଯୋଜନା ମାଧ୍ୟମରେ କରାଯାଇପାରିବ।

ଏହି ଯୋଜନାର ସଫଳ କାର୍ଯ୍ୟକାରିତା ନିମନ୍ତେ ଆବଶ୍ୟକ ବଜେଟର ବ୍ୟବସ୍ଥା ସରକାର ଅଗ୍ରାଧିକାର ଭିତ୍ତିରେ ସମୟର ପରିଧି ମଧ୍ୟରେ କରାଯିବା ପାଇଁ ପଦକ୍ଷେପ ନେଇଛନ୍ତି। ଗ୍ରାମସଭାଠାରୁ ଆରମ୍ଭକରି ସମସ୍ତଙ୍କ ସହଭାଗୀତାରେ ପ୍ରକଳ୍ପଗୁଡ଼ିକର ଚୟନ କରାଯିବ, ଉକ୍ତ ଯୋଜନାର ପ୍ରତ୍ୟେକ ପ୍ରକଳ୍ପର ଠିକ୍ ତଦାରଖ ଓ ପର୍ଯ୍ୟବେକ୍ଷଣ ନିମନ୍ତେ ସାମାଜିକ ସମୀକ୍ଷାର ପ୍ରାବଧାନ ରହିବ। ଏହି ଯୋଜନା ଅଧୀନରେ ସୃଷ୍ଟି ହେଉଥିବା ସ୍ଥାୟୀ ସମ୍ପତ୍ତି ମୁଖ୍ୟତଃ ଗୋଷ୍ଠୀଭିତ୍ତିକ ପ୍ରକଳ୍ପ। ତେଣୁ ଜନସାଧାରଣଙ୍କ ଉପରେ ପ୍ରକଳ୍ପ କାର୍ଯ୍ୟାନ୍ୱୟନ, କାର୍ଯ୍ୟର ଗୁଣବତ୍ତା, ସୃଷ୍ଟି ହୋଇଥିବା ସମ୍ପତ୍ତିର ରକ୍ଷଣାବେକ୍ଷଣର ଦାୟିତ୍ୱ ନ୍ୟସ୍ତ ରହିବା ଆଶା କରାଯାଏ। ଏହି ଯୋଜନାର ସଫଳ ରୂପାୟନ ହେଲେ ଗ୍ରାମୀଣ ଲୋକମାନଙ୍କର ମୁହଁରେ ହସ ଫୁଟାଇ ବିକଶିତ ଓଡ଼ିଶା ସ୍ୱପ୍ନକୁ ବାସ୍ତବ ରୂପ ଦେଇପାରିବା ସଙ୍ଗେ ସଙ୍ଗେ ଅର୍ଥନୀତିକୁ ସୁଦୃଢ଼ କରିପାରିବ।

**– ପ୍ରାକ୍ତନ କୁଳପତି, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର**

# ଉଦ୍‌ଘାଟନ ଅପେକ୍ଷାରେ ରାମେଶ୍ୱରମ୍‌ର 'ପମ୍ବନ୍'

ଭୁବନେଶ୍ୱର,୪।୨



- **ଦେଶର ୨ୟ ସର୍ବବୃହତ୍ ସାମୁଦ୍ରିକ ସେତୁ**
- **ଚଳିତ ମାସରେ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ**
- **ପୋଲ ନିର୍ମାଣ ପାଇଁ ୫୩୧ କୋଟି ବ୍ୟୟ**
- **ପର୍ଯ୍ୟଟନ, ପରିବହନର ହେବ ମାଇଲଖୁଣ୍ଟ: ଆର୍. ଶ୍ରୀନିବାସନ**

ଗମନାଗମନର ସୁବିଧା ହେଲେ ଦେଶର ଆର୍ଥିକ ଅଭିବୃଦ୍ଧି ଘଟିଥାଏ। ସଡ଼କ ପରିବହନ କ୍ଷେତ୍ରରେ ଭାରତୀୟ ରେଳ ସର୍ବଦା ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ଏ ଦିଗରେ ଭାରତୀୟ ରେଳ ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିବାକୁ ଯାଉଛି। ତାମିଲନାଡୁରେ ସମୁଦ୍ରର ଅଥଳ ଜଳରାଶି ବକ୍ଷରେ କାର୍ଯ୍ୟକ୍ଷମ ହେବାକୁ ଯାଉଛି 'ପମ୍ବନ୍ ସେତୁ'। ଏହାକୁ ଚଳିତ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଏହି ସେତୁ ରାମେଶ୍ୱରମ୍ ଦ୍ୱୀପକୁ ତାମିଲନାଡୁର ସ୍ଥଳଭାଗ ସହ ସଂଯୋଗ କରୁଛି। ଏହା କାର୍ଯ୍ୟକ୍ଷମ ହେଲେ ପର୍ଯ୍ୟଟନର ବିକାଶ ସହ ସ୍ଥାନୀୟ ଅର୍ଥନୀତିରେ ଅଭିବୃଦ୍ଧି ଘଟିବ। ଉକ୍ତ ସେତୁର ପରିକଳ୍ପନା କେନ୍ଦ୍ର ସରକାର ୨୦୧୯ ଫେବୃଆରୀରେ କରିଥିଲେ। କୋଭିଡ୍ ମହାମାରୀ ଯୋଗୁ ଏହାର ନିର୍ମାଣ କାର୍ଯ୍ୟ ସାମାନ୍ୟ ବିଳମ୍ବ ହୋଇଥିଲେ ହେଁ ୨୦୨୪ ନଭେମ୍ବର ସୁଦ୍ଧା ସମସ୍ତ ନିର୍ମାଣ କାର୍ଯ୍ୟ ଶେଷ ହୋଇ ରେଳ ଚଳାଚଳ ପରୀକ୍ଷଣ କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ଏବେ ଏହା ଉଦ୍‌ଘାଟନ ଅପେକ୍ଷାରେ ରହିଛି। ଏହି ସେତୁର ଡିଜାଇନ ସ୍ପେନ୍‌ର ଟିପ୍‌ସା ଦ୍ୱାରା କରାଯାଇଥିବା ବେଳେ ଆଇଆଇଟି, ବମ୍ବେର ଚୂଡ଼ାନ୍ତ ଅନୁମୋଦନ ପରେ ପମ୍ବନ୍ ସେତୁର ନିର୍ମାଣ କାର୍ଯ୍ୟ ରେଳ ବିକାଶ ନିଗମ ଲିଃ(ଆର୍‌ଭିଏନ୍‌ଏଲ୍) ଦ୍ୱାରା କରାଯାଇଥିଲା। ଏବେ ଏହି ସେତୁର ବିଦ୍ୟୁତୀକରଣ କାର୍ଯ୍ୟ ଶେଷ ହୋଇଛି। ଏହା ଦେଶର ଦ୍ୱିତୀୟ ବୃହତ୍ ସାମୁଦ୍ରିକ ସେତୁ ଭାବେ ଖ୍ୟାତି ଅର୍ଜନ କରିଛି। ଏହାର ଲମ୍ବ ୨.୧୦ କି.ମି. ହୋଇଥିବା ବେଳେ ଏହି ସେତୁ ୧୦୧ଟି ପିଲର୍ ଉପରେ ଛିଡ଼ାହୋଇଛି। ଏଥିରେ ୫୩୧ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ତେବେ ଏହାର ଏକ ବିଶେଷତ୍ୱ ହେଉଛି, ପମ୍ବନ୍ ସେତୁ ମଧ୍ୟ ଦେଇ ଜଳପଥରେ ବଡ଼ ବଡ଼ ଜାହାଜ କିଭଳି ସୁରୁଖୁରୁରେ ଯାତାୟାତ କରିପାରିବ ସେନେଇ ୧୭ ମିଟର ଅତ୍ୟାଧୁନିକ ଭର୍ଟିକାଲ୍ ଲିଫ୍ଟ ବ୍ୟବସ୍ଥା କରାଯାଇଛି। ଏହି ଲିଫ୍ଟର ଉଚ୍ଚତା ୩୪ ମିଟର ହୋଇଥିବାବେଳେ ୧୪୭୦ ମେଟ୍ରିକ ଟନ୍ ଓଜନ ରହିଛି। ୫ ମିନିଟ୍ ୩୦ ସେକେଣ୍ଡରେ ଏହାକୁ ରେଳ ଧାରଣାରୁ ବିଚ୍ୟୁତ କରାଯାଇପାରିବ। ଏହି ସେତୁ ତଳେ ବଡ଼ ବଡ଼ ମାଲବାହୀ ଜାହାଜ ସହଜରେ ଚଳପ୍ରଚଳ କରିପାରିବ। ଏହି ଲିଫ୍ଟ ଏସିଆର ସର୍ବବୃହତ୍ତମ ଲିଫ୍ଟ ଭାବେ ପରିଚିତ। ଏଥିରେ ଜିଙ୍କ୍ ମେଟାଲାଇଜିଂ, ଏପିଲକ୍ସି ଜିଙ୍କ୍ ରିଚ୍ ପ୍ରାଇମର ଏବଂ ପଲି ସିଲୋକ୍ସେନ ପେଣ୍ଟ ବ୍ୟବହାର ହୋଇଥିବାରୁ ସହଜରେ ସମୁଦ୍ର ପାଣି ଯୋଗୁ କ୍ଷତିଗ୍ରସ୍ତ ହେବ ନାହିଁ। ଏହି ପୋଲରେ ୪୫୦୦ ମେଟ୍ରିକ ଟନ୍‌ର ଷ୍ଟେନ୍‌ଲେସ୍ ଷ୍ଟିଲ୍ ବ୍ୟବହାର କରାଯାଇଛି। ଏଥିସହ ପମ୍ବନ୍ ସେତୁ ମଧ୍ୟ ଦେଇ ଏକସାଙ୍ଗରେ ୨ ବ୍ରଡ୍ ଗେଜ୍ ଟ୍ରେନ୍ ଚଳାଚଳ କରିପାରିବ। ସେତୁ ଉପରେ ୫୦ରୁ ୭୫ କି.ମି. ବେଗ ଯାଏ ଟ୍ରେନ୍ ଚଳାଚଳ କରିପାରିବ। ଯଦିଓ ପୂର୍ବରୁ ୧୯୧୪ ଫେବୃଆରୀ ୨୪ରୁ ଏକ ପୁରୁଣା ରେଳସେତୁ କାର୍ଯ୍ୟକ୍ଷମ ଥିଲା, ଏହାର ବିକଳ୍ପ ଭାବେ ଭାରତୀୟ ରେଳ ପକ୍ଷରୁ ଏହି ନୂତନ ପମ୍ବନ୍ ସେତୁ ନିର୍ମାଣ କରାଯାଇଛି।

ପୁରୁଣା ପମ୍ବନ୍ ସେତୁ ବାତ୍ୟା ଯୋଗୁ କ୍ଷତିଗ୍ରସ୍ତ ହେବା କାରଣରୁ କେନ୍ଦ୍ର ସରକାର ନୂତନ ସେତୁର ପରିକଳ୍ପନା କରିଥିଲେ। ଏହି ସେତୁର ନିର୍ମାଣ ସମ୍ପର୍କରେ ସୂଚନା ଦେଇ ରେଳ ବିକାଶ ନିଗମ ଲିଃର ବରିଷ୍ଠ ଡିଜିଏମ୍ ଆର୍.ଶ୍ରୀନିବାସନ କହିଛନ୍ତି, ପୁରୁଣା ସେତୁ ନଷ୍ଟହେବା କାରଣରୁ ଏହାର ବିକଳ୍ପ ଭାବେ ଏହି ନୂତନ ସେତୁ ନିର୍ମାଣ କରାଯାଇଛି। ଏହାର ଭିତ୍ତିଭୂମିରେ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳର ଉପଯୋଗ କରାଯାଇଥିବାରୁ ଆସନ୍ତା ୧୦୦ ବର୍ଷ ଯାଏ ଏହା କାର୍ଯ୍ୟକ୍ଷମ ହୋଇପାରିବ। ଏହା ସାଙ୍ଗରେ ୨ଟି ରେଳ ପୋଲ ଉପରେ ଚଳାଚଳ କରିପାରିବ। ଏହି ସେତୁ ପର୍ଯ୍ୟଟନର ବିକାଶ ସହ ପରିବହନର ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଖୁବ୍‌ଶୀଘ୍ର ଏହାର ଉଦ୍‌ଘାଟନ ହେବ ବୋଲି ଶ୍ରୀନିବାସନ ବିସ୍ତୃତଭାବେ ସୂଚନା ଦେଇଛନ୍ତି।

# କୁହୁଡ଼ି ପାଇଁ ସତର୍କ ସୂଚନା ଜାରି

ଭୁବନେଶ୍ୱର,୪।୨
(ଅନୁରାଧା ମହାରଣା)

ରାଜ୍ୟରେ ଖରା ଓ ଗୁଲୁଗୁଲି ଜାରି ରହିଥିବାବେଳେ ଉପକୂଳବର୍ତ୍ତୀ ଜିଲାରେ ୧୫ ଦିନ ଧରି ଲଗାତର ଭାବେ କୁହୁଡ଼ିର ପ୍ରଭାବ ଦେଖିବାକୁ ମିଳୁଛି। ଆସନ୍ତା ୩ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲାରେ କୁହୁଡ଼ିର ଆସ୍ତରଣ ଦେଖାଯିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ବୁଧବାର କେନ୍ଦ୍ରପଡ଼ା, ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା, ଅନୁଗୋଳ, ଢେଙ୍କାନାଳ, ଗଞ୍ଜାମ, ଯାଜପୁର ଓ ନୟାଗଡ଼କୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି)ଙ୍କ ପକ୍ଷରୁ ସମ୍ପୃକ୍ତ ଜିଲାବାସୀଙ୍କୁ ସତର୍କ କରାଯାଇଛି। ୫ ତାରିଖ ସକାଳ ଓ ରାତି, ୬ ତାରିଖ ସକାଳ ଓ ରାତି ଏବଂ ୭ ତାରିଖ ସକାଳେ ଅଧିକ କୁହୁଡ଼ି ସମ୍ଭାବନା ରହିଛି। ତେଣୁ ଉକ୍ତ ସମୟରେ ସମ୍ପୃକ୍ତ ଜିଲାରେ ପୋଲିସ୍ ଏବଂ ପରିବହନ ଅଧିକାରୀ ଓ କର୍ମଚାରୀମାନେ ସଜାଗ ରହିବା ପାଇଁ ଏସ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି।




# ଆଜି 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ

ଖୋର୍ଦ୍ଧା,୪।୨(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଜଙ୍କିଆଠାରେ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାର ଶୁଭାରମ୍ଭ କରିବେ। ଗ୍ରାମୀଣ ଭିତ୍ତିଭୂମି ଏବଂ ଅର୍ଥନୀତି ସୁଦୃଢ଼ ହେବା ସହ ଗ୍ରାମୀଣ ଜୀବନ ସୁଗମ ହୋଇପାରିବ ଏହି ଯୋଜନାର ଲକ୍ଷ୍ୟ ରହିଛି। ନୂତନ ସରକାରଙ୍କ ଉତ୍କର୍ଷ ଓଡ଼ିଶା ୨୦୩୬ର ରୂପାନ୍ତରଣରେ ଏହା ସହଯୋଗ କରିବା ସହ ନୂତନ ଦିଗ୍‌ଦର୍ଶନ ବାର୍ତ୍ତା ବହନ କରିବ। ଏହି ଯୋଜନାରେ ୫ବର୍ଷ ପାଇଁ ୫କୋଟି ଖର୍ଚ୍ଚ କରାଯିବା ଲାଗି ଲକ୍ଷ୍ୟ ରହିଛି। ପ୍ରତିବର୍ଷ ଗ୍ରାମର ଉନ୍ନତୀକରଣ ପାଇଁ ୧କୋଟି ଟଙ୍କା ଖର୍ଚ୍ଚ କରାଯିବ।

ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜିଲାପାଳ ଚଞ୍ଚଳ ରାଣା, ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲାପରିଷଦ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପଜିଲାପାଳ କିଶୋର ଚନ୍ଦ୍ର ପଣ୍ଡା ପ୍ରମୁଖ ତଦାରଖ କରୁଛନ୍ତି। ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ବିଧାୟକ ପ୍ରଶାନ୍ତ ଜଗଦ୍ଦେବ କାର୍ଯ୍ୟକ୍ରମ ସ୍ଥଳ ପରିଦର୍ଶନ କରିବା ସହ ସମୀକ୍ଷା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୧୧ହଜାର ଲୋକଙ୍କ ସମାଗମ ପାଇଁ ବ୍ୟବସ୍ଥା କରାଯାଇଛି।

# ପୂଜାରିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଆଁ

ଉମରକୋଟ,୪।୨
(ସନ୍ତୋଷ ଶତପଥୀ)



ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଉଛନ୍ତି।

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ଅଧୀନ ପୂଜାରିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶର୍ଟ ସର୍କିଟ ଯୋଗୁ ଗୋଦାମ ଗୃହରେ ନିଆଁ ଲାଗିଲା। ପାଖରେ ଥିବା ୨ଟି ଅକ୍ସିଜେନ ସିଲିଣ୍ଡର ଫାଟି ଘରର ଟିଣ ଉଡ଼ିଯାଇଛି। ଏଥିରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି।

ମିଳିଥିବା ସୂଚନାନୁଯାୟୀ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟା୩୦ରେ ହସ୍ପିଟାଲର ଜଣେ କର୍ମଚାରୀ ଗୋଦାମ ଗୃହରୁ ଧୂଆଁ ଓ ପୋଡ଼ାଗନ୍ଧ ଆସୁଥିବା ଖବର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ପତିତପାବନ ଦ୍ୱିବେଦୀଙ୍କୁ ଖବର ଦେଇଥିଲେ। ଡା. ଦ୍ୱିବେଦୀ ପ୍ରଥମେ ଉମରକୋଟ ଅଗ୍ନିଶ୍ରମ ବିଭାଗକୁ ଖବର ଦେଇଥିଲେ। ଗୋଦାମ ଗୃହକୁ ନିକଟରେ ଥିବା ଇନ୍‌ଡୋରରେ ଚିକିତ୍ସିତ ହେଉଥିବା ପ୍ରାୟ ୫ ଜଣ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ସେଠାରୁ ଅନ୍ୟ ଏକ କୋଠରିକୁ ସ୍ଥାନାନ୍ତର କରାଯାଇଥିଲା। ଏଥିସହ ଆଉଟଡୋରରେ ଥିବା ପ୍ରାୟ ୫୦ ରୋଗୀଙ୍କୁ ତୁରନ୍ତ ହସ୍ପିଟାଲରୁ ବାହାରିବାକୁ କୁହାଯାଇଥିଲା। ଅଗ୍ନି ନିର୍ବାପନ ଯନ୍ତ୍ର ମାଧ୍ୟମରେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରାଯାଉଥିବାବେଳେ ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚିଥିଲେ। ଉମରକୋଟ ଅଗ୍ନିଶମ କେନ୍ଦ୍ରାଧିକାରୀ ଭାଗୀରଥି ବାଣୁଆ, ଡ୍ରାଇଭର ଜଗଦୀଶ କାଣ୍ଡ, ଫାୟାରମ୍ୟାନ ଶଙ୍କର ମାଝୀ, ଧର୍ମେନ୍ଦ୍ର ସା, ଆଗ୍ନିକ ଯଦୁମଣି କୋକ ପ୍ରମୁଖ କର୍ମଚାରୀ ୨ ଘଣ୍ଟା ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ଗୋଦାମ ଗୃହରେ ପ୍ରାୟ ୧୫ଟି ଖାଲି ଅକ୍ସିଜେନ ସିଲିଣ୍ଡର, ୬ଟି ଅଗ୍ନି ନିର୍ବାପକ ଯନ୍ତ୍ର ଥିଲା। ସେଥିରେ ୪ଟି ଖାଲିଥିଲା। ଏଥିସହ ଅପରେଶନ ଥିଏଟରରେ କିଛି ପୁରୁଣା ଯନ୍ତ୍ରପାତି ଥିଲା। ନିଆଁ ପ୍ରଥମେ ପ୍ୟାନେଲ ବୋର୍ଡରୁ ଆରମ୍ଭ ହୋଇଥିବା ସନ୍ଦେହ କରାଯାଉଛି। ଅଗ୍ନିକାଣ୍ଡ ଯୋଗୁ କାହାର କିଛି କ୍ଷୟକ୍ଷତି ହୋଇନାହିଁ ଆଉ ସେତେଟା କୌଣସି ଯନ୍ତ୍ରପାତି ନଷ୍ଟ ହୋଇନାହିଁ ବୋଲି ମେଡିକାଲ ସୁପେରିଣ୍ଟେଣ୍ଡେଣ୍ଟ ଦ୍ୱିବେଦୀ କହିଛନ୍ତି। ନବରଙ୍ଗପୁର ସିଡିଏମ୍‌ଓ ଡା. ସନ୍ତୋଷ କୁମାର ପଣ୍ଡା ଦ୍ୱିବେଦୀଙ୍କ ସହ କଥାହୋଇ ସ୍ଥିତି ସମ୍ପର୍କରେ ପଚାରି ବୁଝିଥିବା ସୂଚନା ମିଳିଛି।

# ରୋଗୀ ଚିକିତ୍ସାରେ ସହାୟକ ହେବ ମାଇକ୍ରୋ ସର୍ଜରି ୟୁନିଟ୍: ସ୍ୱାସ୍ଥ୍ୟମନ୍ତ୍ରୀ

କଟକ,୪।୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ଦନ୍ତ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ମାଢିରୋଗ ବିଭାଗଠାରେ ମାଇକ୍ରୋ ସର୍ଜରିର ଏକ ୟୁନିଟ୍ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଉଦ୍‌ଘାଟନ କରି କହିଛନ୍ତି, ମାଇକ୍ରୋ ସର୍ଜରି ୟୁନିଟ୍ ରୋଗୀଙ୍କ ଚିକିତ୍ସାରେ ବହୁ ସହାୟକ ହେବ। ଏହାଦ୍ୱାରା ରୋଗୀ ଯନ୍ତ୍ରଣାରୁ ମୁକ୍ତି ପାଇପାରିବେ। ଏଥିରେ ଅନ୍ୟଅତିଥି ଭାବେ କଟକ ସଦର ବିଧାୟକ ଇଂ. ପ୍ରକାଶ ସେଠୀ, ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ସୁଭାଷ ଚନ୍ଦ୍ର ରାଜ, ଦନ୍ତ ଚିକିତ୍ସାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ପ୍ରଫେସର ଡା. ତପନ କୁମାର ପାତ୍ର ଯୋଗଦେଇଥିଲେ। ପରେ ଉକ୍ତ ବିଭାଗରେ ସମସ୍ତ ବିଭାଗର ମୁଖ୍ୟ ଓ ରାଜ୍ୟ ଦନ୍ତ ଚିକିତ୍ସାଳୟ କାଉନ୍‌ସିଲ୍‌ର ସମ୍ପାଦକ ଯୋଗଦେଇ ମନ୍ତ୍ରୀ ମହାଲିଙ୍ଗଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ରାଜ୍ୟର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦନ୍ତ ଚିକିତ୍ସକ ନିଯୁକ୍ତ କରିବା, ଏସ୍‌ସିବି ସମ୍ପ୍ରସାରଣ କାର୍ଯ୍ୟ ଭଳି ଦନ୍ତ ଚିକିତ୍ସାଳୟ ଓ ମହାବିଦ୍ୟାଳୟର ସମ୍ପ୍ରସାରଣ କାର୍ଯ୍ୟ ଦିଗରେ ଗୁରୁତ୍ୱ ଦେବା ଓ ବାହାର ରାଜ୍ୟର ଦନ୍ତ ଚିକିତ୍ସକଙ୍କ ବ୍ୟତୀତ ଓଡ଼ିଶାର ଦନ୍ତ ଚିକିତ୍ସକଙ୍କୁ ଓଡ଼ିଶାରେ ନିଯୁକ୍ତି ଦେବା ଦିଗରେ ସରକାର ଗୁରୁତ୍ୱ ଦେବା ପାଇଁ ଆଲୋଚନା ହୋଇଥିଲା। ଏ ଦିଗରେ ଗୁରୁତ୍ୱ ଦେବା ପାଇଁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉକ୍ତ ଚିକିତ୍ସାଳୟ ଓ ମହାବିଦ୍ୟାଳୟର ଡାକ୍ତର ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଲୁଟ୍ ଟଙ୍କାରେ ଗର୍ଲଫ୍ରେଣ୍ଡଙ୍କ ପାଇଁ ୩ କୋଟିର ଘର

ବେଙ୍ଗାଲୁରୁ, ୪।୨



ପଞ୍ଚାକ୍ଷରୀ ସ୍ୱାମୀ

କର୍ଣ୍ଣାଟକର ବେଙ୍ଗାଲୁରୁ ପୋଲିସ ମଙ୍ଗଳବାର ପଞ୍ଚାକ୍ଷରୀ ସ୍ୱାମୀ (୩୭) ନାମକ ଜଣେ ଯୁବକଙ୍କୁ ଗିରଫ କରିଛି, ଯିଏକି ଲୋକଙ୍କୁ ଲୁଟିଥିବା ଟଙ୍କାରେ ତାଙ୍କର ଅଭିନେତ୍ରୀ ଗର୍ଲଫ୍ରେଣ୍ଡଙ୍କ ପାଇଁ କୋଲାକାତାରେ ବିଳାସପୂର୍ଣ୍ଣ ଘର ନିର୍ମାଣ କରିଛନ୍ତି। ଏହି ଘରର ମୂଲ୍ୟ ୩ କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି। ପଞ୍ଚାକ୍ଷରୀ ମହାରାଷ୍ଟ୍ର, ଗୁଜରାଟ ଏବଂ କର୍ଣ୍ଣାଟକରେ ବର୍ଷେ ଧରି ଚୋରି, ଡକାୟତି, ଲୁଟ୍ ଭଳି ବିଭିନ୍ନ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ଥିଲେ।

ମହାରାଷ୍ଟ୍ରର ସୋଲାପୁର ନିବାସୀ ପଞ୍ଚାକ୍ଷରୀ ବିବାହିତ ଥିବାବେଳେ ତାଙ୍କର ଜଣେ ସନ୍ତାନ ରହିଛନ୍ତି। ଏହାସତ୍ତ୍ୱେ ପଞ୍ଚାକ୍ଷରୀ ଅନେକ ମହିଳାଙ୍କ ସହ ସମ୍ବନ୍ଧ ରଖିଥିବା ପୋଲିସ କହିଛି। ସେ ୨୦୦୩ରେ ନାବାଳକ ଥିବା ସମୟରେ ଚୋରି କରିବା ଆରମ୍ଭ କରିଥିଲେ। ୨୦୦୯ ସୁଦ୍ଧା ପଞ୍ଚାକ୍ଷରୀ ବିଭିନ୍ନ ଅପରାଧ ମାଧ୍ୟମରେ ଅନେକ କୋଟି ଟଙ୍କାର ସମ୍ପତ୍ତି ହାସଲ କରି ସାରିଥିଲେ। ପଚରାଉଚରା ସମୟରେ ପଞ୍ଚାକ୍ଷରୀ ପୋଲିସକୁ କହିଛନ୍ତି, ସେ ୨୦୧୪-୧୫ରେ ଜଣେ ପ୍ରସିଦ୍ଧ ଅଭିନେତ୍ରୀଙ୍କ ସମ୍ପର୍କରେ ଆସିଥିଲେ। ତାଙ୍କ ସହ ପଞ୍ଚାକ୍ଷରୀଙ୍କର ପ୍ରେମ ସମ୍ପର୍କ ସ୍ଥାପନ ହୋଇଥିଲା। ଉଭୟ ରିଲେଶନ୍‌ସିପ୍‌ରେ ମଧ୍ୟ ରହିଥିଲେ। ସେ ଉକ୍ତ ଅଭିନେତ୍ରୀଙ୍କ ପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ବୋଲି ପଞ୍ଚାକ୍ଷରୀ ପୋଲିସ ସମ୍ମୁଖରେ ସ୍ୱୀକାର କରିଛନ୍ତି। ସେ ୩ କୋଟି ଟଙ୍କା ମୂଲ୍ୟର ଏକ ଘର ସହ ୨୨ ଲକ୍ଷ ଟଙ୍କା ମୂଲ୍ୟର ଏକ ଆକ୍ୱାରିଅମ ଗିଫ୍ଟରେ ଦେଇଥିଲେ। ୨୦୧୬ରେ ତାଙ୍କୁ ଗୁଜରାଟ ପୋଲିସ ଗିରଫ କରିଥିଲା ଏବଂ ସେ ୬ ବର୍ଷ ଜେଲଦଣ୍ଡ ଭୋଗିଥିଲେ। ୨୦୨୨ରେ ସାବରମତୀ ସେଣ୍ଟ୍ରାଲ ଜେଲରୁ ମୁକୁଳିବା ପରେ ପଞ୍ଚାକ୍ଷରୀ ପୁଣି ଚୋରି କରିଥିଲେ। ପରେ ତାଙ୍କୁ ବିଭିନ୍ନ ଚୋରି ଏବଂ ଲୁଟ୍ ଘଟଣା ପାଇଁ ମହାରାଷ୍ଟ୍ର ପୋଲିସ ଗିରଫ କରିଥିଲା। ୨୦୨୪ରେ ସେ ପୁଣି ମୁକୁଳିଥିଲେ ଓ ନିଜ ଠିକଣା ବଦଳାଇ ବେଙ୍ଗାଲୁରୁ ଯାଇଥିଲେ। ସେଠାରେ ଚୋରି ଏବଂ ଡକାୟତି ଆରମ୍ଭ କରିଥିଲେ। ଗତ ମାସ ୯ ତାରିଖରେ ବେଙ୍ଗାଲୁରୁର ମଦିବାଲା ଅଞ୍ଚଳର ଏକ ଘରୁ ସେ ଚୋରି କରିଥିଲେ। ଗତ ରବିବାର ପୋଲିସ ତାଙ୍କୁ ମଦିବାଲା ବଜାର ଅଞ୍ଚଳରୁ ଗିରଫ କରିଥିଲା। ତାଙ୍କ ନିକଟରୁ ଏକ ଆଇରନ ରଡ୍ ଏବଂ ଫାୟାର ଗନ୍ ଜବତ ହୋଇଛି। ଏହାକୁ ବ୍ୟବହାର କରି ପଞ୍ଚାକ୍ଷରୀ ଚୋରି ସୁନାକୁ ତରଳାଇ ସୁନା ବିସ୍କୁଟ ତିଆରି କରୁଥିଲେ।

# ସଲମାନଙ୍କ ରେକର୍ଡକୁ ଛୁଇଁଲେ ଅକ୍ଷୟ



**ମୁମ୍ବାଇ:** ଗତ ୨୪ ତାରିଖରେ ରିଲିଜ୍ ହୋଇଥିବା ଅଭିନେତା ଅକ୍ଷୟ କୁମାରଙ୍କ 'ସ୍କାଏଫୋର୍ସ' ଫିଲ୍ମ ବକ୍ସ ଅଫିସ୍‌ରେ ନିଜର ଭଲ ପ୍ରଦର୍ଶନ ଜାରିରଖିଛି। ସୋମବାର ରିଲିଜ୍ ହେବାର ୧୧ ଦିନ ମଧ୍ୟରେ ଏହି ଫିଲ୍ମ କେବଳ ଭାରତୀୟ ଫିଲ୍ମ ହଲ୍‌ଗୁଡ଼ିକରୁ ୧୦୦ କୋଟିରୁ ଅଧିକ ବ୍ୟବସାୟ କରିଛି। ଏହାସହ ଅକ୍ଷୟ ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। 'ସ୍କାଏଫୋର୍ସ' ସହ ତାଙ୍କର ୧୭ତମ ଫିଲ୍ମ ବକ୍ସ ଅଫିସ୍‌ରେ ୧୦୦ କୋଟି କ୍ଲବ୍‌କୁ ପାର୍ କରିଛି। ପୂର୍ବରୁ ବଲିଉଡ୍‌ରେ କେବଳ ଅଭିନେତା ସଲମାନ ଖାନ୍‌ଙ୍କ ନାମରେ ଏହି ରେକର୍ଡ ରହିଥିଲା। ପୂର୍ବରୁ ତାଙ୍କ ଅଭିନୀତ ୧୭ଟି ଫିଲ୍ମ ୧୦୦ କୋଟି କ୍ଲବ୍ ପାର୍ କରିସାରିଛି। କୋଭିଡ୍ ପରେ 'ସ୍କାଏଫୋର୍ସ' ହେଉଛି ଅକ୍ଷୟଙ୍କର ତୃତୀୟ ଫିଲ୍ମ, ଯାହା ୧୦୦ କୋଟି କ୍ଲବ୍‌କୁ ପାର୍ କରିଛି। ୨୦୨୧ରେ ଅକ୍ଷୟଙ୍କ ଅଭିନୀତ 'ସୂର୍ଯ୍ୟବଂଶୀ' ଓ ୨୦୨୩ରେ 'ଓଏମ୍‌ଜି ୨'ର ବ୍ୟବସାୟ ୧୦୦ କୋଟି ଟଙ୍କା ପାର୍ କରିଥିଲା। ତେବେ ୨୦୧୨ରେ ରିଲିଜ୍ ହୋଇଥିବା 'ହାଉସ୍‌ଫୁଲ ୨' ହେଉଛି ୧୦୦ କୋଟି କ୍ଲବ୍‌ରେ ସାମିଲ ହୋଇଥିବା ଅକ୍ଷୟଙ୍କର ପ୍ରଥମ ଫିଲ୍ମ। ଏହାବ୍ୟତୀତ ତାଙ୍କ ଅଭିନୀତ 'ରାଉଡ଼ି ରାଠୋର', 'ହଲିଡେ', 'ଏୟାରଲିଫ୍ଟ', 'ହାଉସ୍‌ଫୁଲ ୩', 'ରୁସ୍ତମ', 'ଜଲି ଏଲ୍‌ଏଲ୍‌ବି ୨', 'ଟଏଲେଟ୍ ଏକ୍ ପ୍ରେମ୍ କଥା', 'ଗୋଲ୍ଡ', '୨.୦', 'କେଶରୀ', 'ମିଶନ ମଙ୍ଗଲ', 'ହାଉସ୍‌ଫୁଲ ୪' ଏବଂ 'ଗୁଡ୍ ନ୍ୟୁଜ୍' ଫିଲ୍ମର ରୋଜଗାର ମଧ୍ୟ ବକ୍ସ ଅଫିସ୍‌ରେ ୧୦୦ କୋଟି ପାର୍ କରିଛି। ଅକ୍ଷୟଙ୍କ ପରି ସଲମାନଙ୍କର ମଧ୍ୟ ୧୭ ଫିଲ୍ମ ୧୦୦ କୋଟି କ୍ଲବ୍‌ରେ ରହିଛି।

सेन्ट्रल बैंक ऑफ़ इंडिया | Central Bank of India

ମାନବ ପୁଞ୍ଜି ପରିଚାଳନା, କେନ୍ଦ୍ରୀୟ କାର୍ଯ୍ୟାଳୟ

**ଅର୍ଥ ଫେରସ୍ତ ବିଜ୍ଞପ୍ତି**

**ସଫେଇ କର୍ମଚାରୀ ତଥା ସବ୍-ଷ୍ଟାଫ୍ ଏବଂ/ କିମ୍ବା ସବ୍-ଷ୍ଟାଫ୍ ୨୦୨୪-୨୫ ନିଯୁକ୍ତି ନିମନ୍ତେ ପ୍ରାପ୍ତ ଇଣ୍ଟିମେସନ୍ ଚାର୍ଜ / ଦରଖାସ୍ତ ଫି ଫେରସ୍ତ**

**ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ସଫେଇ କର୍ମଚାରୀ ତଥା ସବ୍-ଷ୍ଟାଫ୍ ଏବଂ/କିମ୍ବା ସବ୍-ଷ୍ଟାଫ୍ ୨୦୨୪-୨୫ ନିଯୁକ୍ତି ନିମନ୍ତେ ଖାଲି ଥିବା ପଦବୀ ପୂରଣ ପାଇଁ ୨ଟି ନିଯୁକ୍ତି ବିଜ୍ଞପ୍ତି **ତା.୧୯.୧୨.୨୦୨୩ରିଖ ଏବଂ ତା.୦୬.୦୬.୨୦୨୪ରିଖ** ଦ୍ୱାରା ଯୋଗ୍ୟ ପ୍ରାର୍ଥୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଆଇନଗତ ପ୍ରକ୍ରିୟା ଯୋଗୁ ବିଳମ୍ବ ହେଉଥିବାରୁ ବ୍ୟାଙ୍କ ସମସ୍ତ ଯୋଗ୍ୟ ଦରଖାସ୍ତକାରୀମାନଙ୍କର ସମ୍ପୂର୍ଣ୍ଣ ଇଣ୍ଟିମେସନ୍ ଚାର୍ଜ /ଦରଖାସ୍ତ ଫି ଫେରସ୍ତ କରିବାକୁ ସ୍ଥିର କରିଛି।

**ଫେରସ୍ତ ପ୍ରକ୍ରିୟା:**

**୧. ଦିଆଯାଇଥିବା ଲିଙ୍କ୍:** ବ୍ୟାଙ୍କର କାର୍ଯ୍ୟାଳୟ ୱେବ୍‌ସାଇଟ୍ ଅର୍ଥାତ୍ **https://www.centralbankofindia.co.in/en/recruitments**ରେ **ତା.୦୧.୦୨.୨୦୨୫ରିଖ**ରେ ପ୍ରକାଶିତ ଫେରସ୍ତ ବିଜ୍ଞପ୍ତି **(Refund Notification)**ରେ ପ୍ରାର୍ଥୀମାନଙ୍କ ସମ୍ପୂର୍ଣ୍ଣ ବିବରଣୀ ଗ୍ରହଣ କରିବା ପାଇଁ ଲିଙ୍କ୍ ପ୍ରଦାନ କରାଯାଇଛି। ଏହି ଲିଙ୍କ୍ ମାଧ୍ୟମରେ ପ୍ରାର୍ଥୀମାନେ ସେମାନଙ୍କର ପଞ୍ଜିକରଣ ତଥ୍ୟାବଳୀ (ପଞ୍ଜିକରଣ ନମ୍ବର ଏବଂ ପାସୱାର୍ଡ / **DDMMYYYY** ଫର୍ମାଟରେ ଜନ୍ମ ତାରିଖ) ପ୍ରଦାନ କରି ଲଗଇନ୍ କରିବେ। ପ୍ରଦତ୍ତ ଲିଙ୍କ୍‌ରେ ଲଗଇନ୍ କରିବା ନିମନ୍ତେ ଏହି ଦୁଇ ତଥ୍ୟ ବାଧ୍ୟତାମୂଳକ ଅଟେ।

**୨. ଆବଶ୍ୟକୀୟ ବିବରଣୀ:** ନାମ, ବ୍ୟାଙ୍କ ଆକାଉଣ୍ଟ ନମ୍ବର, IFSC କୋଡ୍, ବ୍ୟାଙ୍କ ଓ ଶାଖାର ନାମ।

**୩. ଫେରସ୍ତ ସମୟସୀମା:** ଆକାଉଣ୍ଟର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବା ନିମନ୍ତେ ସମୟସୀମା: **ତା.୦୭.୦୨.୨୦୨୫ରିଖରୁ ତା.୨୨.୦୨.୨୦୨୫ରିଖ।** ଫେରସ୍ତ ପ୍ରକ୍ରିୟା ପଞ୍ଜିକରଣ ସମୟରେ ବ୍ୟବହାର କରାଯାଇଥିବା ସମାନ ତଥ୍ୟାବଳୀର ସତ୍ୟତା ଦ୍ୱାରା ସହଜ ହେବ।

ବ୍ୟାଙ୍କ ଦ୍ୱାରା ଆବେଦନକାରୀମାନଙ୍କୁ ଅର୍ଥ ଫେରସ୍ତ ପ୍ରକ୍ରିୟା ଏବଂ ପଞ୍ଜିକରଣ ନମ୍ବର ପୃଥକ୍ ଭାବେ ସେମାନଙ୍କର ପଞ୍ଜିକୃତ ମୋବାଇଲ୍ ନମ୍ବରରେ ଏସ୍‌ଏମ୍‌ଏସ୍ ମାଧ୍ୟମରେ ଏବଂ ଇମେଲ୍ ଆଇଡି ମାଧ୍ୟମରେ ଇମେଲ୍ ଦ୍ୱାରା ସୂଚିତ କରାଯାଇଛି।

**ସ୍ଥାନ: ମୁମ୍ବାଇ**
**ତାରିଖ: ୦୧.୦୨.୨୦୨୫**
**ମହାପ୍ରବନ୍ଧକ-ଏଚ୍‌ସିଏମ୍**



ଖଣ୍ଡଗିରି ମାଘ ମେଳାର ପ୍ରଥମ ଦିନରେ ମଙ୍ଗଳବାର ସାଧୁସନ୍ଥ ଓ ଶ୍ରଦ୍ଧାଳୁମାନେ କଳସ ଶୋଭାଯାତ୍ରାରେ ବାହାରିଛନ୍ତି।



ପ୍ରଭୁ ଅନନ୍ତ କେଶରୀ ଦେବଙ୍କୁ ସୁସଜ୍ଜିତ ବିମାନରେ ଗ୍ରାମ ପରିକ୍ରମା କରାଯାଉଛି। (ଫଟୋ: ମନୋରଞ୍ଜନ ମିଶ୍ର)

# ଆରମ୍ଭ ହେଲା ଖଣ୍ଡଗିରି କୁମ୍ଭମେଳା

## ମନ୍ତ୍ରଧ୍ୱନିରେ ପ୍ରକମ୍ପିତ ଅଞ୍ଚଳ

ଭୁବନେଶ୍ୱର,୪।୨(ସୌମ୍ୟରଞ୍ଜନ ରାଉତ)

ପବିତ୍ର ମାଘସପ୍ତମୀ ମଙ୍ଗଳବାରଠାରୁ ପ୍ରସିଦ୍ଧ ଖଣ୍ଡଗିରି କୁମ୍ଭମେଳା ଆରମ୍ଭ ହୋଇଛି। ଏଥିଲାଗି ଖଣ୍ଡଗିରି ପାହାଡ଼ ପାଦଦେଶ ଚଳଚଞ୍ଚଳ ହୋଇଉଠିଛି। ଏଠାରେ ଅନେକ ସାଧୁସନ୍ଥଙ୍କ ସମାଗମ ଦେଖିବାକୁ ମିଳିଛି। ବିଭିନ୍ନ ସ୍ଥାନରୁ ଆସିଥିବା ସାଧୁସନ୍ଥମାନେ ଯଜ୍ଞ ଆରମ୍ଭ କରିଛନ୍ତି। ସାଧୁସନ୍ଥଙ୍କ ମନ୍ତ୍ରଧ୍ୱନିରେ ପ୍ରକମ୍ପିତ ହେଉଛି ଅଞ୍ଚଳ। ଚନ୍ଦ୍ରଭାଗାରେ ସାଧୁସନ୍ଥ ସ୍ନାନକରି ଯଜ୍ଞ ସ୍ଥାନକୁ ଫେରିଛନ୍ତି। ଏଠାରେ ପ୍ରଭୁ ଅନନ୍ତ କେଶରୀ ଦେବଙ୍କ ଯାତ୍ରା ଅନୁଷ୍ଠିତ ହୋଇଛି। ମେଳାରେ ସାଧୁସନ୍ଥଙ୍କ ତପସ୍ୟା ଦେଖିବା ସହ ମିନାବଜାର ଓ ଖାଦ୍ୟ ଷ୍ଟଲ୍‌ରେ ଧୀରେ ଧୀରେ ଭିଡ଼ ହେଉଥିବା ଦେଖିବାକୁ ମିଳିଛି। ପରମ୍ପରା ଅନୁସାରେ ମଙ୍ଗଳବାର ସନ୍ଧ୍ୟାରେ ଅନନ୍ତକେଶରୀ ଦେବଙ୍କୁ ସୁସଜ୍ଜିତ ବିମାନରେ ବିରାଜମାନ କରାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି ଅବସରରେ ଅଧିଷ୍ଠାତ୍ରୀ ଦେବୀ ମା’ ବାରଭୁଜାଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପରେ ମା’ ବାରଭୁଜା ଉଦୟଗିରି ପାହାଡ଼ରେ ଥିବା ରାଣୀହଂସପୁରକୁ ଯାତ୍ରା କରିଥିଲେ। ବାଜା, ବାଣ ସହ ଶୋଭାଯାତ୍ରା କରି ପ୍ରଭୁ ଅନନ୍ତ କେଶରୀ ଗ୍ରାମ ପରିକ୍ରମା କରି ରାଣୀହଂସପୁର ଯାଇ ରାତିରେ ନାଗା ମଠକୁ ଫେରିଥିଲେ। ପରେ ମାଘ ସ୍ନାନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ରାଣୀହଂସପୁରରେ ପ୍ରଭୁ ବିଜେ କରିବା ପରେ ସାଧୁସନ୍ଥମାନେ ସ୍ନାନ ଓ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜା ଆରମ୍ଭ କରିଥିଲେ। ମା’ ବାରଭୁଜାଙ୍କ ‘ଖଣ୍ଡଖିରି’ ଖାଇଥିଲେ। ଏହାପରେ ଅଗ୍ନିସ୍ଥାପନ କରି ଦିନ ୧୨ଟା ପରେ ହୋମଯଜ୍ଞ ଆରମ୍ଭ ହୋଇଥିଲା। ଅଖଣ୍ଡ ଧୁନି, ନାମଯଜ୍ଞ, ଗୀତାଜ୍ଞାନ ଯଜ୍ଞ, ଆହୁତି, ନାମ ସଂକୀର୍ତ୍ତନ, ନାରାୟଣ ସେବା ଅନୁଷ୍ଠିତ ହୋଇଥିଲା। ମା’ ବାରଭୁଜା ପୂଜା କମିଟି ପକ୍ଷରୁ ୯ ଦିନ ରାମଚରିତ ମାନସ ପାରାୟଣ ପାଠ କରାଯିବ।

## ଷ୍ଟାଣ୍ଡିଂ ବାବାଙ୍କ ପାଖରେ ଭିଡ଼



କାଶୀ ହରିଦ୍ୱାରରୁ ଆସିଥିବା ନାଗା ଚନ୍ଦନ ଗିରି ଖଣ୍ଡଗିରି ମେଳାରେ ଷ୍ଟାଣ୍ଡିଂ ବାବା ନାମରେ ପରିଚିତ। ତାଙ୍କ ନିକଟରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳୁଛି। ଏହି ସାଧୁଙ୍କ କହିବା ଅନୁଯାୟୀ, ସମାଜ ତଥା ଦେଶର ମଙ୍ଗଳ ପାଇଁ ସେ ତଳେ ନ ବସି କେବଳ ଠିଆ ହୋଇ ରହୁଛନ୍ତି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି, ସେ ଛିଡ଼ାହୋଇ ଦଣ୍ଡ ଭାର ଦେଇ ଶୋଇଥାନ୍ତି। ସେ ସର୍ବଦା ଗଛ ତଳେ ଠିଆ ହୋଇ ତପସ୍ୟା କରନ୍ତି। ଏହି ବାବା ୩୫ ବର୍ଷ ଧରି ଏପରି ସାଧନା କରୁଛନ୍ତି।

## ଆସ୍ଥାନ ଜମେଇଲେ ଷ୍ଟାଇଲିଶ୍ ବାବା



ଷ୍ଟାଇଲିଶ୍ ବାବା ନାମରେ ଜଗନ୍ନାଥ ଗିରି ବାବା ବେଶ୍ ଜଣାଶୁଣା। ସେ ତାଙ୍କ ମୁହଁରେ ସର୍ବଦା ଭଗବାନ ଶିବଙ୍କ ନାମ ଉଚ୍ଚାରଣ କରୁଥାନ୍ତି। ସେ ନିଜର ଆସ୍ଥାନ ଜମେଇ ସାରିଲେଣି। ଏକ ଚଷମା ପିନ୍ଧି ହାତରେ ତ୍ରିଶୂଳ ଧରି ଭକ୍ତଗଣଙ୍କୁ ଆଶୀର୍ବାଦ ପ୍ରଦାନ କରୁଛନ୍ତି।

# ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ମାପ ଆସିଲା

ପୁରୁଣା ଭୁବନେଶ୍ୱର,୪।୨(ସୁବାସ ଚନ୍ଦ୍ର ପ୍ରଧାନ)

ମାଘସପ୍ତମୀ ଅବସରରେ ମଙ୍ଗଳବାର ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଆସନ୍ତା ଅଶୋକାଷ୍ଟମୀରେ ଅନୁଷ୍ଠିତ ହେବାକୁ ଥିବା ରୁକୁଣା ରଥଯାତ୍ରାରେ ରୁକୁଣା ରଥ ପାଇଁ ପାରମ୍ପରିକ ରୀତିରେ ମେଘେଶ୍ୱର ମନ୍ଦିର ଉଚ୍ଚତା ବିଶିଷ୍ଟ ମାପ ଆସିଛି। ମନ୍ଦିରରେ ଦୈନିକ ନୀତି ମଙ୍ଗଳ ଆଳତି, ଅବକାଶ ପରେ ମଧ୍ୟାହ୍ନ ୧୨ଟା ଯାଏ ଦର୍ଶନ ଚାଲୁ ରହିଥିଲା। ଦର୍ଶନ ବନ୍ଦ ପରେ ଛାମୁ ପରିଷ୍କାର କରାଯାଇଥିଲା। ଏହା ପରେ ଅନ୍ୟାନ୍ୟ ନୀତି ହୋଇ ଯାତ୍ରା ପୂଜା ଆରମ୍ଭ ହୋଇଥିଲା। ଏହି ପୂଜା ସରିବା ପରେ ଶ୍ରୀଜୀଉମାନଙ୍କୁ ମହାସୁଆର ସେବକମାନେ ଆଡ଼କାଠ ନିକଟକୁ ଆଣିଥିଲେ। ପୂଜାପଣ୍ଡା ସେବକ ଆଜ୍ଞା ପ୍ରସାଦ ଦେଇଥିଲେ। ପରେ ପ୍ରଭୁ ଶ୍ରୀଲିଙ୍ଗରାଜ, ମା’ପାର୍ବତୀ, ମା’ଦୁର୍ଗା ବିମାନରେ ଏବଂ ଅନନ୍ତ ବାସୁଦେବ ପାଲିଙ୍କିରେ ବିଜେ ହୋଇ ପହୁଡ଼ ପଡ଼ିଥିଲା। ପରେ ମେଘେଶ୍ୱର ମନ୍ଦିରକୁ ଘଣ୍ଟଘଣ୍ଟା ଶୋଭାଯାତ୍ରାରେ ଶ୍ରୀଜୀଉମାନେ ଯାତ୍ରା କରିଥିଲେ। ସେଠାରେ ଖଟୁଲିରେ ବିରାଜମାନ ହେବା ପରେ ପଞ୍ଚଉପଚାରରେ ଭୋଗ ନୈବେଦ୍ୟ କରାଯାଇଥିଲା। ପରେ ଶ୍ରୀଜୀଉ ମେଘେଶ୍ୱର ମନ୍ଦିର ସମ୍ମୁଖରେ ଥିବା ଅବସରରେ ପୂଜାପଣ୍ଡା ସେବକ ଉଭୟ ଠାକୁରଙ୍କ ମଧ୍ୟରେ ଭେଟଆଳତି କରିଥିଲେ। ଏହି ଆଳତି ମାଧ୍ୟମରେ ମେଘେଶ୍ୱର ମନ୍ଦିର ଉଚ୍ଚତା ବିଶିଷ୍ଟ ରୁକୁଣା ରଥର ଉଚ୍ଚତା ହେବା ନେଇ ପାଳିଆ ସେବାୟତ ମନ୍ତ୍ର ଦ୍ୱାରା ଆବାହନ କରିଥିଲେ। ପରେ ସ୍ୱ ମନ୍ଦିର ଶ୍ରୀଜୀଉ ଯାତ୍ରା କରିଥିଲେ। ଏହି ଅବସରରେ କେଦାରଗୌରୀ ମନ୍ଦିରରେ ମଧ୍ୟ ଶ୍ରୀଜୀଉ ରହିବା ପରେ ଅନ୍ୟାନ୍ୟ ପୂଜାନୀତି କରାଯାଇ ସ୍ୱ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ।

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ସଙ୍ଗୀତ, ଉତ୍ସବର ଯୁଗଳବନ୍ଦୀ



ଉତ୍ସବ ଅବସରରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ଓ ଛାତ୍ରୀଛାତ୍ରମାନେ।

ବାରଙ୍ଗ,୪।୨(ଲିଙ୍ଗରାଜ ରାଉତ)

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ କ୍ୟାମ୍ପସ୍ ପରିସର ଜୟଦେବ ଆମ୍ଫି ଥିଏଟରରେ ସଙ୍ଗୀତ ଏବଂ ଉତ୍ସବର ଯୁଗଳବନ୍ଦୀ ‘ଦ ଅଡିଅଲ ଏରିନା ୨.୦’ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଶଶାଙ୍କ ତ୍ରିବେଦୀ, ଅରୁଣୋଦୟ କର୍ମକାର ଏବଂ ଅଡିଅଲ ଏରିନା ଟିମ୍ ଦ୍ୱାରା ଆୟୋଜିତ ଏହି ମହୋତ୍ସବରେ ପ୍ରତିଭାବାନ୍ କଳାକାର ଓ ସଙ୍ଗୀତପ୍ରେମୀ ଏକ ରୋମାଞ୍ଚକ ଅନୁଭୂତି ସାଉଁଟିଥିଲେ। ମହୋତ୍ସବରେ ଏକକ ପରିବେଷଣ, ଆକର୍ଷଣୀୟ ବାଦ୍ୟଯନ୍ତ୍ର ଏବଂ ତୀବ୍ର ର୍‍ୟାପ ଯୁଦ୍ଧ ସମେତ ବିଭିନ୍ନ ପ୍ରକାର ପ୍ରଦର୍ଶନ ମଞ୍ଚସ୍ଥ ହୋଇଥିଲା। ସଙ୍ଗୀତ କ୍ଲବ ମୁଖ୍ୟ ମାର୍ଗଦର୍ଶକ ଡ. ଚିନ୍ମୟ କୁମାର ନାୟକ ଓ ଇଭେଣ୍ଟ ମେଣ୍ଟର ଜୟେଶ ଦୌଲତଜାଦା ତତ୍ତ୍ୱାବଧାନ କରିଥିଲେ। ମହୋତ୍ସବକୁ ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଜୀ ଏବଂ କୁଳପତିଙ୍କ ସ୍ୱତନ୍ତ୍ର କାର୍ଯ୍ୟାଧିକାରୀ ରାଜେଶ ତ୍ରିବେଦୀ ଉଦ୍‌ଘାଟନ କରିଥିଲେ। ଏକକ ଅଭିନୟରେ ଆୟୁଷ୍ମାନ୍ ପତିଙ୍କୁ ତାଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ‘ଭଏସ୍ ଅଫ୍ ଦି ଏରିନା’ ଉପାଧି ପ୍ରଦାନ କରାଯାଇଥିଲା। କ୍ରେସେଣ୍ଡୋ ଗ୍ରୁପକୁ ତା’ର ଚମତ୍କାର ବ୍ୟାଣ୍ଡ ପ୍ରଦର୍ଶନ ନିମନ୍ତେ ‘ଲିଜେଣ୍ଡସ ଅଫ୍ ଦି ଏରିନା’ ଉପାଧି ମିଳିଥିଲା। ସେହିପରି ର୍‍ୟାପ ବ୍ୟାଟେଲ ବର୍ଗରେ ଆୟୁଷ୍ମାନ୍ ଦାସ ନିଜର ଦମଦାର ହିପ୍‌ହପ୍ ଅଭିନୟ ଦ୍ୱାରା ‘ର୍‍ୟାପ ରୟାଲ୍ଟି ଅଫ୍ ଦି ଏରିନା’ ଟାଇଟଲ ହାତେଇଥିଲେ। ବହୁସଂଖ୍ୟାରେ ଦର୍ଶକ, ସ୍ୱାଦିଷ୍ଟ ଖାଦ୍ୟ ଷ୍ଟଲ ଏବଂ ଉତ୍କୃଷ୍ଟ ସଙ୍ଗୀତ ପରିବେଷଣ ମଧ୍ୟରେ ତଥା ସୁଟୋ କାଫେ ଏବଂ ମାଭାନି ଡିଜାଇନ ସହଯୋଗରେ ‘ଅଡିଅଲ ଏରିନା ୨.୦’ ବେଶ୍ ଦର୍ଶକୀୟ ଆଦୃତି ଲାଭ କରିଥିଲା।

# ୩ ରେଳ କର୍ମଚାରୀ ସମ୍ମାନିତ

## ଉପସ୍ଥିତ ବୁଦ୍ଧି ଦ୍ୱାରା ଦୁର୍ଘଟଣାକୁ ଏଡ଼ାଇଦେଇଥିଲେ

ଭୁବନେଶ୍ୱର,୪।୨(ଅନୁରାଧା ମହାରଣା)

ସମ୍ଭାବ୍ୟ ଦୁର୍ଘଟଣାକୁ ଏଡ଼ାଇବା ଏବଂ ଟ୍ରେନ ପରିଚାଳନାର ସୁରକ୍ଷା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ୩ ଜଣ ରେଳ କର୍ମଚାରୀଙ୍କୁ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସମ୍ମାନିତ କରିଛନ୍ତି। ପୂର୍ବତଟ ରେଳପଥ ମୁଖ୍ୟାଳୟରେ ଅନୁଷ୍ଠିତ ପୁରସ୍କାର ବିତରଣ ସମାରୋହରେ ଅତିରିକ୍ତ ମହାପ୍ରବନ୍ଧକ ମହେଶ କୁମାର ବେହେରା ଏବଂ ପ୍ରମୁଖ ନିରାପତ୍ତା ଅଧିକାରୀଙ୍କ ସମେତ ମୁଖ୍ୟାଳୟ ଭୁବନେଶ୍ୱର ଓ ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସୀତାବିଞ୍ଜି ରେଳଷ୍ଟେସନର ଷ୍ଟେସନ ମ୍ୟାନେଜର ବିନୋଦ ବିହାରୀ ବେହେରା ଉପସ୍ଥିତ ବୁଦ୍ଧି ପ୍ରୟୋଗରେ ତ୍ୱରାନ୍ୱିତ ପଦକ୍ଷେପ ଗ୍ରହଣ ପାଇଁ ପୁରସ୍କୃତ ହୋଇଛନ୍ତି। ୨୦୨୪ ନଭେମ୍ବର ୧୫ରେ ସୀତାବିଞ୍ଜି-ବସନ୍ତପୁର ସେକ୍ସନ ଦେଇ ଯାଉଥିବା ସମୟରେ ଟ୍ରେନର ୨୨ତମ ୱାଗନରୁ ଧୂଆଁ ବାହାରୁଥିବା ଦେଖିଥିଲେ। ଅଧିକ କ୍ଷତିକୁ ଏଡ଼ାଇବା ପାଇଁ ସେ ବସନ୍ତପୁର ଷ୍ଟେସନକୁ ଶୀଘ୍ର ସୂଚନା ଦେବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ଜଣାଇଥିଲେ। ସେହିପରି ଥେରୁବାଲି- ସିଙ୍ଗାପୁର ରୋଡ ‘ବି’ କ୍ୟାବିନ ସେକ୍ସନରେ ରାତ୍ରି ପାଟ୍ରୋଲିଂ ବେଳେ ଥେରୁବାଲି ରେଳ ଷ୍ଟେସନର ଗ୍ୟାଙ୍ଗ ନଂ-୫୧ର ଟ୍ରାକ୍ ରକ୍ଷଣା ବେକ୍ଷଣକାରୀ-୪ ଡମ୍ବରୁ ଗୌଡ଼ ଡାଉନଲାଇନରେ ଏକ ୱେଲ୍ଡ ବିଫଳତା ଚିହ୍ନଟ କରିଥିଲେ। ଫଳରେ ସମ୍ଭାବ୍ୟ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇପାରିଥିଲା। ରାୟଗଡ଼ା ଷ୍ଟେସନର ଟ୍ରେନ ମ୍ୟାନେଜର (ସିନିୟର ଗୁଡ୍ସ) କେ. ଧନୁଞ୍ଜୟ ରାଓ ୨୦୨୪ ନଭେମ୍ବରରେ ଦାମନଯୋଡ଼ିରୁ ବାଇଗୁଡ଼ା ଯାଉଥିବାବେଳେ ଏକ ମାଲ୍‌ଗାଡ଼ି ୱାଗନ ଚକରୁ ଧୂଆଁ ବାହାରୁଥିବା ଦେଖିଥିଲେ। ବାଇଗୁଡ଼ା ଷ୍ଟେସନରେ ପରିସ୍ଥିତି ନିୟନ୍ତ୍ରଣ କରିବାରେ ତାଙ୍କର ତୁରନ୍ତ ପଦକ୍ଷେପ ଦ୍ୱାରା ଟ୍ରେନ ଓ କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିଥିଲେ।

# ଓୟୁଟିଆର୍‌କୁ ଲିଡରଶିପ୍ ଆୱାର୍ଡ



ଅତିଥିଙ୍କଠାରୁ ଓୟୁଟିଆର୍‌ର କୁଳପତି ପୁରସ୍କାର ଗ୍ରହଣ କରୁଛନ୍ତି ।

ଭୁବନେଶ୍ୱର,୪।୨

ଓଡ଼ିଶା ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚ (ଓୟୁଟିଆର୍)କୁ ନିକଟରେ ଆଉ ଏକ ସମ୍ମାନଜନକ ସ୍ୱୀକୃତି ‘ସାର୍ଟିଫିକେଟ୍ ଅଫ୍ ଏକ୍ସଲେନ୍ସ’ ସମ୍ମାନ ମିଳିଛି। ଏପରିକି ଏହି ସ୍ୱୀକୃତି ଓୟୁଟିଆର୍‌ର ଏକାଡେମିକ୍ ଉତ୍କର୍ଷ, ହ୍ୟାଣ୍ଡ-ଅନ୍ ଶିକ୍ଷଣକୁ ପ୍ରୋତ୍ସାହିତ କରିବା ସହ ଛାତ୍ରମାନଙ୍କ ମଧ୍ୟରେ ଶିଳ୍ପ ସମ୍ବନ୍ଧୀୟ କୌଶଳ ବିକାଶ ପାଇଁ ପ୍ରତିବଦ୍ଧତାକୁ ଆଲୋକିତ କରିବ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ, ମୁମ୍ବାଇଠାରେ ଆୟୋଜିତ ଆର୍ଡକମ୍ ଡିଜିଟାଲ୍ ଭାରତ ଏଜୁକେଶନ କନ୍‌କ୍ଲେଭ୨୦୨୫ରେ ଓୟୁଟିଆର୍‌କୁ ‘ଲିଡରଶିପ୍ ଆୱାର୍ଡ ୨୦୨୫’ ସମ୍ମାନ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଓୟୁଟିଆର୍‌ର କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ଯୋଗ ଦେଇ ଅତିଥିଙ୍କଠାରୁ ଉପରୋକ୍ତ ସମ୍ମାନ ଗ୍ରହଣ କରିଥିଲେ।

ସେହିଭଳି ଓୟୁଟିଆର୍‌ର କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ବିଶ୍ୱବିଦ୍ୟାଳୟର ଶିକ୍ଷାଗତ ଯୋଗ୍ୟତା ତଥା ନବସୃଜନ କ୍ଷେତ୍ରରେ ତାଙ୍କର ଦୂରଦୃଷ୍ଟି ସମ୍ପନ୍ନ ଅବଦାନକୁ ସ୍ୱୀକାର କରି ‘ଉଚ୍ଚଶିକ୍ଷା କ୍ଷେତ୍ରରେ ଆଇକନିକ୍ ଲିଡରଶିପ୍ ଆୱାର୍ଡ୨୦୨୫’ ସମ୍ମାନ ପାଇଁ ମନୋନୀତ ହୋଇଥିବାରୁ ଖୁସି ବ୍ୟକ୍ତ କରିଥିଲେ। ଅପରପକ୍ଷରେ ଆଇକ୍ୟୁଏସିର ନିର୍ଦ୍ଦେଶକ ପ୍ରଫେସର ମୀରା ବିଶ୍ୱବନ୍ଧ୍ୟାଙ୍କୁ ଓଡ଼ିଶାର ଉଚ୍ଚଶିକ୍ଷା କ୍ଷେତ୍ରରେ ତାଙ୍କର ମୂଲ୍ୟବାନ ତଥା ଆଦର୍ଶ ଅବଦାନ ପାଇଁ ପ୍ରଶଂସା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ପୁଷ୍ପ ପ୍ରଦର୍ଶନୀରେ ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ୪୫ ପୁରସ୍କାର

ବାରଙ୍ଗ,୪।୨(ଲିଙ୍ଗରାଜ ରାଉତ)

ନାଲ୍‌କୋ ପକ୍ଷରୁ ୩ ଓ ୪ ତାରିଖ ୨ ଦିନ ଧରି ଚାଲିଥିବା ପୁଷ୍ପ ପ୍ରଦର୍ଶନୀରେ ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ୪୫ଟି ପୁରସ୍କାର ମିଳିଛି। ପୁଷ୍ପ ପ୍ରଦର୍ଶନୀରେ ରାଜ୍ୟର ବିଭିନ୍ନ ଅନୁଷ୍ଠାନ ଯୋଗଦେଇ ଉଦ୍ୟାନ କୃଷି ଓ ଉଦ୍ଭିଦ ପ୍ରଜାତିର ବିବିଧତା ଉପରେ ପ୍ରଦର୍ଶନ କରିଥିଲେ। ପ୍ରଦର୍ଶନୀରେ ଫୁଲ ପତ୍ର ସହ ମିଶା ଗଛର ସାଜସଜ୍ଜା, ପତ୍ରଥିବା ଗଛ, ଫୁଲ ଗଛ ଆଦିକୁ ମିଶାଇ ସମୁଦାୟ ୫୨ ପ୍ରକାରର ପ୍ରତିଯୋଗିତା କରାଯାଇଥିଲା। ଏଥିରେ ୪୫ଟି ପ୍ରତିଯୋଗିତାରେ ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ସଫଳତା ମିଳିଛି। ସେଥିମଧ୍ୟରେ ବିଭିନ୍ନ ବର୍ଗରେ ପ୍ରଥମ ସ୍ଥାନରେ ୨୪, ଦ୍ୱିତୀୟ ସ୍ଥାନରେ ୧୬ ଓ ୫ଟି ମେରିଟ ପୁରସ୍କାର ମିଳିଥିବା ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି।

# ଜ୍ଞାନ ହେଉଛି ପ୍ରକୃତ ଶକ୍ତି: ମୁଖ୍ୟମନ୍ତ୍ରୀ

ପୁରୀ,୪।୨(ଅଜିତ୍ କୁମାର ମହାନ୍ତି)



କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ଅନ୍ୟ ଅତିଥିମାନେ ।

ଜ୍ଞାନ ହେଉଛି ପ୍ରକୃତ ଶକ୍ତି। ଆଜିର ଦ୍ରୁତ ପରିବର୍ତ୍ତନଶୀଳ ସମାଜରେ ଜ୍ଞାନ ଆହରଣ ହିଁ ହେଉଛି ଏକ ମାତ୍ର ସମ୍ପତ୍ତି। ଛାତ୍ର ଜୀବନ ହେଉଛି ଜଣେ ବ୍ୟକ୍ତିର ସୃଜନଶୀଳ ଏବଂ ଉତ୍ପାଦନଶୀଳ ଜୀବନ ବୋଲି ସୁରଜମଲ୍ଲ ଶାହା ମହାବିଦ୍ୟାଳୟର ୪୫ତମ ବାର୍ଷିକୋତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ମତବ୍ୟକ୍ତ କରିଛନ୍ତି।

ପୁରୀ ସୁରଜମଲ୍ଲ ଶାହା ମହାବିଦ୍ୟାଳୟର ୪୫ତମ ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମାଝୀ, ମୁଖ୍ୟବକ୍ତା ଭାବେ ଉଚ୍ଚଶିକ୍ଷା, କ୍ରୀଡ଼ା ଏବଂ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ଜିଲାପାଳ (ସାଧାରଣ) ତଥା ପରିଚାଳନା କମିଟିର ମୁଖ୍ୟ ସଭାପତି ଶରତ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଧ୍ୟକ୍ଷ ବ୍ରହ୍ମାନନ୍ଦ ସାହୁ ସଭାରେ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାଧ୍ୟାପିକା ସୁଜାତା ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍ୱାଧୀନତା ପୂର୍ବରୁ ଓ ପରେ ସମାଜ ପାଇଁ ସୁରଜମଲ୍ଲ ଶାହାଙ୍କ ଅବଦାନକୁ ଅତିଥିମାନେ ପ୍ରଶଂସା କରିଥିଲେ। ଦେଶରେ ନୂତନ ଶିକ୍ଷାନୀତି-୨୦୨୦ ପ୍ରଣୟନ କରାଯାଇଛି। ରାଜ୍ୟରେ ପ୍ରାଥମିକ ଶିକ୍ଷାର ଭିତ୍ତିକୁ ସୁଦୃଢ଼ କରିବା ପାଇଁ ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମହାବିଦ୍ୟାଳୟର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ୧ କୋଟି ଟଙ୍କା ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହାବିଦ୍ୟାଳୟର ନବନିର୍ମିତ ନୂତନ ଶ୍ରେଣୀଗୃହ ଓ ପ୍ରଶାସନିକ ଗୃହର ଉଦ୍‌ଘାଟନ କରିବା ସହିତ ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହିପରି ନେପାଳର କାଠମାଣ୍ଡୁରେ ଆୟୋଜିତ ସାଉଥ୍ ଏସିଆ କମ୍ବାଟ ଚାମ୍ପିୟନ୍‌ଶିପ୍‌ରେ ମେଡାଲ ଏବଂ ସର୍ବଭାରତୀୟ କୋଷ୍ଟାଲ ଟ୍ରେକିଂ ଓ ମାଉଣ୍ଟେନ କୋର୍ସରେ ସଫଳତା ପାଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଡ. ଦୀପ୍ତିପ୍ରସାଦ ମହାନ୍ତି, ଅଧ୍ୟାପିକା ସ୍ମୃତିକଳା ମହାନ୍ତି ଓ ଡେମୋନଷ୍ଟ୍ରେଟର ରିତେଶ ମହାନ୍ତି ସଭା ପରିଚାଳନା କରିଥିଲେ। ଅଧ୍ୟାପକ ନଳିନୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ପୁଷ୍ପ ପ୍ରଦର୍ଶନୀରେ ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ୪୫ ପୁରସ୍କାର

ବାରଙ୍ଗ, ୪।୨ (ଲିଙ୍ଗରାଜ ରାଉତ)

ନାଲ୍‌କୋ ପକ୍ଷରୁ ୩ ଓ ୪ ତାରିଖ ୨ ଦିନ ଧରି ଚାଲିଥିବା ପୁଷ୍ପ ପ୍ରଦର୍ଶନୀରେ ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ୪୫ଟି ପୁରସ୍କାର ମିଳିଛି। ପୁଷ୍ପ ପ୍ରଦର୍ଶନୀରେ ରାଜ୍ୟର ବିଭିନ୍ନ ଅନୁଷ୍ଠାନ ଯୋଗଦେଇ ଉଦ୍ୟାନ କୃଷି ଓ ଉଦ୍ଭିଦ ପ୍ରଜାତିର ବିବିଧତା ଉପରେ ପ୍ରଦର୍ଶନ କରିଥିଲେ। ପ୍ରଦର୍ଶନୀରେ ଫୁଲ ପତ୍ର ସହ ମିଶା ଗଛର ସାଜସଜ୍ଜା, ପତ୍ରଥିବା ଗଛ, ଫୁଲ ଗଛ ଆଦିକୁ ମିଶାଇ ସମୁଦାୟ ୫୨ ପ୍ରକାରର ପ୍ରତିଯୋଗିତା କରାଯାଇଥିଲା। ଏଥିରେ ୪୫ଟି ପ୍ରତିଯୋଗିତାରେ ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ସଫଳତା ମିଳିଛି। ସେଥିମଧ୍ୟରେ ବିଭିନ୍ନ ବର୍ଗରେ ପ୍ରଥମ ସ୍ଥାନରେ ୨୪, ଦ୍ୱିତୀୟ ସ୍ଥାନରେ ୧୬ ଓ ୫ଟି ମେରିଟ ପୁରସ୍କାର ମିଳିଥିବା ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି।

### ମାଙ୍କଡ କାମୁଡାରେ ଛାତ୍ରୀ ଆହତ

ନିଶ୍ଚିନ୍ତକୋଇଲି, ୪।୨ (ଅଶୋକ ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ଗ୍ରାମପଞ୍ଚାୟତ ବାଣୀନଗର ବଲ୍ଲଭୀଦେବୀ ମହିଳା ମହାବିଦ୍ୟାଳୟର ଜଣେ ଛାତ୍ରୀମାଙ୍କଡ କାମୁଡାରେ ଆହତ ହୋଇଛନ୍ତି। ସେ ହେଲେ ସାଲେପୁର ଥାନା ଗୁଆଲିପୁର ଗ୍ରାମର ସୁହାନା ବେଗମ। ସେ ସ୍ଥାନୀୟ ବଲ୍ଲଭୀଦେବୀ ମହିଳା ମହାବିଦ୍ୟାଳୟର ଯୁକ୍ତ ୨ ପ୍ରଥମ ବର୍ଷ କଳା ଛାତ୍ରୀ। ସୁହାନା ମହାବିଦ୍ୟାଳୟ ପରିସରରେ ବସିଥିଲା ବେଳେ ଏକ ମାଙ୍କଡ ଆସି ତାଙ୍କୁ କାମୁଡି ଦେଇଥିଲା। ସୁହାନାଙ୍କ ପାଟି ଶୁଣି ମହାବିଦ୍ୟାଳୟର ଛାତ୍ରୀ ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ସହ ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

### ୧୨୨୫ ଲିଟର ଦେଶୀ ମଦ, ୧୧୫୮୫ ଲିଟର ପୋଚ ନଷ୍ଟ

**ଅବକାରୀ ବିଭାଗର ମିଳିତ ଚଢ଼ାଉ, ୪ ମାମଲା ରୁଜୁ**

ତିଗିରିଆ, ୪।୨ (ଜାଫର ଖାଁ):

କଟକ ଜିଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀ, କଟକ ଜିଲା ପୋଲିସ ଅଧୀକ୍ଷକ ପ୍ରତୀକ ସିଂହଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ ତହସିଲଦାର ଅଶୋକ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ତିଗିରିଆ ଥାନା ଅନ୍ତର୍ଗତ ଭେଜିଆ, ପଣସପାଟଣା, ଭିରୁଡ଼ା ଗ୍ରାମରେ ମଙ୍ଗଳବାର ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଛି। ଆଠଗଡ ଅବକାରୀ ବିଭାଗ, କଟକ ଜିଲା ଭ୍ରାମ୍ୟମାଣ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, ନରସିଂହପୁର ଅବକାରୀ ଥାନା, ସଦର ରେଞ୍ଜ ଓ ରୁରାଲ ରେଞ୍ଜ ଅବକାରୀ ବିଭାଗ, ତିଗିରିଆ ପୋଲିସ ଓ ଏପିଆର ଫୋର୍ସକୁ ନେଇ ଏହି ମିଳିତ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉରେ ୧୨୨୫ ଲିଟର ଦେଶୀ ମଦ ସହିତ ୧୧,୫୮୫ ଲିଟର ଗୁଡ ପୋଚ ଜବତ କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଛି। ଏଥିସହ ମୋଟ ୪ ମାମଲା ରୁଜୁ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଚଢ଼ାଉରେ ଆଠଗଡ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନ, ତିଗିରିଆ ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟ, ଆଠଗଡ ଅବକାରୀ ଉପନିରୀକ୍ଷକ ଅରୁଣ ଭୋଇ, ବାଙ୍କୀ ଅବକାରୀ ଉପନିରୀକ୍ଷକ ସୌମ୍ୟରଞ୍ଜନ ମାଝୀ, ଚୌଦ୍ୱାର ଅବକାରୀ ଉପନିରୀକ୍ଷକ ବାପି ସାହୁଙ୍କ ସମେତ ଅନ୍ୟାନ୍ୟ ଅବକାରୀ କର୍ମଚାରୀ ଉପସ୍ଥିତ ଥିଲେ।

# ବଦଳିଲେ ବିଇଓ, ମିଳିଲେନି ନୂଆ

**ବିଦ୍ୟାଳୟ, ଗଣ ଶିକ୍ଷା ବିଭାଗର ବିଚିତ୍ର ନୀତି**

- ଶିକ୍ଷାଧିକାରୀ ସମେତ ୩ଟି ଅତିରିକ୍ତ ଶିକ୍ଷାଧିକାରୀଙ୍କ ପଦବୀ ଖାଲି
- ଆନ୍ଦୋଳନ କରିବାକୁ ଚେତାବନୀ

ନିଶ୍ଚିନ୍ତକୋଇଲି, ୪।୨ (ଅଶୋକ ମହାପାତ୍ର):



ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ।

କଟକ ଜିଲାର ଅନ୍ୟ ସବୁ ବ୍ଲକରେ ବ୍ଲକ ଶିକ୍ଷାଧିକାରୀ (ବିଇଓ) ଥିବା ବେଳେ ନିଶ୍ଚିନ୍ତକୋଇଲି ବ୍ଲକ ଏଥିରୁ ବାଦ୍ ପଡ଼ିଛି। ଏଠାରେ ବିଇଓଙ୍କ ବଦଳି ହୋଇଯାଇଥିବା ବେଳେ ନୂଆ ବିଇଓଙ୍କୁ ନିଯୁକ୍ତି ମିଳି ନାହିଁ। ଏପରି କି ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ (ଏବିଇଓ) ପ୍ରଦବୀ ମଧ୍ୟ ଖାଲିପଡିଛି । ଫଳରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର ବିଚିତ୍ରନୀତି ପଦାରେ ପଡ଼ିଛି। ଏଠାରେ ବିଭାଗୀୟ ଅଧିକାରୀ ନ ଥିବା କାରଣରୁ ଶିକ୍ଷୟିତ୍ରୀ, ଶିକ୍ଷକ ଛାତ୍ରୀଛାତ୍ର ତଥା ଅଭିଭାବକମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ କଟକସଦର ନିର୍ବାଚନମଣ୍ଡଳୀର ୧୪ ଓ ମାହାଙ୍ଗା ନିର୍ବାଚନମଣ୍ଡଳୀର ୨୭ ପଞ୍ଚାୟତ ନେଇ ଗଠିତ। ଏହି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ୩୫୦ରୁ ଊର୍ଦ୍ଧ୍ୱ ସରକାରୀ ବିଦ୍ୟାଳୟ ରହିଛି। ଏହାସତ୍ତ୍ୱେ ନୂତନ ପଦାଧିକାରୀଙ୍କୁ ନିଯୁକ୍ତି କରା ନ ଯାଇ ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରିଣୀ ଲକ୍ଷେହୀରା ଲାବଣ୍ୟବତୀ ବେହେରାଙ୍କୁ ସାଲେପୁର ବ୍ଲକ ଶିକ୍ଷାଧିକାରିଣୀ ଭାବେ ବଦଳି କରାଯାଇଛି। ଏନେଇ ବିଦ୍ୟାଳୟ ଗଣ ଶିକ୍ଷା ବିଭାଗ ଚିଠି ନଂ.୩୪୩୫/୪।୨।୨୦୨୫ରେ ଉଲ୍ଲେଖ କରାଯାଇଛି। ଫଳରେ ନିଶ୍ଚନ୍ତକୋଇଲିରେ ଶିକ୍ଷାଧିକାରୀ ପଦବୀ ଖାଲି ହୋଇଯାଇଛି। ଏହି କାର୍ଯ୍ୟାଳୟର ଅତିରିକ୍ତ ଶିକ୍ଷାଧିକାରିଣୀ ପାର୍ବତୀ ନନ୍ଦ ନିକଟରେ କାର୍ଯ୍ୟରୁ ଅବସର ନେଇଛନ୍ତି। ସେହିପରି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ତଥା ବିଆରସିସି ଲକ୍ଷ୍ମୀନାରାୟଣ ରାଉତ ୨୦୨୪ ଜୁନ ୩୦ରୁ କାର୍ଯ୍ୟରୁ ଅବସର ଗ୍ରହଣ କରିସାରିଲେଣି। ଅନ୍ୟତମ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରିଣୀ ଅନ୍ନପୂର୍ଣ୍ଣା ପଣ୍ଡାଙ୍କୁ ଡିସେମ୍ବର ୯ରେ କେନ୍ଦ୍ରାପଡା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ବଦଳି କରାଯାଇଛି। କାର୍ଯ୍ୟାଳୟରେ ଶିକ୍ଷାଧିକାରୀଙ୍କ ସମେତ ୩ଟି ଅତିରିକ୍ତ ଶିକ୍ଷାଧିକାରୀ ତଥା ବିଆରସିସି ପଦବୀ ଖାଲି ପଡ଼ିଛି। କୌଣସି ଅଧିକାରୀ ନ ଥିବାର ସୁଯୋଗ ନେଇ ବ୍ଲକର ଅଧିକାଂଶ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ସରକାରୀ କାଗଜକଲମରେ ନାମକୁ ମାତ୍ର ଚାଲିଥିବାର ଅଭିଯୋଗ ହୋଇଛି। ଶିକ୍ଷୟିତ୍ରୀ ଶିକ୍ଷକମାନେ ମନଇଚ୍ଛା ମଧ୍ୟାହ୍ନଭୋଜନ ବିଲ୍ କରୁଥିବାର ଚର୍ଚ୍ଚା ହେଉଛି। ଏହି ବ୍ଲକର ୨୨ଟି କ୍ଲଷ୍ଟରରେ ୧୫ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରୀ ଅଧ୍ୟୟନ କରୁଥିଲା ବେଳେ ସେମାନଙ୍କୁ ଶିକ୍ଷାଦାନ କରିବା ନିମନ୍ତେ ୧ହଜାରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ରହିଛନ୍ତି। ୨୨ଟି ସିଆରସିସି ପଦବୀ ମଧ୍ୟରୁ ୨ଟି ପଦବୀ ଖାଲି ପଡିଛି। ୨ଟି ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ଖାଲି ପଡିଛି। ବ୍ଲକରେ ଅଧିକାରୀ ନ ଥିବାର ସୁଯୋଗ ନେଇ ଶିକ୍ଷକମାନେ ମନମୁଖୀଭାବେ ବିଦ୍ୟାଳୟକୁ ଆସୁଛନ୍ତି। ଏସବୁ ସମସ୍ୟାକୁ ଦୃଷ୍ଟିରେ ରଖିବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ତରଫରୁ ତୁରନ୍ତ ଖାଲି ପଡିଥିବା ପଦବୀଗୁଡ଼ିକୁ ପୂରଣ କରିବାକୁ ଦାବି ହୋଇଛି। ନଚେତ୍ ଆଗାମୀ ଦିନରେ ଛାତ୍ର ଅଭିଭାବକମାନେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ପଛାଇବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଏସମ୍ପର୍କରେ ଜିଲା ଶିକ୍ଷାଧିକାରୀ ସନ୍ତୋଷ ରାଉତ କୁହନ୍ତି, ନିଶ୍ଚିନ୍ତକୋଇଲିରେ ଅଧିକାରୀ ନ ଥିବା ସେ ଅବଗତ ଅଛନ୍ତି। ବିଭାଗ ମଧ୍ୟ ଅବଗତ ଅଛି। ଖୁବଶୀଘ୍ର ଏନେଇ ପଦକ୍ଷେପ ନିଆଯିବ।


ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ତିରୋଧାନ ଦିବସରେ କଟକ କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ ମଧୁସୂଦନଙ୍କ ପ୍ରତିମୂର୍ତ୍ତି ନିକଟରେ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ।


ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ କଟକ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଡିଟୋରିୟମରେ ମଧୁ ସ୍ମୃତି ପରିଷଦ ପକ୍ଷରୁ ଅନୁଷ୍ଠିତ ସଭାରେ ଯୋଗଦେଇଥିବା ଅତିଥି ବୃନ୍ଦ।

## ମଧୁବାବୁ ଥିଲେ ଓଡ଼ିଆ ସ୍ୱାଭିମାନର ପ୍ରତୀକ

ଚୌଦ୍ୱାର, ୪।୨ (ଆଶୁତୋଷ ଦାସ):

ଚୌଦ୍ୱାର ସାହିତ୍ୟ ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ମହିଳା ମହାବିଦ୍ୟାଳୟ ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ତିରୋଧାନ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି । ଏହି ଅବସରରେ କଲେଜ ପରିସରରେ ଥିବା ମଧୁବାବୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ଚୌଦ୍ୱାର ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ସାହିତ୍ୟ ସଂସଦ ସଭାପତି ବିଶ୍ୱକଲ୍ୟାଣ ଦାସ, ଉପସଭାପତି ଶରତ କୁମାର ଖୁଣ୍ଟିଆ, ଅକ୍ଷୟ କୁମାର ଭୂୟାଁ, ବୈଷ୍ଣବ ଚରଣ ପ୍ରଧାନ, ବାଣୀଭୂଷଣ ମହାନ୍ତି, ସଙ୍ଗଠନ ସମ୍ପାଦକ ଚନ୍ଦ୍ରପ୍ରକାଶ ପଟ୍ଟନାୟକ, ସହ ସମ୍ପାଦିକା ସରିତା ଦାସ, ଯୁଗ୍ମ ସମ୍ପାଦକ ଭାସ୍କର ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗଦେଇ କହିଛନ୍ତି, ମଧୁବାବୁ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ ଥିଲେ। ଚୌଦ୍ୱାର ସାହିତ୍ୟ ସଂସଦ ସମ୍ପାଦକ ଦିବ୍ୟଜ୍ୟୋତି ପାଣି ଧନ୍ୟବାଦ ଦେଇଥିଲେ।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ସଙ୍ଗୀତ, ଉତ୍ସବର ଯୁଗଳବନ୍ଦୀ


ଉତ୍ସବ ଅବସରରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ଓ ଛାତ୍ରୀଛାତ୍ର।

ବାରଙ୍ଗ, ୪।୨ (ଲିଙ୍ଗରାଜ ରାଉତ)

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ କ୍ୟାମ୍ପସ୍ ପରିସର ଜୟଦେବ ଆମ୍ଫି ଥିଏଟରରେ ସଙ୍ଗୀତ ଏବଂ ଉତ୍ସବର ଯୁଗଳବନ୍ଦୀ 'ଦ ଅଡିଅଲ ଏରିନା ୨.୦' ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଶଶାଙ୍କ ତ୍ରିବେଦୀ, ଅରୁଣୋଦୟ କର୍ମକାର ଏବଂ ଅଡିଅଲ ଏରିନା ଟିମ୍ ଦ୍ୱାରା ଆୟୋଜିତ ଏହି ମହୋତ୍ସବରେ ପ୍ରତିଭାବାନ୍ କଳାକାର ଓ ସଙ୍ଗୀତପ୍ରେମୀ ଏକ ରୋମାଞ୍ଚକ ଅନୁଭୂତି ସାଉଁଟିଥିଲେ। ମହୋତ୍ସବରେ ଏକକ ପରିବେଷଣ, ଆକର୍ଷଣୀୟ ବାଦ୍ୟଯନ୍ତ୍ର ଏବଂ ତୀବ୍ର ର୍‍ୟାପ ଯୁଦ୍ଧ ସମେତ ବିଭିନ୍ନ ପ୍ରକାର ପ୍ରଦର୍ଶନ ମଞ୍ଚସ୍ଥ ହୋଇଥିଲା। ସଙ୍ଗୀତ କ୍ଲବ ମୁଖ୍ୟ ମାର୍ଗଦର୍ଶକ ଡ. ଚିନ୍ମୟ କୁମାର ନାୟକ ଓ ଇଭେଣ୍ଟ ମେଣ୍ଟର ଜୟେଶ ଦୌଲତଜାଦା ତତ୍ତ୍ୱାବଧାନ କରିଥିଲେ। ମହୋତ୍ସବକୁ ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଜୀ ଏବଂ କୁଳପତିଙ୍କ ସ୍ୱତନ୍ତ୍ର କାର୍ଯ୍ୟାଧିକାରୀ ରାଜେଶ ତ୍ରିବେଦୀ ଉଦ୍‌ଘାଟନ କରିଥିଲେ। ଏକକ ଅଭିନୟରେ ଆୟୁଷ୍ମାନ୍ ପତିଙ୍କୁ ତାଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ 'ଭଏସ୍ ଅଫ୍ ଦି ଏରିନା' ଉପାଧି ପ୍ରଦାନ କରାଯାଇଥିଲା। କ୍ରେସେଣ୍ଡୋ ଟ୍ରୁପକୁ ତା'ର ଚମତ୍କାର ବ୍ୟାଣ୍ଡ ପ୍ରଦର୍ଶନ ନିମନ୍ତେ 'ଲିଜେଣ୍ଡସ ଅଫ୍ ଦି ଏରିନା' ଉପାଧି ମିଳିଥିଲା। ସେହିପରି ର୍‍ୟାପ ବ୍ୟାଟେଲ ବର୍ଗରେ ଆୟୁଷ୍ମାନ୍ ଦାସ ନିଜର ଦମଦାର ହିପ୍‌ହପ୍ ଅଭିନୟ ଦ୍ୱାରା 'ର୍‍ୟାପ ରୟାଲ୍ଟି ଅଫ୍ ଦି ଏରିନା' ଟାଇଟଲ ହାତେଇଥିଲେ। ବହୁସଂଖ୍ୟାରେ ଦର୍ଶକ, ସ୍ୱାଦିଷ୍ଟ ଖାଦ୍ୟ ଷ୍ଟଲ ଏବଂ ଉତ୍କୃଷ୍ଟ ସଙ୍ଗୀତ ପରିବେଷଣ ମଧ୍ୟରେ ତଥା ସୁଟୋ କାଫେ ଏବଂ ମାଭାନି ଡିଜାଇନ ସହଯୋଗରେ 'ଅଡିଅଲ ଏରିନା ୨.୦' ବେଶ୍ ଦର୍ଶକୀୟ ଆଦୃତି ଲାଭ କରିଥିଲା।

## ସେମିଫାଇନାଲରେ ଯୁବଜ୍ୟୋତି କ୍ଲବ

**ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ**

ତିଗିରିଆ, ୪।୨ (ଜାଫର ଖାଁ)

ତିଗିରିଆ ବ୍ଲକ ଅଧୀନ ପାଞ୍ଚଗାଁସ୍ଥିତ ମିନି ଷ୍ଟାଡିୟମରେ ଆସୋସିଏଶନ ଦିବ୍ୟଜ୍ୟୋତି ଦ୍ୱାରା ଆୟୋଜିତ ୯ମ ପାଞ୍ଚଗାଁ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ୨ୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର କଳିଙ୍ଗ ସ୍ପୋର୍ଟିଂକୁ ୨–୧ ଗୋଲରେ ହରାଇ ଯୁବଜ୍ୟୋତି କ୍ଲବ ପଙ୍କାଳ (ତିଗିରିଆ) ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚର ପ୍ରଥମାର୍ଦ୍ଧର ୯ ମିନିଟ୍‌ରେ ଯୁବଜ୍ୟୋତି କ୍ଲବର ୧୦ ନମ୍ବର ଖେଳାଳି ଚିଣ୍ଟୁ ସାମଲ ଗୋଟିଏ ଓ ୨୯ ମିନିଟ୍‌ରେ ୬ ନମ୍ବର ଖେଳାଳି ସୁହେଲ ଖାଁ ଗୋଟିଏ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରିଥିଲେ। ୨ୟାର୍ଦ୍ଧର ୧୭ ମିନିଟ୍‌ରେ କଳିଙ୍ଗ ଦଳ ୧୮ ନମ୍ବର ଖେଳାଳି ଦିଲ୍ଲୀପ ନାୟକ ଗୋଟିଏ ଗୋଲ ସ୍କୋର କରିଥିଲେ। ଖେଳ ଶେଷ ପର୍ଯ୍ୟନ୍ତ ଖେଳର ସ୍ଥିତ ୨–୧ରେ ଯୁବଜ୍ୟୋତି ସପକ୍ଷରେ ରହିଥିଲା। ମୁଖ୍ୟ ଅତିଥି ଭାବେ ତିଗିରିଆ ପ୍ରସନ୍ନମଣି ଶାରୀରିକ ଯୋଗ ଓ ପ୍ରଶିକ୍ଷଣ ମହାବିଦ୍ୟାଳୟ ଅଧ୍ୟକ୍ଷ ରମେଶଚନ୍ଦ୍ର ପ୍ରଧାନ ଯୋଗଦେଇ ଶ୍ରେଷ୍ଠ ଖେଳାଳି ଭାବେ ଯୁବଜ୍ୟୋତି କ୍ଲବର ଚିଣ୍ଟୁ ସାମଲଙ୍କୁ ପୁରସ୍କୃତ କରିଥିଲେ। ସଞ୍ଜୀବ ଦାଶ, ବ୍ରହ୍ମାନନ୍ଦ ଭୋଇ, ଶୁଭସ୍ମିତା ରାଣୀ ରାଉତ, ସୁବାଷ ମୁଦୁଲି ରେଫରୀ ଦାୟିତ୍ୱ ତୁଲାଇଥିଲେ। ବୁଧବାର ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଡିଫକ୍ଷ ଯାଜପୁର ଓ ନୟାଗଡ ଆଥେଲେଟିକ୍ସ ପରସ୍ପରକୁ ଭେଟିବାକୁ ଯାଉଛନ୍ତି।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

## ମା' ଅନ୍ଧାର ଘର ବାଉତିଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ବାଙ୍କୀ, ୪।୨ (ଶୁଭେନ୍ଦୁ ମହାପାତ୍ର):

ବାଙ୍କୀ ବ୍ଲକ ଅନ୍ତର୍ଗତ ସରଣ୍ଡାଗଡ଼ର ଆରାଧ୍ୟ ଦେବୀ ମା'ଅନ୍ଧାର ଘର ବାଉତିଙ୍କ ପୀଠରେ ୧୬ ତମ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସୋମବାର କଳସ ଯାତ୍ରା, ଅଙ୍କୁରାରୋପଣ କାର୍ଯ୍ୟକ୍ରମ ହୋଇଥଲା। ମଙ୍ଗଳବାର ପ୍ରାତଃରୁ ଜଳଯାତ୍ରା, ସୂର୍ଯ୍ୟପୂଜା, ମଣ୍ଡଳ ପୂଜା ପରେ ଯଜ୍ଞ ହୁତି, ଷୋଡ଼ଶ ଉପଚାର ପୂଜା ପରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା। ଆଚାର୍ଯ୍ୟ ପଣ୍ଡିତ ଖଗେନ୍ଦ୍ର ନାରାୟଣ ତ୍ରିପାଠୀ , ପଣ୍ଡିତ ଲିଙ୍ଗରାଜ ତ୍ରିପାଠୀ, ବିଭୁ ପ୍ରସାଦ ଦାଶ, ପ୍ରଦୀପ କୁମାର ମିଶ୍ର, ସୁଧାକର ଶତପଥୀ, ଗୁରୁଚରଣ ନନ୍ଦ, ବିଭୁତି ଭୂଷଣ ନନ୍ଦ, ସରୋଜ କୁମାର ତ୍ରିପାଠୀ ପ୍ରମୁଖ ପଣ୍ଡିତମାନେ ପୂଜା ଓ ଯଜ୍ଞ କାର୍ଯ୍ୟ ତୁଲାଇଥିଲେ। ଜ୍ୟୋତିକାନ୍ତ ଦାଶ, ରଶ୍ମିତା ଦାଶ କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। ମନ୍ଦିର ପୂଜକ ଦିଲୀପ କୁମାର ରଣା ମା'ଅନ୍ଧାର ଘର ବାଉତୀଙ୍କ ପୂଜା କାର୍ଯ୍ୟ ସମ୍ପାଦାନ କରିଥିଲେ। ସୁପ୍ରସାଦ ନନ୍ଦ, ଲକ୍ଷ୍ମୀପ୍ରସାଦ ପଣ୍ଡା, ବିପିନ ବିହାରୀ ଦେବତା, ଗଣେଶ ବେହେରା, ଶ୍ରୀନିବାସ ପରିଡ଼ା, ପ୍ରମୋଦ ରଣାଙ୍କ ସମେତ କମିଟିର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବଦଳିଲେ ଅଂଶୁପା କନିଷ୍ଠ ମହାବିଦ୍ୟାଳୟ ଅଧ୍ୟକ୍ଷ

**ମାଳବିହାରପୁର ଛାତ୍ର ମୃତ୍ୟୁ ଘଟଣା**

ବାଙ୍କୀ, ୪।୨ (ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ବାଙ୍କୀ ବ୍ଲକ ମାଳବିହାରପୁର ସ୍କୁଲ ଛାତ୍ର ମୃତ୍ୟୁ ଘଟଣାରେ ଜିଲା ଓ ବ୍ଲକ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। କଟକ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ମାଳବିହାରପୁର ଘଟଣାର ଶୁଣାଣି କରାଯାଇ ଅଂଶୁପା କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ସାହୁଙ୍କୁ ପଦବୀରୁ ହଟାଇ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏନେଇ ଜିଲାପାଳଙ୍କ ଚିଠି ନଂ.୧୨୪/୩।୨।୨୦୨୪ରେ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଏହାପରେ ବାଙ୍କୀ ଉପଜିଲାପାଳ ତଥା ଅଂଶୁପା କନିଷ୍ଠ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦେବୀପ୍ରସାଦ ମହାନ୍ତି ଚିଠି ନଂ. ୬୦୪/୪।୨।୨୦୨୫ରେ ନିର୍ଦ୍ଦେଶନାମା ଜାରି କରି ତୁରନ୍ତ ଏହି ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପିକା ମମତା ଶତପଥୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ନିର୍ଦ୍ଦେଶନାମା ଅନୁଯାୟୀ ପ୍ରଦୀପ କୁମାର ବେଉରା ମଙ୍ଗଳବାରଠାରୁ କଲେଜ ପରିସରରେ ପ୍ରବେଶ କରିପାରିବେ ନାହିଁ। ଏଥିସହ କଲେଜର କୌଣସି କାର୍ଯ୍ୟରେ ହସ୍ତକ୍ଷେପ କରିପାରିବେ ନାହିଁ ବୋଲି ଉଲ୍ଲେଖ ରହିଛି। ଏହି ନିର୍ଦ୍ଦେଶକୁ ଉଲ୍ଲଂଘନ କରାଗଲେ ଆଇନଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପଜିଲାପାଳଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।

ବାଙ୍କୀ ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ ଅଂଶୁପା କନିଷ୍ଠ ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ସାଧାରଣ ତନ୍ତ୍ର ଦିବସରେ ଯୋଗଦେବା ପାଇଁ ମାଳବିହାରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଆସୁଥିବାବେଳେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଛାତ୍ର ସୌମ୍ୟ ରଞ୍ଜନ ବେହେରାଙ୍କ ମୃତ୍ୟୁ ଘଟିଥିବାବେଳେ ୨୨ ଜଣ ଛାତ୍ରୀଛାତ୍ରମାନେ ଆହତ ହୋଇଥିଲେ। ଏହି ଘଟଣାକୁ ନେଇ ମୃତକଙ୍କ ପରିବାର ସମେତ ଅଭିଭାବକ ଓ ଗ୍ରାମବାସୀମାନେ କ୍ଷୋଭ ପ୍ରକାଶ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବିରେ ବିଦ୍ୟାଳୟରେ ତାଲାପକାଇ ଅଂଶୁପା କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

## ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ବିକାଶରେ ମା'ବାପା, ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଅଭିଭାବକ-ଶିକ୍ଷକ ସମ୍ମିଳନୀ**

ବାଙ୍କୀ, ୪।୨ (ଶୁଭେନ୍ଦୁ ମହାପାତ୍ର):

ମୁଣ୍ଡଳୀସ୍ଥିତ ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ୩ ପକ୍ଷରୁ ଶିକ୍ଷକ ଏବଂ ଅଭିଭାବକମାନଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ବହୁମୁଖୀ ପ୍ରେକ୍ଷାଳୟରେ ଅଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ମୁଣ୍ଡଳୀସ୍ଥିତ ଏନଡିଆର୍‌ଏଫର କମାଣ୍ଡାନ୍ଟ ନଗେନ୍ଦ୍ର ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଗୁଣାତ୍ମକ ମୂଲ୍ୟବୋଧର ବିକାଶରେ ମା'ବାପା ଓ ଶିକ୍ଷକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସାଇ ଇଣ୍ଟରନ୍ୟାଶନ୍ୟାଲ ଆବାସିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମିତାଭ ଅଗ୍ନିହୋତ୍ରୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଥୋମାସ ଏକ୍କା ଏବଂ ଚନ୍ଦ୍ରକାନ୍ତ ପାଣ୍ଡେ ପରିଚାଳନା କରିଥିଲେ। ଅନ୍ୟତମ ଅତିଥିଭାବେ କମିଟି ସଦସ୍ୟ ପୁତୋମା ଦେବୀ, ଶରତ କୁମାର ସାହୁ ଏବଂ ସୁଚରିତା ପୁରୋହିତ ଯୋଗ ଦେଇଥିଲେ ।



ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

**ବାଇକ୍ ଧକ୍କାରେ ମହିଳା ଗୁରୁତର**

ଯୋଗେଶ୍ୱରପୁର,(ରଶ୍ମିରଞ୍ଜନ ସାହୁ)- କାକଟପୁର ନୟାହାଟ ମୁଖ୍ୟରାସ୍ତାର ପାଣିଛତ୍ରଠାରେ ମଙ୍ଗଳବାର ସନ୍ଧ୍ୟା ସମୟରେ ଏକ ବାଇକ୍ ଧକ୍କାରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ଗୁରୁତର ମମତା କାଣ୍ଡି(୪୫)ଙ୍କ ଗୋଡ଼ ଭାଙ୍ଗି ଯାଇଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ଘଟାଇଥିବା ବାଇକ୍ (ଓଡି ୦୨ ଏଆର୍ ୩୪୫୯)କୁ ପୋଲିସ ଜବତ କରିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୪।୨।୨୦୨୫

| | |
|---|---|
| ୫,୮୨,୪୨୬ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### ଲୋକ ସଭାରେ ପ୍ରତିବାଦକଲେ ସମ୍ବିତ୍ ପାତ୍ର
ରାଷ୍ଟ୍ରପତିଙ୍କ ଉପରେ ଦିଆଯାଇଥିବା ମନ୍ତବ୍ୟକୁ ବିରୋଧ

ପୁରୀ,୪।୨(ଅଜିତ୍ କୁମାର ମହାନ୍ତି)

କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ରାଷ୍ଟ୍ରପତିଙ୍କ ଉପରେ ଦେଇଥିବା ମନ୍ତବ୍ୟକୁ ନେଇ ପୁରୀ ଏମ୍‌ପି ସମ୍ବିତ୍ ପାତ୍ର ଲୋକ ସଭାରେ ପ୍ରତିବାଦ କରିଛନ୍ତି। ସଂସଦର ବଜେଟ ଅଧିବେଶନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ପରେ କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀ ରାଷ୍ଟ୍ରପତିଙ୍କ ପ୍ରତି ଅପମାନଜନକ ଟିପ୍ପଣୀ ଦେଇଥିଲେ। ଏହାର ପ୍ରତିବାଦରେ ମଙ୍ଗଳବାର ଏମ୍‌ପି ପାତ୍ର ଲୋକ ସଭାରେ ନିଜ ପ୍ରତିକ୍ରିୟା ରଖିଛନ୍ତି। ପ୍ରତିକ୍ରିୟାରେ କହିଛନ୍ତି, ରାଷ୍ଟ୍ରପତି ଓଡ଼ିଆ ଅସ୍ମିତାର ପ୍ରତୀକ। ତାଙ୍କୁ ଅପମାନ କଲେ ଓଡ଼ିଆ ଜାତି ସହିବ ନାହିଁ। ରାଷ୍ଟ୍ରପତି ମୁର୍ମୁଙ୍କ ପଛରେ ସାଢ଼େ ୪ କୋଟି ଓଡ଼ିଆ ଛିଡ଼ା ହୋଇ ରହିଛନ୍ତି। ଏହାସହ ସୋନିଆ ଗାନ୍ଧୀଙ୍କ ବିରୋଧରେ ସଂସଦରେ ପ୍ରିଭିଲେଜ ମୋସନ ଆଣିବା ପାଇଁ ମଧ୍ୟ ମତ ରଖିଛନ୍ତି।

### ବଡ଼ଗୋଠ ତ୍ରିବେଣୀ ସଙ୍ଗମରେ ଭକ୍ତଙ୍କ ବୁଡ଼

କଣାସ,୪।୨(ବିଭୂତି ଭୂଷଣ ତ୍ରିପାଠୀ)

ମାଘ ସପ୍ତମୀ ବୁଡ଼ ଅବସରରେ ମଙ୍ଗଳବାର କଣାସ ବ୍ଲକ ଶେଷସୀମା ଚିଲିକା ଉପକୂଳ ବଡ଼ଗୋଠଠାରେ ଦୟା, ଲୁଣା ଓ ଭାର୍ଗବୀ ନଦୀର ତ୍ରିବେଣୀ ସଙ୍ଗମସ୍ଥଳରେ କଣାସ ଓ ଆଖପାଖ ଅଞ୍ଚଳର ଭକ୍ତ ବୁଡ଼ ପକାଇଛନ୍ତି। ଏଥିସହ ତୁଠରେ ଧୂପ, ଦୀପ ଦେଇ ସୂର୍ଯ୍ୟ ଉପାସନା କରିଥିଲେ। ସେଠାରେ ଠାକୁର ଅନନ୍ତ ନାରାୟଣ, ଯୋଗମାୟା, ଶ୍ରୀ ଜଗନ୍ନାଥଙ୍କ ଚତୁର୍ଦ୍ଧା ବିଗ୍ରହଙ୍କୁ ଶ୍ରଦ୍ଧାଳୁ ଦର୍ଶନ କରିଥିଲେ। ଦୀର୍ଘ ମାସେ ଧରି ସେହି ଅଞ୍ଚଳରେ ଝାଡ଼ାବାନ୍ତି ଲାଗି ରହିଥିବାରୁ ସରକାରୀ ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ଭକ୍ତଙ୍କୁ ସତର୍କ କରାଇ ଦିଆଯାଇଥିଲା। ତଥାପି ବହୁ ଭକ୍ତ ଦୂରଦୂରାନ୍ତରୁ ଆସି ବୁଡ଼ ପକାଇଥିଲେ।

### ଦୋକାନରେ ନିଆଁ ଲଗାଇଲେ ଦୁର୍ବୃତ୍ତ

ପୁରୀ,୪।୨(ଅଜିତ୍ କୁମାର ମହାନ୍ତି)

କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ବଡ଼ଶଙ୍ଖ ଡ୍ରେସ୍ ମାର୍କେଟରେ ଥିବା ଏକ ଦୋକାନରେ କେତେଜଣ ଦୁର୍ବୃତ୍ତ ସୋମବାର ବିଳମ୍ବିତ ରାତିରେ ନିଆଁ ଲଗାଇ ଦେଇଥିବା ଜଣାପଡ଼ିଛି। ଫଳରେ ୪ଟି ଦୋକାନରେ ପଡ଼ିଥିବା ଜରିପାଲରେ ନିଆଁ ଲାଗିବା ସହ ବାହ୍ୟ ଅଂଶ ପୋଡ଼ି ଯାଇଛି। ତେବେ କିଏ ଓ କେଉଁ ଉଦ୍ଦେଶ୍ୟରେ ଏପରି ନିଆଁ ଲାଗାଇଛି, ସେ ନେଇ କୌଣସି ସୂଚନା ମିଳିନାହିଁ।

# ଜ୍ଞାନ ହେଉଛି ପ୍ରକୃତ ଶକ୍ତି: ମୁଖ୍ୟମନ୍ତ୍ରୀ



କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ବିଧାୟକ ଓ ଅନ୍ୟମାନେ ।

- ସୁରଜମଲ୍ଲ ଶାହା ମହାବିଦ୍ୟାଳୟର ୪୫ତମ ବାର୍ଷିକୋତ୍ସବ
- ମୁଖ୍ୟମନ୍ତ୍ରୀ ପାଣ୍ଠିରୁ କୋଟିଏ ଟଙ୍କାର ସହାୟତା ରାଶି ଘୋଷଣା

ପୁରୀ,୪।୨(ଅଜିତ୍ କୁମାର ମହାନ୍ତି)

ଜ୍ଞାନ ହେଉଛି ପ୍ରକୃତ ଶକ୍ତି। ଆଜିର ଦ୍ରୁତ ପରିବର୍ତ୍ତନଶୀଳ ସମାଜରେ ଜ୍ଞାନ ଆହରଣ ହିଁ ହେଉଛି ଏକ ମାତ୍ର ସମ୍ପତ୍ତି। ଛାତ୍ର ଜୀବନ ହେଉଛି ଜଣେ ବ୍ୟକ୍ତିର ସୃଜନଶୀଳ ଏବଂ ଉତ୍ପାଦନଶୀଳ ଜୀବନ ବୋଲି ସୁରଜମଲ୍ଲ ଶାହା ମହାବିଦ୍ୟାଳୟର ୪୫ତମ ବାର୍ଷିକୋତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ପୁରୀ ସୁରଜମଲ୍ଲ ଶାହା ମହାବିଦ୍ୟାଳୟର ୪୫ତମ ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମାଝୀ, ମୁଖ୍ୟବକ୍ତା ଭାବେ ଉଚ୍ଚଶିକ୍ଷା, କ୍ରୀଡ଼ା ଏବଂ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ଜିଲାପାଳ (ସାଧାରଣ) ତଥା ପରିଚାଳନା କମିଟିର ମୁଖ୍ୟ ସଭାପତି ଶରତ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଧ୍ୟକ୍ଷ ବ୍ରହ୍ମାନନ୍ଦ ସାହୁ ସଭାରେ ସ୍ୱାଗତ ଭାଷଣ ଦେବା ସହିତ ମହାବିଦ୍ୟାଳୟର ଅଭାବ ଅସୁବିଧା ସମ୍ପର୍କରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରାଧ୍ୟାପିକା ସୁଜାତା ବେହେରା ମହାବିଦ୍ୟାଳୟର ବାର୍ଷିକ ବିବରଣୀ ପାଠକରିଥିଲେ। ସ୍ୱାଧୀନତା ପୂର୍ବରୁ ଓ ପରେ ସମାଜ ପାଇଁ ସୁରଜମଲ୍ଲ ଶାହାଙ୍କ ଅବଦାନକୁ ଅତିଥିମାନେ ପ୍ରଶଂସା କରିଥିଲେ।

ପ୍ରଧାନମନ୍ତ୍ରୀ ଚଳିତ ବଜେଟରେ ଦେଶର ୧ କୋଟି ଯୁବଗୋଷ୍ଠୀଙ୍କୁ ପ୍ରତିଷ୍ଠିତ କମ୍ପାନୀଗୁଡ଼ିକ ଜରିଆରେ ଶିକ୍ଷ ଉପଯୋଗୀ କରିବା ପାଇଁ ଷ୍ଟାଇପେଣ୍ଡର ବ୍ୟବସ୍ଥା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ଦେଶରେ ନୂତନ ଶିକ୍ଷାନୀତି ୨୦୨୦ ପ୍ରଣୟନ କରାଯାଇଛି। ଯୁବପିଢ଼ିଙ୍କୁ ଏକ ସାମଗ୍ରିକ ଶିକ୍ଷା ଦ୍ୱାରା ଯୋଗ୍ୟ କରିବା ହେଉଛି ଆମର ଲକ୍ଷ୍ୟ। ବର୍ତ୍ତମାନ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବା ପାଇଁ ଆମ ସରକାରଙ୍କ ଯୋଜନା ରହିଛି। ରାଜ୍ୟରେ ପ୍ରାଥମିକ ଶିକ୍ଷାର ଭିତ୍ତିକୁ ସୁଦୃଢ଼ କରିବା ପାଇଁ ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ଜାତୀୟ ଶିକ୍ଷାନୀତି ୨୦୨୦ ଏବଂ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଆମ ଶିକ୍ଷା ବ୍ୟବସ୍ଥାକୁ ଆହୁରି ବଳିଷ୍ଠ କରିବ ବୋଲି ମୁଖ୍ୟମନ୍ତ୍ରୀ ମାଝୀ ମତପ୍ରକାଶ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବା ସହ ସମସ୍ୟା ସମ୍ପର୍କରେ ଅବଗତ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ୧ କୋଟି ଟଙ୍କା ପ୍ରଦାନ କରାଯିବ ବୋଲି ସୂଚନା ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହାବିଦ୍ୟାଳୟର ନବନିର୍ମିତ ନୂତନ ଶ୍ରେଣୀଗୃହ ଓ ପ୍ରଶାସନିକ ଗୃହର ଉଦ୍‌ଘାଟନ କରିବା ସହିତ ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହିପରି ନେପାଳର କାଠମାଣ୍ଡୁଠାରେ ଆୟୋଜିତ ସାଉଥ୍ ଏସିଆ କ୍ୟାଟ ଚାମ୍ପିୟନ୍‌ସିପ୍‌ରେ ମେଡାଲ ହାସଲ କରିଥିବା ଓ ସର୍ବଭାରତୀୟ କୋମ୍ବାଲ ଟ୍ରେକିଂ ଓ ମାଉଣ୍ଟେନ କୋର୍ସରେ ସଫଳତା ପାଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଡ. ଦୀପ୍ତିପ୍ରସାଦ ମହାନ୍ତି, ଅଧ୍ୟାପିକା ସ୍ମୃତିକଳା ମହାନ୍ତି ଓ ଡେମୋନଷ୍ଟ୍ରେଟର ରିତେଶ ମହାନ୍ତି ସଭା ପରିଚାଳନା କରିଥିଲେ। ପ୍ରାଧ୍ୟାପକ ଶରତ ସାହୁ, ସୁଶାନ୍ତ ମହାପାତ୍ର, ଅଜୟ ପାଣି, ଅଧ୍ୟାପକ ଧର୍ମେନ୍ଦ୍ର ପଟ୍ଟନାୟକ, ରାଧାଶ୍ୟାମ ପଲେଇ, ନଳିନୀକାନ୍ତ ପଟ୍ଟନାୟକ, ଅଜିତ କୁମାର ଦଳାଇ, ଅଧ୍ୟାପିକା ହରପ୍ରିୟା ମହାରଣା, ରବିନାରାୟଣ ମହାପାତ୍ର, ବଡ଼ବାବୁ ବଳରାମ ମିଶ୍ର, ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ସହଯୋଗ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପକ ନଳିନୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।


ବଡ଼ଗୋଠ ତ୍ରିବେଣୀ ସଙ୍ଗମରେ ଭକ୍ତମାନେ ବୁଡ଼ ପକାଉଛନ୍ତି ।

## ଉପଯୁକ୍ତ ଚିକିତ୍ସା ଦ୍ୱାରା ନିଶ୍ଚିତ ଭଲ ହୋଇପାରିବ
ବିଶ୍ୱ କର୍କଟ ଦିବସ ପାଳିତ

ପୁରୀ,୪।୨(ଅଜିତ୍ କୁମାର ମହାନ୍ତି)

କର୍କଟ ରୋଗ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଫେବୃଆରୀ ୪କୁ ବିଶ୍ୱ କର୍କଟ ଦିବସ ରୂପେ ପାଳନ କରାଯାଇଥାଏ। ଏହିପରିପ୍ରେକ୍ଷୀରେ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟ ତରଫରୁ ସହରାଞ୍ଚଳ ସ୍ୱର୍ଗଦ୍ୱାର ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିରଠାରେ ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିରଜା ଶଙ୍କର ରଥ ଯୋଗଦେଇ ବିଶ୍ୱ କର୍କଟ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଡ. ଯଶସ୍ୱୀ କୁମାର ଦାସ (ଚିକିତ୍ସା ଅଧିକାରୀ-କେମୋଥେରାପି) କହିଛନ୍ତି, କର୍କଟ ରୋଗର ପ୍ରମୁଖ କାରଣଗୁଡ଼ିକ ମଧ୍ୟରେ ତମାଖୁ ସେବନ, ମଦ୍ୟପାନ, ରାସାୟନିକ ଦ୍ରବ୍ୟ ମିଶ୍ରିତ ଖାଦ୍ୟ ତଥା କିଛି ଭୂତାଣୁଜନିତ ସଂକ୍ରମଣ ଅନ୍ତର୍ଭୁକ୍ତ। ଜିଲା ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ କହିଛନ୍ତି, କର୍କଟ ରୋଗ ସଅଳ ଚିହ୍ନଟ ଦ୍ୱାରା ତଥା ଉପଯୁକ୍ତ ଚିକିତ୍ସା ଦ୍ୱାରା ନିଶ୍ଚିତ ଭଲ ହୋଇପାରିବ। ସହରାଞ୍ଚଳ ସ୍ୱର୍ଗଦ୍ୱାର ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିରର ଚିକିତ୍ସାଧିକାରୀ ଡା. ବସନ୍ତ କୁମାର ମିଶ୍ର, ଅତିରିକ୍ତ ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ବେଣୁଧର ନାୟକ, ସହରାଞ୍ଚଳ ଜନସ୍ୱାସ୍ଥ୍ୟ ପରିଚାଳକ ପ୍ରଦୀପ କୁମାର ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଆସିଷ୍ଟାଣ୍ଟ ମ୍ୟାନେଜର (ଟ୍ରେନିଂ) ମନୋଜ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଦେଇଥିଲେ।

## ରାଜ୍ୟସ୍ତରୀୟ ସଖୀ, ସହେଲୀ ସମ୍ମିଳନୀ ଉଦ୍‌ଯାପିତ

ପୁରୀ,୪।୨(ଅଜିତ୍ କୁମାର ମହାନ୍ତି)

ଚକ୍ରତୀର୍ଥ ରୋଡ୍‌ସ୍ଥିତ ଏକ ହୋଟେଲଠାରେ ଓଡ଼ିଶା ସରକାର, ୟୁନିସେଫ୍ ଏବଂ ଆକ୍ସନଏଡ୍ ଆସୋସିଏଶନ ଦ୍ୱାରା ମିଳିତ ଭାବେ ଆୟୋଜିତ ୨ଦିନିଆ ରାଜ୍ୟସ୍ତରୀୟ ସଖୀ, ସହେଲୀ ସମ୍ମିଳନୀ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ସମାରୋହରେ ଅତିଥି ଭାବେ ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ପ୍ରକଳ୍ପ ଅଧିକାରୀ ଶୁଭନାରାୟଣ ଶତପଥୀ, ଆକ୍ସନଏଡ୍‌ର ସହଯୋଗୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର, ବାଲ୍ୟବିବାହ ନିରୋଧ ଓ ଶିଶୁ ସୁରକ୍ଷା ପ୍ରକଳ୍ପର ଜାତୀୟ ପ୍ରକଳ୍ପ ନେତୃତ୍ୱ ଘାସିରାମ ପଣ୍ଡା ଏବଂ ରାଜ୍ୟ ଏମ୍ ଆଣ୍ଡ ଇ ଅଫିସର୍ ସୌରିଷ ବୋଷ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଖୀ-ସହେଲୀ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଓଡ଼ିଶାର ତୃଣମୂଳ ଓଡ଼ିଶାର କିଶୋରମାନଙ୍କୁ ବିଶେଷକରି ଝିଅମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କ ଜୀବନର ଉଲ୍ଲେଖନୀୟ ସଫଳତା ଉପରେ ଆଲୋକପାତ କରିବା। ଆକ୍ସନଏଡ୍‌ର ସହଯୋଗୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର ଏହି କାର୍ଯ୍ୟକ୍ରମର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ବର୍ତ୍ତମାନ ୧୪ହଜାର ଗ୍ରାମକୁ ଏବେ ସୁଦ୍ଧା ବାଲ୍ୟବିବାହ ମୁକ୍ତ ଗ୍ରାମ ରୂପେ ଘୋଷଣା କରାଯାଇଛି। ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ସତପଥୀ ଶିଶୁ ଅଧିକାର ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଭିନ୍ନ ଜିଲାରୁ ଆସିଥିବା ମହିଳା ଓ ଶିଶୁ ବିକାଶ ବିଭାଗର କର୍ମଚାରୀମାନେ କାର୍ଯ୍ୟକ୍ରମ ଆରମ୍ଭ ପରଠାରୁ କିଶୋରୀଙ୍କ ସହ ଯୋଗାଯୋଗ ଓ କ୍ୟାଲେଣ୍ଡର ଅନୁସାରେ ମାସିକ ବିଷୟଗୁଡ଼ିକ ଉପରେ ଆଲୋଚନା କରି ନିଜର ମତ ଦେଇଥିଲେ। ଶେଷରେ ଆକ୍ସନଏଡ୍‌ର ରାଜ୍ୟ ଏମ୍ ଆଣ୍ଡ୍ ଇ ଅଫିସର ସୌରିଷ ବୋଷ ଧନ୍ୟବାଦ ଦେଇଥିଲେ।

## ଝାଡ଼ାବାନ୍ତି ହେଲେ ଡାକ୍ତରୀ ପରାମର୍ଶ ନିଅ

ପୁରୀ,୪।୨(ଅଜିତ୍ କୁମାର ମହାନ୍ତି)

କଣାସ ଅଞ୍ଚଳରେ ଦେଖାଯାଇଥିବା ଝାଡ଼ାବାନ୍ତି ଧୀରେ ଧୀରେ ନିୟନ୍ତ୍ରଣକୁ ଆସିଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। କଣାସ ବ୍ଲକ୍‌ର ଅନ୍ୟ ଅଞ୍ଚଳରୁ କାଁ ଭାଁ ଝାଡ଼ାବାନ୍ତି ଆକ୍ରାନ୍ତ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଛନ୍ତି। ମୁଖ୍ୟତଃ ଝାଡ଼ାବାନ୍ତି ପ୍ରପୀଡ଼ିତ ଗୋପୀନାଥପୁର ଓ ଗଡ଼ିଶାଗୋଦ ପଞ୍ଚାୟତର ୬ଟିଗାଁ ନୂଆଗାଁ, ନଇକୂଳପାଟଣା, ଗୋପୀନାଥପୁର, ପାଇକମରା, କଳାପଦର ଓ ଜାଗୁଳେଇପଦର ଆଦି ଗ୍ରାମଗୁଡ଼ିକରେ ଝାଡ଼ାବାନ୍ତି ଏକ ପ୍ରକାର ନିୟନ୍ତ୍ରଣରେ ରହିଛି। ମଙ୍ଗଳବାର ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡା. ନାରାୟଣ ପ୍ରସାଦ ନନ୍ଦ ଓ ଏପିଡେମିଓଲୋଜିଷ୍ଟ ଡା. ଶିଳ୍ପୀ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜାଗୁଳେଇପଦରଠାରେ ଆଶାକର୍ମୀଙ୍କ ଦ୍ୱାରା ଘରକୁ ଘର ବୁଲି ଡାଇରିଆ ରୋଗୀ ଚିହ୍ନଟ କରିବା ସହିତ ପାନୀୟ ଜଳ ଟ୍ୟାଙ୍କର, କୂପ ଇତ୍ୟାଦିରେ ଠିକ୍‌ରେ କ୍ଲୋରିନେଶନ କରାଯାଇଛି କି ନାହିଁ ତାହାର ସମୀକ୍ଷା କରିଥିଲେ। ଏହାଛଡ଼ା ଲୋକମାନଙ୍କୁ ଡାଇରିଆ ହେଲା ମାତ୍ରେ ଡାକ୍ତରଙ୍କ ପରାମର୍ଶ ନେବାକୁ ସଚେତନ କରାଯାଇଛି।

## ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମହିଳାଙ୍କ ଧାରଣା



ମିଶନ ଶକ୍ତି ବିବାଦ ତେଜିଲା

କଣାସ,୪।୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକରେ ମାସେ ହେଲା ମିଶନ ଶକ୍ତିରେ ଅନିୟମିତତାକୁ ନେଇ ବିବାଦ ଲାଗି ରହିଥିବାବେଳେ ସୋମବାରଠାରୁ ମହିଳାମାନେ ସମାଧାନ ପାଇଁ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି।

ବ୍ଲକସ୍ତରୀୟ ମହାସଂଘ ସମ୍ପାଦିକା ଦୀର୍ଘ ୧୮ ବର୍ଷ ହେଲା ଏହି ପଦରେ ରହିଛନ୍ତି। ବିଭିନ୍ନ ଯୋଜନାରେ ଆସୁଥିବା ଅର୍ଥ ବଣ୍ଟନରେ ସେ ପ୍ରିୟାପ୍ରୀତି ପୋଷଣ କରୁଥିବା ଅଭିଯୋଗ କରି ବିଡିଓ ଓ ସିଡିପିଓଙ୍କ କାର୍ଯ୍ୟାଳୟରେ ଦୀର୍ଘ ବର୍ଷେ ହେଲା ମହିଳାମାନେ ହୋହାଲ୍ଲା କରି ଆସୁଥିଲେ। ସେହି ଆନ୍ଦୋଳନ ୨ ଦିନ ହେଲା ଉଗ୍ରରୂପ ଧାରଣ କରିବାରୁ ମହିଳାମାନେ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି। ମଙ୍ଗଳବାର ପୁରୀ ଜିଲା ପ୍ରକଳ୍ପ ସଂଯୋଜକ ସ୍ୱାଗତିକା ପରିଡ଼ା କଣାସ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ବ୍ଲକସଂଘ ଗଢା ନ ହେବା ପର୍ଯ୍ୟନ୍ତ କୌଣସି କାର୍ଯ୍ୟ କରାଯାଇପାରିବ ନାହିଁ ବୋଲି ନିଷ୍ପତ୍ତି ଶୁଣାଇଥିଲେ। ଆଲୋଚନା ସମୟରେ ବିଡିଓ ନାରାୟଣ ସାହୁ, ତହସିଲଦାର ହିମାଂଶୁ ଶେଖର ଗିରି, କଣାସ ଆଇଆଇସି ପ୍ରଦୀପ ଜୁଝାରସିଂ, ସିଡିପିଓ ସ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ୨ ବେଆଇନ ବାଲି ଟ୍ରାକ୍ଟର ଜବତକଲା ଖଣି ବିଭାଗ

ଅସ୍ତରଙ୍ଗ,୪।୨(ମମତା ଜେନା)

ଅସ୍ତରଙ୍ଗ ଦେବୀନଦୀରୁ ବେଆଇନ ଭାବେ ବାଲି ଚୋରାଚାଲାଣ ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ଘାଟ ନିଲାମ ନ ଥିବା ସ୍ଥାନରେ କେତେଜଣ ବାଲିମାଫିଆ ନଦୀ ମଝିରୁ ବାଲି ଆଣି ଘାଟରେ ବ୍ୟବସାୟୀଙ୍କୁ ଯୋଗାଇ ଆସୁଥିଲେ। ଅଭିଯୋଗ ପରେ ମଧ୍ୟ ସ୍ଥାନୀୟ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିଲା। ସାଧାରଣ ଲୋକ ଯେତେବେଳେ ବାଲି କିଣନ୍ତି, ଏହି ବ୍ୟବସାୟୀ ଅଧିକ ଅର୍ଥ ଆଦାୟ କରନ୍ତି। ଉକ୍ତ ଘଟଣାକୁ ଦୃଷ୍ଟି ଦେଇ ପୁରୀ ଜିଲା ଖଣି ଅଧିକାରୀ ସମୀର କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ବାଲିଘାଟ ପରିଦର୍ଶନ କରିବା ସହ ୨ଟି ବାଲିବୋଝେଇ ଟ୍ରାକ୍ଟରକୁ ସୋମବାର ବିଳମ୍ବିତ ରାତ୍ରିରେ ଜବତ କରି ଅସ୍ତରଙ୍ଗ ଥାନା ଜିମା ଦେଇଛି। ଅସ୍ତରଙ୍ଗ ଅଞ୍ଚଳରେ ବାଲି ମାଫିଆଙ୍କ ପାଇଁ ଗ୍ରାହକ ଶୋଷଣର ଶିକାର ହେଉଛନ୍ତି।

## ୧୪ ପଞ୍ଚାୟତରେ କଲ୍ୟାଣ ମଣ୍ଡପ ନିର୍ମାଣ ସରୁନି

ଅସ୍ତରଙ୍ଗ,୪।୨(ପ୍ରଦୀପ୍ତ କୁମାର ଦୀକ୍ଷିତ)

ସରକାର ପଞ୍ଚାୟତବାସୀ ତଥା ଗ୍ରାମାଞ୍ଚଳଗୁଡ଼ିକରେ ଜନସାଧାରଣ କମ୍ ମୂଲ୍ୟରେ ସହରୀ ସୁବିଧା କିପରି ମିଳିବ, ସେଥିଲାଗି ୨୦୧୪ରେ କଲ୍ୟାଣ ମଣ୍ଡପ ଯୋଜନା ହାତକୁ ନେଇଥିଲେ। ଏହା ମଧ୍ୟରେ କଲ୍ୟାଣ ମଣ୍ଡପ ପ୍ରକଳ୍ପ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ବିତିବାକୁ ବସିଥିବା ବେଳେ ପ୍ରକଳ୍ପ କାର୍ଯ୍ୟ ଶେଷ ହେଉନାହିଁ। ଅସ୍ତରଙ୍ଗ ବ୍ଲକ୍‌ର ୧୫ଟି ପଞ୍ଚାୟତରୁ ଛୁରିଆନା ପଞ୍ଚାୟତରେ ଏକମାତ୍ର କଲ୍ୟାଣ ମଣ୍ଡପ କାର୍ଯ୍ୟକ୍ଷମ ହୋଇଛି। ଅସ୍ତରଙ୍ଗ ପଞ୍ଚାୟତରେ ଅଧାଗଢ଼ା ଅବସ୍ଥାରେ ଦୀର୍ଘ ବର୍ଷ ହେଲା ପଡ଼ିରହିଛି। ଅନ୍ୟ ୧୩ ପଞ୍ଚାୟତରେ କଲ୍ୟାଣମଣ୍ଡପ ଆରମ୍ଭ ହୋଇ ନ ଥିବା ଜଣାପଡ଼ିଛି। ଅସ୍ତରଙ୍ଗ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଲକ୍ଷାଧିକ ଟଙ୍କା ବ୍ୟୟବରାଦରେ ୨୦୧୪ ମସିହାରେ ଶିଳାନ୍ୟାସ କରାଯାଇଥିଲା। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପ ଶେଷ କରିବାକୁ ନିର୍ଦ୍ଦେଶ ରହିଥିଲା। ହେଲେ ଏ ପର୍ଯ୍ୟନ୍ତ ତାହା ହୋଇପାରିନାହିଁ। ଏ ସମ୍ପର୍କରେ ବ୍ଲକ୍ ପ୍ରଶାସନ ଦୃଷ୍ଟି ଆକର୍ଷଣକଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ସାଧାରଣ ଲୋକଙ୍କ ଉଦ୍ଦେଶ୍ୟରେ ନିର୍ମିତ ବହୁମୁଖୀ କଲ୍ୟାଣ ମଣ୍ଡପ ସୁବିଧାରୁ ପଞ୍ଚାୟତବାସୀ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ ଅସ୍ତରଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରିଣୀ ସସ୍ମିତା ବେହେରା କହିଛନ୍ତି, ସେ ଅସ୍ତରଙ୍ଗ ବ୍ଲକ୍‌ରେ ଯୋଗଦେବା ୧ବର୍ଷ ମଧ୍ୟରୁ ପ୍ରଥମ ୩ ମାସ ନିର୍ବାଚନରେ ଗଲା, ଏବେ ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ। ବ୍ଲକ୍ ପ୍ରଶାସନର ଦୁର୍ବଳ ମନୋଭାବ ଯୋଗୁ ବିକାଶ ବିଭିନ୍ନ ସ୍ଥାନରେ ଆଗେଇପାରୁନାହିଁ।

## ମହାପ୍ରଭୁ ସନାତନ ଧର୍ମର ସର୍ବପନ୍ଥର ଆଧାର



ପୁରୀ,୪।୨(ଅଜିତ୍ କୁମାର ମହାନ୍ତି)

ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ଓଡ଼ିଶା ଆନୁକୂଲ୍ୟରେ ମଙ୍ଗଳବାର ରାଣୀସତୀ ଭବନ ପରିସରରେ ଜାତୀୟ ବିଶେଷାଙ୍କ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିସହ ପୁସ୍ତକର ସମୀକ୍ଷା ଆଲୋଚନାଚକ୍ର ଟ୍ରଷ୍ଟର ଉପାଧ୍ୟକ୍ଷ ବିନୋଦ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସେବାୟତ ଭଗବାନ ସୁଆର ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା ଅଧ୍ୟୟନ ଓ ଗବେଷଣା କେନ୍ଦ୍ରର ସଦସ୍ୟ ସଚିବ ଡ. ସୁବ୍ରତ ପୃଷ୍ଟି, ସମ୍ମାନିତ ଅତିଥିଭାବେ ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ପୁଷ୍କର ମହାପାତ୍ର, ଡ. ଅଭିମନ୍ୟୁ ଭୂୟାଁ, ଡ. ଦିଲୀପ ସେନାପତି, ଡ. କାର୍ତ୍ତିକ କୁମାର ଦାସ, ପ୍ରାଧ୍ୟାପକ ସର୍ବେଶ୍ୱର ଷଡ଼ଙ୍ଗୀ, ଐତିହାସିକ ମଦନ ମୋହନ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ସର୍ବପନ୍ଥର ଆଧାର ଓ ସନାତନ ଧର୍ମର କେନ୍ଦ୍ରୀୟ ଦେବତା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବୌଦ୍ଧଧର୍ମ, ଜୈନଧର୍ମ, ଶିଖ୍ ଧର୍ମର ସମସ୍ତ ତତ୍ତ୍ୱ ଶ୍ରୀଜଗନ୍ନାଥ ଚେତନାରେ ସମାହିତ। ପ୍ରାରମ୍ଭରେ ଟ୍ରଷ୍ଟର ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ କ୍ରିଷ୍ଟାଦେବୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଜାତୀୟ ବିଶେଷାଙ୍କ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଏହି ଅବସରରେ ଆୟୋଜିତ ଆଲୋଚନା ଓ ସମୀକ୍ଷା ପର୍ବରେ ପଣ୍ଡିତ ସଦାଶିବ ମିଶ୍ର, ଡ. ପ୍ରମୋଦ ଦଳାଇ, ଡ. ମୀନକେତନ ପଟ୍ଟଯୋଶୀ, ପଣ୍ଡିତ ଦୟାନିଧି ତ୍ରିପାଠୀ, ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା, ଡ. ରମାକାନ୍ତ କର, ଶରତ ଚନ୍ଦ୍ର ସାହୁ ଓ ଗବେଷକ ନାରାୟଣ ନନ୍ଦ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ତପନ କୁମାର ସେଠୀ, ରାଜେଶ କୁମାର ବେହେରା ଓ ପ୍ରଦୀପ କୁମାର ନାୟକ ସହଯୋଗ କରିଥିଲେ। ଶେଷରେ ଅନ୍ନପୂର୍ଣ୍ଣା ଦେବୀ ଧନ୍ୟବାଦ ଦେଇଥିଲେ।

## ସୁରକ୍ଷା ସରଞ୍ଜାମ ବିନା କାମ କରୁଛନ୍ତି ଶ୍ରମିକ

ଅସ୍ତରଙ୍ଗ,୪।୨
(ପ୍ରଦୀପ୍ତ କୁମାର ଦୀକ୍ଷିତ)

କାକଟପୁର ନିର୍ବାଚନମଣ୍ଡଳୀ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ସ୍ଥାନରେ ସରକାରୀ କାମରେ ଶ୍ରମିକଙ୍କ ଜୀବନ ବାଜିରେ ଲାଗିଥିବା ଦେଖିବାକୁ ମିଳିଛି। ଚାଲିଥିବା ନିର୍ମାଣ କାର୍ଯ୍ୟରେ ଲୁହା ରେଲିଂ ପରିବର୍ତ୍ତେ ବାଉଁଶ ବ୍ୟବହାର ସହ ଶ୍ରମିକଙ୍କ ସୁରକ୍ଷା ପ୍ରତି କୌଣସି ପଦକ୍ଷେପ ନିଆଯାଇ ନାହିଁ, ଯାହା ତାଙ୍କ ଜୀବନ ପ୍ରତି ବିପଦ ସାଜିଛି।

ପ୍ରକାଶ ଯେ, ସରକାରଙ୍କ ପକ୍ଷରୁ ବସୁଧା ଯୋଜନାରେ ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପଟି ପଞ୍ଚାୟତ କଣ୍ଟାପଡ଼ା ନିକଟ ହାଇସ୍କୁଲ ମୁଖ୍ୟରାସ୍ତା ପାର୍ଶ୍ୱରେ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ, ଅସ୍ତରଙ୍ଗ ତହସିଲ କାର୍ଯ୍ୟାଳୟ କୋଠାରେ ରଙ୍ଗ କାର୍ଯ୍ୟ ଚାଲୁ ରହିଛି। ନିର୍ମାଣ ହେଉଥିବା ପ୍ରକଳ୍ପଗୁଡ଼ିକରେ ଠିକାଦାରଙ୍କ ଦ୍ୱାରା ଶ୍ରମିକ ନିଯୁକ୍ତ ହୋଇଛନ୍ତି। ନିର୍ମାଣ କାର୍ଯ୍ୟରେ ଲୁହା ରେଲିଂ ପରିବର୍ତ୍ତେ ବାଉଁଶ ବ୍ୟବହାର କରାଯାଇଛି। ଶ୍ରମିକମାନେ ଉକ୍ତ ବାଉଁଶରେ ଚଢ଼ି ୫୦ ଫୁଟ ଉପରେ ବିନା ସେଫ୍ଟି ବେଲ୍ଟରେ କାମ କରୁଛନ୍ତି। ଏଥିସହ ତଳେ କୌଣସି ଜାଲ ମଧ୍ୟ ବ୍ୟବହାର କରାଯାଇନାହିଁ। ତହସିଲ କାର୍ଯ୍ୟାଳୟ କୋଠାର ରଙ୍ଗ କାର୍ଯ୍ୟରେ ମଧ୍ୟ ଶ୍ରମିକଙ୍କ କୌଣସି ସୁରକ୍ଷା ବ୍ୟବସ୍ଥା କରାଯାଇ ନାହିଁ। ଯଦି କେହି ତଳକୁ ଖସିବେ, ତେବେ ତାଙ୍କ ଜୀବନଯିବା ସୁନିଶ୍ଚିତ। ଏହା ବ୍ୟତୀତ ନିର୍ମାଣ ସ୍ଥଳକୁ ଆସୁଥିବା ବିଭାଗୀୟ ଅଧିକାରୀ ଏଭଳି ବିପଦସଙ୍କୁଳ କାର୍ଯ୍ୟ ଦେଖି ମଧ୍ୟ ନିରବ ରହୁଛନ୍ତି। ଠିକାଦାର ଓ ବିଭାଗୀୟ ପଦାଧିକାରୀଙ୍କ ସଲାସୁତୁରାରେ ଏଭଳି ବେନିୟମ କାର୍ଯ୍ୟ ଚାଲିଥିବା ନେଇ ଅଞ୍ଚଳର ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି। ଏନେଇ ପୁରୀ ଜିଲା ସହକାରୀ ଶ୍ରମ ଅଧିକାରୀ ଚିନ୍ମୟୀ ପ୍ରିୟଦର୍ଶୀ କହିଛନ୍ତି, ଘଟଣାର ସ୍ଥିତି ଅନୁଧ୍ୟାନ ହେବ। ନିୟମ ଅନୁଯାୟୀ ନିୟମ ଉଲ୍ଲଂଘନ କରାଯାଇଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।


ନିର୍ମାଣାଧୀନ ପାଣିଟାଙ୍କିରେ ବିପଦପୂର୍ଣ୍ଣ ଅବସ୍ଥାରେ ଶ୍ରମିକ କାମ କରୁଛନ୍ତି ।

## ସଂକ୍ଷେପରେ

### ମହିଳାଙ୍କୁ ଗାଳିଗୁଲଜ, ଆକ୍ରମଣ ଘଟଣାରେ ଜଣେ ଗିରଫ

ଜଟଣୀ,୪।୨(ରବୀନ୍ଦ୍ରନାଥ ମହାକୁଡ଼)

ମହିଳାଙ୍କୁ ଗାଳିଗୁଲଜ ଏବଂ ଆକ୍ରମଣ ଘଟଣାରେ ଜଟଣୀ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ କୁସୁମାଟି ଗ୍ରାମର ଗୁରୁପ୍ରସାଦ ମଲ୍ଲିକ ଓରଫ ମିଟୁ(୪୪)। ତାଙ୍କ ନିକଟରୁ ଆକ୍ରମଣରେ ବ୍ୟବହୃତ ମାରଣାସ୍ତ୍ର ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୫୭/୨୫) ରୁଜୁ ହୋଇଛି। ସୂଚନା ମୁତାବକ, କୁସୁମାଟି ଗ୍ରାମର ଜଣେ ମହିଳାଙ୍କ ପରିବାର ଏବଂ ମିଟୁଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଦୀର୍ଘଦିନରୁ ତିକ୍ତତା ରହିଥିଲା। ଗତ ୩୦ତାରିଖରେ ମହିଳା ଜଣଙ୍କ ଏକୁଟିଆ ଥିବା ବେଳେ ମିଟୁ ତାଙ୍କ ଘରେ ପଶି ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏନେଇ ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇବା ସହ ମିଟୁଙ୍କୁ ଗିରଫ କରିଥିଲା।

### ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବଦଳିଲେ

ଟାଙ୍ଗୀ,୪।୨(ରଘୁନାଥ ସାହୁ): ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁଙ୍କୁ ବଦଳି କରାଯାଇ ଗଣଶିକ୍ଷା ବିଭାଗ ଚିଠି ନମ୍ବର ୩୪୩୫ରେ କଟକ ଜିଲା କଣ୍ଟାପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଗଣଶିକ୍ଷା ବିଭାଗ ଚିଠି ନଂ. ୩୫୭୩ରେ ରଣପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ବନଲତା ବେହେରାଙ୍କୁ ଟାଙ୍ଗୀ ବିଇଓ ଭାବେ ନିଯୁକ୍ତି ଦିଆଯାଇଥିବା ଜଣାପଡ଼ିଛି।

### ରାଜ୍ୟ ପୋଲିସ କ୍ରିକେଟ ଦଳରେ ଖୋର୍ଦ୍ଧାର ଅସିତ

ଖୋର୍ଦ୍ଧା,୪।୨(ପ୍ରଭାତ ପାଣିଗ୍ରାହୀ)

ରାଜ୍ୟ ପୋଲିସ କ୍ରିକେଟ ଟିମ୍‌ରେ ଖୋର୍ଦ୍ଧା ପୋଲିସ ଜିଲାରେ କାର୍ଯ୍ୟରତ କନଷ୍ଟେବଲ



ଅସିତ କୁମାର ଦାସ ମନୋନୀତ ହୋଇଛନ୍ତି। ସ୍ଥାନୀୟ ଉପରସାହିର ପ୍ରତାପ କୁମାର ଏବଂ ମମତା ଦାସଙ୍କ ପୁଅ ଅସିତ। ପିଲାଟି ଦିନରୁ ଖେଳ ପ୍ରତି ତାଙ୍କର ରୁଚି ରହିଥିଲା। ବିଭିନ୍ନ ସ୍ଥାନରେ ଆୟୋଜିତ କ୍ରିକେଟ ମ୍ୟାଚରେ ଅଂଶଗ୍ରହଣ କରି ପାରଦର୍ଶିତା ଦେଖାଇଛନ୍ତି। ତାଙ୍କର ଚେଷ୍ଟା, ନିଷ୍ଠା ବଳରେ ସେ ରାଜ୍ୟସ୍ତରୀୟ ଟିମ୍‌ରେ ମନୋନୀତ ହୋଇଛନ୍ତି। ଆସାମ ଜୋନାଲସ୍ତରୀୟ କ୍ରିକେଟ ଚାମ୍ପିୟନଶିପରେ ଭାଗ ନେଇଛି ଓଡ଼ିଶା ପୋଲିସ ଦଳ। ଗୁଆହାଟୀ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ମଣିପୁର ପୋଲିସ ଟିମ୍‌କୁ ହରାଇ ଓଡ଼ିଶା ପୋଲିସ ଦଳ ବିଜୟୀ ହୋଇଛି। ଅସିତଙ୍କ ପାଇଁ ଖୋର୍ଦ୍ଧା ପୋଲିସ ଓ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

### ବଜରଙ୍ଗ ସ୍ପୋର୍ଟିଂ କ୍ଲବ ସେମିରେ

**କଣ୍ଡାମଲିମ ଫୁଟ୍‌ବଲ ଟୁର୍ନାମେଣ୍ଟ**

ବାଘମାରୀ,୪।୨(ମିହିର ରଞ୍ଜନ ମହାପାତ୍ର)

ସିମୋର ପଞ୍ଚାୟତ କଣ୍ଡାମଲିମ ଖେଳପଡ଼ିଆରେ ଜୟଦୁର୍ଗା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ୩୦ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ମଙ୍ଗଳବାର ତୃତୀୟ ଦିବସରେ ବଜରଙ୍ଗ ସ୍ପୋର୍ଟିଂ କ୍ଲବ ଘାଟିକିଆ ଏବଂ ଟାଉନ କ୍ଲବ ଖଣ୍ଡପଡ଼ା ମଧ୍ୟରେ ମ୍ୟାଚ୍ ହୋଇଥିଲା। ୨-୦ ଗୋଲରେ ବଜରଙ୍ଗ ସ୍ପୋର୍ଟିଂ କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଶେଖାଓ୍ୱତ ଅଲ୍ଲୀ ଖାଁ, ସାଗିର ଅହମ୍ମଦ, ଗିରିଶ ଚନ୍ଦ୍ର ଯାନୀ, ଦୟାନ ଖାଁ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ମିହିର ମହାପାତ୍ର ମ୍ୟାଚ୍‌ର ଧାରାବିବରଣୀ ପ୍ରଦାନ କରିଥିଲେ। ସିମୋର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ବରାଳ, ଯୋଗାଣ ବିଭାଗର କମ୍ପ୍ୟୁଟର ଆସିଷ୍ଟାଣ୍ଟ ଅଶୋକ ମଲ୍ଲିକ, ମୀନକେତନ ରାଉତରାୟ, ଚନ୍ଦ୍ରଶେଖର ପାତ୍ର, ବାଉରିବନ୍ଧୁ ପାଇକରାୟ, ବିନୋଦ ବିହାରୀ ରାଉତରାୟ, ଲଡୁକିଶୋର ପାତ୍ର, ଭାଗୀରଥି ମାଝୀ, ସନ୍ତୋଷ ବଳିୟାରସିଂହ, ଗୋପାଳ ଚନ୍ଦ୍ର ପାତ୍ର, କୈଳାସ ଚନ୍ଦ୍ର ପାତ୍ର, ପବିତ୍ର ମୋହନ ପାଇକରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବୁଧବାର ଅନ୍ତିମ କାର୍ଡର ଫାଇନାଲ ମ୍ୟାଚ୍ ରଘୁନାଥ ସ୍ପୋର୍ଟିଂ ଟାଙ୍ଗୀ ଏବଂ ଗୋଲ୍ଡେନ କ୍ଲବ ଅରୁଗୁଳ ମଧ୍ୟରେ ହେବ ବୋଲି ମୁଖ୍ୟ ପରିଚାଳକ କୃପାସିନ୍ଧୁ ମାର୍ଥା କହିଛନ୍ତି।

# ନୀଳାମ୍ବୁ ମହୋତ୍ସବ ଉଦ୍‌ଘାଟିତ

ଟାଙ୍ଗୀ,୪।୨(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ତୃତୀୟ ବାର୍ଷିକ ନୀଳାମ୍ବୁ ମହୋତ୍ସବ-୨୦୨୫ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ସାମ୍ବାଦିକ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ଡ.ଦିଲୀପ ଶ୍ରୀଚନ୍ଦନ, ରୋଟାରୀ କ୍ଲବ ଗଭର୍ନର ଯଜ୍ଞାଶିଷ ମହାପାତ୍ର, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିଜ୍ମା ମାନ୍ଧାତା, ମହୋତ୍ସବର ମୁଖ୍ୟ ଉପଦେଷ୍ଟା ଡ.ସଞ୍ଜୟ ପଟ୍ଟନାୟକ, ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମହୋତ୍ସବକୁ ଉଦ୍‌ଘାଟନ



ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମହୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

କରିଥିଲେ। ଏହି ମହୋତ୍ସବ ୧୦ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମହୋତ୍ସବ ପଡ଼ିଆରେ ଆକର୍ଷଣୀୟ ଦୋଳି, ବିଭିନ୍ନ ସରକାରୀ ଏବଂ ବେସରକାରୀ ଷ୍ଟଲ ପଡିଥିବା ବେଳେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଏଥିରେ ସାମିଲ ହୋଇଛନ୍ତି। ପ୍ରଥମ ସନ୍ଧ୍ୟାରେ ପୁରୀର ମୂର୍ଚ୍ଛନା ଡ୍ୟାନ୍ସ ଏକାଡେମୀ, ନୀଳଶୈଳ ନୃତ୍ୟାଞ୍ଜଳି ଜଟଣୀ, ଅନ୍ୱେଷା ଯାଜପୁର, ଦେବ ଡ୍ୟାନ୍ସ ଗ୍ରୁପ, ନଟରାଜ ଡ୍ୟାନ୍ସ ଏକାଡେମୀ ଚାନ୍ଦପୁର ସେମାନଙ୍କର ଉଚ୍ଚକୋଟୀର କଳା ପ୍ରଦର୍ଶନ କରିଥିଲେ। ଉଦ୍‌ଘୋଷକ ଭାବେ ସତ୍ୟନାରାୟଣ ମହାପାତ୍ର, ରମେଶ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ସମ୍ପାଦନା କରିଥିଲେ। ଦାମୋଦର ସାହୁ, ବିକ୍ରମ କେଶରୀ ସାହୁ, ପ୍ରଦୋଷ ଦାସ, ଡ.ଚନ୍ଦ୍ରଶେଖର ଦାସ, ମନୋଜ ନାଇଡୁ, ପ୍ରଦୀପ ସାହୁ, ମାନସ ପଟ୍ଟନାୟକ, ଉମେଶ ପଟ୍ଟନାୟକ, ପ୍ରଦୀପ ମହାପାତ୍ର, ସନ୍ଦିପନୀ ମିଶ୍ର, ରଜନୀକାନ୍ତ ମିଶ୍ର, ଶ୍ୟାମସୁନ୍ଦର ପଟ୍ଟନାୟକ, ପ୍ରଶାନ୍ତ ବେହେରା, ହିମାଂଶୁ ଭୂଷଣ ଚମ୍ପତିରାୟ, ଆଲୋକ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ମଙ୍ଗଳବାର ଅନୁଷ୍ଠିତ ନୀଳାମ୍ବୁ ମହୋତ୍ସବର ଉଦ୍‌ଘାଟନୀ ଦିବସରେ ପରିବେଶିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ୮ରେଳ କର୍ମଚାରୀ ପୁରସ୍କୃତ



ଖୋର୍ଦ୍ଧାରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍.ଏସ୍. ବାଜୱା ଏବଂ ପୁରସ୍କୃତ ରେଳ କର୍ମଚାରୀମାନେ।

ଜଟଣୀ,୪।୨(ରବୀନ୍ଦ୍ରନାଥ ମହାକୁଡ଼)

କର୍ମକ୍ଷେତ୍ରରେ ସଜାଗ ଏବଂ ସତର୍କତା ପାଇଁ ୮ଜଣ ରେଳ କର୍ମଚାରୀଙ୍କୁ ଖୋର୍ଦ୍ଧାରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍.ଏସ୍. ବାଜୱା ପୁରସ୍କୃତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଓପି) ପି.କେ. ବେହେରା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଶୁଭ୍ରଜ୍ୟୋତି ମଣ୍ଡଳ, ଖୋର୍ଦ୍ଧାରୋଡର ବରିଷ୍ଠ ମଣ୍ଡଳ ସୁରକ୍ଷା ଅଧିକାରୀ ନମୋନାରାୟଣ ମୀନା ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସୋମନାଥ ପରିଡା, ଦିବାକର ପ୍ରଧାନ, ସୁବ୍ରତ ରଞ୍ଜନ ସାହୁ, ଆଶିଷ ସାହୁ, ଭାନୁପ୍ରତାପ ଦେବତା, ସନ୍ତୋଷ କୁମାର ଜାଲି, ମୋନଜ କୁମାର ବେହେରା, ପ୍ରଶାନ୍ତ ଗିରିଙ୍କୁ ପୁରସ୍କୃତ କରାଯାଇଛି। ନିରାପଦ ତଥା ସୁଗମ ଟ୍ରେନ୍ ଚଳାଚଳ ପାଇଁ ବାଜୱା ସମସ୍ତ ରେଳ କର୍ମଚାରୀଙ୍କୁ ନିଜ କାର୍ଯ୍ୟରେ ପ୍ରତିବଦ୍ଧ ତଥା ସଜାଗ ରହିବାକୁ ପ୍ରୋତ୍ସାହିତ କରିଥିଲେ।

## ୨୬ରୁ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ

ବେଗୁନିଆ,୪।୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମାସ୍ଥିତ ବାଲୁଙ୍କେଶ୍ୱର ଦେବଙ୍କ ପୀଠ ପରିସରରେ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ଆସନ୍ତା ୨୬ତାରିଖରୁ ଆରମ୍ଭ ହେବ ବୋଲି ସ୍ଥିର ହୋଇଛି। ସଭାପତି ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସହିତ ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁମାନେ ଯୋଗଦେଇଥିଲେ। ଯଜ୍ଞବିଧି ମୁତାବକ ୨୬ରେ ଅଙ୍କୁରାରୋପଣ ପରେ ପର୍ଯ୍ୟାୟକ୍ରମେ କଳସ ଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା, ଚଣ୍ଡୀ ଆହୁତି, ମାର୍ଚ୍ଚ ୧ରେ ପୂର୍ଣ୍ଣାହୁତି ସମ୍ପନ୍ନ ହେବ ବୋଲି ସ୍ଥିର କରାଯାଇଛି। କୋଷାଧ୍ୟକ୍ଷ ଭାଗୀରଥି ପରିଡ଼ା, ସମ୍ପାଦକ ହେମନ୍ତ କୁମାର ସାହୁ, ସ୍ଥାନୀୟ ସମିତିସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାରସିଂହ, ପ୍ରସନ୍ନ କୁମାର ବାରିକ, ଇଂ. ରାମ ମାନସ ପଣ୍ଡା, ସରୋଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପୀଠ ପରିସରରେ ଆଧ୍ୟାତ୍ମିକତା ଚେତନା ଏବଂ ସୂଚାରୁଭାବେ ସମ୍ପାଦନା କରିବା ପାଇଁ ସଭାପତି ଦାଶ ସଭ୍ୟମାନଙ୍କୁ ନିବେଦନ କରିଛନ୍ତି।

## ‘ପିଲାମାନେ ସମସ୍ତ କ୍ଷେତ୍ରରେ ସମର୍ଥ ହୁଅନ୍ତୁ’

ବାଘମାରୀ,୪।୨ (ମିହିର ରଞ୍ଜନ ମହାପାତ୍ର)

ପଙ୍ଗାରସିଂହ କ୍ଲଷ୍ଟର ପକ୍ଷରୁ ତଳଗଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଶାନ୍ତ ଜଗଦେବଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ସରପଞ୍ଚ ଲାବଣ୍ୟ ଜୟସିଂହ, ମୁଖ୍ୟ ବକ୍ତା ପୂର୍ବତନ ଅଧ୍ୟକ୍ଷ ରଙ୍କନିଧି ବଳିୟାରସିଂହ, ସମ୍ମାନିତ ଅତିଥିଭାବେ ୱାର୍ଡସଭ୍ୟା ସୁମିତ୍ରା ବିଶ୍ୱାଳ, ପରିଚାଳନା କମିଟି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବଳିୟାରସିଂହ, ସମିତିସଭ୍ୟ ସଞ୍ଜୟ ଦେଉରି, ସିଆର୍‌ସିସି ବିଶ୍ୱରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବିଶ୍ୱରଞ୍ଜନ ବେହେରା ସ୍ୱାଗତ ଭାଷଣ ଏବଂ ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। କ୍ଲଷ୍ଟରର ୮ଟି ବିଦ୍ୟାଳୟର ପ୍ରଥମରୁ ତୃତୀୟ ଶ୍ରେଣୀ ଛାତ୍ରୀଛାତ୍ର, ପ୍ରତି ବିଦ୍ୟାଳୟର ଜଣେ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ୧୦ଜଣ ଅଭିଭାବକ ଉପସ୍ଥିତ ଥିଲେ। ପିଲାମାନେ ସବୁକ୍ଷେତ୍ରରେ ସମର୍ଥ ହୁଅନ୍ତୁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷକ ଅଖିଳେଶ ମହାପାତ୍ର ପରିଚାଳନା କରିଥିବା ବେଳେ ଶିକ୍ଷକ କିଶୋର ପ୍ରଧାନ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ଗାୟତ୍ରୀ ବେହେରା, ସାଗରିକା ମାଝୀ, ଇପ୍ସିତା ପଣ୍ଡା, ପ୍ରଭାକର ମହାପାତ୍ର, ସୋନାଲି ବେହେରା, ସୁଜାତା ରାଉତ, ଭାରତୀ ରାଉତ, ଗୋବିନ୍ଦ ଦେଉରି, ଅବକାଶ ସେଠୀ, ଧ୍ରୁବ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

**ହାତୀ ପାଇଁ ହଇରାଣ**

# ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ

ଖୋର୍ଦ୍ଧା,୪।୨(ପ୍ରଭାତ ପାଣିଗ୍ରାହୀ)

ହାତୀ ଉପଦ୍ରବ ଯୋଗୁ ନାହିଁ ନ ଥିବା କ୍ଷତି ସହୁଛନ୍ତି ଚାଷୀ। ଏକ ହାତୀର ମୃତ୍ୟୁ ପରେ ବନ ବିଭାଗର ନିର୍ଦ୍ଦେଶକ୍ରମେ ବିଦ୍ୟୁତ୍ କାଟିଦିଆଯାଇଛି। ୩ ସପ୍ତାହ ହେବ ଅନ୍ଧାରରେ ରହୁଛନ୍ତି ଗ୍ରାମବାସୀ। ବିଦ୍ୟୁତ୍ ସଂଯୋଗ କଟିବା ଯୋଗୁ ଚାଷ କାର୍ଯ୍ୟ ପ୍ରଭାବିତ ହେବା ସହ ଗ୍ରାମବାସୀ ହଇରାଣ ହେଉଛନ୍ତି। ସୋମବାର ଜିଲାପାଳଙ୍କୁ ଅଭିଯୋଗ ପରେ ବିଦ୍ୟୁତ୍ ସଂଯୋଗ କରାଯିବ ବୋଲି ବିଦ୍ୟୁତ୍ ବିଭାଗ ପକ୍ଷରୁ କୁହାଯାଇଛି।

ଖୋର୍ଦ୍ଧା ବନାଞ୍ଚଳରେ ୩୫ରୁ ଊର୍ଦ୍ଧ୍ୱ ହାତୀପଲ ରହିଛନ୍ତି। କେବଳ ବେଗୁନିଆ ଅଞ୍ଚଳରେ ୧୪ଟିକିଆ ହାତୀପଲ ଉପଦ୍ରବ କରୁଛନ୍ତି। କେତେବେଳେ ବେଗୁନିଆ ତ’ ଆଉ କେତେବେଳେ ଖୋର୍ଦ୍ଧା ଏବଂ ଜଙ୍କିଆ ଅଞ୍ଚଳରେ। କିଛିଦିନ ପୂର୍ବେ ଏକ ହାତୀ ଦିବ୍ୟାଙ୍ଗ ପୁଅକୁ ମାରିବା ସହ ତାଙ୍କ ମା’ଙ୍କୁ ଗୁରୁତର ଆହତ କରିଥିଲା। ସେହିପରି ବେଗୁନିଆ ବ୍ଲକ ଗୋବିନ୍ଦପୁର ପଞ୍ଚାୟତରେ ଏକ ହାତୀର ମୃତ୍ୟୁ ପରେ ଆଖପାଖ ଚାଷଜମିରେ ଥିବା ବିଦ୍ୟୁତ୍ ସଂଯୋଗ କାଟିଦିଆଯାଇଛି। ବନ ବିଭାଗର ନିର୍ଦ୍ଦେଶକ୍ରମେ ଏହି ପଦକ୍ଷେପ ନିଆଯାଇଛି। ଦୀର୍ଘ ୧୦ଦିନ ପରେ ମଧ୍ୟ ବିଦ୍ୟୁତ୍ ନ ଆସିବାରୁ ବିଲରେ ହୋଇଥିବା ଫସଲକୁ ପାଣି ମାଡି ପାରୁନାହାଁ। ଫଳରେ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଚଳିତ ବର୍ଷ ଧାନ ପରେ ରବି ଫସଲ କରି କିଛି ଲାଭ କରିବାକୁ ଚିନ୍ତା କରିଥିବା ଚାଷୀଙ୍କୁ ଏବେ ଫସଲ ସୁରକ୍ଷା ଚିନ୍ତା ଘାରିଛି। ହାତୀପଲ ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରିଦେଉଛନ୍ତି। ସେହିପରି କିଛି ଚାଷଜମିରେ ଭଲ ଫସଲ ହୋଇଥିବା ବେଳେ ଏବେ ବିଦ୍ୟୁତ୍ ଅଭାବରୁ ସେସବୁ ନଷ୍ଟ ହୋଇସାରିଲାଣି। ବିଦ୍ୟୁତ୍ ଅଭାବରୁ ନଷ୍ଟ ହୋଇଥିବା ଫସଲର କ୍ଷତିପୂରଣ ଦେବାକୁ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି।

ଚନ୍ଦକାରୁ ଖସି ଆସିଥିବା ହାତୀପଲ ବେଗୁନିଆ ବ୍ଲକର ବିଭିନ୍ନ ଅଞ୍ଚଳରେ ଉପଦ୍ରବ ଜାରି ରଖିଛନ୍ତି। ସଞ୍ଜ ନଇଁଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗ୍ରାମରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ହାତୀ ହାବୁଡରେ ପଡି ଲୋକଙ୍କ ଜୀବନ ଯାଉଛି। ଗ୍ରାମ୍ୟ ରାସ୍ତା, ଜଙ୍ଗଲରେ ହାତୀ ରହିବା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏପରିକି ସନ୍ଧ୍ୟା ହେଲେ ଗ୍ରାମବାସୀ ଆଉ ଘରୁ ବାହାରିବାକୁ ଉଚିତ୍ ମଣୁନାହାନ୍ତି। ଏହି ବ୍ଲକର ୭ଟି ପଞ୍ଚାୟତ ସିକୋ, ହଜ, ଦେଉଳି, ଶଗଡ଼ଭଙ୍ଗା, ହୀରାପୁର, ବୋତଲମା, ଗୋବିନ୍ଦପୁର ଅଞ୍ଚଳରେ ହାତୀଙ୍କ ଉତ୍ପାତ ଜାରି ରହିଛି। ଅନ୍ୟପଟେ ବନ ବିଭାଗ ପକ୍ଷରୁ ରାତ୍ରି ପାଟ୍ରୋଲିଂ କରାଯାଉଛି ବୋଲି ବନ ଅଧିକାରୀ ଜୟକୃଷ୍ଣ ପଣ୍ଡା କହିଛନ୍ତି।

## ବିଦ୍ୟାଳୟର ବାର୍ଷିକ ଉତ୍ସବ

କଳାପଥର, ୪।୨(ଗଙ୍ଗାଧର ସାହୁ)

ବୋଲଗଡ଼ ବ୍ଲକ ଧଳାପଥର ପଞ୍ଚାୟତ ଅନ୍ତର୍ଗତ ସରସ୍ୱତୀ ଶିଶୁମନ୍ଦିରର ପଞ୍ଚଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗଦେଇଥିଲେ। ଅତିଥିମାନେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସାଙ୍ଗୀତ ଗାନ କରାଯାଇଥିଲା। ମୁଖ୍ୟବକ୍ତାଭାବେ ପଦ୍ମନାଭ ସାହୁ, ସମ୍ମାନିତ ଅତିଥି ସରପଞ୍ଚ ନାରାୟଣ ସାହୁ, ବିଜୟ କୁମାର ସୁବୁଦ୍ଧି, ସୁରଜ କୁମାର ସୁବୁଦ୍ଧି, ରତ୍ନାକର ମହାପାତ୍ର, ସନ୍ତୋଷ ତ୍ରିପାଠୀ, ମାଧବ ଚନ୍ଦ୍ର ଦାସ, ମାୟାଧର ପାଣିଗ୍ରାହୀ, ପ୍ରଧାନ ଆଚାର୍ଯ୍ୟା ସସ୍ମିତା ପ୍ରଧାନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ସମସ୍ତ ଗୁରୁଜୀ ଗୁରୁମା’ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ବାଣପୁରରେ ନୂତନ ଜେଏମ୍ଏଫ୍‌ସିଙ୍କୁ ସ୍ୱାଗତ



ଜେଏମ୍ଏଫ୍‌ସି ଇପ୍ସିତା ପ୍ରିୟା ଏକ୍କାଙ୍କୁ ସ୍ୱାଗତ କରାଯାଉଛି।

ଖୋର୍ଦ୍ଧା,୪।୨(ପ୍ରଭାତ ପାଣିଗ୍ରାହୀ)

ବାଣପୁର କୋର୍ଟର ନୂତନ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି(ଜେଏମ୍ଏଫ୍‌ସି) ଭାବେ ଇପ୍ସିତା ପ୍ରିୟା ଏକ୍କା କାର୍ଯ୍ୟରେ ଯୋଗଦେଇଛନ୍ତି। ଏହି ଅବସରରେ ତାଙ୍କୁ ବାଣପୁର ଓକିଲ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ସଂଘ ସଭାପତି ବୃନ୍ଦାବନ ପ୍ରଧାନ, ସମ୍ପାଦକ ରଞ୍ଜନ କୁମାର ବେଦମଣ୍ଡାଙ୍କ ସମେତ ଉପସଭାପତି ରାମଚନ୍ଦ୍ର ପଲେଇ, ସହସମ୍ପାଦକ ନରେନ୍ଦ୍ର ନାୟକ, କାର୍ଯ୍ୟକାରୀ ସଭ୍ୟ ସନ୍ତୋଷ ମହାପାତ୍ର, ଦେବବ୍ରତ ବଡ଼ଜେନା, ଆଇନଜୀବୀ ସୀତାରାମ ଅଗ୍ରୱାଲ ପ୍ରମୁଖ ନୂତନ ବିଚାରପତିଙ୍କୁ ଭେଟି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ନୂତନ ବିଚାରପତି ବାଣପୁର ଓକିଲ ସଂଘର ସମସ୍ତ ପ୍ରକାର ସହଯୋଗ ଲୋଡ଼ିବା ସହ ବାର୍ ଏବଂ ବେଞ୍ଚ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି କୋର୍ଟ କାର୍ଯ୍ୟ କିପରି ସୁରୁଖୁରୁରେ ଜାରି ରହିବ ତାହା ଉପରେ ଗୁରୁତ୍ୱ ଦେବେ ବୋଲି କହିଥିଲେ। ପ୍ରକାଶ ଯେ, ପୂର୍ବତନ ବାଣପୁର ଜେଏମ୍ଏଫ୍‌ସି ସ୍ନାତକୀ ଦାସଙ୍କ ନୂଆପଡ଼ା ଏସ୍‌ଡିଜେଏମ୍ ଭାବେ ବଦଳି ହେବା ପରେ କେନ୍ଦ୍ରାପଡ଼ା ଜେଏମ୍ଏଫ୍‌ସି ଭାବେ କାର୍ଯ୍ୟରତ ଇପ୍ସିତା ପ୍ରିୟା ଏକ୍କା ବାଣପୁର ଜେଏମ୍ଏଫ୍‌ସି ଭାବେ ଯୋଗଦେଇଛନ୍ତି।

# ବିଦ୍ୟାର୍ଥୀଙ୍କ ଶିକ୍ଷଣ ଦକ୍ଷତା ବୃଦ୍ଧି କରିବ ନିପୁଣ ଓଡ଼ିଶା ମେଳା

ବୋଲଗଡ଼,୪।୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ନୂଆସାହି ସାଧନକେନ୍ଦ୍ର ସ୍ତରୀୟ ନିପୁଣ ଓଡ଼ିଶା ମେଳା ସଂଯୋଜକ ଚନ୍ଦ୍ରଶେଖର ନାୟକଙ୍କ ତତ୍ତ୍ୱାବଧାନରେ ସୋମବାର ବାମନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପୀତବାସ ଲେଙ୍କାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ମେଳାରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ ଉଦ୍‌ଘାଟନ କରି ଉକ୍ତ ମେଳା ବିଦ୍ୟାର୍ଥୀଙ୍କ ଶିକ୍ଷଣ ଦକ୍ଷତା ବୃଦ୍ଧିରେ ସହାୟକ ହେବ ବୋଲି କହିଥିଲେ। ମୁଖ୍ୟବକ୍ତା ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ, ସମ୍ମାନିତ ଅତିଥିଭାବେ ବୋଲଗଡ଼ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ମଞ୍ଜୁବାଳା ଷଡ଼ଙ୍ଗୀ, ସରକାରୀ ପ୍ରାଥମିକ ବିଦ୍ୟାଳୟ ଖଙ୍ଗୁରିଆର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁବାଳା ବଳିୟାରସିଂହ ଯୋଗଦେଇଥିଲେ। ମାର୍ଗଦର୍ଶକ ଶିକ୍ଷକ ରବୀନ୍ଦ୍ର ରାଉତରାୟ ଓ ମାର୍ଗଦର୍ଶିକା ଶିକ୍ଷୟିତ୍ରୀ ଭାବେ ସୌଦାମିନୀ ପରିଡ଼ା, ସଞ୍ଜୁକ୍ତା ସାହୁ, ସୁଲୋଚନା ସେଠ୍, କୁମୁଦିନୀ ସାହୁ ଉପସ୍ଥିତ ଥଲେ। ଏହି ମେଳାରେ ୮ଟି ବିଦ୍ୟାଳୟର ୮୦ଜଣ ବିଦ୍ୟାର୍ଥୀ ମୋଟ୍ ୧୫୭ଟି ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରିଥିଲେ। ଶେଷରେ ଶିକ୍ଷକ ଚିତ୍ତରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ। ସେହିପରି ବୋଲଗଡ଼ ଶିକ୍ଷା ବ୍ଲକ ମାଣିବନ୍ଧ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ଦଦରାକାନ୍ଥ ଆଶ୍ରମ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ସୁନନ୍ଦା ବରାଳ, ସମ୍ମାନିତ ଅତିଥି ସମିତିସଭ୍ୟା ତଅପୋଇ ନାୟକ, ୱାର୍ଡସଭ୍ୟା ସୁକୁଟି ନାୟକ ପ୍ରମୁଖ ଯୋଗଦେଇ ମତ ରଖିଥିଲେ। କାର୍ଯ୍ୟକ୍ରମରେ ୧୪୦ ଛାତ୍ରୀଛାତ୍ର, ୮୦ ଅଭିଭାବକ, ଅଙ୍ଗନୱାଡି କର୍ମୀ, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଏବଂ ୮ଜଣ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ତନ୍ମୟ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିବା ବେଳେ ବିପିନ ବିହାରୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

**ଅନ୍ତର୍ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତା**

## ବିଶ୍ୱରଞ୍ଜନଙ୍କୁ ରୌପ୍ୟ



ଖୋର୍ଦ୍ଧା,୪।୧(ପ୍ରଭାତ ପାଣିଗ୍ରାହୀ)

ନେପାଳର ପୋଖରାଠାରେ ଜାନୁଆରୀ ୨୮ରୁ ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସିନିୟର ବାଳକ ବିଭାଗରେ ଏକେଏସ୍ ଟାଏକୋଣ୍ଡୋ ଏକାଡେମୀର ବିଶ୍ୱରଞ୍ଜନ ଅମରଦୀପ ଆନ୍ତର୍ଜାତୀୟସ୍ତରରେ ‘ପୁମ୍‌ସେ’ ବିଭାଗରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଭାରତ ପାଇଁ ଗୌରବ ଅର୍ଜନ ଆଣିଛନ୍ତି। ଗ୍ରାଣ୍ଡମାଷ୍ଟର ଅଶୋକ କୁମାର ସାହୁ ସମ୍ପାଦକ (ଖୋର୍ଦ୍ଧା ଜିଲା ଟାଏକୋଣ୍ଡୋ ଆସୋସିଏଶନର ପ୍ରତିଷ୍ଠାତା ତଥା ବିଶ୍ୱ ଟାଏକୋଣ୍ଡୋ ମୁଖ୍ୟାଳୟ ଅନ୍ତର୍ଜାତୀୟ ପ୍ରଶିକ୍ଷକ) ବିଶ୍ୱ ଟାଏକୋଣ୍ଡୋ ମହାସଂଘର ବିଚାରକ (ଡବ୍ଲୁଟିଏଫ୍) ଏବଂ ଦଳ ସଞ୍ଚାଳକ ଭାରତୀ ଜଗଦ୍ଦେବଙ୍କ ନେତୃତ୍ୱରେ ସଫଳତା ହାସଲ କରି ଭାରତକୁ ଗୌରବାନ୍ୱିତ କରିଛନ୍ତି। ବିଶ୍ୱରଞ୍ଜନ ଖୋର୍ଦ୍ଧା ଜିଲା ଗୁରୁଜଙ୍ଗ ଗ୍ରାମର ଦିଲୀପ କୁମାର ସାହୁ ଓ କଳ୍ପନା ମହାନ୍ତିଙ୍କ କନିଷ୍ଠ ପୁଅ। ସେ କଟକର ଦି ଲ’ ଆଇନ ମହାବିଦ୍ୟାଳୟର ଶେଷବର୍ଷର ଛାତ୍ର। ଉକ୍ତ ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଏସ୍.କେ.ରାୟ ଏବଂ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ଡ. କମଳଜିତ୍ ସିଂହ ଶୁଭେଚ୍ଛା ଜଣାଇଛନ୍ତି। ବିଶ୍ୱରଞ୍ଜନଙ୍କ ଏହି ସଫଳତା ପାଇଁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଶୁଭେଚ୍ଛା ଜଣାଇବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ରାଇଜିଂଷ୍ଟାର କ୍ଲବ କୁମାରବସ୍ତ ବିଜୟୀ

ଖୋର୍ଦ୍ଧା,୪।୨(ପ୍ରଭାତ ପାଣିଗ୍ରାହୀ)

କ୍ରିକେଟ ଆସୋସିଏଶନ ଅଫ୍ ଡିଷ୍ଟ୍ରିକ୍ଟ ଆନୁକୂଲ୍ୟରେ ସ୍ଥାନୀୟ ବିଜେବି ହାଇସ୍କୁଲ ପଡ଼ିଆରେ ଚାଲିଥିବା ଖୋର୍ଦ୍ଧା ଜିଲା କନିଷ୍ଠ ଇଣ୍ଟ୍ରା କ୍ଲବ୍ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ରାଇଜିଂଷ୍ଟାର କ୍ଲବ କୁମାରବସ୍ତ ଏବଂ ବ୍ଲୁ ବାର୍ଡ କ୍ଲବ ଗୁରୁଜଙ୍ଗ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ରାଇଜିଂଷ୍ଟାର ଟିମ୍ ପ୍ରଥମେ ବ୍ୟାଟିଂ କରି ୪୦ ଓଭରରେ ୮ ଉଇକେଟ ବିନିମୟରେ ୧୭୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମୃତ୍ୟୁଞ୍ଜୟ ମହାପାତ୍ର ୭୮ରନ କରିଥିବା ବେଳେ ବ୍ଲୁବାର୍ଡ ଟିମ୍‌ର ଆଶୁତୋଷ ଜେନା ଏବଂ ରୁଦ୍ର ମଲ୍ଲିକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ବ୍ଲୁବାର୍ଡ ଟିମ୍ ୨୮.୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୨୫ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ଆଶୁତୋଷ ସିଂ ୪୩ରନ ସଂଗ୍ରହ କରିଥିବା ବେଳେ ରାଇଜିଂଷ୍ଟାର ଟିମ୍‌ର ପ୍ରିୟାଂଶୁ ଦାସ ୪ଟି ଉଇକେଟ ନେଇଥିଲେ। ସରୋଜ ପାତ୍ର ଏବଂ ଚନ୍ଦ୍ର ମୋହନ ବରାଳ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଜିତେନ୍ଦ୍ର ସେନାପତି ସ୍କୋରରଭାବେ ଦାୟିତ୍ୱ ତୁଲାଇଥିଲେ। ବ୍ରିଜେଶ ପ୍ରଧାନ ମ୍ୟାଚ ରେଫରି ଏବଂ ଦେବ ପ୍ରସାଦ ସାମନ୍ତରାୟ ମ୍ୟାଚର ସଂଯୋଜକ ଭାବେ କାର୍ଯ୍ୟ କରିଥିଲେ। ବୁଧବାର କେ.ଟି ଗ୍ଲୋବାଲ କ୍ରିକେଟ କ୍ଲବ ଏବଂ ଜଟଣୀ କ୍ରିକେଟ ଏକାଡେମୀ ମଧ୍ୟରେ ମ୍ୟାଚ୍ ହେବ ବୋଲି ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ କହିଛନ୍ତି।



ମ୍ୟାଚ୍‌ରେ ଯୋଗଦେଇଥିବା ଖେଳାଳିମାନେ।

# ‘ମଧୁବାବୁ ଓଡ଼ିଆଙ୍କ ହୃଦୟରେ ଚିର ଅମର’

## ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୧୧ତମ ଶ୍ରାଦ୍ଧ ଦିବସ

ଭୁବନେଶ୍ୱର,୪।୨(ସୌମ୍ୟରଞ୍ଜନ ରାଉତ)



କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ ଓ ଅନ୍ୟ ଅତିଥିମାନେ ।

ସ୍ୱତନ୍ତ୍ର ଓଡ଼ିଶା ଗଠନର ମୁଖ୍ୟ ବିନ୍ଧାଣି, ଜାତୀୟତାବାଦୀ ଚିନ୍ତାଧାରାର ମହାନ ନାୟକ ଉତ୍କଳଗୌରବ ମଧୁସୂଦନ ଦାସ ବହୁ କୋଟି ଓଡ଼ିଆଙ୍କ ହୃଦୟରେ ଚିର ଅମର ରହିବେ। ଓଡ଼ିଆ ଜାତି ପାଇଁ ତାଙ୍କ ତ୍ୟାଗ ଓ ତପସ୍ୟା ଅତୁଳନୀୟ। ବିଚ୍ଛିନ୍ନାଞ୍ଚଳ ସହିତ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଏବଂ ଓଡ଼ିଶାରେ କୁଟୀରଶିଳ୍ପର ବିକାଶ ସହିତ କୃଷି, ବାଣିଜ୍ୟ, ଶିକ୍ଷା ଓ ସଂସ୍କୃତି କ୍ଷେତ୍ରରେ ଏକ ନୂତନ ଜାଗରଣ ସୃଷ୍ଟି କରିବା ସକାଶେ ଉତ୍କଳ ସମ୍ମିଳନୀ ମାଧ୍ୟମରେ ମଧୁବାବୁ ସର୍ବଦା ଉଦ୍ୟମରତ ଥିଲେ ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି। ମଙ୍ଗଳବାର ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୧୧ତମ ଶ୍ରାଦ୍ଧ ଦିବସରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ପାଢ଼ୀ ଯୋଗଦେଇ ଏହା କହିଛନ୍ତି। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ ଯୋଗଦେଇ କହିଥିଲେ, ମଧୁବାବୁ ଥିଲେ ଓଡ଼ିଆ ଜାତୀୟ ଜୀବନର ସ୍ରଷ୍ଟା, ଜାତିପ୍ରାଣ ଓ ଭାଷାସଙ୍କଟର ତ୍ରାଣକର୍ତ୍ତା। ସେ ଥିଲେ ପ୍ରଥମ ଓଡ଼ିଆ ଗ୍ରାଜୁଏଟ, ପ୍ରଥମ ମନ୍ତ୍ରୀ, ପ୍ରଥମ ଓଡ଼ିଆ ବିଲାତ ଯାତ୍ରୀ, ପ୍ରଥମ ଓଡ଼ିଆ ଆଇନଜୀବୀ। ମଧୁବାବୁ ଥିଲେ ଓଡ଼ିଆ ଜାତୀୟତାର ଜନକ, ନବଜାଗରଣର ପ୍ରବର୍ତ୍ତକ। ଓଡ଼ିଆ ଜାତି ପାଇଁ ତଥା ଓଡ଼ିଶାର ଅସ୍ତିତ୍ୱକୁ ପ୍ରତିପାଦନ ପାଇଁ ତାଙ୍କ ଉଦ୍ୟମ ସର୍ବଦା ପ୍ରଶଂସନୀୟ। ସମ୍ମାନିତ ଅତିଥି ଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଯୋଗଦେଇ ଓଡ଼ିଆ ଜାତିର ପ୍ରାଣ ପ୍ରତିଷ୍ଠାତା ମଧୁବାବୁ ଓଡ଼ିଆଙ୍କ ଭିତରେ ଜାତୀୟତାର ମହାପ୍ରବାହ ସୃଷ୍ଟି କରିବା ଲକ୍ଷ୍ୟରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ବୋଲି କହିଥିଲେ। ସନ୍ଧ୍ୟା କାର୍ଯ୍ୟକ୍ରମରେ ଉପନିର୍ଦ୍ଦେଶକ ତ୍ରୀପ୍ତିମୟୀ ମହାପାତ୍ରଙ୍କ ସମେତ ଅନ୍ୟ ଅଧିକାରୀ, ବୁଦ୍ଧିଜୀବୀ, ଛାତ୍ରୀଛାତ୍ର ଓ ଗଣମାଧ୍ୟମର ପ୍ରତିନିଧି ଯୋଗଦେଇଥିଲେ। ବିଭାଗ ତରଫରୁ ସକାଳେ ରାଜଭବନ ଛକସ୍ଥିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ କାର୍ଯ୍ୟକ୍ରମ ହୋଇଥିଲା। ବିଭାଗର ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ।

# ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତା: ୫ ବର୍ଷୀୟା ସ୍ନେହାଶ୍ରୀ ମନୋନୀତ

ନିମାପଡ଼ା,୪।୨(ବିଚିତ୍ରାନନ୍ଦ ସାହୁ)



ପୁରୀ ଜିଲା ନିମାପଡ଼ା ବ୍ଲକର ୫ ବର୍ଷୀୟା ଟାଏକୋଣ୍ଡୋ ଖେଳାଳି ସ୍ନେହାଶ୍ରୀ ସ୍ୱାଇଁ ଜାତୀୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ଚଳିତ ମାସ ୮ ଓ ୯ ତାରିଖରେ ଛତିଶଗଡ଼ ବିଳାସପୁରଠାରେ ଏହି ଜାତୀୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ସ୍ନେହାଶ୍ରୀ ଏବେ ନିମାପଡ଼ା କଳିଙ୍ଗ ଇଣ୍ଟରନ୍ୟାଶନାଲ ସ୍କୁଲର ଏଲ୍‌କେଜି ଶ୍ରେଣୀର ଛାତ୍ର। ନିମାପଡ଼ାର ଅମିତ ଟାଏକୋଣ୍ଡୋ ଆସୋସିଏଶନର ମାଷ୍ଟର ଅମିତ୍ କୁମାର ରାଉତଙ୍କଠାରୁ ସେ ଟ୍ରେନିଂ ନେଉଛନ୍ତି। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସ୍ନେହାଶ୍ରୀ ପଦକ ଜିତି ଆମ ରାଜ୍ୟ, ପୁରୀ ଜିଲା ଓ ନିମାପଡ଼ା ପାଇଁ ଗୌରବ ଆଣିବେ ବୋଲି କୋଚ୍ ଅମିତ ଦୃଢ଼ ଆଶା ପ୍ରକଟ କରିଛନ୍ତି। ଜାତୀୟସ୍ତରକୁ ସ୍ନେହାଶ୍ରୀ ମନୋନୀତ ହୋଇଥିବାରୁ ତାଙ୍କ ବାପା ତପନ କୁମାର ସ୍ୱାଇଁ, ମାତା ଲକ୍ଷ୍ମୀପ୍ରିୟା ବେଶ୍ ଖୁସି ବ୍ୟକ୍ତ କରିଛନ୍ତି। ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିବାରୁ ସ୍ନେହାଶ୍ରୀଙ୍କୁ ତାଙ୍କ କୋଚ୍ ଅମିତ୍, ଓଡ଼ିଶା ରୟାଲ ଟାଏକୋଣ୍ଡୋ ଆସୋସିଏଶନର ହିମାଂଶୁ ଶେଖର ପ୍ରଧାନ, ଯୁଗ୍ମ ସମ୍ପାଦକ ପାର୍ଥସାରଥି ରାଉତ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ପୂର୍ବରୁ ବହୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସ୍ନେହାଶ୍ରୀ ସ୍ୱର୍ଣ୍ଣ, ରୌପ୍ୟ ପଦକ ପାଇ ବେଶ୍ ସଫଳତା ପାଇଥିବା ତାଙ୍କ କୋଚ୍ କହିଛନ୍ତି।

## ଟାଙ୍ଗୀ ଗୋଷ୍ଠୀ ଶିକ୍ଷାଧିକାରୀ ବଦଳିଲେ

ଟାଙ୍ଗୀ,୪।୨(ରଘୁନାଥ ସାହୁ)

ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁଙ୍କୁ ବଦଳି କରାଯାଇ କଟକ ଜିଲା କଣ୍ଠାପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀଭାବେ ନିଯୁକ୍ତି ଦିଆଯାଇଛି। ଗଣଶିକ୍ଷା ବିଭାଗ ଚିଠି ନଂ. ୩୫୭୩ରେ ରଣପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ବନଲତା ବେହେରାଙ୍କୁ ଟାଙ୍ଗୀ ବିଇଓ ଭାବେ ନିଯୁକ୍ତି ଦିଆଯାଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

URGENT REQUIREMENT
MARKETINGMANAGER for BANQUET HALL RESTAURANT.
Contact No.:
9668531559
8456814226

AC MECHANIC REQUIREMENT
1. We required 2 years experience AC Technicians working under 3 phase and single phase machines.
2. Junior Technicians - Criteria : Under Matric, Under +2 students.
Age : 18+
ESSAR ELECTRONICS
9776629291 / 8337999111

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ନାବାଳକ ମୃତ

ନିମାପଡ଼ା,୪।୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଅନ୍ଧୁଆର ପଞ୍ଚାୟତ ପରଡ଼ାପଡ଼ା ପଣ୍ଡାସାହି ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ପାଖ ପୋଖରୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତ ବାଳକ ହେଲେ ଗ୍ରାମର ସୁବାସ ଦାଶଙ୍କ ପୁଅ ଶୁଭମ୍ ଦାଶ(୪)। ଶୁଭମ୍‌ଙ୍କ ଦାଦା କୈଳାସ ଦାଶଙ୍କ ଅଭିଯୋଗ କ୍ରମେ ନିମାପଡ଼ା ପୋଲିସ ୫/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଶୁଭମ୍ ସାଙ୍ଗମାନଙ୍କ ସହ ଖେଳୁଥିବାବେଳେ କେତେବେଳେ ଅସାବଧାନତାବଶତଃ ପୋଖରୀରେ ବୁଡ଼ି ଯାଇଥିଲେ। ପରିବାର ଲୋକେ ପୁଅକୁ ଖୋଜାଖୋଜି କରି ପାଇ ନ ଥିଲେ। ଖବରପାଇ ନିମାପଡ଼ା ଅଗ୍ନିଶମ ସେବାସଂସ୍ଥା ଓ ଆମ୍ବୁଲାନ୍ସ କର୍ମଚାରୀ, ଗ୍ରାମବାସୀ ଖୋଜାଖୋଜି କରିବାରୁ ତାଙ୍କୁ ପୋଖରୀରୁ ଭାସୁଥିବା ଅବସ୍ଥାରେ ଉଦ୍ଧାର କରି ନିମାପଡ଼ା ମେଡିକାଲକୁ ଆଣିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମେଡିକାଲରେ ପହଞ୍ଚି ନାବାଳକଙ୍କ ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି। ନାବାଳକଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ତଥା ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ପ୍ରଶାସନ ପାଖରେ ଦାବି କରିଛନ୍ତି।

### ରତନପୁର କ୍ରିକେଟ୍ ଟିମ୍ ଚାମ୍ପିୟନ ମା’ ଦକ୍ଷିଣଚଣ୍ଡୀ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

କଣାସ,୪।୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ବକୁ ପଞ୍ଚାୟତର ରତନପୁର ଗ୍ରାମ ଖେଳପଡ଼ିଆରେ ମା’ ଦକ୍ଷିଣଚଣ୍ଡୀ କ୍ରିକେଟ କ୍ଲବ୍ ପକ୍ଷରୁ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ମଣିଜପୁର କ୍ରିକେଟ୍ କ୍ଲବକୁ ହରାଇ ରତନପୁର କ୍ରିକେଟ୍ କ୍ଲବ ଚାମ୍ପିୟନ ହୋଇଛି। ରତନପୁର କ୍ରିକେଟ୍ କ୍ଲବ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୫ ଉଇକେଟ ହରାଇ ୭୪ ରନ୍ କରିଥିଲା। ଦ୍ୱିତୀୟ ଇନିଂସ୍‌ରେ ମଣିଜପୁର କ୍ରିକେଟ କ୍ଲବ ୯.୨ ଓଭରରେ ୬୦ ରନ୍ କରି ପରାଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୁରସ୍କାର ବିତରଣ ଉତ୍ସବରେ ନିରଞ୍ଜନ ବଳିୟାରସିଂ ଯୋଗଦେଇ ଚାମ୍ପିୟନ ଦଳ, ରନର୍ସ ଅପ୍ ଦଳକୁ ଟ୍ରଫି ସହିତ ଅର୍ଥରାଶି ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟରେ ଆଖପାଖ ଅଞ୍ଚଳର ୮ଟି ଦଳ ଅଂଶଗ୍ରହଣ କରିଥିଲେ। ସୁବ୍ରତ ଜେନା, ସୁର ବଳିୟାରସିଂ ଖେଳ ପରିଚାଳନା କରିଥିଲେ। ଅନନ୍ତ ମଙ୍ଗରାଜ, ହରମୋହନ ବଳିୟାରସିଂ, ଟୁଟୁ ବଳିୟାରସିଂ, ସନ୍ତୋଷ ପାଲଟାସିଂ, ପାପୁନି ଗୁମାନସିଂ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

### ଛାତ୍ର କଂଗ୍ରେସ କର୍ମୀଙ୍କୁ ଉଠାଇନେଲା ପୋଲିସ

ପୁରୀ,୪।୨(ଅଜିତ୍ କୁମାର ମହାନ୍ତି)

ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ପୁରୀ ଗସ୍ତ ସମୟରେ ଜିଲା ଛାତ୍ର କଂଗ୍ରେସ ତରଫରୁ କଳା ପତାକା ଦେଖାଇ ବିରୋଧ ପ୍ରଦର୍ଶନ କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ମୋଚିସାହି ଛକରୁ ପୋଲିସ ଉଠାଇ ନେଇଛି। ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ପୁରୀ ଗସ୍ତକୁ ବିରୋଧ କରି ଛାତ୍ର କଂଗ୍ରେସ ପକ୍ଷରୁ କଳା ପତାକା ଦେଖାଇବା ପାଇଁ ପ୍ରସ୍ତୁତି ବେଳେ ଜିଲା ସଭାପତି ଆଶୁତୋଷ ମିଶ୍ର, ପୁରୀ ସଦର ନିର୍ବାଚନମଣ୍ଡଳୀ ସୂର୍ଯ୍ୟକାନ୍ତ ପଣ୍ଡା, ପିସିସି ସୋଶିଆଲ ମିଡିଆ ଯୁଗ୍ମ ସମ୍ପାଦକ ମନୋଜ ବେହେରାଙ୍କ ସମେତ ଅନ୍ୟମାନଙ୍କୁ ଅଟକ ରଖିଥିଲା।

# ଜବାହର ବିଦ୍ୟାପୀଠରେ ବାର୍ଷିକ ଉତ୍ସବ



କାର୍ଯ୍ୟକ୍ରମରେ ବିଧାୟକ ଆଶ୍ରିତ ପଟ୍ଟନାୟକ ଓ ଅନ୍ୟମାନେ ।

ପିପିଲି,୪।୨(ପ୍ରଭାତ କୁମାର ମହାପାତ୍ର)

## ସାଂସ୍କୃତିକ କାର୍ଯ୍ୟକ୍ରମ ମନମୋହିଲା

ପିପିଲି ବଜାର ନିକଟ ସର୍ବପୁରାତନ ଶିକ୍ଷାନୁଷ୍ଠାନ ଜବାହର ବିଦ୍ୟାପୀଠର ୬୭ତମ ବାର୍ଷିକୋତ୍ସବ ମଙ୍ଗଳବାର ଆୟୋଜିତ ହୋଇଯାଇଛି। ଉତ୍ସବରେ ପ୍ରଧାନଶିକ୍ଷକ ପୀତବାସ ସେଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନ ଅଧ୍ୟକ୍ଷ ସନ୍ତୋଷ ପରିଡ଼ା, ପିପିଲି ବିଡିଓ ସରୋଜ କୁମାର ରାଉତ, ପିପିଲି ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ଅଧକ୍ଷ ରାମଚନ୍ଦ୍ର ଦାଶ, ସାମାଜିକ କର୍ମୀ ଜବାର ଖାଁ, ସକାବତ୍ ଖାଁ, ଅଭିଭାବକ ସମିତି ସଭାପତି ପର୍ଶୁରାମ ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଅଭିଭାଷଣ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ରଙ୍ଗାରଙ୍ଗ କଳା ରୁଚିପୂର୍ଣ୍ଣ ସାଂସ୍କୃତିକ କାର୍ଯ୍ୟକ୍ରମ ଅତିଥି ଓ ଦର୍ଶକଙ୍କୁ ବିମୋହିତ କରିଥିଲା। କ୍ରୀଡ଼ା, ଶିକ୍ଷା ଓ କଳା ସଂସ୍କୃତିରେ କୃତିତ୍ୱ ପାଇଁ ୪୦ ହଜାର ଟଙ୍କା ନଗଦ ପୁରସ୍କାର ସହିତ ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ଜଗନ୍ନାଥ ପ୍ରଧାନ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ପ୍ରଶାନ୍ତ ସାହୁ ସହଯୋଗ କରିଥିଲେ।

# ଆଥ୍‌ଲେଟିକ୍ ଆସୋସିଏଶନ ବିଜୟୀ

ନିମାପଡ଼ା,୪।୨
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

## ପଦ୍ମଚରଣ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ

ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଆୟୋଜିତ ୧୦ମ ପଦ୍ମଚରଣ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ସ୍ଥାନୀୟ ବାରବାଟୀ ମିନି ଷ୍ଟାଡିୟମରେ ମଙ୍ଗଳବାର ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭେଟେରାନ୍ ଏକାଦଶକୁ ପରାସ୍ତ କରି ନିମାପଡ଼ା ଆଥ୍‌ଲେଟିକ୍ ଆସୋସିଏଶନ ୧-୦ ଗୋଲରେ ବିଜୟୀ ହୋଇଛି। ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ଆଥ୍‌ଲେଟିକ୍ ଆସୋସିଏଶନ ଖେଳାଳି ସତ୍ୟପ୍ରିୟ ନାୟକ ଗୋଟିଏ ଗୋଲ ସ୍କୋର କରି ଦଳକୁ ବିଜୟୀ କରାଇଥିଲେ। ବିଜୟୀ ଦଳର ଖେଳାଳି ସତ୍ୟପ୍ରିୟ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇ ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଥିଲେ। ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ାବିତ୍ ମହେନ୍ଦ୍ର ସିଂ ଭାଟିଆ, ଧୀରେନ ବରାଳ, ଦୋଳଗୋବିନ୍ଦ ସେଠୀ, ବିଚିତ୍ରାନନ୍ଦ ପାତ୍ର, ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ଜୀବନାନନ୍ଦ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ମ୍ୟାଚ୍‌ରେ ପୂର୍ବତନ ମନ୍ତ୍ରୀ ଦାଶ ନିମାପଡ଼ା ଭେଟେରାନ୍ ଏକାଦଶ ଟିମ୍ ପଟେ ଫୁଟ୍‌ବଲ ଖେଳୁଥିଲେ। ରେଫରି ଭାବେ ପ୍ରଶାନ୍ତ ବେହେରା, ସୌମ୍ୟରଞ୍ଜନ ଭୋଇ, ରାଜେଶ ଭୋଇ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ପଦ୍ମଚରଣ ପାଣିଗ୍ରାହୀ ମ୍ୟାଚ୍ କମିଶନର ରହିଥିଲେ।



ଅତିଥିମାନେ ମ୍ୟାନ ଅଫ୍ ଦି ମ୍ୟାଚ୍ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
(କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧିନିୟମ, ୨୦୦୯ ଆଧାରରେ ସ୍ଥାପିତ)
CENTRAL UNIVERSITY OF ODISHA, KORAPUT
(Established Under the Central Universities Act, 2009)
ଏନ୍‌ଏଡି ପୋଷ୍ଟ ଅଫିସ୍, ସୁନାବେଡ଼ା, କୋରାପୁଟ-୭୬୩୦୦୪, ଓଡ଼ିଶା, ଭାରତ
ୱେବସାଇଟ୍- www.cuo.ac.in
ସଂ.: CUO/Exam./CUET/02-2025/88 ତାରିଖ: 03.02.2025
ପିଜି ପ୍ରୋଗ୍ରାମରେ ପ୍ରବେଶ ନିମନ୍ତେ ଆବେଦନ ଆମନ୍ତ୍ରଣ କରାଯାଉଅଛି ।
କମନ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ (ପିଜି) ୨୦୨୫
(ଶିକ୍ଷା ବର୍ଷ ୨୦୨୫-୨୬ ନିମନ୍ତେ ଏନ୍‌ଟିଏ ଦ୍ୱାରା ଆୟୋଜିତ କରାଯିବ)
https://exams.nta.ac.in/CUET-PG/
CUET (PG) 2025 ନିମନ୍ତେ ଅନ୍‌ଲାଇନ୍ ଆବେଦନ ଜମା କରିବାର ଶେଷ ତାରିଖ ୮ ଫେବୃୟାରୀ ୨୦୨୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।
ପ୍ରସ୍ତାବିତ କାର୍ଯ୍ୟକ୍ରମ
ବି.ଏଡ୍, ଏମ୍.ବି.ଏ ଏବଂ ଏମ୍.ବି.ଏ (ଲଜିଷ୍ଟିକ ଏବଂ ସପ୍ଲାଇ ଚେନ୍ ମ୍ୟାନେଜମେଣ୍ଟ)
ଏମ୍.ଏ : ଅର୍ଥଶାସ୍ତ୍ର, ଇଂରାଜୀ, ହିନ୍ଦୀ, ପତ୍ରକାରିତା ଓ ଜନସଂଚାର, ଓଡ଼ିଆ, ସଂସ୍କୃତ ଏବଂ ସମାଜଶାସ୍ତ୍ର
ଏମ୍.ଏସ୍‌ସି: ମାନବ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, କମ୍ପ୍ୟୁଟର ବିଜ୍ଞାନ, ପରିସଂଖ୍ୟାନ ଏବଂ ପ୍ରାଣୀ ବିଜ୍ଞାନ
ନୋଟ୍: ପରୀକ୍ଷା ସିବିଟି ମୋଡ ରେ ୧୩ ମାର୍ଚ୍ଚ ୨୦୨୫ ଠାରୁ ୩୧ ମାର୍ଚ୍ଚ ୨୦୨୫ ମଧ୍ୟରେ ଆୟୋଜିତ କରାଯିବ । ଯୋଗ୍ୟତାର ବିବରଣୀ ସିୟୁଓ ୱେବସାଇଟ୍ (www.cuo.ac.in) ସହିତ ଏନ୍‌ଟିଏ ୱେବସାଇଟ୍ (https://exams.nta.ac.in/cuet-PG) ରେ ଉପଲବ୍ଧ । ଯେକୌଣସି ପ୍ରଶ୍ନ ବା ସ୍ପଷ୍ଟିକରଣ ପାଇଁ ପ୍ରାର୍ଥୀମାନେ ଏନ୍‌ଟିଏ ହେଲ୍ପ ଡେସ୍କ ନଂ. 011 4075 9000 କୁ କଲ୍ କରିପାରିବେ କିମ୍ବା ଏନ୍‌ଟିଏକୁ cuet-pg@nta.ac.inରେ ଲିଖିତ ଜଣାଇପାରିବେ । ପ୍ରାର୍ଥୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ପରୀକ୍ଷା ସମ୍ବନ୍ଧିତ ନୂଆ ଅପଡେଟ୍ ନିମନ୍ତେ ନିୟମିତ ରୂପରେ ଏନ୍‌ଟିଏ ୱେବସାଇଟ୍ www.nta.ac.in ଏବଂ https://exams.nta.ac.in/cuet-PG/ କୁ ସର୍ବଦା ପରିଦର୍ଶନ କରନ୍ତୁ।
ଏସଡି/-
ପରୀକ୍ଷା ନିୟନ୍ତ୍ରକ (କାର୍ଯ୍ୟକାରୀ)

DISTRICT PROJECT OFFICE
SAMAGRA SHIKSHA, ANGUL (ODISHA)
ସମଗ୍ର ଶିକ୍ଷା समग्र शिक्षा Samagra Shiksha
Phone & Fax: 06764-232412 / 233808, E-mail: dpcangul.ssa.opepa@nic.in
No. 160/IX-12/24/2025 Dated: 03.02.2025
NOTICE INVITING TENDER (NIT)
Sealed tenders are invited from the reputed & credible printers/firms/agencies for printing & supply of “Question-cum-Answer Sheets, Answer Key & Oral questions” for SA-II 2024-25 for Class-I to VIII Students in two bid systems (Technical & Commercial Bid) as detailed below.

| Name of the Tender | Bid Processing Fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Printing & Supply of Question-cum-Answer Sheet for SA-II 2024-25 for Class-I to VIII Students | Rs.2000/- (Two Thousand) Only | Rs.50,000/- (Fifty Thousand) Only | 17.02.2025 by 5.30 P.M. | 18.02.2025 at 11.30 A.M. |

The detailed BID document is available on the website **https://www.angul.nic.in/ www.osepa.odisha.gov.in**. Interested and eligible agency/firm may download BID Document from the above website and apply accordingly. Corrigendum/Addendum, if required will be uploaded in the above website. Hence potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept/reject any full or part/ all BID/Cancel the entire selection process at any stage without assigning any reason thereof.
By the Order of the Collector-cum-Chairman, SS, Angul
Sd./- District Project Coordinator
Samagra Shiksha, Angul

झारखण्ड सरकार
कार्यपालक अभियंता का कार्यालय, ग्रामीण विकास विशेष प्रमण्डल, हजारीबाग
ई– अति अल्पकालीन निविदा आमंत्रण सूचना
ई–निविदा सं0 :– RDSPL/SD/HZB/38/2024-25
1.कार्य की विस्तृत विवरणी:

| ग्रुप सं0 | आईडेन्टीफिकेशन संख्या/पैकेज संख्या | प्रखण्ड | योजना का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|---|---|
| 1. | RDSPL/SD/HZB/ 38/01//2024-25 | केरेडारी | केरेडारी प्रखण्ड अंतर्गत ग्राम पताल अन्तर्गत उत्क्रमित मध्य विद्यालय पताल का उन्नयन कार्य। | 8268600.00 | 165400.00 | 10000.00 | 9 माह |
| 2. | RDSPL/SD/HZB/ 38/02/2024-25 | विष्णुगढ़ | विष्णुगढ़ प्रखण्ड अंतर्गत ग्राम जमनीजरा अन्तर्गत उत्क्रमित मध्य विद्यालय, जमनीजरा का का उन्नयन कार्य। | 9972900.00 | 199500.00 | 10000.00 | 9 माह |
| 3. | RDSPL/SD/HZB/ 38/03/2024-25 | ईचाक | ईचाक प्रखण्ड के ग्राम मंगुरा में उत्क्रमित प्राथमिक विद्यालय, दलित विकास टोला मंगुरा में चाहरदिवारी निर्माण एवं अन्य कार्य। | 5172300.00 | 103500.00 | 10000.00 | 6 माह |
| 4. | RDSPL/SD/HZB/ 38/04/2024-25 | चौपारण | चौपारण प्रखण्ड के ग्राम डेबो में उत्क्रमित प्राथमिक विद्यालय, कोरियाडीह का उन्नयन कार्य। | 9987900.00 | 199800.00 | 10000.00 | 9 माह |
| 5. | RDSPL/SD/HZB/ 38/05/2024-25 | चौपारण | चौपारण प्रखण्ड के ग्राम डेबो में उत्क्रमित प्राथमिक विद्यालय, पिपराडीह का उन्नयन कार्य। | 7413400.00 | 148300.00 | 10000.00 | 9 माह |

2. वेबसाइट में निविदा प्रकाशन की तिथि – 20.02.2025
3. ई–निविदा प्राप्ति की तिथि एवं समय – दिनांक 20.02.2025 से दिनांक 03.03.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, हजारीबाग
5. ई–निविदा खोलने की तिथि एवं समय –04.03.2025 अपराह्न 5:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, हजारीबाग
7. ई–निविदा प्रकोष्ठ का दूरभाष सं0 – 9430154806
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी।
विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।
कार्यपालक अभियंता
ग्रामीण विकास विशेष प्रमंडल,हजारीबाग
PR 345750 Rural Development(24-25).D

ଭାରତୀୟ ରିଜର୍ଭ ବ୍ୟାଙ୍କ
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - 751001
ଟେଣ୍ଡର ବିଜ୍ଞପ୍ତି
ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ମୁଖ୍ୟ କାର୍ଯ୍ୟାଳୟର ତୃତୀୟ ଫ୍ଲୋର ଏରିଆରେ ନବୀକରଣ (ଓପେନ ସିଲିଂ ପାଇଁ HVAC ଡକ୍ଟିଂ କାର୍ଯ୍ୟ) ନିମନ୍ତେ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।
ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବ୍‌ସାଇଟ୍ **www.rbi.org.in** ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ **www.mstcecommerce.com/eprocn**ରେ ଆବେଦନର ଶେଷ ତାରିଖ ଫେବୃଆରୀ ୨୦, ୨୦୨୫ ଅପରାହ୍ନ ୦୨.୦୦ଟା ଅଟେ।
କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର

# ‘ସଚେତନ ହେଲେ କର୍କଟ ରୋଗ ଦୂରେଇବ’

କଟକ,୪।୨(ଶିଳ୍ପା ପ୍ରିୟଦର୍ଶିନୀ)

ବାଦାମବାଡିସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷଠାରେ ପାର୍ଟ ଅଫ୍ ଲାଇଫ କ୍ୟାନ୍ସର ଫାଉଣ୍ଡେଶନ ପକ୍ଷରୁ ବିଶ୍ୱ କର୍କଟ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଫାଉଣ୍ଡେଶନର ପ୍ରତିଷ୍ଠାତା ସୁକାନ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ଲକ୍ଷ୍ମୀକାନ୍ତ ମହାପାତ୍ର ଯୋଗଦେଇ କହିଛନ୍ତି, କର୍କଟ ରୋଗ ପ୍ରତି ଲୋକଙ୍କ ମନରେ ଭୟ ରହିଥାଏ। ଏପରି କି ଅଧିକାଂଶ ଲୋକ ଭୟରେ ଚିକିତ୍ସା କରାଇ ନ ଥାନ୍ତି। ଯାହାକି ସମ୍ପୂର୍ଣ୍ଣ ଭୁଲ୍ ନିଷ୍ପତ୍ତି। କର୍କଟ ରୋଗ ପ୍ରତି ଲୋକେ ସଚେତନ ହେବା ଜରୁରୀ। ଏହାଦ୍ୱାରା ରୋଗ ଦୂରେଇ ହେବ ବୋଲି ମହାପାତ୍ର କହିଛନ୍ତି। ଏଥିରେ ଅନ୍ୟତମ ଅତିଥି ଭାବେ



ବାଦାମବାଡିସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ପୂର୍ବତନ ଜିଲା ଜଜ୍ ଜ୍ଞାନରଞ୍ଜନ ପୁରୋହିତ, କର୍କଟ ରୋଗ ବିଶେଷଜ୍ଞ ଡା. କୃପାସିନ୍ଧୁ ପଣ୍ଡା, ଆଇନଜୀବୀ ଜିତେନ୍ଦ୍ର ମହାନ୍ତି, ହ୍ୟୁମାନ୍ ରାଇଟ୍ସ କମିଶନ ସଦସ୍ୟ ଅସିମ ଅମିତାଭ ଦାଶ ଯୋଗଦେଇଥିଲେ। ଫାଉଣ୍ଡେଶନ୍‌ର ସଦସ୍ୟ ତଥା ଆଇନଜୀବୀ ମହମ୍ମଦ ଆରିଫ୍‌ଉଦ୍ଦିନ୍ ଖାନ୍ ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେଶନ ପକ୍ଷରୁ ଅଭିନେତା ତଥା କର୍କଟ ଯୋଦ୍ଧା ସାର୍ଥକ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ୫ ଜଣ କର୍କଟ ରୋଗୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

# ‘ଆଦିକବି ସାରଳା ଦାସ ଓଡ଼ିଆ ସାହିତ୍ୟର ଜନକ’

କଟକ,୪।୨(କାର୍ତ୍ତିକ ସାହୁ)

ସାରଳା ସାହିତ୍ୟ ସଂସଦ ପକ୍ଷରୁ କଟକ ସାରଳା ଭବନଠାରେ ଆଦିକବି ସାରଳା ଦାସଙ୍କ ଶ୍ରାଦ୍ଧୋତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମାନବିକ ଆୟୋଗର ନ୍ୟାୟମୂର୍ତ୍ତି ଚିତ୍ତରଞ୍ଜନ ମହାପାତ୍ର ଯୋଗଦେଇ କହିଛନ୍ତି, ଆଦିକବି ସାରଳା ଦାସ ଓଡ଼ିଆ ସାହିତ୍ୟର ଜନକ। ସଂସଦର ସଭାପତି ଡ. ପ୍ରଭାକର ସ୍ୱାଇଁ ଅଧ୍ୟକ୍ଷତା କରି କହିଛନ୍ତି, ସାରଳାଙ୍କ ମହାଭାରତ ଓଡ଼ିଆ ଜାତିର ଜୀବନବେଦ। ବରେଣ୍ୟ ଅତିଥି ଶିଶୁ ସାହିତ୍ୟିକ ମହେଶ୍ୱର ମହାନ୍ତି କହିଛନ୍ତି, ସାରଳା ଦାସଙ୍କ ରାମାୟଣ ଓ ଚଣ୍ଡୀ ପୁରାଣ ଅନନ୍ୟ। ସମ୍ମାନିତ ଅତିଥି ପ୍ରଫେସର ସତ୍ୟନାରାୟଣ ପଣ୍ଡା କହିଛନ୍ତି, ସାରଳା ମହାଭାରତର ଚରିତ୍ରଗୁଡ଼ିକ ଓଡ଼ିଶାର ଜନଜୀବନରୁ ଆନୀତ। ଅନ୍ୟତମ ସମ୍ମାନିତ ଅତିଥି


ଆଦିକବି ସାରଳା ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିବା ବ୍ୟକ୍ତିବୃନ୍ଦ।

କଥାଶିଳ୍ପୀ ତରୁଣ କୁମାର ସାହୁ ସାରଳା ଦାସଙ୍କୁ ଓଡ଼ିଆ ସାହିତ୍ୟର ସ୍ଥପତି ରୂପେ ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ଡକ୍ଟର ସୁନାମଣି ରାଉତ କହିଛନ୍ତି, ସାରଳା ଦାସଙ୍କ ମହାଭାରତ ପଞ୍ଚଦଶ ଶତାବ୍ଦୀର ଉତ୍କଳୀୟ ଜନଜୀବନର ନିଚ୍ଛକ ପ୍ରତିଛବି। ଏଥିରେ ବିଶିଷ୍ଟ ଅତିଥି ଭାବେ କବି ଓ ପ୍ରଶାସକ ପ୍ରସନ୍ନ କୁମାର ଜେନା ଯୋଗଦେଇଥିଲେ। ସଂସଦର ସମ୍ପାଦକ ଡା. ନିରଞ୍ଜନ ତ୍ରିପାଠୀ, ଡା. ନିମାଇଁ ଚରଣ ପରିଜା, ସଞ୍ଜିତ ପଟ୍ଟନାୟକ, ନିର୍ମଳ ଚନ୍ଦ୍ର ପହୀ, ଗୋପୀନାଥ ପଣ୍ଡା, କୈଳାସ ଚନ୍ଦ୍ର ଦଳାଇ, ଅଜୟ କୁମାର ସ୍ୱାଇଁ ଓ କାନ୍ତିବାଳା ନାୟକ ପ୍ରମୁଖ ସାରଳାଙ୍କ କୃତୀ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ସାରଳା ଭବନ ପରିସରରେ ଥିବା ସାରଳା ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ୨ ଅଟକ

ମଙ୍ଗୁଳି–ଜଗତପୁର, ୪।୨(ମାନସ ସାମଲ)

୧୬ ନମ୍ବର ଜାତୀୟ ରାଜପଥର ଟାଙ୍ଗୀ ଟୋଲ୍‌ଗେଟ୍ ନିକଟରୁ କଟକ ଅବକାରୀ ବିଭାଗ ଏକ କାର୍ ଭିତରୁ ମଙ୍ଗଳବାର ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ସୂଚନା ଅନୁଯାୟୀ, କାର୍(ନଂ. ଓଡି୦୫ଏଟି–୦୨୧୫)ଟି ଗଜପତିରୁ କୋଲକାତା ଅଭିମୁଖେ ଯାଉଥିବାବେଳେ କଟକ ଅବକାରୀ ବିଭାଗ ପିଛାକରି ଟାଙ୍ଗୀ ଟୋଲ୍‌ଗେଟ୍ ନିକଟରେ ଅଟକାଇଥିଲା। ଯାଞ୍ଚବେଳେ ସେଥିରେ ବିପୁଳ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା। ଏହି ସମୟରେ ସମ୍ପୃକ୍ତ ୨ ଜଣ ଖସିଯିବାକୁ ଉଦ୍ୟମ କରିବାବେଳେ ସେମାନଙ୍କୁ କାବୁ କରାଯାଇଥିଲା।

### ସୁନାମୁହିଁ ଘାଟରେ ବୁଡ଼ ପକାଇଲେ ଶ୍ରଦ୍ଧାଳୁ

ନିଆଳି,୪।୨(ସୁକାନ୍ତ କୁମାର ସିଂହ)

ମାଘ ସପ୍ତମୀ ଅବସରରେ ନିଆଳି ବ୍ଲକ ଦିନାସିଂହପାଟଣା ନିକଟସ୍ଥ ପ୍ରାଚୀ ନଦୀର ସୁନାମୁହିଁ ଘାଟରେ ଶତାଧିକ ଶ୍ରଦ୍ଧାଳୁ ବୁଡ ପକାଇଛନ୍ତି। ପରେ ଶୋଭନେଶ୍ୱର ମହାଦେବଙ୍କର ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ଉମାଙ୍କୁ ଦର୍ଶନ କରିଛନ୍ତି। ଶୋଭନେଶ୍ୱର ମନ୍ଦିରରୁ ଠାକୁରଙ୍କ ଚଳନ୍ତି ପ୍ରତିମା ଉମା ଚନ୍ଦ୍ରଶେଖରଙ୍କୁ ଷଷ୍ଠୀ ସନ୍ଧ୍ୟାରେ ସୁସଜ୍ଜିତ ବିମାନରେ ଅଣାଯାଇ ସୁନାମୁହିଁ ଘାଟ ନିକଟ ମଣ୍ଡପରେ ଅବସ୍ଥାପିତ କରାଯାଇଥିଲା। ସକାଳେ ଉକ୍ତ ଘାଟରେ ଠାକୁରଙ୍କୁ ସ୍ନାନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ଶ୍ରଦ୍ଧାଳୁମାନେ ବୁଡ ପକାଇ ଠାକୁରଙ୍କୁ ଦର୍ଶନ କରିଥିଲେ। ସନ୍ଧ୍ୟାରେ ଠାକୁରଙ୍କୁ ବିରାଟ ପଟୁଆରରେ ମନ୍ଦିରକୁ ନିଆଯାଇଥିଲା। ସ୍ଥାନୀୟ ଅଞ୍ଚଳବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ୩ ଦିନ ଧରି ମାଗଣା ଯାତ୍ରା ପରିବେଷଣ କରାଯିବ ବୋଲି ଜଣାପଡିଛି।

### କର୍କଟ ବିଶ୍ୱର ଦ୍ୱିତୀୟ ମାରାତ୍ମକ ରୋଗ

କଟକ,୪।୨(କାର୍ତ୍ତିକ ସାହୁ)

କଟକ ମିଡ୍‌ଟାଉନ୍ ରୋଟାରି କ୍ଲବ୍ ଆନୁକୂଲ୍ୟରେ ଇନରହୁଇଲ କ୍ଲବ୍, ଥମ୍ପସନ ମହିଳା ପ୍ରଶିକ୍ଷଣ ଅନୁଷ୍ଠାନର ସହଯୋଗରେ ମିଶନ ରୋଡ୍‌ସ୍ଥିତ ଥମ୍ପସନ ଅନୁଷ୍ଠାନଠାରେ ବିଶ୍ୱ କର୍କଟ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। କ୍ଲବ୍ ସଭାପତି ଡ. ଆଶୁତୋଷ ଦେବତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୋଟାରି ଡିଷ୍ଟ୍ରିକ୍ଟ ୩୨୬୨ର ପ୍ରାନ୍ତପାଳ ଯଜ୍ଞାଶିଷ ମହାପାତ୍ର କର୍କଟ ରୋଗ ବିଶ୍ୱର ଦ୍ୱିତୀୟ ମାରାତ୍ମକ ରୋଗ ବୋଲି କହିଥିଲେ। ମୁଖ୍ୟବକ୍ତା ଡାକ୍ତର ମୋନାଲିସା ପଣ୍ଡା କର୍କଟ ରୋଗର କାରଣ ଓ ଉପଶମ ଦିଗରେ ଆଲୋଚନା କରିଥିଲେ। ଇନରହୁଇଲ କ୍ଲବ୍ ସଭାପତି ଡ. ମିତା ଦେବତା ଜୀବନଶୈଳୀର ପରିବର୍ତ୍ତନ କଲେ ଏହି ରୋଗକୁ ହ୍ରାସ କରିହେବ ବୋଲି କହିଥିଲେ। ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ଅସୀମା ଜୀ ଜାଚକ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ କର୍କଟ ରୋଗ ସମ୍ବନ୍ଧୀୟ ଏକ ପତ୍ରିକା ଉନ୍ମୋଚିତ ହୋଇଥିଲା। ଏଥିସହ ସଚେତନତା ଶୋଭାଯାତ୍ରା, ଚାରାରୋପଣ, ବିଷୟବସ୍ତୁ ଉପରେ ପଥପ୍ରାନ୍ତ ନାଟିକା ଏବଂ ସଙ୍ଗୀତ ପରିବେଷଣ କରାଯାଇଥିଲା।

# ପ୍ରତିବାଦର ଶାଣିତ ସ୍ୱର ଥିଲେ ବିପ୍ଳବୀ କବି ରବି ସିଂ

କଟକ,୪।୨(କାର୍ତ୍ତିକ ସାହୁ)

ପ୍ରତିବାଦର ଶାଣିତ ସ୍ୱର ଥିଲେ ବିପ୍ଳବୀ କବି ରବି ସିଂ। ତାଙ୍କର ପ୍ରତିଟି କବିତାରେ ପ୍ରତିବାଦର ସ୍ୱର ପ୍ରତିଫଳିତ ହେବା ପରିଲକ୍ଷିତ ହୁଏ। ଜୀବନବ୍ୟାପୀ ସାଧନା ଭିତରେ ଅନ୍ୟାୟ ଓ ଅତ୍ୟାଚାରକୁ ମୁଣ୍ଡପାତି ସହିଯିବା ସେ ଶିଖି ନ ଥିଲେ ବୋଲି ପ୍ରଣାମ ଅନୁଷ୍ଠାନ ପକ୍ଷରୁ ଖାନ୍‌ନଗରସ୍ଥିତ କାଳୀଭବନଠାରେ ଆୟୋଜିତ ସ୍ମୃତିରେ ରବି ସିଂ କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏଥିରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ରଘୁନାଥ ମହାପାତ୍ର, ମୁଖ୍ୟବକ୍ତା କବି ରାଜୀବ କୁମାର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ମନୀଷା ସିଂ ଓ ଅଶ୍ୱିନୀ ସେଠୀ ଯୋଗଦେଇ ଓଡ଼ିଆ ସାହିତ୍ୟରେ ରବି ସିଂଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷାବିତ୍ ବିଭୁଦତ୍ତ ଖଣ୍ଡାୟତରାୟ ସ୍ୱାଗତ ଭାଷଣ, ବ୍ୟଙ୍ଗକବି ଲକ୍ଷ୍ମୀଛଡ଼ା କାର୍ଯ୍ୟକ୍ରମ ସଂଯୋଜନା ଓ ତପନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଏଥିରେ କବି ସୁନି ଦାସ, ସୁରେନ୍ଦ୍ର ମହାପାତ୍ର, ନମିତା ମହାନ୍ତି, ଅରୁଣ ଅଗ୍ରୱାଲା, ପ୍ରକାଶ ମହାପାତ୍ର, ପ୍ରକାଶ ସ୍ୱାଇଁ ଓ କୁମାରେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

URGENT REQUIREMENT
MARKETINGMANAGER for BANQUET HALL RESTAURANT.
Contact No.:
9668531559
8456814226

AC MECHANIC REQUIREMENT
1. We required 2 years experience AC Technicians working under 3 phase and single phase machines.
2. Junior Technicians - Criteria : Under Matric, Under +2 students.
Age : 18+
ESSAR ELECTRONICS
9776629291 / 8337999111

# ଡ୍ରିମ୍ସ ନର୍ସିଂ ସ୍କୁଲରେ ବିଶ୍ୱ କର୍କଟ ଦିବସ




କଟକ,୪।୨(କାର୍ତ୍ତିକ ସାହୁ)

ଡ୍ରିମ୍ସ ସ୍କୁଲ ଅଫ୍ ନର୍ସିଂ ପକ୍ଷରୁ ବିଶ୍ୱ କର୍କଟ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ପଦ୍ମିନୀ ଅଡିଟୋରିୟମରେ କର୍କଟ ନିରୋଧ ଓ ଚିକିତ୍ସା ସମ୍ବନ୍ଧରେ ଆୟୋଜିତ ଆଲୋଚନାଚକ୍ରକୁ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଉଦ୍‌ଘାଟନ କରିଥିଲେ। କର୍କଟ ରୋଗୀଙ୍କ ମନରେ ଗଭୀର ଆତ୍ମପ୍ରତ୍ୟୟ ଓ ସାମାଜିକ ସ୍ତରରେ ସଚେତନତା ସୃଷ୍ଟି କରିବାରେ ନର୍ସିଂ ଛାତ୍ରଛାତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ସେ କହିଥିଲେ। ମୁଖ୍ୟ ଅତିଥି ଡ୍ରିମ୍ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ବିଶ୍ୱରେ ବୃଦ୍ଧି ପାଉଥିବା କର୍କଟ ରୋଗକୁ ପ୍ରତିହତ ପାଇଁ ବ୍ୟାପକ ସଚେତନା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଆପୋଲୋ ହସ୍ପିଟାଲର ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ ଡା. ଗଣେଷ ଚନ୍ଦ୍ର ସୁବୁଦ୍ଧି କର୍କଟ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଆଲୋଚନା କରି ତମାଖୁ ସେବନଠାରୁ ଦୂରରେ ରହିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି କର୍କଟ ଯୋଦ୍ଧା ସଂଘମିତ୍ରା ପଣ୍ଡା ନିଜର ସଂଘର୍ଷମୟ ଜୀବନର କାହାଣୀ ବର୍ଣ୍ଣନା କରି ରୋଗକୁ ଅବହେଳା ନ କରି ଏହାର ମୁକାବିଲା କରିବା ଉଚିତ୍ ବୋଲି କହିଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ପଦ୍ମିନୀ କେୟାର ସିଇଓ ଡା. ଜ୍ୟୋତି ପ୍ରକାଶ ପରିଜା, ନିର୍ଦ୍ଦେଶକ (ଛାତ୍ର କଲ୍ୟାଣ) ପ୍ରାଧ୍ୟାପକ ଲୋକନାଥ ବେହେରା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷାନୁଷ୍ଠାନର ଡିନ୍ ଏନ୍. ପ୍ରେମଲତା ଦେବୀ ପ୍ରାରମ୍ଭିକ ସୂଚନା, ଲୋକ ସମ୍ପର୍କ ଅଧିକାରୀ ନିରକାର ସାହୁ ଅତିଥି ପରିଚୟ ପ୍ରଦାନ ଓ ପ୍ରାଧ୍ୟାପିକା ରେଣୁବାଳା ପ୍ରଧାନ ଧନ୍ୟବାଦ ଦେଇଥିଲେ। ଛାତ୍ର କୃଷ୍ଣ ପ୍ରସାଦ ସେଠୀ ଓ ଛାତ୍ରୀ ଅସୀମା ଅରୁନ୍ଧତୀ ବିନ୍ଧାଣୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଉପଲକ୍ଷେ ପଦ୍ମିନୀ କେୟାର ହସ୍ପିଟାଲରେ ଛାତ୍ରୀଛାତ୍ର ଭିଡିଓ ମାଧ୍ୟମରେ ଲୋକଙ୍କୁ କର୍କଟ ସଚେତନତାର ବାର୍ତ୍ତା ଦେଇଥିଲେ।

# ‘ଭାରତରେ ଅଦ୍ୱିତୀୟ ମଣିଷ ଥିଲେ ମଧୁବାବୁ’

କଟକ,୪।୨(କାର୍ତ୍ତିକ ସାହୁ)

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ତିରୋଧାନ ଦିବସ ଅବସରରେ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ କଟକ ଗୋରାକବରସ୍ଥିତ ମଧୁବାବୁଙ୍କ ସମାଧିପୀଠରେ ମଙ୍ଗଳବାର ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏଥିସହ ଜିଲାପାଳ ଗୋରାକବରଠାରେ ମଧୁବାବୁଙ୍କ ନବନିର୍ମିତ ବ୍ରୋଞ୍ଜ ପ୍ରତିମୂର୍ତ୍ତି, ମଧୁସୂଦନ ପାର୍କ ଓ କ୍ୟାଣ୍ଟନମେଣ୍ଟ ରୋଡଠାରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପ୍ରମୁଖ ମାଲ୍ୟାର୍ପଣ କରିଥିଲେ। ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ଗୋରାକବରଠାରେ ଉତ୍କଳ


ଗୋରାକବରସ୍ଥିତ ଉତ୍କଳ ଗୌରବଙ୍କ ସମାଧିପୀଠରେ ଜିଲାପାଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

ଗୌରବ ମଧୁସୂଦନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଜିଲା ସର୍ବୋଦୟ ମଣ୍ଡଳ ସଭାପତି ଡ. ରବିରଞ୍ଜନ ସାହୁ ଅଧ୍ୟକ୍ଷତା କରି ମଧୁବାବୁ ଭାରତରେ ଅଦ୍ୱିତୀୟ ମଣିଷ ଥିଲେ ବୋଲି କହିଥିଲେ। ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ, ସର୍ବୋଦୟ ପତ୍ରିକାର ପରିଚାଳକ ଇନ୍ଦୁମତୀ ସାହୁ, ସ୍ନେହାଂଶୁ ଜେନା, ମାଳତୀ ପାତ୍ର, ପ୍ରଭାତ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
(କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧିନିୟମ, ୨୦୦୯ ଆଧାରରେ ସ୍ଥାପିତ)
CENTRAL UNIVERSITY OF ODISHA, KORAPUT
(Established Under the Central Universities Act, 2009)
ଏନ୍‌ଏଡି ପୋଷ୍ଟ ଅଫିସ୍, ସୁନାବେଡ଼ା, କୋରାପୁଟ-୭୬୩୦୦୪, ଓଡ଼ିଶା, ଭାରତ
ୱେବସାଇଟ୍- www.cuo.ac.in
ସଂ.: CUO/Exam./CUET/02-2025/88 ତାରିଖ: 03.02.2025
ପିଜି ପ୍ରୋଗ୍ରାମରେ ପ୍ରବେଶ ନିମନ୍ତେ ଆବେଦନ ଆମନ୍ତ୍ରଣ କରାଯାଉଅଛି ।
କମନ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ (ପିଜି) ୨୦୨୫
(ଶିକ୍ଷା ବର୍ଷ ୨୦୨୫-୨୬ ନିମନ୍ତେ ଏନ୍‌ଟିଏ ଦ୍ୱାରା ଆୟୋଜିତ କରାଯିବ)
https://exams.nta.ac.in/CUET-PG/
CUET (PG) 2025 ନିମନ୍ତେ ଅନ୍‌ଲାଇନ୍ ଆବେଦନ ଜମା କରିବାର ଶେଷ ତାରିଖ ୮ ଫେବୃୟାରୀ ୨୦୨୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।
ପ୍ରସ୍ତାବିତ କାର୍ଯ୍ୟକ୍ରମ
ବି.ଏଡ୍, ଏମ୍.ବି.ଏ ଏବଂ ଏମ୍.ବି.ଏ (ଲଜିଷ୍ଟିକ ଏବଂ ସପ୍ଲାଇ ଚେନ୍ ମ୍ୟାନେଜମେଣ୍ଟ)
ଏମ୍.ଏ : ଅର୍ଥଶାସ୍ତ୍ର, ଇଂରାଜୀ, ହିନ୍ଦୀ, ପତ୍ରକାରିତା ଓ ଜନସଂଚାର, ଓଡ଼ିଆ, ସଂସ୍କୃତ ଏବଂ ସମାଜଶାସ୍ତ୍ର
ଏମ୍.ଏସ୍‌ସି : ମାନବ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, କମ୍ପ୍ୟୁଟର ବିଜ୍ଞାନ, ପରିସଂଖ୍ୟାନ ଏବଂ ପ୍ରାଣୀ ବିଜ୍ଞାନ
ନୋଟ୍: ପରୀକ୍ଷା ସିବିଟି ମୋଡ ରେ ୧୩ ମାର୍ଚ୍ଚ ୨୦୨୫ ଠାରୁ ୩୧ ମାର୍ଚ୍ଚ ୨୦୨୫ ମଧ୍ୟରେ ଆୟୋଜିତ କରାଯିବ । ଯୋଗ୍ୟତାର ବିବରଣୀ ସିୟୁଓ ୱେବସାଇଟ୍ (www.cuo.ac.in) ସହିତ ଏନ୍‌ଟିଏ ୱେବସାଇଟ୍ (https://exams.nta.ac.in/cuet-PG) ରେ ଉପଲବ୍ଧ । ଯେକୌଣସି ପ୍ରଶ୍ନ ବା ସ୍ପଷ୍ଟିକରଣ ପାଇଁ ପ୍ରାର୍ଥୀମାନେ ଏନ୍‌ଟିଏ ହେଲ୍ପ ଡେସ୍କ ନଂ. 011 4075 9000 କୁ କଲ୍ କରିପାରିବେ କିମ୍ବା ଏନ୍‌ଟିଏକୁ cuet-pg@nta.ac.inରେ ଲିଖିତ ଜଣାଇପାରିବେ । ପ୍ରାର୍ଥୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ପରୀକ୍ଷା ସମ୍ବନ୍ଧିତ ନୂଆ ଅପଡେଟ୍ ନିମନ୍ତେ ନିୟମିତ ରୂପରେ ଏନ୍‌ଟିଏ ୱେବସାଇଟ୍ www.nta.ac.in ଏବଂ https://exams.nta.ac.in/cuet-PG/ କୁ ସର୍ବଦା ପରିଦର୍ଶନ କରନ୍ତୁ ।
ଏସଡି/-
ପରୀକ୍ଷା ନିୟନ୍ତ୍ରକ (କାର୍ଯ୍ୟକାରୀ)

DISTRICT PROJECT OFFICE
SAMAGRA SHIKSHA, ANGUL (ODISHA)
ସମଗ୍ର ଶିକ୍ଷା समग्र शिक्षा Samagra Shiksha
Phone & Fax: 06764-232412 / 233808, E-mail: dpcangul.ssa.opepa@nic.in
No. 160/IX-12/24/2025 Dated: 03.02.2025
NOTICE INVITING TENDER (NIT)
Sealed tenders are invited from the reputed & credible printers/firms/agencies for printing & supply of "Question-cum-Answer Sheets, Answer Key & Oral questions" for SA-II 2024-25 for Class-I to VIII Students in two bid systems (Technical & Commercial Bid) as detailed below.

| Name of the Tender | Bid Processing Fees | Amount of EMD | Last Date & time of receipt of Bid | Date & time of opening of Technical Bid |
| --- | --- | --- | --- | --- |
| Printing & Supply of Question-cum-Answer Sheet for SA-II 2024-25 for Class-I to VIII Students | Rs.2000/- (Two Thousand) Only | Rs.50,000/- (Fifty Thousand) Only | 17.02.2025 by 5.30 P.M. | 18.02.2025 at 11.30 A.M. |

The detailed BID document is available on the website https://www.angul.nic.in/ www.osepa.odisha.gov.in. Interested and eligible agency/firm may download BID Document from the above website and apply accordingly. Corrigendum/Addendum, if required will be uploaded in the above website. Hence potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept/reject any full or part/ all BID/Cancel the entire selection process at any stage without assigning any reason thereof.
By the Order of the Collector-cum-Chairman, SS, Angul
Sd./- District Project Coordinator
Samagra Shiksha, Angul

भारतीय रिजर्व बैंक RESERVE BANK OF INDIA
ଭାରତୀୟ ରିଜର୍ଭ ବ୍ୟାଙ୍କ
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – 751001
ଟେଣ୍ଡର ବିଜ୍ଞପ୍ତି
ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ମୁଖ୍ୟ କାର୍ଯ୍ୟାଳୟର ତୃତୀୟ ଫ୍ଲୋର ଏରିଆରେ ନବୀକରଣ (ଓପେନ ସିଲିଂ ପାଇଁ HVAC ଡକ୍ଟିଂ କାର୍ଯ୍ୟ) ନିମନ୍ତେ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ–ଟେଣ୍ଡର ଆହ୍ୱାନ କରୁଅଛି।
ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବ୍‌ସାଇଟ୍ www.rbi.org.in ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocnରେ ଆବେଦନର ଶେଷ ତାରିଖ ଫେବୃଆରୀ ୨୦, ୨୦୨୫ ଅପରାହ୍ନ ୦୨.୦୦ଟା ଅଟେ।
କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର

झारखण्ड सरकार
कार्यपालक अभियंता का कार्यालय, ग्रामीण विकास विशेष प्रमण्डल, हजारीबाग
ई– अति अल्पकालीन निविदा आमंत्रण सूचना
ई–निविदा सं0 :– RDSPL/SD/HZB/38/2024-25
1.कार्य की विस्तृत विवरणी:

| ग्रुप सं0 | आईडेन्टीफिकेशन संख्या/पैकेज संख्या | प्रखण्ड | योजना का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
| --- | --- | --- | --- | --- | --- | --- | --- |
| 1. | RDSPL/SD/HZB/ 38/01//2024-25 | केरेडारी | केरेडारी प्रखण्ड अंतर्गत ग्राम पताल अन्तर्गत उत्क्रमित मध्य विद्यालय पताल का उन्नयन कार्य। | 8268600.00 | 165400.00 | 10000.00 | 9 माह |
| 2. | RDSPL/SD/HZB/ 38/02/2024-25 | विष्णुगढ़ | विष्णुगढ़ प्रखण्ड अंतर्गत ग्राम जमनीजरा अन्तर्गत उत्क्रमित मध्य विद्यालय, जमनीजरा का का उन्नयन कार्य। | 9972900.00 | 199500.00 | 10000.00 | 9 माह |
| 3. | RDSPL/SD/HZB/ 38/03/2024-25 | ईचाक | ईचाक प्रखण्ड के ग्राम मंगुरा में उत्क्रमित प्राथमिक विद्यालय, दलित विकास टोला मंगुरा में चाहरदिवारी निर्माण एवं अन्य कार्य। | 5172300.00 | 103500.00 | 10000.00 | 6 माह |
| 4. | RDSPL/SD/HZB/ 38/04/2024-25 | चौपारण | चौपारण प्रखण्ड के ग्राम डेबो में उत्क्रमित प्राथमिक विद्यालय, कोरियाडीह का उन्नयन कार्य। | 9987900.00 | 199800.00 | 10000.00 | 9 माह |
| 5. | RDSPL/SD/HZB/ 38/05/2024-25 | चौपारण | चौपारण प्रखण्ड के ग्राम डेबो में उत्क्रमित प्राथमिक विद्यालय, पिपराडीह का उन्नयन कार्य। | 7413400.00 | 148300.00 | 10000.00 | 9 माह |

2. वेबसाइट में निविदा प्रकाशन की तिथि – 20.02.2025
3. ई–निविदा प्राप्ति की तिथि एवं समय – दिनांक 20.02.2025 से दिनांक 03.03.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, हजारीबाग
5. ई–निविदा खोलने की तिथि एवं समय –04.03.2025 अपराह्न 5:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, हजारीबाग
7. ई–निविदा प्रकोष्ठ का दूरभाष सं० – 9430154806
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी।
विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।
कार्यपालक अभियंता
ग्रामीण विकास विशेष प्रमंडल,हजारीबाग
PR 345750 Rural Development(24-25).D

# ‘ବିଦ୍ୟାର୍ଥୀମାନେ ବିଦ୍ୟା ଆହରଣ ସହ ଚରିତ୍ରବାନ ହୁଅନ୍ତୁ’

ବୋଲଗଡ଼/କଳାପଥର,୪।୨
(ଦେବବ୍ରତ ହୋତା/ଗଙ୍ଗାଧର ସାହୁ)


ଅତିଥିଙ୍କଠାରୁ ଜଣେ ଛାତ୍ରୀ ପୁରସ୍କାର ଗ୍ରହଣ କରୁଛନ୍ତି।

ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ଗେଡ଼ିଆପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଦୀପ ସାହୁ ଯୋଗଦେଇ ବିଦ୍ୟାର୍ଥୀମାନେ ନୈତିକ ଓ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଆହରଣ ସହ ଉତ୍ତମ ଚରିତ୍ର ଗଠନ ଦିଗରେ ପ୍ରୟାସ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ ଏବଂ ସମ୍ମାନିତ ଅତିଥିଭାବେ ସରପଞ୍ଚ କବିତା ମଞ୍ଜରୀ ତ୍ରିପାଠୀ, ସମିତସଭ୍ୟ ରଞ୍ଜନ କୁମାର ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିଲୀପ କୁମାର ପଣ୍ଡା, ବିଦ୍ୟାଳୟ ପ୍ରତିଷ୍ଠାତା ଶିକ୍ଷାବିତ୍ ସୁଦର୍ଶନ ଦାସ, ପୂର୍ବତନ ପ୍ରଧାନଶିକ୍ଷକ ନୀଳମଣି ବରାଳ, ପୀତବାସ ପଟ୍ଟନାୟକ, ହରେକୃଷ୍ଣ ବେହେରା, ଲକ୍ଷ୍ମୀଧର ପଣ୍ଡା, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଗଣେଶ୍ୱର ପଣ୍ଡା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ କ୍ରୀଡ଼ା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ କୃତୀତ୍ୱ ହାସଲ କରିଥିବା ୨ଶହ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଅନିତା ଦାସ ଅତିଥି ପରିଚୟ ଏବଂ ଶିକ୍ଷକ ଉମେଶ ଚନ୍ଦ୍ର ସାହୁ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ସସ୍ମିତା ମହାପାତ୍ର ଏବଂ ଶିକ୍ଷକ ଗୌତମ କିଶୋର ବେହେରା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସାହୁ ଏବଂ ସ୍ଥିତପ୍ରଜ୍ଞା ଜୁଝାରସିଂହଙ୍କ ସଂଯୋଜନାରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପୂର୍ବତନ ଶିକ୍ଷୟିତ୍ରୀ ରତ୍ନପ୍ରଭା ସାହୁ ଧନ୍ୟବାଦ ଦେଇଥିଲେ।

# ବାଲୁଗାଁ-ପଲାସା ରେଳ ସେକ୍ସନର ନିରୀକ୍ଷଣ କଲେ ମହାପ୍ରବନ୍ଧକ

ଭୁବନେଶ୍ୱର,୪।୨(ଅନୁରାଧା ମହାରଣା)



ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ବାଲୁଗାଁ-ପଲାସା ରେଳପଥ ସେକ୍ସନର ନିରୀକ୍ଷଣ କରିଛନ୍ତି। ଫୁଙ୍କୱାଲ ଜାରି ରହିଥିବା ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ବିଶେଷକରି ଅମୃତ ଷ୍ଟେଶନ ଯୋଜନା ଅଧୀନରେ ଷ୍ଟେଶନ ପୁନର୍ବିକାଶ କାର୍ଯ୍ୟ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହା ବ୍ୟତୀତ ରନିଙ୍ଗ ରୁମ୍‌ର ପରିଷ୍କାର ପରିଚ୍ଛନ୍ନତା ଓ ଖାଦ୍ୟସେବାର ଗୁଣବତ୍ତା ଉପରେ ବିଶେଷ ଧ୍ୟାନ ଦେଇଥିଲେ। ଏହି ପରିଦର୍ଶନ ସମୟରେ ସେ ସୋମପେଟା ଓ ଇଚ୍ଛାପୁରମ୍‌ର ସେତୁ ମଧ୍ୟ ପରିଦର୍ଶନ କରିଥିଲେ। ପଲାସା ଷ୍ଟେଶନରେ ସେ ରେଳପଥ କଲୋନୀ, କର୍ମଚାରୀଙ୍କ ପାଇଁ ରନିଙ୍ଗ ରୁମ୍ ଏବଂ ରୁଟ୍ ରିଲେ ଇଣ୍ଟରଲକିଂ (ଆର୍‌ଆର୍‌ଆଇ) କୋଠା ଯାଞ୍ଚ କରିଥିଲେ। ଏଥିସହ ପଲାସା ଓ ଇଚ୍ଛାପୁରମ୍‌ରେ ଟ୍ରେନ ପରିଚାଳନାର ସୁରକ୍ଷା ସମ୍ପର୍କରେ ପଚାରି ବୁଝିଥିଲେ। ତାଙ୍କର ଏହି ନିରୀକ୍ଷଣ ସମୟରେ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳପଥ ପ୍ରବନ୍ଧକ ଏଚ୍.ଏସ୍. ବଜୱା, ପୂର୍ବତଟ ରେଳପଥ ମୁଖ୍ୟାଳୟ ଏବଂ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଟାଙ୍ଗିଆ ଚୋଟରେ ଯୁବକ ଗୁରୁତର

ବାଲିପାଟଣା,୪।୨(ଅଭିମନ୍ୟୁ ନାୟକ): ବାଲିପାଟଣା ଥାନା ଅଧୀନ ଭଅଁରା ନିଜିଗଡ଼ ନିକଟ କୁଣ୍ଢେଇମୁଁହ ନିକଟରେ ଟାଙ୍ଗିଆ ଚୋଟରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଭାଲିଆଦଣ୍ଡା ମଉକା ସାହିର ଅକ୍ଷୟ ଭୋଇ। ଚିକିତ୍ସା ପାଇଁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ସକାଳେ ଅକ୍ଷୟ କାମକୁ ଯାଉଥିବା ବେଳେ ଉକ୍ତ ସାହିର ଜଣେ ଯୁବକ ପହଞ୍ଚି ହଠାତ୍ ତାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଫଳରେ ଅକ୍ଷୟଙ୍କ ଦେହରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ଆହତ ଅବସ୍ଥାରେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପୂର୍ବ ଶତ୍ରୁତାରୁ ଏହି ଘଟଣା ଘଟିଥିବା କୁହାଯାଉଥିବା ବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

# ଦମକଳକେନ୍ଦ୍ର ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ନିରାକାରପୁର,୪।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ଜଙ୍କିଆ ଏକ ପ୍ରମୁଖ ପଞ୍ଚାୟତ। ବିଭିନ୍ନ ଦୃଷ୍ଟିକୋଣରୁ ଉକ୍ତ ପଞ୍ଚାୟତ ଉପରେ ବେଗୁନିଆ, ଟାଙ୍ଗୀ ଓ ଖୋର୍ଦ୍ଧା ଆଦି ବ୍ଲକର ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ପଞ୍ଚାୟତବାସୀ ନିର୍ଭର କରିଥାନ୍ତି। ଉକ୍ତ ଅଞ୍ଚଳରେ ବିଭିନ୍ନ ସମୟରେ ଅଗ୍ନିକାଣ୍ଡ ଏବଂ ଆକସ୍ମିକ ଦୁର୍ଘଟଣା ଲାଗିରହିଛି। ଏଠାରୁ ଖୋର୍ଦ୍ଧା ୩୦କିଲୋମିଟର ଓ ଟାଙ୍ଗୀ ୨୫ କିଲୋମିଟର ହୋଇଥିବା ବେଳେ ଅଗ୍ନିଶମ ଗାଡ଼ି ପହଞ୍ଚିବା ବେଳକୁ ସବୁ ନଷ୍ଟ ହୋଇଯାଇଥାଏ। ତେଣୁ ଏହି ଅଞ୍ଚଳରେ ଏକ ଦମକଳ କେନ୍ଦ୍ର ସ୍ଥାପନ ନିମନ୍ତେ ଅଞ୍ଚଳବାସୀଙ୍କ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କୁ ଦାବି ହୋଇଆସୁଥିଲେ ମଧ୍ୟ ସୁଫଳ ମିଳିଲା ନାହିଁ। ଏନେଇ ମଙ୍ଗଳବାର ସରପଞ୍ଚ ପଙ୍କଜିନୀ ବଳବନ୍ତରାୟଙ୍କ ନେତୃତ୍ୱରେ ସାମାଜିକକର୍ମୀ ଭୂଷଣ ଛୋଟରାୟ, ପୂର୍ବତନ ସମିତିସଭ୍ୟ କୃଷ୍ଣଚନ୍ଦ୍ର ନରେନ୍ଦ୍ର, ତାପସ ଶ୍ରୀଚନ୍ଦନ ପ୍ରମୁଖ ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିବା ଜଣାପଡ଼ିଛି।

## ଅଷ୍ଟପ୍ରହର ନାମଯଜ୍ଞ

ବେଗୁନିଆ,୪।୨(ସନ୍ଧ୍ୟାରାଣୀ ମିଶ୍ର): ଗଡ଼ଗୁଡୁମ୍ ଗ୍ରାମର ବକ୍ରେଶ୍ୱର ଦେବଙ୍କ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶୁଭାଧିବାସ ପୂର୍ବକ କଳସ ସ୍ଥାପନ ପରେ ୧୨ଟି ମଣ୍ଡଳ ନାମ ପରିବେଷଣ କରିଥିଲେ। ବିଧାୟକ ପ୍ରଦୀପ ସାହୁ, ସରପଞ୍ଚ ଦେବାଶିଷ ବେହେରା, ସୁଶାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

URGENT REQUIREMENT
MARKETINGMANAGER for BANQUET HALL RESTAURANT.
Contact No.:
9668531559
8456814226

AC MECHANIC REQUIREMENT
1. We required 2 years experience AC Technicians working under 3 phase and single phase machines.
2. Junior Technicians - Criteria : Under Matric, Under +2 students. Age : 18+
ESSAR ELECTRONICS
9776629291 / 8337999111

# କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା


କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳାରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା/ବେଗୁନିଆ ,୪।୨
(ପ୍ରଭାତ ପାଣିଗ୍ରାହୀ/ ସନ୍ଧ୍ୟାରାଣୀ ମିଶ୍ର))

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବସନ୍ତଠାରେ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ବିଭିନ୍ନ ବିଦ୍ୟାଳୟରୁ ୧୨୦ଜଣ ଛାତ୍ରୀଛାତ୍ର, ଅଭିଭାବକ ଏବଂ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଯୋଗଦେଇଥିଲେ। ସାକ୍ଷରତା, ସଂଖ୍ୟାଜ୍ଞାନ, ସୃଜନାତ୍ମକ କାର୍ଯ୍ୟକଳାପ ଏବଂ ମତାମତ ଷ୍ଟଲ ଖୋଲାଯାଇ ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ହଳଦିଆ ସରପଞ୍ଚ ବନିତା ବେହେରା ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଷ୍ଣୁ ପ୍ରସାଦ ସାହୁ, ୱାର୍ଡସଭ୍ୟ ସୁବଳ ସାହୁ ସମ୍ମାନିତ ଅତିଥି ଏବଂ ସିଆର୍‌ସିସି ବିକାଶ କୁମାର ମୁଦୁଲି ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାଶିକ୍ଷକ ବଦ୍ରିନାରାୟଣ ରଥ ସଭାପତିତ୍ୱ କରିଥଲେ। ଶିକ୍ଷକ ପ୍ରଫୁଲ୍ଲ କୁମାର ବେହେରା ସଂଯୋଜନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବଘେଇଟାଙ୍ଗୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ ପଲେଇ ଅତିଥିଭାବେ ଯୋଗଦେଇ ପିଲାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ଭରତ ଚନ୍ଦ୍ର ବରାଡ଼, କୃତ୍ତିବାସ ଦାସ, ଶିକ୍ଷୟିତ୍ରୀ ସରୋଜିନୀ ଦେଇ, ମୋନାଲିସା କର, କଳ୍ପନାରାଣୀ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

ସେହିପରି ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ସରକାରୀ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୋଡ଼ାଡିହ କ୍ଲଷ୍ଟରର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଦାଶରଥି ପ୍ରଧାନଙ୍କ ତତ୍ତ୍ୱାବଧାନରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭାରାଣୀ ମହାପାତ୍ରଙ୍କ ଅଧ୍ୟକ୍ଷତା ଏବଂ ଶିକ୍ଷକ ପଠାଣି କୁମାର ସାହୁଙ୍କ ସଂଯୋଜନାରେ ବିଦ୍ୟାଳୟର ପୋଷ୍ୟକର୍ତ୍ତି ବାଉରି ଶ୍ରୀଚନ୍ଦନ ମୁଖ୍ୟ ଅତିଥି, ପଞ୍ଚସଖା ଶିକ୍ଷାସେତୁ ସଭାପତି ଭୁବନାନନ୍ଦ ମହାନ୍ତି, ବରିଷ୍ଠ ଶିକ୍ଷକ ବଟକୃଷ୍ଣ ମଲ୍ଲିକ, ରବୀନ୍ଦ୍ର ମହାପାତ୍ର ପ୍ରମୁଖଯୋଗ ଦେଇ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ନିପୁଣ ଓଡ଼ିଶାର ସାକ୍ଷରତା, ସଂଖ୍ୟାଜ୍ଞାନ ଓ ସୃଜନାତ୍ମକ କାର୍ଯ୍ୟକଳାପ ଏବଂ ମତାମତ ସହ ଛାତ୍ରୀଛାତ୍ରମାନେ ଶିକ୍ଷଣ ସାମଗ୍ରୀକୁ ପ୍ରଦର୍ଶିତ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଲୋକିପୁର କ୍ଲଷ୍ଟରର ସିନ୍ଦୁରମୁଣ୍ଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସଞ୍ଜୟ ନାୟକଙ୍କ ତତ୍ତ୍ୱାବଧାନରେ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ପ୍ରଧାନଶିକ୍ଷକ ପବିଧର ପରିଡାଙ୍କ ଅଧ୍ୟକ୍ଷତା ଏବଂ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ମଧୁସୂଦନ ଦାସ ମୁଖ୍ୟ ଅତିଥି, ପ୍ରଶାନ୍ତ ପାଇକରାୟ ମୁଖ୍ୟବକ୍ତା, ପରିଚାଳନା କମିଟି ସଭାପତି ଯୁଧିଷ୍ଠିର ପ୍ରଧାନ, ୱାର୍ଡସଭ୍ୟା ପ୍ରତିମା ଜେନା, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସମ୍ପାଦକ ରବୀନ୍ଦ୍ର ନାଥ ସାହୁ, ପ୍ରଧାନ ଶିକ୍ଷକ ଜଗନ୍ନେଶ୍ୱର ମଙ୍ଗରାଜ, ରମେଶ ଚନ୍ଦ୍ର ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ବିନୋଦିନୀ ସାଇଁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ଶିକ୍ଷକ ମାନସ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ସରକାରୀ ପ୍ରାଥମିକ ବିଦ୍ୟାଳୟ କୁସପଲାଠାରେ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ସନ୍ଧ୍ୟାରାଣୀ ରଥଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସରକାରୀ ବାଳିକା ବିଦ୍ୟାଳୟ ବେଗୁନିଆର ପ୍ରଧାନ ଶିକ୍ଷୟିତ୍ରୀ ମନୀଷା ସ୍ୱାଇଁ ସଭାପତିତ୍ୱ କରିଥିଲେ। କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ବେଗୁନିଆର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ସାହୁ ମୁଖ୍ୟ ଅତିଥି, ଏବିଇଓ କୈଳାସ ଚନ୍ଦ୍ର ସେଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କ୍ଲଷ୍ଟର ଅଧୀନ ପ୍ରତ୍ୟେକ ବିଦ୍ୟାଳୟର ଏଫଏଲଏନ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷଣ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ପିଲାମାନେ ନୃତ୍ୟ ମାଧ୍ୟମରେ ନିପୁଣ ଓଡ଼ିଶା ସଙ୍ଗୀତ ଗାନ କରିବା ସହିତ କୁଇଜ କାର୍ଯ୍ୟକ୍ରମରେ ଭାଗନେଇଥିଲେ। ସମସ୍ତ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଭିଭାବକମାନେ ଏଥିରେ ଭାଗ ନେଇ ପିଲାମାନଙ୍କ ଆନନ୍ଦମୟ ଶିକ୍ଷଣ ବିଷୟରେ ଅବଗତ ହୋଇଥିଲେ। ଶିକ୍ଷୟିତ୍ରୀ ସୁପ୍ରିୟା ସାହୁ ଏବଂ ଖୁନୁବାଳା ପୁଷ୍ଟି ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ କବିତା ନାୟକ ଧନ୍ୟବାଦ ଦେଇଥିଲେ।

## ନିପୁଣ ଓଡ଼ିଶା ମେଳା

ନିରାକାରପୁର, ୪।୨(ମାନସ ଚନ୍ଦ୍ର ପଟ୍ଟନାୟକ): ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଲଳିତ ପାଟପୁର କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାନଗୋବିନ୍ଦପୁର ପ୍ରାଙ୍ଗଣରେ ସିଆରସିସି ମଳୟ ମଙ୍ଗରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ପ୍ରଦାନ ସହ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପଲତା ସେଠି ସଭାପତିତ୍ୱ କରିଥଲେ। ମୁଖ୍ୟ ଅତିଥିଭାବେ ୧୨ନଂ. ଜୋନର ଜିଲାପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂହ, ସମ୍ମାନିତ ଅତିଥି ଲେଣ୍ଡୋ ସରପଞ୍ଚ ବିନୋଦିନୀ ଦାଶ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରେଣୁବାଳା ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରସନ୍ନ କୁମାର ସାମନ୍ତରାୟ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଶିକ୍ଷକ ମାନସ ରଞ୍ଜନ ବଳିୟାରସିଂହ, ନିବେଦିତା ସାହୁ, ଉନିତା ହରିଚନ୍ଦନ, ସଞ୍ଜୁକ୍ତା ପଟ୍ଟନାୟକ, ସଞ୍ଜୁକ୍ତା ସାହୁ, ଝୁମି ସାହୁ, ରବି ଭୋଇ, ସୁଶାନ୍ତ ସ୍ୱାଇଁ, ବିଦ୍ୟାଧର ପ୍ରଧାନ, ସତ୍ୟନାରାୟଣ ସୁନ୍ଦରାୟ, ପ୍ରଣତୀ ବେହେରା ପ୍ରମୁଖ ସହଯୋଗ କରିଥଲେ। ଶେଷରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅମର କୁମାର ଜୟସିଂହ ଧନ୍ୟବାଦ ଦେଇଥିଲେ।

## ବଢୁଛି ନିଶା କାରବାର

ଟାଙ୍ଗୀ,୪।୨(ରଘୁନାଥ ସାହୁ): ଟାଙ୍ଗୀ ଚାନ୍ଦପୁର ଅଞ୍ଚଳରେ ଦିନକୁ ଦିନ ନିଶା କାରବାର ବଢ଼ିଚାଲିଛି। ଯୁବପିଢ଼ି ନିଶା କବଳରେ ପଡ଼ି ପଥଭ୍ରଷ୍ଟ ହେଉଥିବା ଦେଖାଯାଉଛି। ଏପରିକି ଗାଁଗହଳିରେ ଖୁଲମ୍‌ଖୁଲା ନିଶା କାରବାର ହେଉଥିବା ଅଭିଯୋଗ ହେଉଛି। ନିଶା ପାଇଁ ଅର୍ଥାଭାବରୁ ଯୁବକମାନେ ଚୋରି କରିବାକୁ ମଧ୍ୟ ପଛାଉନାହାନ୍ତି। ବିଶେଷକରି ବ୍ରାଉନ୍‌ସୁଗାର ବିକ୍ରି ଅହେତୁକ ଭାବେ ବୃଦ୍ଧି ପାଇଛି। ଏହାର ଚେର ଖୋର୍ଦ୍ଧା, ଭୁବନେଶ୍ୱର ପର୍ଯ୍ୟନ୍ତ ଲମ୍ବିଛି। ଟାଙ୍ଗୀରେ ଅବକାରୀ ବିଭାଗ କାର୍ଯ୍ୟାଳୟ ରହିଛି କିନ୍ତୁ ଆଖିଦୃଶିଆ ଚଢ଼ାଉ ହେଉନାହିଁ। ନିୟମିତ ବେଆଇନ ନିଶା କାରବାର ହେଉଥିବା ସ୍ଥାନରେ ଚଢ଼ାଉ ହେଲେ ଏହି କାରବାର ଉପରେ ରୋକ୍ ଲାଗିପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଅବକାରୀ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି।

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
(କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧିନିୟମ, ୨୦୦୯ ଆଧାରରେ ସ୍ଥାପିତ)
CENTRAL UNIVERSITY OF ODISHA, KORAPUT
(Established Under the Central Universities Act, 2009)
ଏନ୍ଏଡି ପୋଷ୍ଟ ଅଫିସ୍, ସୁନାବେଡ଼ା, କୋରାପୁଟ-୭୬୩୦୦୪, ଓଡ଼ିଶା, ଭାରତ
ୱେବସାଇଟ୍- www.cuo.ac.in
ସଂ.: CUO/Exam./CUET/02-2025/88 ତାରିଖ: 03.02.2025
ପିଜି ପ୍ରୋଗ୍ରାମରେ ପ୍ରବେଶ ନିମନ୍ତେ ଆବେଦନ ଆମନ୍ତ୍ରଣ କରାଯାଉଅଛି ।
କମନ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ (ପିଜି) ୨୦୨୫
(ଶିକ୍ଷା ବର୍ଷ ୨୦୨୫-୨୬ ନିମନ୍ତେ ଏନ୍‌ଟିଏ ଦ୍ୱାରା ଆୟୋଜିତ କରାଯିବ)
https://exams.nta.ac.in/CUET-PG/
CUET (PG) 2025 ନିମନ୍ତେ ଅନ୍‌ଲାଇନ୍ ଆବେଦନ ଜମା କରିବାର ଶେଷ ତାରିଖ ୮ ଫେବୃଆରୀ ୨୦୨୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।
ପ୍ରସ୍ତାବିତ କାର୍ଯ୍ୟକ୍ରମ
ବି.ଏଡ୍, ଏମ୍.ବି.ଏ ଏବଂ ଏମ୍.ବି.ଏ (ଲଜିଷ୍ଟିକ ଏବଂ ସପ୍ଲାଇ ଚେନ୍ ମ୍ୟାନେଜମେଣ୍ଟ)
ଏମ୍.ଏ : ଅର୍ଥଶାସ୍ତ୍ର, ଇଂରାଜୀ, ହିନ୍ଦୀ, ପତ୍ରକାରିତା ଓ ଜନସଂଚାର, ଓଡ଼ିଆ, ସଂସ୍କୃତ ଏବଂ ସମାଜଶାସ୍ତ୍ର
ଏମ୍.ଏସ୍‌ସି: ମାନବ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, କମ୍ପ୍ୟୁଟର ବିଜ୍ଞାନ, ପରିସଂଖ୍ୟାନ ଏବଂ ପ୍ରାଣୀ ବିଜ୍ଞାନ
ନୋଟ୍: ପରୀକ୍ଷା ସିବିଟି ମୋଡ ରେ ୧୩ ମାର୍ଚ୍ଚ ୨୦୨୫ ଠାରୁ ୩୧ ମାର୍ଚ୍ଚ ୨୦୨୫ ମଧ୍ୟରେ ଆୟୋଜିତ କରାଯିବ । ଯୋଗ୍ୟତାର ବିବରଣୀ ସିୟୁଓ ୱେବସାଇଟ୍ (www.cuo.ac.in) ସହିତ ଏନ୍‌ଟିଏ ୱେବସାଇଟ୍ (https://exams.nta.ac.in/cuet-PG) ରେ ଉପଲବ୍ଧ । ଯେକୌଣସି ପ୍ରଶ୍ନ ବା ସ୍ପଷ୍ଟିକରଣ ପାଇଁ ପ୍ରାର୍ଥୀମାନେ ଏନ୍‌ଟିଏ ହେଲ୍ପ ଡେସ୍କ ନଂ. 011 4075 9000 କୁ କଲ୍ କରିପାରିବେ କିମ୍ବା ଏନ୍‌ଟିଏକୁ cuet-pg@nta.ac.inରେ ଲିଖିତ ଜଣାଇପାରିବେ । ପ୍ରାର୍ଥୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ପରୀକ୍ଷା ସମ୍ବନ୍ଧିତ ନୂଆ ଅପଡେଟ୍ ନିମନ୍ତେ ନିୟମିତ ରୂପରେ ଏନ୍‌ଟିଏ ୱେବସାଇଟ୍ www.nta.ac.in ଏବଂ https://exams.nta.ac.in/cuet-PG/ କୁ ସର୍ବଦା ପରିଦର୍ଶନ କରନ୍ତୁ।
ଏସଡି/-
ପରୀକ୍ଷା ନିୟନ୍ତ୍ରକ (କାର୍ଯ୍ୟକାରୀ)

DISTRICT PROJECT OFFICE
SAMAGRA SHIKSHA, ANGUL (ODISHA)
ସମଗ୍ର ଶିକ୍ଷା
समग्र शिक्षा
Samagra Shiksha
Phone & Fax: 06764-232412 / 233808, E-mail: dpcangul.ssa.opepa@nic.in
No. 160/IX-12/24/2025 Dated: 03.02.2025
NOTICE INVITING TENDER (NIT)
Sealed tenders are invited from the reputed & credible printers/firms/agencies for printing & supply of "Question-cum-Answer Sheets, Answer Key & Oral questions" for SA-II 2024-25 for Class-I to VIII Students in two bid systems (Technical & Commercial Bid) as detailed below.

| Name of the Tender | Bid Processing Fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Printing & Supply of Question-cum-Answer Sheet for SA-II 2024-25 for Class-I to VIII Students | Rs.2000/- (Two Thousand) Only | Rs.50,000/- (Fifty Thousand) Only | 17.02.2025 by 5.30 P.M. | 18.02.2025 at 11.30 A.M. |

The detailed BID document is available on the website https://www.angul.nic.in/ www.osepa.odisha.gov.in. Interested and eligible agency/firm may download BID Document from the above website and apply accordingly. Corrigendum/Addendum, if required will be uploaded in the above website. Hence potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept/reject any full or part/ all BID/Cancel the entire selection process at any stage without assigning any reason thereof.
By the Order of the Collector-cum-Chairman, SS, Angul
Sd./- District Project Coordinator
Samagra Shiksha, Angul

भारतीय रिज़र्व बैंक RESERVE BANK OF INDIA
ଭାରତୀୟ ରିଜର୍ଭ ବ୍ୟାଙ୍କ
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – 751001
ଟେଣ୍ଡର ବିଜ୍ଞପ୍ତି
ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ମୁଖ୍ୟ କାର୍ଯ୍ୟାଳୟର ତୃତୀୟ ଫ୍ଲୋର ଏରିଆରେ ନବୀକରଣ (ଓପେନ ସିଲିଂ ପାଇଁ HVAC ଡକ୍ଟିଂ କାର୍ଯ୍ୟ) ନିମନ୍ତେ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।
ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବ୍‌ସାଇଟ୍ www.rbi.org.in ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocnରେ ଆବେଦନର ଶେଷ ତାରିଖ ଫେବୃଆରୀ ୨୦, ୨୦୨୫ ଅପରାହ୍ନ ୦୨.୦୦ଟା ଅଟେ।
କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର

झारखण्ड सरकार
कार्यपालक अभियंता का कार्यालय, ग्रामीण विकास विशेष प्रमण्डल, हजारीबाग
ई– अति अल्पकालीन निविदा आमंत्रण सूचना
ई–निविदा सं0 :– RDSPL/SD/HZB/38/2024-25
1.कार्य की विस्तृत विवरणी:

| ग्रुप सं0 | आईडेन्टीफिकेशन संख्या/पैकेज संख्या | प्रखण्ड | योजना का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|---|---|
| 1. | RDSPL/SD/HZB/ 38/01//2024-25 | केरेडारी | केरेडारी प्रखण्ड अंतर्गत ग्राम पताल अन्तर्गत उत्क्रमित मध्य विद्यालय पताल का उन्नयन कार्य। | 8268600.00 | 165400.00 | 10000.00 | 9 माह |
| 2. | RDSPL/SD/HZB/ 38/02/2024-25 | विष्णुगढ़ | विष्णुगढ़ प्रखण्ड अंतर्गत ग्राम जमनीजरा अन्तर्गत उत्क्रमित मध्य विद्यालय, जमनीजरा का का उन्नयन कार्य। | 9972900.00 | 199500.00 | 10000.00 | 9 माह |
| 3. | RDSPL/SD/HZB/ 38/03/2024-25 | ईचाक | ईचाक प्रखण्ड के ग्राम मंगुरा में उत्क्रमित प्राथमिक विद्यालय, दलित विकास टोला मंगुरा में चाहरदिवारी निर्माण एवं अन्य कार्य। | 5172300.00 | 103500.00 | 10000.00 | 6 माह |
| 4. | RDSPL/SD/HZB/ 38/04/2024-25 | चौपारण | चौपारण प्रखण्ड के ग्राम डेबो में उत्क्रमित प्राथमिक विद्यालय, कोरियाडीह का उन्नयन कार्य। | 9987900.00 | 199800.00 | 10000.00 | 9 माह |
| 5. | RDSPL/SD/HZB/ 38/05/2024-25 | चौपारण | चौपारण प्रखण्ड के ग्राम डेबो में उत्क्रमित प्राथमिक विद्यालय, पिपराडीह का उन्नयन कार्य। | 7413400.00 | 148300.00 | 10000.00 | 9 माह |

2. वेबसाइट में निविदा प्रकाशन की तिथि – 20.02.2025
3. ई–निविदा प्राप्ति की तिथि एवं समय – दिनांक 20.02.2025 से दिनांक 03.03.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, हजारीबाग
5. ई–निविदा खोलने की तिथि एवं समय –04.03.2025 अपराह्न 5:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, हजारीबाग
7. ई–निविदा प्रकोष्ठ का दूरभाष सं० – 9430154806
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी।
विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।
कार्यपालक अभियंता
ग्रामीण विकास विशेष प्रमंडल,हजारीबाग
PR 345750 Rural Development(24-25).D

# ରାଜ୍ୟରେ ଅଧିକ ଦନ୍ତ ଚିକିତ୍ସାଳୟ ଖୋଲାଯିବ: ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ



ଏସ୍‌ସିବି ମେଡିକାଲ ନୂତନ ଅଡିଟୋରିୟମରେ ଅନୁଷ୍ଠିତ ସମାରୋହରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ଅନ୍ୟ ଅତିଥିବୃନ୍ଦ।

କଟକ,୪।୨(ଶିଳ୍ପା ପ୍ରିୟଦର୍ଶିନୀ)

■ଏସ୍‌ସିବି ଦନ୍ତ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ୨୦୧୯-୨୪ ବର୍ଷ ଛାତ୍ରୀଛାତ୍ରଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହ

■ପୂରଣ ହେବ ଦନ୍ତ ଚିକିତ୍ସକ ପଦବୀ

ରାଜ୍ୟରେ ଅଧିକ ସଂଖ୍ୟକ ଦନ୍ତ ଚିକିତ୍ସାଳୟ ଖୋଲାଯିବ। ଏ ଦିଗରେ ସରକାର ଗୁରୁତ୍ୱ ଦେଉଛନ୍ତି। ଏଥିସହ ଏସ୍‌ସିବି ଦନ୍ତ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ସମ୍ପ୍ରସାରଣ କାର୍ଯ୍ୟ କରାଯିବ। ୟୁଜି ଓ ପିଜି ପାଠ୍ୟକ୍ରମ ଯୋଡ଼ାଯିବା ସହ ଡାକ୍ତର ନିଯୁକ୍ତି ଦିଗରେ ଗୁରୁତ୍ୱ ଦିଆଯାଉଛି। ଖୁବ୍‌ଶୀଘ୍ର ଏହା କାର୍ଯ୍ୟକାରୀ କରାଯିବ। ରାଜ୍ୟରେ ୨୦୦୦ ଦନ୍ତ ଚିକିତ୍ସକ ପଦବୀ ଫାଙ୍କା ଥିବାବେଳେ ସରକାର ନିଯୁକ୍ତି ଦିଗରେ ପ୍ରାଧାନ୍ୟ ଦେଉଛନ୍ତି। ଓରାଲ କ୍ୟାନ୍‌ସର ଚିକିତ୍ସା ସହ ଏ ଦିଗରେ ଲୋକଙ୍କୁ ସଚେତନ କରାଇବା ପାଇଁ ଡାକ୍ତରମାନେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି।

କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ଦନ୍ତ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ୨୦୧୯-୨୦୨୪ ବର୍ଷ ଛାତ୍ରୀଛାତ୍ରଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହ 'ଅଥର୍ଭ' ଏସ୍‌ସିବିର ନୂତନ ଅଡିଟୋରିୟମରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ ଯୋଗଦେଇ କହିଛନ୍ତି, ଡିଗ୍ରୀ ସମସ୍ତ ଛାତ୍ରୀଛାତ୍ରଙ୍କୁ ସମାଜ ପାଇଁ କାର୍ଯ୍ୟ କରିବାକୁ ସକ୍ଷମ କରିଥାଏ। ଏଥିମଧ୍ୟରେ ଦନ୍ତ ବିଭାଗର ଡିଗ୍ରୀ ଗୁରୁତ୍ୱ ବହନ କରେ। ଡିଗ୍ରୀ ହାସଲ କରୁଥିବା ଛାତ୍ରୀଛାତ୍ର ମେଡିକାଲ ଏଥିକ୍ସ ଉପରେ ବିଶେଷ ଗୁରୁତ୍ୱ ଦେବା ଆବଶ୍ୟକ। ଡାକ୍ତର ସର୍ବଦା ରୋଗୀଙ୍କୁ ନିଜର ଭାବି ଚିକିତ୍ସା କରିବା ଜରୁରୀ। ଫଳରେ ରୋଗୀ ନିଜ ରୋଗ ଭୁଲି ମାନସିକ ଚିନ୍ତାରୁ ଦୂରେଇ ଯିବ। ଛାତ୍ରୀଛାତ୍ର ଡିଗ୍ରୀ ପାଇବା ପରେ ନିଜ କର୍ତ୍ତବ୍ୟ ନ ଭୁଲି ସମାଜସେବାରେ ନିଜକୁ ଉତ୍ସର୍ଗ କରିବା ଆବଶ୍ୟକ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଆରଏସ୍‌ଏସ୍‌ର ରାଜ୍ୟ ପ୍ରଚାରକ ଜଗଦୀଶ ପ୍ରସାଦ ଖାଡ଼େଙ୍ଗା ଯୋଗଦେଇ ଡାକ୍ତର ରୋଗୀ ସେବାରେ ନିଜକୁ ସମର୍ପିତ କରିବା ପାଇଁ କହିଛନ୍ତି। ଏଥିରେ ଅନ୍ୟଅତିଥି ଭାବେ ଏସ୍‌ସିବି ମେଡିକାଲ କଲେଜ ଅଧ୍ୟକ୍ଷା ପ୍ରଫେସର ଡା. ଲୁସି ଦାସ, କଟକ ସଦର ବିଧାୟକ ଇଂ. ପ୍ରକାଶ ସେଠୀ, ଦନ୍ତ ଚିକିତ୍ସାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ପ୍ରଫେସର ଡା. ତପନ କୁମାର ପାତ୍ର, ପ୍ରଫେସର ଡା. ସୁଭାଷ ଚନ୍ଦ୍ର ରାଜ, ପ୍ରଫେସର ହେମାମାଳିନୀ ରଥ, ପ୍ରଫେସର ଡା. ଫକୀର ମୋହନ ଦେବତା ଯୋଗଦେଇଥିଲେ। ଏହି ଅବସରରେ ୨୦୧୯-୨୪ ବର୍ଷରେ ଡିଗ୍ରୀ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଦନ୍ତ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଦନ୍ତ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଡାକ୍ତର ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।


ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧୋତ୍ସବରେ ମଙ୍ଗଳବାର ବିଧାନସଭା ପରିସରସ୍ଥ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ ଅବସରରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଅନ୍ୟମାନେ।

# ମାର୍ଚ୍ଚ ୧୫ ସୁଦ୍ଧା ସ୍କୁଲଗୁଡ଼ିକୁ ମିଳିବ ନୂଆ ପାଠ୍ୟପୁସ୍ତକ

ଭୁବନେଶ୍ୱର,୪।୨(ସୁଚିସ୍ମିତା ସାହୁ)

ମାର୍ଚ୍ଚ ୧୫ ସୁଦ୍ଧା ସ୍କୁଲଗୁଡ଼ିକୁ ନୂତନ ପାଠ୍ୟପୁସ୍ତକ ମିଳିବ। ମାର୍ଚ୍ଚ ୧୫ ପରେ ବିଇଓ/ସିଆରସିସି ପଏଣ୍ଟଗୁଡ଼ିକ ଆଉ ପାଠ୍ୟପୁସ୍ତକ ପକାଇ ରଖିପାରିବେ ନାହିଁ। ଏ ନେଇ ଏବିଇଓ ତଥା ବିଆର୍‌ସିସି/ବିଇଓମାନଙ୍କୁ ତାଗିଦା କରାଯାଇଛି। ଏ ସମ୍ବନ୍ଧରେ ଓ ସ୍କୁଲ ଶିକ୍ଷା ଯୋଜନା ପ୍ରାଧିକରଣ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ୨୦୨୫-୨୬ ଶିକ୍ଷାବର୍ଷ ଆରମ୍ଭ ହେବାକୁ ଆଉ ମାତ୍ର ଅଳ୍ପଦିନ ଥିବାବେଳେ ନୂଆ ପାଠ୍ୟପୁସ୍ତକ ଏଯାବତ୍ ଉପଲବ୍ଧ ହୋଇ ନ ଥିବା ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେବେ ୨୦୨୫-୨୬ ପାଇଁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ବିତରଣ କାର୍ଯ୍ୟ ୨୦୨୪ ଡିସେମ୍ବର ୨୮ରୁ ଆରମ୍ଭ କରିବା ଲାଗି ଶିକ୍ଷା ବିଭାଗ ପକ୍ଷରୁ ନଭେମ୍ବର ୨୮ ଓ ଡିସେମ୍ବର ୨୮ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାତ୍ର ପୁସ୍ତକ ବିକ୍ରୟ କେବଳ ଖାତାକଲମରେ ଚାଲିଥିବାବେଳେ ବ୍ଲକ, ଏନ୍‌ଏସି ଏବଂ ପୌରାଞ୍ଚଳ ସ୍ତରରେ ଏହାର ଅନୁପାଳନ କରାଯାଇ ନ ଥିବା ଜଣାପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ନିର୍ଦ୍ଦେଶର ଅନୁପାଳନ ପୂର୍ବକ ପୁସ୍ତକ ବିକ୍ରି ଆରମ୍ଭ କରିବାକୁ ଦାୟିତ୍ୱରେ ଥିବା ସମ୍ପୃକ୍ତ ଅଧିକାରୀଙ୍କୁ ପ୍ରାଧିକରଣ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ, ଏବିଇଓ ତଥା ବିଆର୍‌ସିସି/ବିଇଓମାନେ ବିଳମ୍ବ ନ କରି ତୁରନ୍ତ ପୁସ୍ତକଗୁଡ଼ିକ ଗ୍ରହଣ କରିବେ। ପାଠ୍ୟପୁସ୍ତକ ପରିବହନ କରୁଥିବା ଟ୍ରକଗୁଡ଼ିକୁ ଅଯଥା ଅଟକ ରଖାଯିବ ନାହିଁ। ଅଧିକାରୀମାନେ ପୁସ୍ତକ ଗ୍ରହଣ ସମ୍ବନ୍ଧୀୟ ସ୍ୱୀକାରପତ୍ର ପୂରଣ କରି ଦସ୍ତଖତ କରିବେ। ଏଥିସହ କେତେ ପର୍ଯ୍ୟାୟରେ ପୁସ୍ତକ ଗ୍ରହଣ କରାଯାଇଛି, ତାହାର ଦସ୍ତଖତ ସମ୍ବଳିତ ବିବରଣୀ ରଖାଯିବ। ସୁରକ୍ଷା ପାଇଁ ପୁସ୍ତକଗୁଡ଼ିକୁ କୀଟମୁକ୍ତ ଔଷଧ ପ୍ରୟୋଗ କରାଯାଇଥିବା ଷ୍ଟୋର ରୁମ୍‌ଗୁଡ଼ିକରେ ରଖାଯିବ। ସରକାରୀ, ସରକାରୀ ସହାୟତାପ୍ରାପ୍ତ ଏବଂ ଘରୋଇ ସ୍କୁଲଗୁଡ଼ିକରେ ପୁସ୍ତକର ଷ୍ଟକ ଏଣ୍ଟ୍ରି ତଥ୍ୟ ପୃଥକ୍ ଭାବେ ରଖାଯିବ। ସ୍କୁଲଗୁଡ଼ିକୁ ଠିକ ଭାବେ ପୁସ୍ତକ ଆବଣ୍ଟନ ନିମନ୍ତେ ପୂର୍ବରୁ ବ୍ଲକ ସ୍ତରରେ ମନିଟରିଂ କମିଟି ଗଠନ କରାଯାଇଥିବା ବେଳେ ଆଗାମୀ ଦିନରେ ଅଧିକ ମନିଟରିଂ କମିଟି ଗଠନ କରାଯିବ ବୋଲି କୁହାଯାଇଛି। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ନିକଟରେ ଯେଭଳି ପୁସ୍ତକ ପହଞ୍ଚିବ ସେଥିନେଇ ଗୁରୁତ୍ୱ ଦିଆଯାଇଛି। ଏନେଇ ସମସ୍ତ ଜିଲାର ପୁସ୍ତକ ବିକ୍ରୟ କେନ୍ଦ୍ରରେ ପୁସ୍ତକ ବିକ୍ରିର ସୁପରିଚାଳନାକୁ ମଧ୍ୟ ନିୟନ୍ତ୍ରିତ କରାଯିବ। ନୂଆ ଶିକ୍ଷାବର୍ଷ ଆରମ୍ଭ ହେବା ପୂର୍ବରୁ ସମସ୍ତ ଛାତ୍ରୀଛାତ୍ର ଯେଭଳି ନୂତନ ପାଠ୍ୟପୁସ୍ତକ ପାଇବେ ତାହା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ରହିଛି।

# ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୪।୨(ସୁଚିସ୍ମିତା ସାହୁ)

**ଚଳିତବର୍ଷ ୩,୯୩,୬୧୮ ଯୁକ୍ତ୨, ୫,୧୦,୭୭୮ ମାଟ୍ରିକ ପରୀକ୍ଷାର୍ଥୀ**

ଚଳିତବର୍ଷ ଯୁକ୍ତ୨ ପରୀକ୍ଷାରେ ଯେପରି କୌଣସି ପ୍ରକାର ବିଭ୍ରାଟ ନ ହୁଏ ଏବଂ ପରୀକ୍ଷାଫଳ ବାହାରିବା ପର୍ଯ୍ୟନ୍ତ ସ୍ୱଚ୍ଛତା ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି। କୌଣସି ପରିସ୍ଥିତିରେ ବି ଯେପରି ପ୍ରଶ୍ନପତ୍ର ଲିକ୍ ଭଳି ଗୁରୁତର ତ୍ରୁଟି ନ ହୁଏ, ସେଥିପ୍ରତି ସଜାଗ ରହିବା ସହ ପରୀକ୍ଷା ପ୍ରୋଟୋକଲକୁ ଠିକ ଭାବେ ପରିଚାଳନା କରିବା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) କର୍ତ୍ତୃପକ୍ଷଙ୍କୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ଜିଲାରେ ପରୀକ୍ଷା ପରିଚାଳନା ପାଇଁ ଅତିରିକ୍ତ ଜିଲାପାଳ ପାହ୍ୟାର ଜଣେ ଉଚ୍ଚ ପଦସ୍ଥ ଅଧିକାରୀ ନୋଡାଲ ଅଧିକାରୀ ଭାବେ ନିୟୋଜିତ ରହିବେ। ପ୍ରୋଟୋକଲ ଅନୁଯାୟୀ ପରୀକ୍ଷା ପରିଚାଳନା କରାଯାଉଛି କି ନାହିଁ, ସେ ସମ୍ପର୍କରେ ଜିଲାପାଳମାନେ ତଦାରଖ ଓ ସମୀକ୍ଷା କରିବେ। ସେହିପରି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଏବଂ ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ) କର୍ତ୍ତୃପକ୍ଷଙ୍କୁ ନିଜ ନିଜ ସ୍ତରରେ ନିୟମିତ ସମୀକ୍ଷା କରି ପରୀକ୍ଷା ପରିଚାଳନା ଯେପରି ନିର୍ଭୁଲ୍ ଓ ଶୃଙ୍ଖଳିତ ଭାବେ ଅନୁଷ୍ଠିତ ହେବ, ସେଥିଲାଗି ଆବଶ୍ୟକ ପଦକ୍ଷେପ ନେବାକୁ ଆହୁଜା ପରାମର୍ଶ ଦେଇଛନ୍ତି।

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ (ଭୋକେଶନାଲ) ବାର୍ଷିକ ପରୀକ୍ଷା ଏବଂ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ହାଇସ୍କୁଲ ସାର୍ଟିଫିକେଟ (ମାଟ୍ରିକ) ପରୀକ୍ଷା-୨୦୨୫ ନିମନ୍ତେ ଏକ ମିଳିତ ପ୍ରସ୍ତୁତି ବୈଠକ ମଙ୍ଗଳବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଗତ ବର୍ଷର ପରୀକ୍ଷା ପରିଚାଳନା ଅଭିଜ୍ଞତାକୁ ପାଥେୟ କରି ତଦନୁସାରେ ପ୍ରସ୍ତୁତି ପୂର୍ବକ ଏ ବର୍ଷର ଉଭୟ ଯୁକ୍ତ୨ ଏବଂ ମାଟ୍ରିକ ପରୀକ୍ଷା ଭଲ ଭାବେ ପରିଚାଳନା କରିବା ନେଇ ବିଭାଗୀୟ କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଚଳିତବର୍ଷ ଯୁକ୍ତ୨ କଳାରେ ୨,୪୭,୩୯୧, ବିଜ୍ଞାନରେ ୧,୧୪,୯୮୦, ବାଣିଜ୍ୟରେ ୨୫,୫୨୬ ଏବଂ ଧନ୍ଦାମୂଳକ ପରୀକ୍ଷାରେ ୫,୭୨୧ ଜଣ ଏହିପରି ମୋଟ ୩,୯୩,୬୧୮ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଫେବୃଆରୀ ୧୮ରୁ ମାର୍ଚ୍ଚ ୨୭ ପର୍ଯ୍ୟନ୍ତ ଏହି ପରୀକ୍ଷା ଅନୁଷ୍ଠିତ ହେବ। ଏଥିପାଇଁ ୨୦୫ଟି ପରୀକ୍ଷା ପରିଚାଳନା ହବ୍ କାର୍ଯ୍ୟକାରୀ ପୂର୍ବକ ୧୨୭୬ କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହେବ।

ସେହିପରି ୫,୧୦,୭୭୮ ଜଣ ମାଟ୍ରିକ, ୭,୭୬୬ ଜଣ ରାଜ୍ୟମୁକ୍ତ ବିଦ୍ୟାଳୟ, ୩,୭୯୨ ଜଣ ମଧ୍ୟମା ଏହିପରି ମୋଟ ୫, ୨୨,୩୩୬ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ୨୯୭୯ ଟି କେନ୍ଦ୍ରରେ ହେବାକୁ ଥିବାବେଳେ ଅନ୍ୟ ପରୀକ୍ଷାକୁ ମିଶାଇ ମୋଟ ୩,୧୩୩ଟି କେନ୍ଦ୍ର ହେବ। ଫେବୃଆରୀ ୨୧ରୁ ମାର୍ଚ୍ଚ ୫ ତାରିଖ ପର୍ଯ୍ୟନ୍ତ ମାଟ୍ରିକ ପରୀକ୍ଷା ଚାଲିବ। ଏହି ବୈଠକରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷ, ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି ତଥା ସଂପୃକ୍ତ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ସମସ୍ତ ଜିଲାର ଜିଲାପାଳ, ଆରକ୍ଷୀ ଅଧୀକ୍ଷକ ଏବଂ ଜିଲା ଶିକ୍ଷାଧିକାରୀମାନେ ଆଭାସୀ ମାଧ୍ୟମରେ ବୈଠକରେ ଯୋଗଦେଇଥିଲେ।

# ନରସିଂହପୁରରେ ପୁଣି ହାତୀ ମୃତ

ନରସିଂହପୁର,୪।୨(ନିରଞ୍ଜନ ଦେବ କୁମାର)



କଟକ ଜିଲା ନରସିଂହପୁର ପୂର୍ବ ବନ ବିଭାଗ ଅନ୍ତର୍ଗତ ଚତରାପଦା ସେକ୍ସନ କମ୍ପାର୍ଟମେଣ୍ଟ ୪ରେ ଏକ ହାତୀର ମୃତ୍ୟୁ ଘଟିଛି। ହାତୀର ବୟସ ୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ତାର ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଗତ ଜାନୁଆରୀରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଏକ ଦନ୍ତା ହାତୀର ମୃତ୍ୟୁ ଘଟିଥିଲା। ବନ ବିଭାଗ ପକ୍ଷରୁ ନରସିଂହପୁର ବନାଞ୍ଚଳରେ ଠିକ୍ ଭାବେ ପାଟ୍ରୋଲିଂ କରାଯାଉ ନ ଥିବାରୁ ଯୋଗୁ ଅଧିକାଂଶ ସମୟରେ ହାତୀ ମୃତ୍ୟୁ ଘଟୁଥିବା ଆଲୋଚନା ହେଉଛି।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ବିନୟ


@ ସରବଜିତ୍


@ ବିଶ୍ୱଜିତ୍


@ ପ୍ରତୀକ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଢେଙ୍କାନାଳ ସିଡିଏମ୍‌ଓଙ୍କୁ ଓଏଚ୍‌ଆର୍‌ସି ନୋଟିସ

କଟକ,୪।୨(କାର୍ତ୍ତିକ ସାହୁ)

**ଅସ୍ତ୍ରୋପଚାର ଶିବିରରେ ମହିଳାଙ୍କୁ ତଳେ ଶୁଆଇବା ମାମଲା**

ଢେଙ୍କାନାଳ ଜିଲା ଗନ୍ଦିଆ ବ୍ଲକ ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ପରିବାର କଲ୍ୟାଣ ଅସ୍ତ୍ରୋପଚାର ଶିବିରରେ ଅବ୍ୟବସ୍ଥାକୁ ନେଇ ଓଡ଼ିଶା ମାନବିକ ଅଧିକାର ଆୟୋଗ (ଓଏଚ୍‌ଆର୍‌ସି) ଚିନ୍ତାବ୍ୟକ୍ତ କରିଛନ୍ତି। ଅସ୍ତ୍ରୋପଚାର ପରେ ମହିଳାଙ୍କୁ ଡାକ୍ତରଖାନା ବାରଣ୍ଡାରେ କିପରି ଶୁଆଇ ଦିଆଗଲା ସେନେଇ ରିପୋର୍ଟ ଦାଖଲ କରିବାକୁ ଓଏଚ୍‌ଆର୍‌ସି ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ)ଙ୍କୁ ନୋଟିସ ଜାରି କରିଛନ୍ତି। ୮ ସପ୍ତାହ ମଧ୍ୟରେ ଏହି ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ଓଏଚ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାନୁସାରେ, ପରିବାର କଲ୍ୟାଣ ଅସ୍ତ୍ରୋପଚାର ବ୍ୟବସ୍ଥିତ ଭାବେ କରିବା ପାଇଁ ନିୟମାବଳୀ ରହିଛି। ମହିଳାଙ୍କର ଯେପରି କୌଣସି ସମସ୍ୟା ନ ହୁଏ ସେଥିପାଇଁ କର୍ତ୍ତୃପକ୍ଷ ଆବଶ୍ୟକ ବନ୍ଦୋବସ୍ତ କରିବା କଥା। କିନ୍ତୁ ଶ୍ରୀରାମଚନ୍ଦ୍ରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ପରିବାର କଲ୍ୟାଣ ଅସ୍ତ୍ରୋପଚାର ଶିବିରରେ ମହିଳାମାନଙ୍କ ବିଶ୍ରାମ ପାଇଁ ସାଧାରଣ ବ୍ୟବସ୍ଥା ମଧ୍ୟ ନ ଥିଲା। ସେମାନଙ୍କୁ ଅପରେଶନ ପରେ ହସ୍ପିଟାଲ ବାରଣ୍ଡାରେ ଶୁଆଇ ଦିଆଯାଇଥିଲା। ଏ ନେଇ ଆଇନଜୀବୀ ନିଶିକାନ୍ତ ମିଶ୍ର ଓଏଚ୍‌ଆର୍‌ସିଙ୍କ ନିକଟରେ ପିଟିଶନ ଦାଖଲ କରିଥିଲେ।

# ଆଜି ବନକଲାଗି: ୫ ଘଣ୍ଟା ମହାପ୍ରଭୁଙ୍କ ଦର୍ଶନ ବନ୍ଦ

ପୁରୀ,୪।୨(ଅଜିତ୍ କୁମାର ମହାନ୍ତି)

ମାଘ ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥି ବୁଧବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହେବ। ଏହି ଗୁପ୍ତ ନୀତି ସମ୍ପାଦନ ପାଇଁ ବୁଧବାର ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ୫ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଗୋଟିଏ ଦିନରେ ୭୯ ଶିକ୍ଷାଧିକାରୀଙ୍କ ବଦଳି

ଭୁବନେଶ୍ୱର,୪।୨(ସୁଚିସ୍ମିତା ସାହୁ)

ଗଣଶିକ୍ଷା ବିଭାଗ ପକ୍ଷରୁ ମଙ୍ଗଳବାର ୫୫ ଜଣ ଶିକ୍ଷା ଅଧିକାରୀଙ୍କୁ ବଦଳି କରାଯାଇଛି। ବୀରମହାରାଜପୁର ବରିଷ୍ଠ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାରଙ୍କୁ ଚାନ୍ଦବାଲି ଡାକ ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଭାବେ ବଦଳି କରାଯାଇଛି। ସେହିପରି ସୌଦାମିନୀ ମହାପାତ୍ରଙ୍କୁ ରେଭେନ୍‌ଶା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ଗାୟତ୍ରୀ ସାହୁଙ୍କୁ ବୌଦ୍ଧର ଜେଡି ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ, ଶଙ୍କର୍ଷଣ ଷଡ଼ଙ୍ଗୀଙ୍କୁ ଗୋପବନ୍ଧୁ ହାଇସ୍କୁଲ ପୋଲସରାର ପ୍ରଧାନ ଶିକ୍ଷକ, ତନ୍ମୟ ବେହେରାଙ୍କୁ ରାଜକନିକା ଆର୍‌ଏନ୍ ହାଇସ୍କୁଲ ଏବଂ ସରୋଜ କୁମାର ସେଠୀଙ୍କୁ ବରପାଲି ବାଳକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ ବଦଳି କରାଯାଇଛି। ଅନ୍ୟ ୪୯ ଶିକ୍ଷା ଅଧିକାରୀଙ୍କୁ ବ୍ଲକ ଶିକ୍ଷା ଅଧିକାରୀ ଭାବେ ବଦଳି କରାଯାଇଛି। ସେହିପରି ୨୪ ଜଣ ବରିଷ୍ଠ ଶିକ୍ଷା ଅଧିକାରୀଙ୍କ ବଦଳି ହୋଇଛି। ସୁଧାଂଶୁ ଶେଖରଜେନାଙ୍କୁ ସୁନ୍ଦରଗଡ ଆରଡିଡି ହାଇସ୍କୁଲର ପ୍ରଧାନ ଶିକ୍ଷକ ଏବଂ ନୈନା କୁଜୁରଙ୍କୁ ସୁନ୍ଦରଗଡ଼ ରାଷ୍ଟ୍ରୀୟ ବିଦ୍ୟାଳୟ ରାଜଗାଙ୍ଗପୁରର ପ୍ରଧାନ ଶିକ୍ଷକ ଭାବେ ବଦଳି ହୋଇଛି। ଏହାବ୍ୟତୀତ ୨୨ଜଣ ଶିକ୍ଷା ଅଧିକାରୀଙ୍କୁ ବ୍ଲକ ଶିକ୍ଷା ଅଧିକାରୀ ଭାବେ ବଦଳି କରାଯାଇଛି।

# 'ପର୍ଯ୍ୟଟନ ଅଭିବୃଦ୍ଧିରେ ଓଡ଼ିଶା ଆଗରେ'

ଭୁବନେଶ୍ୱର, ୪।୨(ବନ୍ଦନା ସେଠୀ)

**ଓଡ଼ିଶା ପର୍ଯ୍ୟଟନକୁ ପ୍ରୋତ୍ସାହନ ଉଦ୍ଦେଶ୍ୟରେ ହାଇଦ୍ରାବାଦରେ ରୋଡ୍ ଶୋ'**



କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ବୋଧନ ଦେଉଛନ୍ତି।

ଅନୁକୂଳ ପର୍ଯ୍ୟଟନ ନୀତି, ଅତୁଳନୀୟ ଭିତ୍ତିଭୂମି ଏବଂ ନିବେଶକଙ୍କ ପ୍ରତି ଏକ ଅଟଳ ପ୍ରତିବଦ୍ଧତା ଯୋଗୁ ଭାରତର ପର୍ଯ୍ୟଟନ ଅଭିବୃଦ୍ଧିରେ ଓଡ଼ିଶା ସବୁଠାରୁ ଆଗରେ ଅଛି। ଏବେ ଓଡ଼ିଶା ସହିତ ସହଭାଗୀ ହେବାର ସମୟ ଆସିଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଓଡ଼ିଶା ପର୍ଯ୍ୟଟନର ଆଭ୍ୟନ୍ତରୀଣ ଏବଂ ଘରୋଇ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ଅଭିଯାନ ସ୍ୱରୂପ ମଙ୍ଗଳବାର ହାଇଦ୍ରାବାଦର ତାଜ୍‌କ୍ରିଷ୍ଣାଠାରେ ଏକ ରୋଡ୍ ଶୋ' ଆୟୋଜିତ ହୋଇଯାଇଛି। ଏଥିରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କହିଲେ, ନିବେଶକଙ୍କ ପାଇଁ ଓଡ଼ିଶାର ପର୍ଯ୍ୟଟନ ସୁବର୍ଣ୍ଣ ସୁଯୋଗ ପ୍ରଦାନ କରିଆସୁଛି। ସେହିପରି ପର୍ଯ୍ୟଟନ କ୍ଷେତ୍ରକୁ ବୃଦ୍ଧି କରିବା ଏବଂ ପର୍ଯ୍ୟଟକ ଓ ନିବେଶକଙ୍କ ପାଇଁ ଏକ ଆମନ୍ତ୍ରଣାତ୍ମକ ପରିବେଶ ସୃଷ୍ଟି କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଏଫ୍‌ଆଇସିସି ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ହାଇଦ୍ରାବାଦର ୪୦ରୁ ଊର୍ଦ୍ଧ୍ୱ ଟ୍ରାଭେଲ ଅପରେଟର ଏବଂ ୨୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟନ ନିବେଶକ ବି-ଟୁ-ବି ପାରସ୍ପରିକ ଆଲୋଚନାରେ ସାମିଲ ହୋଇଥିଲେ। ଏହି ପ୍ରୟାସକୁ ଇକୋ ରିଟ୍ରିଟ ଓଡ଼ିଶା ଦ୍ୱାରା ଆହୁରି ବୃଦ୍ଧି କରାଯାଇଛି। ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ ରାଜ୍ୟର ବ୍ୟାପକ ପର୍ଯ୍ୟଟନ ସମ୍ଭାବନା ଏବଂ ଘରୋଇ ପର୍ଯ୍ୟଟକଙ୍କ ପାଇଁ ଓଡ଼ିଶାକୁ ଏକ ପ୍ରମୁଖ ଗନ୍ତବ୍ୟସ୍ଥଳ କରିବା ପାଇଁ ରହିଥିବା ପ୍ରୟାସ ଉପରେ ଆଲୋକପାତ କରିଥିଲେ। ସେହିପରି ପଡ଼ୋଶୀ ରାଜ୍ୟଗୁଡ଼ିକ ସହିତ ସଂଯୋଗ କରୁଥିବା ଓଡ଼ିଶାର ଉତ୍କୃଷ୍ଟ ସଡ଼କ ନେଟ୍‌ୱର୍କ ବିଷୟରେ ଆଲୋଚନା କରିଥିଲେ। ଘରୋଇ ଏବଂ ଅନ୍ତର୍ଜାତୀୟ ପର୍ଯ୍ୟଟକଙ୍କ ପାଇଁ ଏକ ପ୍ରମୁଖ ଗନ୍ତବ୍ୟସ୍ଥଳ ଭାବେ ରାଜ୍ୟର ସମ୍ଭାବନା ଉପରେ ଗୁରୁତ୍ୱାରୋପ କରି ଓଡ଼ିଶାର ବିବିଧ ପର୍ଯ୍ୟଟନସ୍ଥଳଗୁଡ଼ିକୁ ଆଲୋକପାତ କରିଥିଲେ। ପିଏମ୍‌ୟୁ ଓଡ଼ିଶା ପର୍ଯ୍ୟଟନର ମୁଖ୍ୟ ଲୋକେଶ କୁମାର ସ୍ୱାଗତ ଭାଷଣ ଦେଇ ସମସ୍ତଙ୍କୁ ଓଡ଼ିଶାକୁ ଆମନ୍ତ୍ରଣ କରିଥିଲେ। ସରକାର ଅଭିଜ୍ଞତାକୁ ଯଥାସମ୍ଭବ ସୁଗମ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହାଦ୍ୱାରା ସମସ୍ତ ସମ୍ପୃକ୍ତ ପକ୍ଷ ଯେପରିକି ଡିଟିଓ, ଡିଏମ୍‌ସି ଏବଂ ନିବେଶକମାନେ ସେମାନଙ୍କର ସମ୍ଭାବନାକୁ ସର୍ବାଧିକ କରିପାରିବେ ଏବଂ କ୍ଷେତ୍ରର ଅଭିବୃଦ୍ଧିରେ ଯୋଗଦାନ ଦେଇପାରିବେ ବୋଲି ମତ ରଖିଥିଲେ।

କାର୍ଯ୍ୟକ୍ରମର ଶେଷ ଭାଗରେ ଓଡ଼ିଶା ପର୍ଯ୍ୟଟନ ପ୍ରତିନିଧି ଦଳ ରାଜ୍ୟର ବର୍ଦ୍ଧିତ ପର୍ଯ୍ୟଟନ ଭିତ୍ତିଭୂମିରେ ନିବେଶର ସୁଯୋଗ ବିଷୟରେ ଆଲୋଚନା କରିବା ପାଇଁ ଯାତ୍ରା ଏବଂ ପର୍ଯ୍ୟଟନ ଜଗତର ୧୨ରୁ ଊର୍ଦ୍ଧ୍ୱ ସମ୍ଭାବ୍ୟ ନିବେଶକଙ୍କ ସହିତ ବୈଠକ ହୋଇଥିଲା। ଉପମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ପର୍ଯ୍ୟଟନ ପ୍ରତିନିଧି ଦଳ ସେନସେସନ୍ ଇନଫ୍ରାକମ ପ୍ରାଇଭେଟ ଲିମିଟେଡ ନିର୍ଦ୍ଦେଶକ ରୋହିତ ମାଟ୍ଟା, ଟ୍ରାନ୍ସ ପରିଚାଳିତ ହୋଟେଲ୍ସ ନିର୍ଦ୍ଦେଶକ ସୂର୍ଯ୍ୟବୀର ସିଂହ, ରେସିଂ ପ୍ରମୋସନ୍ସ ପ୍ରାଇଭେଟ୍ ଏମ୍‌ଡି ଅଖିଳେଶ ରେଡ୍ଡୀ ପ୍ରମୁଖଙ୍କୁ ଭେଟିଥିଲେ। ପର୍ଯ୍ୟଟନ ବିଭାଗ ସହଯୋଗରେ ଓଡ଼ିଶାରେ ହୋଟେଲ, ରିସର୍ଟ, କନସର୍ଟ-ନେତୃତ୍ୱାଧୀନ ଭିତ୍ତିଭୂମିର ବିକାଶ ଅନୁସନ୍ଧାନ କରିବା ପାଇଁ ଆଲୋଚନା ହୋଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଡୁଡୁଲୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆପୋଲୋରେ ବିଶ୍ୱ କର୍କଟ ଦିବସ



ବିଶ୍ୱ କର୍କଟ ଦିବସ ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଓ ଆପୋଲୋ ହସ୍ପିଟାଲର ଚିକିତ୍ସକମାନେ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର,୪।୨**

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭୁବନେଶ୍ୱରର ଆପୋଲୋ ହସ୍ପିଟାଲରେ ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି। ଏପରିକି ଆପୋଲୋ କ୍ୟାନ୍ସର ସେଣ୍ଟର,ଆଇସିଏମ୍ଆର, ଆଇଏମ୍ଏ ଏବଂ ଏସ୍ଓଏର ମିଳିତ ସହଭାଗିତାରେ ଏକ ସ୍ୱତନ୍ତ୍ର କର୍ମଶାଳାର ଆୟୋଜନ କରାଯାଇଥିଲା। ଏହି ଅବସରରେ ଏକ ନୂତନ ଅଭିଯାନ ' ୟୁନିଫାଏ ଟୁ ନୋଟିଫାଏ-ଅନ୍ କ୍ୟାନ୍ସର ଡେ'ର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଆପୋଲୋ ହସ୍ପିଟାଲର ସିଓଓ ଏବଂ ଡିଏମ୍ଏସ୍ ଡା. ଆଲୋକ ଶ୍ରୀବାସ୍ତବ କହିଥିଲେ, ଆମେ ସଚେତନ ହେଲେ ସୁସ୍ଥ ରହିବା ସହିତ ଶାରୀରିକ ଭାବେ ସକ୍ଷମ ହୋଇପାରିବା। ଏହି ଅଭିଯାନ ମଧ୍ୟ ଜନସଚେତନତାର ପ୍ରମୁଖ ମାଧ୍ୟମ ପାଲଟିବ। ସେହିଭଳି ଆଇଏମ୍ଏର ଭୁବନେଶ୍ୱର ଶାଖା ସମ୍ପାଦକ ଡା . ପ୍ରତ୍ୟୁଷ ରାୟ କହିଥିଲେ, ରୋଗୀ ସେବା ଓ ରୋଗର ନିରାକରଣ ପାଇଁ ଆମେ ସବୁ ସ୍ତରରେ ସଚେତନା ଓ ସର୍ତକତା ଅବଲମ୍ବନ କରିବାକୁ ପରାମର୍ଶ ଦେବା ସହ ଉତ୍ତମ ସେବା ପ୍ରତି ମଧ୍ୟ ଯତ୍ନବାନ୍ ହେବା ଆବଶ୍ୟକ ରହିଛି। ସେହିପରି ଆଇସିଏମ୍ଆର୍ର ବୈଜ୍ଞାନିକ ଡା. ଜ୍ୟୋତିର୍ମୟୀ ଏବଂ ଓଏସ୍ଏର ସଦସ୍ୟ ଡା. ଭାଗ୍ୟଲକ୍ଷ୍ମୀ ନାୟକ କର୍କଟ ରୋଗ ଓ ନିରାକରଣ ଏବଂ ସତର୍କତା ଆଦି ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।


**ଡୁଡୁଲୁର ଜନ୍ମଦିନ ଶୁଭେଚ୍ଛା**

ତୋର ଦଶମ ବାର୍ଷିକ ଜନ୍ମଦିନ ଅବସରରେ ଶ୍ରୀଜଗନ୍ନାଥ, ଶ୍ରୀ ସାକ୍ଷୀଗୋପାଳ ଓ ଶ୍ରୀରାଧାରାଣୀଙ୍କ ନିକଟରେ ପ୍ରାର୍ଥନା, ତୋର ଚଳାପଥ କୁସୁମିତ ହେଉ ।



ଶୁଭେଚ୍ଛା ସହ:
ଜେଜେମା,
ଗୁଗୁଲୁ, ବୁବୁଲୁ ଓ
ପରିବାରବର୍ଗ ।

**ସାଇଶ୍ରୀ ସାହୁ**
(ଡୁଡୁଲୁ)
ଗୋପାଳପୁର ପାଟଣା
ସାକ୍ଷୀଗୋପାଳ

ଧ-୬୭୬୮୮


# ଭାରତ ବିଶ୍ୱର ୨ୟ ସର୍ବବୃହତ୍ ମୋବାଇଲ ଉତ୍ପାଦନକାରୀ

**ନୂଆଦିଲ୍ଲୀ,୪।୨**




ବର୍ତ୍ତମାନ ସମୟରେ ସବୁବର୍ଗର ଲୋକ ଭିନ୍ନ ଭିନ୍ନ ମୋବାଇଲ ଫୋନ ବ୍ୟବହାର କରୁଥିବା ବେଳେ ଭାରତ ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ମୋବାଇଲ ଉତ୍ପାଦନକାରୀ ଦେଶ ଭାବେ ପରିଗଣିତ ହେଉଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଆମଦାନୀରୁ ଆତ୍ମନିର୍ଭରଶୀଳତା ପର୍ଯ୍ୟନ୍ତ ଭାରତ ମୋବାଇଲ ଏବଂ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିଛି। ଭାରତ ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ମୋବାଇଲ ଉତ୍ପାଦନକାରୀ ଦେଶରେ ପରିଣତ ହୋଇଛି। ୨୦୧୪ରେ ଆମର ୨ଟି ମୋବାଇଲ ଉତ୍ପାଦନ ୟୁନିଟ୍ ଥିଲା। ଆଜି ଭାରତରେ ୩୦୦ରୁ ଅଧିକ ଉତ୍ପାଦନ ୟୁନିଟ୍ କାର୍ଯ୍ୟକ୍ଷମ ରହିଛି, ଯାହା ଏହି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଉଲ୍ଲେଖନୀୟ ବିସ୍ତାରକୁ ଦର୍ଶାଉଛି। ବିଗତ ଦଶନ୍ଧି ମଧ୍ୟରେ ଭାରତର ମୋବାଇଲ ଏବଂ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ରରେ ଆସିଥିବା ଉଲ୍ଲେଖନୀୟ ପରିବର୍ତ୍ତନ ଉପରେ ସେ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ସେହିଭଳି ୨୦୧୪-୧୫ରେ ଭାରତର ବିକ୍ରି ହେଉଥିବା ମୋବାଇଲ ଫୋନ୍ର ପ୍ରାୟ ୨୬% ଭାରତୀୟ ବଜାରରେ ନିର୍ମିତ ହେଉଥିଲାବେଳେ ଅବଶିଷ୍ଟ ଆମଦାନୀ କରାଯାଉଥିଲା।

ସେହିପରି ଆଜି ଭାରତରେ ବିକ୍ରି ହେଉଥିବା ୯୯.୨% ମୋବାଇଲ୍ ଫୋନ୍ ଭାରତରେ ନିର୍ମିତ ଏବଂ ମୋବାଇଲ ଫୋନର ଉତ୍ପାଦନ ମୂଲ୍ୟ ୨୦୧୪ ଆର୍ଥିକ ବର୍ଷରେ ୧୮,୯୦୦ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୦୨୪ ଆର୍ଥିକ ବର୍ଷରେ ୪,୨୨,୦୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଭାରତରେ ପ୍ରତି ବର୍ଷ ୩୨୫ରୁ ୩୩୦ ନିୟୁତରୁ ଅଧିକ ମୋବାଇଲ୍ ଫୋନ୍ ଉତ୍ପାଦିତ ହେଉଛି। ଭାରତରେ ହାରାହାରି ପ୍ରାୟ ୧ ବିଲିୟନ ମୋବାଇଲ ଫୋନ୍ ବ୍ୟବହାର ହେଉଛି। ଭାରତ ନିର୍ମିତ ମୋବାଇଲ ଫୋନ ଘରୋଇ ବଜାରକୁ ପ୍ରାୟତଃ ପରିପୂର୍ଣ୍ଣ କରିଦେଇଛି। ସେଥିପାଇଁ ମୋବାଇଲ ଫୋନର ରପ୍ତାନି ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ୨୦୧୪ ରେ ରପ୍ତାନି ପ୍ରାୟ ଶୂନ ଥିଲା, ଯାହା ବର୍ତ୍ତମାନ ୧,୨୯,୦୦୦ କୋଟି ଟଙ୍କାକୁ ଅତିକ୍ରମ କରିଛି। ଅପରପକ୍ଷରେ ପ୍ରଧାନମନ୍ତ୍ରୀଙ୍କ 'ମେକ୍ ଇନ୍ ଇଣ୍ଡିଆ' ଦୃଷ୍ଟିକୋଣ ଭାରତକୁ ବିଶ୍ୱର ଉତ୍ପାଦନ କେନ୍ଦ୍ର ଭାବେ ପରିଚିତ ଦେବା ସହିତ ପରିଣତ କରିବାରେ ମଧ୍ୟ ସହାୟକ ହେଉଛି। ଏହାର ଶୁଭାରମ୍ଭର ଗୋଟିଏ ଦଶନ୍ଧି ମଧ୍ୟରେ ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ କେବଳ ଦେଶର ଆତ୍ମନିର୍ଭରଶୀଳତାକୁ ବୃଦ୍ଧି କରୁନାହିଁ ବରଂ ଉତ୍ପାଦନ ଏବଂ ନିଯୁକ୍ତି ସୃଷ୍ଟି ମଧ୍ୟ କରୁଛି। ଇଲେକ୍ଟ୍ରୋନିକ୍ସ କ୍ଷେତ୍ରର ସମ୍ପ୍ରସାରଣ ମଧ୍ୟ ରୋଜଗାରର ଏକ ପ୍ରମୁଖ ଉତ୍ସରେ ପରିଣତ ହୋଇଛି। ବିଗତ ଦଶନ୍ଧି ମଧ୍ୟରେ ଏ କ୍ଷେତ୍ରରେ ପ୍ରାୟ ୧୨ଲକ୍ଷ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି। ଏହି ନିଯୁକ୍ତି ସୁଯୋଗଗୁଡ଼ିକ କେବଳ ଅଗଣିତ ପରିବାରର ଆର୍ଥିକ ସ୍ଥିତିକୁ ଉନ୍ନତ କରିନାହିଁ ବରଂ ଦେଶର ସାମାଜିକ-ଆର୍ଥିକ ଢାଞ୍ଚାରେ ମଧ୍ୟ ଯୋଗଦାନ ଦେଇଛି। ଏହି ମାଇଲଖୁଣ୍ଟ ହାସଲ କରିବାରେ 'ମେକ୍ ଇନ୍ ଇଣ୍ଡିଆ' ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

# ଶେୟାର ବଜାରରେ ଉତ୍ସାହ

**ମୁମ୍ବାଇ,୪।୨**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୧୩୯୭ (୧୩୯୭.୦୭) ପଏଣ୍ଟ ବଢ଼ି ୭୮,୫୮୪ (୭୮,୫୮୩.୮୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୩୭୮ (୩୭୮.୨୦) ପଏଣ୍ଟ ବୃଦ୍ଧି ଘଟି ୨୩, ୭୩୯ (୨୩,୭୩୯.୨୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।



ୟୁକେ ସାଉଥ ହଲ୍ରେ ଜୟଆଲୁକ୍କାସ୍ର ନୂତନ ଶୋ'ରୁମ୍ ନିକଟରେ ଉଦ୍ଘାଟିତ ହୋଇଯାଇଛି। ଏହି ଅବସରରେ ଇଲିଂର ମେୟର କାଉନସିଲର ୟୋଭନ ଜନ୍ସନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟଆଲୁକ୍କାସ୍ ଗ୍ରୁପ୍ର ଏମ୍ଡି ଜନ୍ ପଲ୍ ଆଲୁକ୍କାସ ଏବଂ ସୋନିଆ ଆଲୁକ୍କାସ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଏଆଇ-ଫାଷ୍ଟ ଓମ୍ନି ଏଜେଣ୍ଟର ଶୁଭାରମ୍ଭ

**ଭୁବନେଶ୍ୱର,୪।୨**

**ତତ୍ତ୍ୱ ଟେକ୍ନୋଲୋଜିସ୍ର ୨୩ତମ ପ୍ରତିଷ୍ଠା ଦିବସ**

ତତ୍ତ୍ୱ ଟେକ୍ନୋଲୋଜିସ୍ ଲିମିଟେଡ୍ର ୨୩ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ ତତ୍ତ୍ୱ କର୍ପୋରେଟ ମୁଖ୍ୟାଳୟ ସମେତ ଡେଲିଭରି ସେଣ୍ଟରଗୁଡିକରେ ମଧ୍ୟ ପାଳିତ ହୋଇଯାଇଛି। ଏହି ଅବସରରେ ୩୦୦୦ରୁ ଅଧିକ କର୍ମଚାରୀ ଓ ସହଯୋଗୀ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ କମ୍ପାନୀର ଏଆଇ ଡିଭିଜନ ତତ୍ତ୍ୱଓରାଶନ.ଏଆଇ ଅଧୀନରେ ତତ୍ତ୍ୱର ଅତ୍ୟାଧୁନିକ କନଭରସେଶନାଲ ଏଆଇ ପ୍ରଡକ୍ଟ ଏଆଇ-ଫାଷ୍ଟ ଓମନି ଏଜେଣ୍ଟର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ଆଇ ବିଶେଷଜ୍ଞ ଜ୍ଞାନ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍ଘାଟନ କରିଥିଲେ। ଏ ସମ୍ପର୍କରେ ତତ୍ତ୍ୱ ଟେକ୍ନୋଲୋଜିସ୍ ଲିମିଟେଡ୍ର ଏମ୍ଡି ଅୟସକାନ୍ତ ମହାନ୍ତି କହିଛନ୍ତି, ଏହି ସମାଧାନଭିତ୍ତିକ ବ୍ୟବସାୟଗୁଡିକ ଚମତ୍କାର ଗ୍ରାହକ ଅନୁଭୂତି ପ୍ରଦାନ କରିବା ପାଇଁ ଆମକୁ ସଶକ୍ତ କରୁଛି।

ସେହିଭଳି ତତ୍ତ୍ୱର ସିଇଓ ତପେନ୍ଦ୍ର ଏନ୍. ସେନାପତି କହିଥିଲେ, ବର୍ତ୍ତମାନ ଓ ଆଗାମୀ ସମୟରେ ଏଆଇ ଉଦ୍ଭାବନ ଉପରେ କମ୍ପାନୀର ନିରନ୍ତର ଧ୍ୟାନକୁ ଗୁରୁତ୍ୱ ଦିଆଯାଉଛି।


# Classified Everyday
**0674-2580101, 9692975378**


**MATRIMONIAL**
**BRIDE WANTED**

ମନସ୍ୱିନୀ ସନ୍ତାନଯୋଗ୍ୟା ସଂସ୍କାରୀ ପାତ୍ରୀ ଆବଶ୍ୟକ। ଯୁବସୁଲଭ ଯୋଗାଭ୍ୟାସୀ ଡାଇଭର୍ସଡ ବୟସ୍କ ବ୍ରାହ୍ମଣ ଉଚ୍ଚଶିକ୍ଷାପ୍ରାପ୍ତ ସରକାରୀ ଆୟୁର୍ବେଦ ଡାକ୍ତର ସକାରାତ୍ମକ। Explore Life. +919437593214. D-2786

ବ୍ରାହ୍ମଣ ଜାତିର ୩୮ବର୍ଷ Bank Manager Divorce ପୁଅ ଏବଂ ବ୍ରାହ୍ମଣ ଜାତିର ୪୨ବର୍ଷ Bachelor Reputed Company ଭୁବନେଶ୍ୱରରେ Job କରିଥିବା ପୁଅ ପାଇଁ କନ୍ୟା ଆବଶ୍ୟକ। ଯୋଗାଯୋଗ କରନ୍ତୁ 8018130915. D-2775


**REAL ESTATE**
**SALE**

**3/4 BHK Two Stored building for sale at- Jagatpur, Cuttack- Ph No.-7008321705.** D-2656

Duplex at Retang Medical, Station near C.V. Raman, 4BHK Apartment near Sum Hospital, Kalinganagar, DAV, KV, Bhubaneswar-7008459987. D-76232

**4 BHK luxurious flat for sale at Unit-3, Kharavelanagar, back side of Ram Mandir, handover within 2 months. Please contact-9438362399.** D-2772

ମାତ୍ର 50 ହଜାରରେ ଇନ୍ଭେଷ୍ଟମେଣ୍ଟ Plot, ଭୁବନେଶ୍ୱର (ଖୋର୍ଦ୍ଧା), ଢେଙ୍କାନାଳ ( ଗୁଡ଼ିଆକାଟେଣୀ)। Contact- 8917622925 D-2762

Building for sale 35000sqft with land area 2acre or more near Berhampur, Ganjam for Hospita/ College/ School, contact: 7749012981 D-75593

4 Nos. of 1500 Sqft. (30 ft. x 50 ft.) plots for sale close to Mahavir Engineering College on Pitapalli- Barang road at cost of Rs.750.00 per sqft. Intending buyers please contact to mobile No.- 9937786833 between 4PM to 6PM D-76414




**Space for rent- 7000 Sqft. area of space available for Office/ Commercial/ Hostel space behind Trident Engineering College, Infosys Square, Patia. Contact- 7008181478.** D-2813




Newly open health benefits spa by experience lady therapist. 8658088274. D-76191

Herbal full body massage by smart/ expert therapist. 8327740003, 7205178829. D-76413

Newly open Jyoti spa positively health benefits (Expert therapist). 8458067955. D-76192

Take wellness herbal full body relax massage by trend therapist. 7008773793. D-76193

**Full body massage experience, good looking therapist @999 (Bhubaneswar). 9078484455.** D-2815

**AFFIDAVIT**

By virtue of an affidavit sworn before the Executive Magistrate, Kendrapara, on dated 15.01.2025, I Mrs. Suchismita Rout, Address Dhaniapalli, have changed by my name Susri Suchismita Rout to Suchismita Rout. Henceforth, I shall be known as "Suchismita Rout" for all purposes. Suchismita Rout D-2807

By virtue of an affidavit sworn before the Notary, Jaleswar on Dt.- 01.02.2025, I, Susanta Kumar Sahoo, Son of Late Kartik Prasad Sahoo, permanent resident of At- Tambakhuri, P.O.- Mahammad Nagar, P.S.- Rasgobindpur, Dist.- Mayurbhanj, PIN- 756030 declare that I have changed my daughter's name from Gauraba Nitwa Sahu to Gourabanwita Sahoo. Henceforth, she shall be known as Gourabanwita Sahoo for all purposes. SUSANTA KUMAR SAHOO D-2812

I, Asutosh Garg, S/o- Suresh Kumar Garg, resident of Plot No.- 19/4710, Puruna Station Bazar, Budheswari Colony, P.S.- Laxmi Sagar, Dist.- Khurda, Bhubaneswar, 751006, Odisha, declare by this affidavit No.C.F. No.- 25, dated 19.10.2024 that now onwards I shall be known as Ashutosh Garg for all future purposes. D-2808

By virtue of an affidavit No.-852, dtd.31.1.2025, Executive Magistrate, Jajpur, I, Sudarshan Malik, of Chhatrapada, Dasarathpur, Jajpur, declare that I, Sudarshan Malik, my wife Laxmipriya Malik & my daughter Pragyan Malik henceforth will be known as Sudarsan Mallick, Laksmipriya Malik and Pragyan Mallick for all purposes. D-2816

By virtue of an affidavit sworn before Executive Magistrate, Bhubaneswar, dated 24.01.2025, I, Lili Hembram, Address: At- Nilapanitanki, Unit-8, P.O./P.S.- Nayapalli, Bhubaneswar, Dist.- Khordha, Odisha 751012, declare that I have changed mu son's name from Hemanta Hembram to Akash Hembram. Henceforth, he shall be known as Akash Hembram for all purposes. Lili Hembram D-2809

By virtue of an affidavit sworn before the Executive Magistrate, Khordha, No.- 289, dt- 04.02.2025, I, Sradhanjali Mohapatra, W/o- Anil Kumar Mohanty, At- Mukunda Prasad, P.O.- P.N. College, Khordha, declare that I have changed my surname from Mohapatra to Mohanty. Henceforth I shall be known as Sradhanjali Mohanty for all purposes. D-2810


**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଗଗନ ଗୋ ଫର୍ ଫ୍ରିଡମ୍ ଗୋଲ୍ଡ ଅଫରର ବିଜେତା



ଦୁଇ ଭାଗ୍ୟଶାଳୀ ବିଜେତାଙ୍କ ସହ ଫ୍ରିଡମ୍ ହେଲ୍ଦି କୁକିଂ ଅଏଲ୍ସର ବରିଷ୍ଠ ଅଧିକାରୀ।

**ଭୁବନେଶ୍ୱର,୪।୨(ଅଭୟ ଦାଶ)**

**ବମ୍ପର ଡ୍ର'ରେ ସୁରେଶ ଜିତିଲେ ସ୍ୱର୍ଣ୍ଣମୁଦ୍ରା**

ଫ୍ରିଡମ ହେଲ୍ଦି କୁକିଂ ଅଏଲ୍ସର ବହୁ ପ୍ରତୀକ୍ଷିତ ବମ୍ପର ଡ୍ର 'ଗୋ ଫର୍ ଫ୍ରିଡମ ଗୋଲ୍ଡ ଅଫର-୨୦୨୪'ର ବିଜେତାଙ୍କ ନାମ ନିକଟରେ ଘୋଷଣା କରାଯାଇଥିଲା। ଓଡ଼ିଶା ସମେତ ତେଲଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶ ପାଇଁ ଏହି ବମ୍ପର ଡ୍ର'ର ଭାଗ୍ୟଶାଳୀ ବିଜେତାମାନେ ୫୦ଗ୍ରାମର ସ୍ୱର୍ଣ୍ଣମୁଦ୍ରା ଜିତିଛନ୍ତି। ଏପରିକି ପ୍ରତ୍ୟେକ ରାଜ୍ୟରୁ ଜଣେ ବିଜେତା ୫୦ଗ୍ରାମ ସୁନାମୁଦ୍ରା ଜିତିଥିବାବେଳେ ଉପବିଜେତାଙ୍କୁ ୧୦ଗ୍ରାମର ସୁନାମୁଦ୍ରା ପୁରସ୍କାର ସ୍ୱରୂପ ଏକ ସ୍ୱତନ୍ତ୍ର ଉତ୍ସବରେ ଦିଆଯାଇଥିଲା।

ଏହି ପରିପ୍ରେକ୍ଷୀରେ ଫ୍ରିଡମର ଓଡ଼ିଶା ବଜାର ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର ପୁରସ୍କାର ବିତରଣ ଉତ୍ସବର ଆୟୋଜନ କରାଯାଇଥିଲା।

ଏହି ଅବସରରେ ଫ୍ରିଡମ୍ ହେଲ୍ଦି କୁକିଂ ଅଏଲ୍ସର ଜିଏମ୍ (ମାର୍କେଟିଂ) ଚେତନ ପିମ୍ପଲଖୁଟେ ଏବଂ ଓଡ଼ିଶା ମୁଖ୍ୟ ଅମିୟ କୁମାର ଧଳ ପ୍ରମୁଖ ଉପସ୍ଥିତ ରହି 'ଗୋ ଫର୍ ଫ୍ରିଡମ ଗୋଲ୍ଡ ଅଫର-୨୦୨୪'ର ବିଜେତା ଯାଜପୁର ଜିଲାର ଗଗନ ବିହାରୀ ସାହୁଙ୍କୁ ୫୦ ଗ୍ରାମ ସ୍ୱର୍ଣ୍ଣମୁଦ୍ରା ଏବଂ ଗଜପତି ଜିଲା (ମୋହନା)ର ସୁରେଶ ଚନ୍ଦ୍ର ସାହୁଙ୍କୁ ୧୦ଗ୍ରାମର ସୁନା ମୁଦ୍ରା ପୁରସ୍କାର ସ୍ୱରୂପ ପ୍ରଦାନ କରିଥିଲେ।

ଏ ସମ୍ପର୍କରେ ଫ୍ରିଡମ୍ ହେଲ୍ଦି କୁକିଂ ଅଏଲ୍ସର ଜିଏମ୍ (ମାର୍କେଟିଂ) ଚେତନ ପିମ୍ପଲଖୁଟେ କହିଥିଲେ, ଫ୍ରିଡମ୍ ହେଲ୍ଦି କୁକିଂ ଅଏଲରେ ଆମ ଗ୍ରାହକଙ୍କୁ ଗୁଣାତ୍ମକ ତଥା ନିରାପଦ ଉତ୍ପାଦ ପ୍ରଦାନ କରିବା ବ୍ୟତୀତ 'ଗୋ ଫର୍ ଫ୍ରିଡମ୍ ଗୋଲ୍ଡ ଅଫର୍ ୨୦୨୪' ଆମେ କାର୍ଯ୍ୟ କରୁଥିବା ଭୌଗୋଳିକ ସ୍ତରରେ ମଧ୍ୟ ଏହି ଅଫର ଜରିଆରେ ଗ୍ରାହକଙ୍କ ମଧ୍ୟରେ ସୁଖ ବିସ୍ତାର କରିପାରିଛୁ।

ସେହିଭଳି ଫ୍ରିଡମ୍ ହେଲ୍ଦି କୁକି ଅଏଲ୍ସର ଓଡ଼ିଶା ମୁଖ୍ୟ ଅମିୟ କୁମାର ଧଳ କହିଥିଲେ, ଆମେ ଏହି ଅଫର ଜରିଆରେ ଏକ ଭଲ କାରବାର ଓ ଉତ୍ସାଜନକ ଆଗ୍ରହ ବଜାରରେ ଦେଖିବାକୁ ପାଇଥିଲୁ।

# ୩୦ ମିନିଟ୍ରେ ଡେଲିଭରି

**ମୁମ୍ବାଇ,୪।୨**




ରିଲାଏନ୍ସ ଡିଜିଟାଲରେ ସାମ୍ସଙ୍ଗର ନୂତନ ମଡେଲ 'ସାମ୍ସଙ୍ଗ୍ ଗ୍ୟାଲେକ୍ସି ଏସ୍୨୫ ସିରିଜ'କୁ ମାତ୍ର ୩୦ ମିନିଟ୍ ମଧ୍ୟରେ ଗ୍ରାହକଙ୍କୁ ଡେଲିଭରି ଦିଆଯାଉଛି ବୋଲି ରିଲାଏନ୍ସ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ,ସାମ୍ସଙ୍ଗର ନୂତନ ମଡେଲ 'ସାମ୍ସଙ୍ଗ୍ ଗ୍ୟାଲେକ୍ସି ଏସ୍୨୫ ସିରିଜ'ର ଅନାବରଣ ମଙ୍ଗଳବାର ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରିଲାଏନ୍ସ ଡିଜିଟାଲର ସମସ୍ତ ଆଉଟ୍ଲେଟ୍ (୬୫୦ରୁ ଅଧିକ ଷ୍ଟୋର) ରେ ପୂର୍ବରୁ ପ୍ରି ବୁକିଂ କରିଥିବା ଏବଂ ବର୍ତ୍ତମାନ ବୁକିଂ କରିବାକୁ ଆଶାୟୀ ଥିବା ଗ୍ରାହକଙ୍କୁ ଏହି ମଡେଲ ଷ୍ଟୋର ପକ୍ଷରୁ ୩୦ ମିନିଟ୍ ମଧ୍ୟରେ ଗ୍ରାହକଙ୍କୁ ଡେଲିଭରି ଦିଆଯାଉଛି। ସେହିଭଳି ରିଲାଏନ୍ସ ଡିଜିଟାଲର ଏହି ସେବାକୁ ଗ୍ରାହକ ରିଲାଏନ୍ସର ଗ୍ରାହକ www.reliancedigital.inରେ ବୁକିଂକରି ଫୋନ୍ ପାଇପାରିବେ ବୋଲି ରିଲାଏନ୍ସ ପ'ରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

# ପ୍ରଫେସର ବୁଲୁ ମହାରଣାଙ୍କ କ୍ୱାର୍ଟର୍ସ ଯାଞ୍ଚକଲା ସିବିଆଇ

## ନାକ୍ ମାନ୍ୟତା ପାଇଁ ଲାଞ୍ଚ



ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସରଙ୍କ ଘରେ ସିବିଆଇ ଯାଞ୍ଚକାରୀ ଦଳ।

**ସମ୍ବଲପୁର,୪।୨(ପ୍ରମୋଦ ବହିଦାର)**

ନ୍ୟାଶନାଲ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରେଡିଶନ୍ କାଉନ୍‌ସିଲ(ଏନ୍ଏଏସି)ର ଏ++ଏସି ମାନ୍ୟତା ପାଇଁ ଲାଞ୍ଚ ମାମଲାରେ ଗିରଫ ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଜ୍ୟୋତିବିହାର) ଲାଇବ୍ରେରି ସାଇନ୍ସ ବିଭାଗର ଫାକଲ୍ଟି ମୁଖ୍ୟ ପ୍ରଫେସର ଡ. ବୁଲୁ ମହାରଣାଙ୍କ ଘରେ ମଙ୍ଗଳବାର ସିବିଆଇ ଚଢ଼ାଉ କରିଥିଲା। ପୂର୍ବାହ୍ନ ୧୧ଟାରେ ଏକ ୪ଜଣିଆ ଦଳ ଗତ ୧ତାରିଖରେ ସିବିଆଇ ସିଲ୍ କରିଥିବା ଜ୍ୟୋତିବିହାରସ୍ଥିତ ପ୍ରଫେସର ମହାରଣାଙ୍କ ସରକାରୀ ବାସଭବନ (କ୍ୱାର୍ଟର୍ସ ନଂ.୫) ଯାଞ୍ଚ କରିଥିଲା। ଯାଞ୍ଚକାରୀ ଦଳ ତାଙ୍କ ଘରେ ପ୍ରାୟ ଅଢ଼େଇ ଘଣ୍ଟା ଧରି ତନ୍ନତନ୍ନକରି ଯାଞ୍ଚକରିଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରୁ ଆରମ୍ଭ ହୋଇଥିବା ଯାଞ୍ଚ ପ୍ରକ୍ରିୟା ଅପରାହ୍ନ ୧ଟା ୩୦ ଯାଏ ଚାଲିଥିଲା। ଯାଞ୍ଚ ପରେ ସିବିଆଇ ଦଳ ଏଠାରୁ ଫେରିଯାଇଛନ୍ତି। ଯାଞ୍ଚ ସମୟରେ ବିଶ୍ୱବିଦ୍ୟାଳୟର ଜଣେ କର୍ମଚାରୀ ଓ ପ୍ରଫେସର ମହାରଣାଙ୍କ ସାନଭାଇ ବିମଳ ମହାରଣା ଉପସ୍ଥିତ ଥିଲେ।

ପ୍ରଫେସର ମହାରଣାଙ୍କ ଭାଇ ବିମଳଙ୍କ କହିବା ଅନୁସାରେ ସିବିଆଇର ଯାଞ୍ଚ ପ୍ରକ୍ରିୟା କେବଳ କାଗଜପତ୍ରରେ ସୀମିତ ଥିଲା। ଯାଞ୍ଚକାରୀ ଦଳ ଘରେ ଥିବା ତିନୋଟି ଆଲମାରି ଖୋଲି ଏଥିରେ ଥିବା କାଗଜପତ୍ର ଯାଞ୍ଚ କରିଥିଲେ। ଯାଞ୍ଚ ପରେ ସେମାନେ କିଛି ନେଇନାହାନ୍ତି ବା କୌଣସି ସାମଗ୍ରୀ ଜବତ କରିନାହାନ୍ତି। ଗତ ୧ତାରିଖ ଯାଞ୍ଚକାରୀ ଦଳ ଘର ଯାଞ୍ଚ କରିବାକୁ ଆସିଥିଲେ। ମାତ୍ର ଚାବି ନ ମିଳିବାରୁ ଘରେ ଲାଗିଥିବା ତାଲା ସିଲ୍‌କରି ଚାଲିଯାଇଥିଲେ। ତେବେ ସେମାନେ ତାଙ୍କୁ ୨ଜଣ ଅଧିକାରୀଙ୍କ ଯୋଗାଯୋଗ ନମ୍ବର ଦେଇ ଚାବି ମିଳିଲା ପରେ ସୂଚନା ଦେବାକୁ କହିଥିଲେ। ଘର ଚାବି ବାହାରେ ରହୁଥିବା ପ୍ରଫେସର ମହାରଣାଙ୍କ ସ୍ତ୍ରୀଙ୍କ ନିକଟରେ ଥିଲା। ତାଙ୍କଠାରୁ ଚାବି ଆଣିଲା ପରେ ସିବିଆଇ ଯାଞ୍ଚକାରୀ ଦଳ ପକ୍ଷରୁ ଦିଆଯାଇଥିବା ଯୋଗାଯୋଗ ନମ୍ବରରେ ସୂଚନା ଦେବା ପରେ ସେମାନେ ମଙ୍ଗଳବାର ଏଠାରେ ପହଞ୍ଚି ଘର ଯାଞ୍ଚ କରିଥିଲେ ବୋଲି ବିମଳ କହିଛନ୍ତି। ଯାଞ୍ଚକାରୀ ଦଳ ତାଙ୍କ ବଡ଼ଭାଇ(ବୁଲୁ ମହାରଣା) ବିଜୟୱାଡାରେ ସିବିଆଇ ହେପାଜତରେ ଅଛନ୍ତି ବୋଲି ତାଙ୍କୁ ସୂଚନା ଦେଇଥିଲେ ବୋଲି ବିମଳ କହିଛନ୍ତି।

ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ବିଧୁଭୂଷଣ ମିଶ୍ର ଏ ସମ୍ପର୍କରେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଛନ୍ତି। ତେବେ ସିବିଆଇ ଯାଞ୍ଚକାରୀ ଦଳର ୨ଜଣ ଅଧିକାରୀ ତାଙ୍କୁ ଔପଚାରିକତା ଦୃଷ୍ଟିରୁ କେବଳ ସାକ୍ଷାତକରି ପ୍ରଫେସର ମହାରଣାଙ୍କ ଘରେ ଯାଞ୍ଚ ପାଇଁ ଆସିଥିବା ସମ୍ପର୍କରେ ଜଣାଇଥିଲେ। ମାତ୍ର ଅନ୍ୟ କୌଣସି ସୂଚନା ଦେଇ ନ ଥିଲେ। ତେବେ ପ୍ରଫେସର ମହାରଣା ନାକ୍ ଦଳର ସଦସ୍ୟ ଭାବେ ପରିଦର୍ଶନରେ ଯିବା ପାଇଁ ଗତ ଜାନୁଆରୀ ୨୮ରୁ ୪ଦିନ ପାଇଁ ଛୁଟିରେ ଯାଇଥିଲେ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଆନ୍ଧ୍ରପ୍ରଦେଶର ଗୁଣ୍ଟୁରସ୍ଥିତ କୋନେରୁ ଲକ୍ଷ୍ମୈଆହ ଏଜୁକେଶନ୍ ଫାଉଣ୍ଡେଶନ୍ (କେଏଲ୍ଇଏଫ୍) ଅଧୀନ ଏକ ଶିକ୍ଷାନୁଷ୍ଠାନକୁ ନାକ୍ ରେଟିଂ ପ୍ରଦାନ ପାଇଁ ହୋଇଥିବା ଲାଞ୍ଚ କାରବାରରେ ସିବିଆଇ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଗଞ୍ଜାମ ଜିଲା ଅନ୍ତରପଡ଼ାର ମୂଳବାସିନ୍ଦା ଡ. ବୁଲୁ ମହାରଣାଙ୍କ ସମେତ ୧୦ଜଣଙ୍କୁ ଗିରଫ କରିଛି।

# ପୁତ୍ରହନ୍ତା ମା'ଙ୍କୁ ଆଜୀବନ କାରାଦଣ୍ଡ

**ବ୍ରହ୍ମପୁର,୪।୨(ସୁବାସ ଚନ୍ଦ୍ର ପାଢ଼ୀ)**

ଗଞ୍ଜାମ ଜିଲା ଦୌରାଜଜ୍ ରୂପଶ୍ରୀ ଚୌଧୁରୀ ଏକ ଶିଶୁପୁତ୍ର ହତ୍ୟା ମାମଲାର ଦ୍ରୁତ ବିଚାର କରି ମଙ୍ଗଳବାର ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି। ୨୦୨୩ ଅକ୍ଟୋବରରେ ପୋଖରୀରେ ପକାଇ ନିଜର ୮ ବର୍ଷୀୟ ଶିଶୁପୁତ୍ର ଏସ.ରୋହିତ କୁମାର(୮)ଙ୍କୁ ହତ୍ୟା କରିଥିବା ମା'ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୧୦ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ପୁତ୍ରହନ୍ତା ମା' ଜଣକ ହେଲେ ଏସ. ଗାଙ୍ଗାମ୍ମା(୩୫)।

ଘଟଣାରୁ ପ୍ରକାଶ ଯେ, ବ୍ରହ୍ମପୁର ଟାଉନ୍ ଥାନା ଅନ୍ତର୍ଗତ ବିଜିପୁର ବଡ଼ସାହିରେ ଏସ. ଗାଙ୍ଗାମ୍ମା, ତାଙ୍କ ସ୍ୱାମୀ ଏସ.ଆପ୍ପା ରାଓ ଓ ଏକମାତ୍ର ପୁଅ ଏସ.ରୋହିତ କୁମାର ରହୁଥିଲେ। ଆପ୍ପା ରାଓ ଜଣେ ଗାଡ଼ି ମେକାନିକ। ୨୦୨୩ ଅକ୍ଟୋବର ୨୫ ତାରିଖରେ ପୁଅ ପୋଖରୀରେ ବୁଡ଼ିଯାଇଥିବା ସ୍ତ୍ରୀଙ୍କଠାରୁ ଖବରପାଇ ସେ ସେଠାରେ ପହଞ୍ଚିଥିଲେ। ପୋଲିସ , ଅଗ୍ନିଶମ ବିଭାଗ ଅଧିକାରୀଙ୍କ ସହାୟତାରେ ଶିଶୁପୁତ୍ର ରୋହିତଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ପୁଅକୁ ସ୍ତ୍ରୀ ହତ୍ୟା କରିଥିବା ନେଇ ଆପ୍ପା ରାଓ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୫୬୪/୨୩ରେ ଏକ ହତ୍ୟା ମାମଲା ରୁଜୁ କରି ଗାଙ୍ଗାମ୍ମାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ତଦନ୍ତ ବେଳେ ପୋଲିସ ଉକ୍ତ ପୋଖରୀ ନିକଟରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। ସେଥିରେ ଗାଙ୍ଗାମ୍ମା ନିଜ ପୁଅକୁ ଟେକି ନେଇ ପୋଖରୀ ଭିତରେ ଠେଲି ଦେଉଥିବାର ଦୃଶ୍ୟ ପୋଲିସ ଦେଖିବାକୁ ପାଇଥିଲା। ଅନ୍ୟପଟେ ଅଭିଯୁକ୍ତାଙ୍କୁ ଜେରା ବେଳେ ଘରୋଇ କଳିକୁ କେନ୍ଦ୍ରକରି ମାନସିକ ଭାରସାମ୍ୟ ହରାଇ ସେ ଏଭଳି କାଣ୍ଡ କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ତତ୍କାଳୀନ ଥାନାଧିକାରୀ ତଥା ତଦନ୍ତଅଧିକାରୀ ସୁରେଶ ତ୍ରିପାଠୀ କୋର୍ଟରେ ଏ ନେଇ ଚାର୍ଜଶିଟ ଦାଖଲ କରିଥିଲେ। ମାମଲାର ବିଚାର ବେଳେ ୧୫ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସାକ୍ଷୀମାନଙ୍କ ବୟାନ ଓ ଘଟଣାବେଳର ସିସିଟିଭି ଫୁଟେଜ ଆଧାରରେ ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ତ୍ରିଲୋଚନ ପରିଡା ମାମଲା ପରିଚାଳନା କରୁଥିଲେ।

# ସରିଲା ରିମାଣ୍ଡ, ଜେଲ ଫେରିଲେ ସମର୍ଥ ସମ୍ପାଦକ

**ସମ୍ବଲପୁର, ୪।୨(ପ୍ରମୋଦ ବହିଦାର)**

ସମ୍ବଲପୁର ମହାନଗର ଅନ୍ତର୍ଗତ ନେତାଜୀ ନଗରରେ ଆଦର୍ଶ ଶିଶୁମନ୍ଦିର ପରିଚାଳିତ ସମର୍ଥ ମାନସିକ ରୋଗୀ ଥଇଥାନ କେନ୍ଦ୍ର ସମ୍ପାଦକ ହରିଶ୍ଚନ୍ଦ୍ର ଦାସଙ୍କ ରିମାଣ୍ଡ ଅବଧି ମଙ୍ଗଳବାର ସରିଛି। ଡାକ୍ତରୀ ଯାଞ୍ଚ ପରେ ସନ୍ଧ୍ୟାରେ ତାଙ୍କୁ ସମ୍ବଲପୁର ମଣ୍ଡଳ କାରାଗାର ହାଜତ ପଠାଇ ଦିଆଯାଇଛି। ତେବେ ରିମାଣ୍ଡ ସମୟରେ ତାଙ୍କଠାରୁ ପୋଲିସ ଆଉ କ'ଣ ତଥ୍ୟ ହାସଲ କରିଛି ସେ ସମ୍ପର୍କରେ କିଛି ଜଣାପଡ଼ିନାହିଁ। ତାଙ୍କ ବିରୋଧରେ ଥଇଥାନ କେନ୍ଦ୍ରରେ ଅନ୍ତେବାସୀଙ୍କୁ ନିର୍ଯାତନା ଓ ବଳାତ୍କାର ଆଦି ୨ଟି ମାମଲା ରୁଜୁ ହୋଇଛି। ଏହାର ତଦନ୍ତ ପାଇଁ ସମ୍ପାଦକ ଦାସଙ୍କୁ ଧନୁପାଲି ପୋଲିସ ସୋମବାର ଦୁଇଦିନିଆ ରିମାଣ୍ଡରେ ନେଇଥିଲା। ଦରକାର ପଡିଲେ ଜେଲରେ ଥିବା ଅନ୍ୟ ୩ଜଣଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଧନୁପାଲି ଥାନା ଅଧିକାରୀ ସୁବ୍ରତ ପାଣିଗ୍ରାହୀ କହିଛନ୍ତି। ସୂଚନାଯୋଗ୍ୟ, ନେତାଜୀ ନଗରସ୍ଥିତ ସମର୍ଥ ଅନୁଷ୍ଠାନରେ ମାନସିକ ରୋଗୀଙ୍କୁ ସେବା ଆଳରେ ନିର୍ଯାତନା ଦିଆଯାଉଥିବା ଭିଡିଓ ଭାଇରାଲ ହୋଇଥିଲା। ଉକ୍ତ ଘଟଣାରେ ପୋଲିସ କେନ୍ଦ୍ର ପରିଚାଳକ ତଥା ସମ୍ପାଦକ ଦାସଙ୍କ ସହଅନ୍ୟ ୩ଜଣଙ୍କୁଗିରଫ କରାଯାଇଥିଲା।

# ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନାକୁ ପଶିଲେ ଲୋକେ

**ବାସୁଦେବପୁର,୪।୨(ନାରାୟଣ ପ୍ରସାଦ ବାରିକ୍)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ କରଞ୍ଜଆଡ଼ିଆ ଗ୍ରାମରେ ଏକ ଗଣ୍ଡଗୋଳ ବେଳେ ଆକ୍ରମଣରେ ଗୁରୁତର ହୋଇ ଚିକିତ୍ସାଧୀନ ଥିବା ନବଘନ ମଳିକ(୪୫)ଙ୍କ ମୃତ୍ୟୁ ପରେ ମଙ୍ଗଳବାର ସନ୍ଧ୍ୟାରେ ଉତ୍ତେଜନା ଦେଖାଦେଇଛି। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ମୃତକଙ୍କ ପରିବାର ସମେତ ଉତ୍ତ୍ୟକ୍ତ ଲୋକେ ନାୟକାଣୀଡିହି ଥାନା ପରିସରରେ ହୋହଲ୍ଲା କରିବା ସହ ଭିତରକୁ ଧସେଇ ପଶିଥିଲେ। ରାତି ପ୍ରାୟ ୯ଟା ବେଳେ ଜିଲା ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା, କଷିଆ ସାମୁଦ୍ରିକ ଥାନା ଆଇଆଇସି ସାବିତ୍ରୀ ପଣ୍ଡା ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଖବର ଲେଖାହେବା ପର୍ଯ୍ୟନ୍ତ ସେମାନେ ଜିଦ୍‌ରେ ଅଟଳ ରହିଥିଲେ।

# ମଧ୍ୟପ୍ରଦେଶ, ଛତିଶଗଡ଼ ଯିବ ପୋଲିସର ସ୍ୱତନ୍ତ୍ର ଟିମ୍

## ବିବାହମଣ୍ଡପ ବୁଲିବୁଲି ଚୋରି କରୁଛନ୍ତି ଗ୍ୟାଙ୍ଗ

**ପୁରୀ/ଭୁବନେଶ୍ୱର,୪।୨**
**(ଅଜିତ୍ କୁମାର ମହାନ୍ତି/ ସତ୍ୟଜିତ୍ ରାଉତ)**

ଛତିଶଗଡ଼ ଓ ମଧ୍ୟପ୍ରଦେଶରୁ ଆସି ଭୁବନେଶ୍ୱର, ପୁରୀ ଓ କଟକର ବିଭିନ୍ନ ବିବାହ ମଣ୍ଡପ ବୁଲି ଚୋରି କରୁଛନ୍ତି। ଚୋରି ପରେ ମୂଲ୍ୟବାନ୍ ସାମଗ୍ରୀ ଏବଂ ଟଙ୍କା ଧରି ଫେରାର ହୋଇଯାଉଛନ୍ତି। ଏଭଳି ଏକ ଗ୍ୟାଙ୍ଗ ଏବେ ପୋଲିସ ହାତରେ ଧରାପଡ଼ିଛି। ପୁରୀ ବଳିଆପଣ୍ଡା ଥାନା ଅନ୍ତର୍ଗତ ଏକ ହୋଟେଲରେ ଚାଲିଥିବା ଏକ ବିବାହ ଉତ୍ସବରେ ସୁଟକେସ୍ ଚୋରି କରିବାବେଳେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେହେଲେ ମଧ୍ୟପ୍ରଦେଶର ରିତେଶ ସିସୋଡିଆ(୨୦)। ଏନେଇ ବଳିଆପଣ୍ଡା ଥାନା ପୋଲିସ ଏକ ମାମଲା ରୁଜୁ କରି ମଙ୍ଗଳବାର ରିତେଶଙ୍କୁ କୋର୍ଟଚାଲାଣ କରିଥିବାବେଳେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ରିତେଶ ତାଙ୍କ ସହଯୋଗୀଙ୍କ ସହ ମିଶି ରବିବାର ଭୁବନେଶ୍ୱର ମୈତ୍ରୀବିହାର ଥାନା ଅନ୍ତର୍ଗତ ନାଲ୍‌କୋ ଛକ ପାଖରେ ଥିବା ଏକ ହୋଟେଲ ପରିସରରେ ଚାଲିଥିବା ବିବାହ ଉତ୍ସବରେ ମଧ ଚୋରି କରିଥିଲେ ବୋଲି ତଦନ୍ତରୁ ଜଣାପଡିଛି। ସହଯୋଗୀ ଫେରାର ଥିବାରୁ ତାଙ୍କୁ ଧରିବାକୁ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଛତିଶଗଡ଼ ଏବଂ ମଧ୍ୟପ୍ରଦେଶ ଯିବ ବୋଲି ଭୁବନେଶ୍ୱର ଡିସିପି ପିନାକ ମିଶ୍ର କହିଛନ୍ତି।

ସୂଚନାଯୋଗ୍ୟ, ବଳିଆପଣ୍ଡା ଅଞ୍ଚଳରେ ଥିବା ଏକ ହୋଟେଲରେ ସୋମବାର ବିବାହ କାର୍ଯ୍ୟକ୍ରମରେ ରିତେଶ ସୁଟକେସ୍ ଚୋରି କରିବାବେଳେ ସୁରକ୍ଷା କର୍ମୀ ତାଙ୍କୁ ଧରିଥିଲେ। ହୋଟେଲର କର୍ମଚାରୀ ତାଙ୍କୁ ପଚରାଉଚରା କରିବାରୁ ସେ ରାଜ୍ୟ ବାହାରର ବୋଲି ଜଣାପଡ଼ିବାରୁ ପୋଲିସକୁ ଖବର ଦିଆଯାଇଥିଲା। ତେବେ ପୂର୍ବରୁ ପୁରୀ ପୋଲିସକୁ ଭୁବନେଶ୍ୱର ୟୁପିଡି ପକ୍ଷରୁ ଚୋରି ନେଇ ଆଲର୍ଟ କରାଯାଇଥିଲା। ଖବରପାଇ ଭୁବନେଶ୍ୱର ପୋଲିସ ପୁରୀ ଯାଇ ରିତେଶଙ୍କୁ ଚିହ୍ନଟ କରିଥିଲା। ଏନେଇ ଡିସିପି ପିନାକ କହିଛନ୍ତି, ମୈତ୍ରୀ ବିହାର ଥାନା ମାମଲାରେ ଚୋରି ସାମଗ୍ରୀ ଠାବ ହୋଇ ନ ଥିବାବେଳେ ରିତେଶଙ୍କୁ ରିମାଣ୍ଡରେ ଅଣାଯିବ। ରିତେଶଙ୍କ ଅନ୍ୟଜଣେ ସହଯୋଗୀ ଫେରାର ଅଛନ୍ତି। ତାଙ୍କୁ ଧରିବା ସହ ଚୋରି ସାମଗ୍ରୀ ଉଦ୍ଧାର କରିବା ଆମର ପ୍ରାଥମିକତା ରହିବ ବୋଲି ଡିସିପି କହିଛନ୍ତି। ସୂଚନାଯୋଗ୍ୟ, ରବିବାର ନାଲ୍‌କୋ ଛକ ପାଖରେ ଥିବା ଏକ ହୋଟେଲ ପରିସରରେ ବିବାହ ଚାଲିଥିବାବେଳେ ରିତେଶ ଓ ତାଙ୍କ ସହଯୋଗୀ ବରଯାତ୍ରୀ ବେଶରେ ଆସିଥିଲେ। ସେମାନେ ବିବାହ ମଣ୍ଡପରୁ ୭୦ରୁ ୮୦ଗ୍ରାମ ସୁନା ଗହଣା ସହ ଦେଢ଼ ଲକ୍ଷ ଟଙ୍କା ନେଇଯାଇଥିଲେ।

# ଭିଜିଲାନ୍ସ ଜାଲରେ ପୋଲିସ ଏଏସ୍‌ଆଇ

- ବାଇକ୍ ରିଲିଜ୍ ପାଇଁ ନେଉଥିଲେ ୬ ହଜାର ଲାଞ୍ଚ
- ୨ ସ୍ଥାନରେ ଏକକାଳୀନ ଚଢ଼ାଉ



ଏଏସ୍‌ଆଇ ବୁଦ୍ଧୁ ଭୋଇ।

**ସୋନପୁର,୪।୨**
**(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଆଦର୍ଶ ଥାନା ଏଏସ୍‌ଆଇ ବୁଦ୍ଧୁ ଭୋଇ ଭିଜିଲାନ୍ସ ଜାଲରେ ପଡିଛନ୍ତି। ଦୁର୍ଘଟଣାରେ ଜବତ ହୋଇଥିବା ଏକ ବାଇକ୍ ରିଲିଜ୍ ପାଇଁ ସେ ୬ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଭୋଇ ଥାନା ପରିସରରେ ଲାଞ୍ଚ ନେଉଥିବା ବେଳେ ମଙ୍ଗଳବାର ସମ୍ବଲପୁର ଭିଜିଲାନ୍ସ ପକ୍ଷରୁ ତାଙ୍କୁ ଗିରଫ କରାଯାଇଛି। ସମ୍ବଲପୁର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୧/୨୫) ରୁଜୁ କରାଯାଇଛି। ଅଭିଯୁକ୍ତ ଭୋଇଙ୍କୁ ବଲାଙ୍ଗୀର ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ଗତ ଜାନୁଆରୀ ୪ ରେ ଏକ ବାଇକ୍ ଓ ସାଇକେଲ ଆରୋହୀଙ୍କ ମଧ୍ୟରେ ଧକ୍କା ହୋଇଥିଲା। ପୋଲିସ ଦୁର୍ଘଟଣା ଘଟାଇଥିବା ବୀରମହାରାଜପୁର ଥାନା କେନ୍ଦୁପାଲିର ଗୋପୀନାଥ ମେହେରଙ୍କ ବାଇକ୍ ଜବତ କରିଥିଲା। ଏହି ମାମଲାରେ ଏଏସ୍‌ଆଇ ବୁଦ୍ଧୁ ତଦନ୍ତକାରୀ ଅଧିକାରୀ ଥିଲେ। ଘଟଣା ପରେ ଗୋପୀନାଥ ଜବତ ବାଇକ୍ ନେବା ପାଇଁ ବାରମ୍ବାର ଥାନାକୁ ଆସିଥିଲେ। କିନ୍ତୁ ବାଇକ୍ ରିଲିଜ୍ ପାଇଁ ବୁଦ୍ଧୁ ୬ହଜାର ଟଙ୍କା ମାଗିଥିଲେ। ସୋମବାର ଗୋପୀନାଥ ଏ ସମ୍ପର୍କରେ ସୁବର୍ଣ୍ଣପୁର ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ଅନୁସାରେ ଅଭିଯୋଗକାରୀ ମଙ୍ଗଳବାର ବୀରମହାରାଜପୁର ଥାନାକୁ ଆସିଥିଲେ। ଦାବି ଅନୁଯାୟୀ ସେ ଏଏସ୍‌ଆଇ ଭୋଇଙ୍କୁ ରାସାୟନିକ ରଙ୍ଗବୋଳା ୬ହଜାର ଟଙ୍କା ପ୍ରଦାନ କରିଥିଲେ। ବୁଦ୍ଧୁ ଉକ୍ତ ଟଙ୍କା ନେବା ସମୟରେ ପୂର୍ବରୁ ସେଠାରେ ଜଗି ରହିଥିବା ଭିଜିଲାନ୍ସ ବିଭାଗ କର୍ମଚାରୀମାନେ ତାଙ୍କୁ କାବୁକରି ନେଇଥିଲେ। ତାଙ୍କ ନିକଟରୁ ୧୨ଟି ରଙ୍ଗବୋଳା ୫୦୦ଟଙ୍କିଆ ନୋଟ୍ ଭିଜିଲାନ୍ସ ଟିମ୍ ଉଦ୍ଧାର କରିଛି। ସୁବର୍ଣ୍ଣପୁର ଭିଜିଲାନ୍ସ ଡିଏସ୍‌ପି ରୀତାଞ୍ଜଳି ପ୍ରଧାନ ଓ ବଲାଙ୍ଗୀର ଭିଜିଲାନ୍ସ ଡିଏସ୍‌ପି ପଲସ୍ତି ଛତ୍ରିଆଙ୍କ ନେତୃତ୍ୱରେ ଇନ୍ସପେକ୍ଟର ଦିଲୀପ ପ୍ରଧାନ, ତୁଷାର ମହାପାତ୍ର ଓ ଟିମ୍ ବୀରମହାରାଜପୁର ଥାନା ଏବଂ ପଟାଭାଡି ସ୍ଥିତ ବୁଦ୍ଧୁଙ୍କ ବାସଭବନରେ ତନଖି କରୁଛନ୍ତି। ବାସଭବନରେ ତନଖି ସମୟରେ ନଗଦ ୨୧ହଜାର ୫୦୦ଟଙ୍କା, ସ୍ତ୍ରୀଙ୍କ ନାମରେ ୨ଟି ପ୍ଲଟ୍, ଗୋଟିଏ କାର୍ ଓ ୨ଟି ବାଇକ୍ ଠାବ ହୋଇଛି। ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ଅଧିକ ହେବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ପୁତୁରା ଆକ୍ରମଣରେ ମଉସା ମୃତ

## ଧାର ଟଙ୍କା ମାଗିବାରୁ ଗଲା ଜୀବନ



ମୁଖ୍ୟ ଅଭିଯୁକ୍ତ ଅଙ୍କିତ ପରିଡ଼ାଙ୍କୁ ପୋଲିସ ଗିରଫ କରିଛି।

**ଭୁବନ,୪।୨(ବିପିନ ବିହାରୀ ସେଠୀ)**

ଧାର ଦେଇଥିବା ଟଙ୍କା ମାଗିବାରୁ ପୁତୁରାଙ୍କ ଆକ୍ରମଣରେ ମଉସାଙ୍କ ଜୀବନ ଯାଇଛି। ଢେଙ୍କାନାଳ ଜିଲା ଭୁବନ ଏନ୍ଏସି ୩ ନମ୍ବର ୱାର୍ଡରେ ଗତ ରବିବାର ଏହି ଘଟଣା ଘଟିଛି। ମୃତକ ହେଲେ ସୁଶାନ୍ତ କୁମାର ସେଠୀ(୪୨)। ଏ ନେଇ ଭୁବନ ଥାନାରେ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତ ପୁତୁରା ଅଙ୍କିତ ପରିଡ଼ା (୧୯)ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି।

ପୋଲିସ ସୂଚନା ଅନୁଯାୟୀ, ଭୁବନ ଏନ୍ଏସି ୩ନଂ. ୱାର୍ଡ ଗୋଡ଼ିପାଟଣାର ସୁଶାନ୍ତଙ୍କ ଠାରୁ ପୁତୁରା ଅଙ୍କିତ କିଛି ଟଙ୍କା ଧାର ନେଇଥିଲେ। କିନ୍ତୁ ସୁଶାନ୍ତ ଟଙ୍କା ମାଗିବାରୁ ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ବାରମ୍ବାର କଳହ ହୋଇଥିଲା। ଗ୍ରାମବାସୀ ଏହାର ସମାଧାନ କରିଥିଲେ। ଅଙ୍କିତ ଏକ ଷ୍ଟିଲ ଫର୍ନିଚର ଦୋକାନରେ କାମ କରୁଥିବା ବେଳେ ଗତ ଶନିବାର ମଉସା ସୁଶାନ୍ତ ସେଠାରେ ପହଞ୍ଚି ଅଙ୍କିତଙ୍କୁ ଟଙ୍କା ମାଗିଥିଲେ। ଏହାକୁ ନେଇ ସେଠାରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଅଙ୍କିତ ଏକ ଷ୍ଟିଲ ଛଡ଼ରେ ସୁଶାନ୍ତଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଘଟଣା ପରେ ଦୋକାନ ମାଲିକ ଓ ଅଙ୍କିତ ଦୋକାନ ବନ୍ଦ କରି ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକମାନେ ଗୁରୁତର ସୁଶାନ୍ତଙ୍କୁ ଭୁବନ ଡାକ୍ତରଖାନାକୁ ପଠାଇଥିଲେ। ସେଠାରୁ ଡାକ୍ତର ତାଙ୍କୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ସୁଶାନ୍ତଙ୍କ ମୃତ୍ୟୁ ହୋଇଥିଲା। ଏ ସଂକ୍ରାନ୍ତରେ ସୁଶାନ୍ତଙ୍କ ସ୍ତ୍ରୀ ଟିକିନା ସେଠୀ ଥାନାରେ ଅଭିଯୋଗ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛୋପରା ଛଇ,**
**ଘଇତାକୁ ବୋଲୁଛି ନାତୁଣୀ ଜୋଇଁ।**

ସାଧାରଣତଃ ମହିଳାମାନେ ନିଜର ଠିକ ବୟସ ଅନ୍ୟ ଆଗରେ ପ୍ରକାଶ କରିବାକୁ କୁଣ୍ଠିତ ହୋଇଥାନ୍ତି। ମହିଳାମାନଙ୍କର ବୟସ ଲୁଚାଇବାର ମାନସିକତାକୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଜୟ ବେଳେ କ୍ଷୟ ନାହିଁ,**
**ମରଣ ବେଳେ ଔଷଧ ନାହିଁ।**

ମଣିଷ ଯେତେବେଳେ ଉନ୍ନତି ପଥରେ ଅଗ୍ରସର ହୁଏ ସେତେବେଳେ ତାକୁ ପ୍ରତିରୋଧ କରିବା ସମ୍ଭବପର ହୋଇ ନ ଥାଏ। ସେହିପରି ମଣିଷ ଯେତେବେଳେ ମୃତ୍ୟୁର ସନ୍ନିକଟ ହୁଏ ସେତେବେଳେ ତାକୁ କୌଣସି ଔଷଧ କାମ କରି ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ୨ ଗ୍ରାମବାସୀଙ୍କୁ ହତ୍ୟାକଲେ ମାଓବାଦୀ

## ପୋଲିସ ସୂଚନାଦାତା ସନ୍ଦେହ

**ମାଲକାନଗିରି, ୪।୨ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାରେ ମାଓବାଦୀମାନେ ପୁଣି ବର୍ବରକାଣ୍ଡ ଘଟାଇଛନ୍ତି। ପୋଲିସ ସୂଚନାଦାତା ସନ୍ଦେହରେ ମାଓବାଦୀମାନେ ସୋମବାର ବିଳମ୍ବିତ ରାତିରେ ତରେମ ଥାନା ଅନ୍ତର୍ଗତ ବୁଦୁଗିବେରୁ ଗ୍ରାମର ୨ଜଣ ଗ୍ରାମବାସୀଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ମୃତକ ହେଲେ ବୁଦୁଗିବେରୁ ଗ୍ରାମର କାରାମ ରାଜୁ (୩୨) ଓ ମାଡବି ମୁନା (୨୭)। ପୋଲିସ ସୂଚନା ଅନୁଯାୟୀ, କେତେଜଣ ସଶସ୍ତ୍ର ମାଓବାଦୀ ସୋମବାର ରାତିରେ ବୁଦୁଗିବେରୁ ଗ୍ରାମକୁ ଯାଇ କାରାମ ଓ ମାଡବିଙ୍କୁ ଘରୁ ଅପହରଣକରି ଜଙ୍ଗଲ ମଧ୍ୟକୁ ନେଇଯାଇଥିଲେ। ସେମାନେ ପୋଲିସକୁ ସୂଚନା ପ୍ରଦାନ କରୁଥିବାରୁ ମାଓବାଦୀମାନେ ପ୍ରଥମେ ତାଙ୍କୁ ନିସ୍ତୁକ ମାଡ ମାରିଥିଲେ। ସେମାନଙ୍କ ସୂଚନା ଦ୍ୱାରା ମାଓବାଦୀଙ୍କୁ କ୍ଷତି ହେଉଥିବା ଅଭିଯୋଗକରି ୨ ଜଣଙ୍କୁ ପ୍ରଜାକୋର୍ଟରେ ମୃତ୍ୟୁଦଣ୍ଡ ଦେଇଥିଲେ। ପରେ ଉକ୍ତ ୨ ଗ୍ରାମବାସୀଙ୍କ ମୃତ ଶରୀର ଗ୍ରାମରେ ଆଣି ଫିଙ୍ଗିଦେବା ସହ ନିକଟରେ ଏକ ବ୍ୟାନର ଛାଡ଼ିଯାଇଥିଲେ। ବିଜାପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଚାକିରି ଦେବାକୁ କହି ଠକେଇ, ଜେଲ ଗଲେ ଅଭିଯୁକ୍ତ

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଲେଟର ପ୍ୟାଡ୍ ବ୍ୟବହାର ମହଙ୍ଗା ପଡ଼ିଲା



ଗିରଫ ଅଭିଯୁକ୍ତ ଜିତୁ ଦାସ।

**ଲୋଇସିଂହା,୪।୨(ସୁଶାନ୍ତ ବାରିକ)**

ସ୍ୱାସ୍ଥ୍ୟ ବିଭାଗରେ ଚାକିରି କରାଇ ଦେବା, ଚାକିରି ନିୟମିତ ଓ ବଦଳି କରିଦେବାର ପ୍ରଲୋଭନ ଦେଖାଇ ୩ ଜଣ ବ୍ୟକ୍ତିଙ୍କଠାରୁ ପ୍ରାୟ ଅଢେଇ ଲକ୍ଷ ଟଙ୍କା ଠକେଇ ହୋଇଛି। ଏହି କାରବାରରେ ବଲାଙ୍ଗୀର ଜିଲା ଲୋଇସିଂହା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଲେଟର ପ୍ୟାଡ୍ ବ୍ୟବହାରକରିବା ଜଣେ ଯୁବକଙ୍କ ପାଇଁ ମହଙ୍ଗା ପଡ଼ିଛି। ଲୋଇସିଂହା ପୋଲିସ ଏହି ଘଟଣାରେ ନିଜ ତରଫରୁ ଏକ ମାମଲା ରୁଜୁକରି ଉକ୍ତ ଥାନାର ଆଗଲପୁର ବ୍ଲକ୍ ନଅଗାଁ(ଖ) ପଞ୍ଚାୟତ ଦାସପାଲି ଗ୍ରାମର ଜିତେନ୍ଦ୍ର ଦାସ ଓରଫ ଜିତୁ(୨୪)ଙ୍କୁ ଗିରଫ କରିଛି। ବରଗଡ଼ରୁ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଜିତୁଙ୍କୁ ବଲାଙ୍ଗୀର ବିଚାରବିବାଗୀୟ ହାଜତକୁ ପଠାଇଦିଆଯାଇଛି। ଏନେଇ ଭାରତୀୟ ନ୍ୟାୟସଂହିତା ଆଇନର ୩୧୯(୨),୩୧୮(୪)୩୦୮(୨)ରେ ମାମଲା( ନଂ. ୩୭।୨୫) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଜିତୁ ସଚିବାଳୟ ପାସ୍ ହାତେଇ ସ୍ୱାସ୍ଥ୍ୟମନ୍ତ୍ରୀ ଓ ରାଜ୍ୟ ମନ୍ତ୍ରିମଣ୍ଡଳର ଅନେକ ମନ୍ତ୍ରୀଙ୍କୁ ଭେଟିବା ସହ ସେହି ସମୟର ଫଟୋଗୁଡ଼ିକୁ ସାମାଜିକ ଗଣମାଧ୍ୟମରେ ଛାଡ଼ି ମନ୍ତ୍ରୀଙ୍କ ନିକଟତର କହି ଲୋକଙ୍କୁ ପ୍ରଲୋଭିତ କରିଥିଲେ। ଏପରି କି ବିଭିନ୍ନ କାମ କରିଦେବା ପାଇଁ ଜିଲା ତଥା ଜିଲା ବାହାରର ପରିଚିତ ଲୋକଙ୍କଠାରୁ ମୋଟା ଅଙ୍କର ଟଙ୍କା ଦାବି କରୁଥିଲେ। ଲୋଇସିଂହାର ଜଣେ ଯୁବକଙ୍କଠାରୁ ୧ଲକ୍ଷ ୨୦ ହଜାର ଟଙ୍କା ନେଇଥିବା ବେଳେ ସାଲେଭାଟ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଠାରୁ ୮୧ ହଜାର ଟଙ୍କା ନେଇଥିବା ଜଣାପଡ଼ିଛି। ସେହିପରି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ଜଣେ ନର୍ସିଂ ଅଫିସରଙ୍କୁ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲକୁ ବଦଳି ପାଇଁ ଜିତୁ ଫୋନ୍ ପେରେ ୨ଟି ପର୍ଯ୍ୟାୟରେ ୫୦ ହଜାର ଟଙ୍କା ନେଇଛନ୍ତି । ନୟାଗଡ଼ ନର୍ସିଂ ଅଫିସରଙ୍କ ବଦଳି ମାମଲାରେ ସରକାରୀ ଲୋଗୋ ଲାଗିଥିବା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଲେଟର ପ୍ୟାଡ୍ ନଂ. ୯୭ (ତା ୧।୧୦।୨୦୨୪) ବ୍ୟବହାର ହୋଇଥିବା ଜଣାପଡ଼ିଛି।

ଠକେଇର ଶିକାର ଜଣେ ବ୍ୟକ୍ତି ଥାନାର ଦ୍ୱାରସ୍ଥ ହୋଇଥିଲେ। ହେଲେ ତାଙ୍କୁ ଭୟଭୀତକରି ମାମଲା ଚପାଇବାକୁ ଉଦ୍ୟମ ହୋଇଥିଲା। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଘଟଣା ପ୍ରଘଟ ହୋଇଥିଲା। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବ୍ୟବହୃତ ଲେଟର ପ୍ୟାଡ୍ ଅସଲି ନା ନକଲି ଏ ସମ୍ପର୍କରେ ମନ୍ତ୍ରୀଙ୍କ ପକ୍ଷରୁ ଅଦ୍ୟାବଧି ସ୍ପଷ୍ଟୀକରଣ ଦିଆଯାଇନାହିଁ।

# ବାରବାଟୀ ବାଉନ୍ସର



ବାରବାଟୀ ଷ୍ଟାଡିୟମରେ ଆସନ୍ତା ୯ରେ ହେବାକୁଥିବା ଭାରତ-ଇଂଲଣ୍ଡ ଦିନିକିଆ କ୍ରିକେଟ ମ୍ୟାଚ ପୂର୍ବରୁ ଖେଳାଳିଙ୍କ ଅଭ୍ୟାସ ପାଇଁ ଆଉଟ୍ ପିଚ୍‌କୁ ବ୍ରଶ୍ ଯୋଗେ ପଲିସ କରାଯାଉଛି।



ଷ୍ଟାଡିୟମ ପିଚ୍‌ରେ କେମିକାଲ ସ୍ପ୍ରେ କରାଯାଉଛି।



କାଉଣ୍ଟରରେ ଟିକେଟ ବୁଧବାର ବିକ୍ରି ହେବାକୁ ଥିବାବେଳେ ମଙ୍ଗଳବାରରୁ ମହିଳାଙ୍କ ଲମ୍ବା ଲାଇନ।



ଦ ୟୁନିଭର୍ସ ପାଖ ରାସ୍ତାରେ ଟିକେଟ ପାଇଁ ରାତିସାରା ବସିରହିଥିବା କ୍ରିକେଟପ୍ରେମୀ । (ଫଟୋ: ରାଜକିଶୋର ମହାନ୍ତି)

## ଷ୍ଟାଡିୟମ ଭିତରେ ଓ ବାହାରେ ସୁରକ୍ଷା କଡ଼ାକଡ଼ି

**ବାରବାଟୀ ଦିନିକିଆ କ୍ରିକେଟ**

- ଆର୍‌ଡିସିଙ୍କ ପ୍ରସ୍ତୁତି ବୈଠକ
- ଦର୍ଶକଙ୍କ ଯାତାୟାତ ପାଇଁ ବସ୍ ସୁବିଧା

କଟକ,୪।୨ (କାର୍ତ୍ତିକ ସାହୁ)

ବାରବାଟୀ ଷ୍ଟାଡିୟମଠାରେ ଆଗାମୀ ୯ ତାରିଖରେ ହେବାକୁ ଥିବା ଭାରତ ବନାମ ଇଂଲଣ୍ଡ ଆନ୍ତର୍ଜାତିକ ଦିନିକିଆ କ୍ରିକେଟ ମ୍ୟାଚର ସଫଳ ଆୟୋଜନ ନିମନ୍ତେ ସମସ୍ତ ପ୍ରସ୍ତୁତି ସମ୍ପର୍କରେ ସଂପୃକ୍ତ ବିଭାଗର ଅଧିକାରୀ, ଯନ୍ତ୍ରୀ ଏବଂ ଓଡ଼ିଶା କ୍ରିକେଟ ସଂଘ ଓ ଅଲମ୍ପିକ ସଂଘର କର୍ମକର୍ତ୍ତାଙ୍କୁ ନେଇ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ପରମେଶରନ ବି'ଙ୍କ ଅଧ୍ୟକ୍ଷତାରେ ଆୟୁକ୍ତଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଆନ୍ତର୍ଜାତିକ ଦିନିକିଆ ମ୍ୟାଚ ଆୟୋଜନ ନିମନ୍ତେ ସଂପୃକ୍ତ ବିଭାଗମାନେ ତତ୍ପରତାର ସହ ସମସ୍ତ ଦାୟିତ୍ୱ ତୁଲାଇବେ ବୋଲି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ବୈଠକ ଆରମ୍ଭରେ ସୂଚନା ପ୍ରଦାନ କରିଥିଲେ।



ଅତିରିକ୍ତ ପୋଲିସ କମିଶନର ଉମାକାନ୍ତ ଦାସ ଓ ଅନ୍ୟ ଅଧିକାରୀମାନେ ଷ୍ଟାଡିୟମରେ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି।

କାର୍ଯ୍ୟ ଖସଡ଼ା ଅନୁଯାୟୀ ପ୍ରତ୍ୟେକ ବିଭାଗୀୟ ଅଧିକାରୀ ନିଜ ନିଜର ଦାୟିତ୍ୱ ନିଶ୍ଚିତ କରାଇବା ନିମନ୍ତେ ଆର୍‌ଡିସି ନିର୍ଦ୍ଦେଶ ଦେଇଛନ୍ତି। ଉଭୟ ଦଳର ଖେଳାଳିମାନଙ୍କ ଯାତାୟାତ ସହ ଷ୍ଟାଡିୟମ ମଧ୍ୟରେ ସେମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ସମସ୍ତ ସୁରକ୍ଷା କଡ଼ାକଡ଼ି କରିବାକୁ ପଦକ୍ଷେପ ନେବେ। ଷ୍ଟାଡିୟମ ଭିତରେ ଏବଂ ବାହାରେ ଦର୍ଶକମାନଙ୍କ ସୁରକ୍ଷା ଏବଂ ଟ୍ରାଫିକ ପରିଚାଳନା ବ୍ୟବସ୍ଥା ନିମନ୍ତେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଟକ ଡିସିପି ଜଗମୋହନ ମୀନାଙ୍କ ସହ ବୈଠକରେ ଆଲୋଚନା କରାଯାଇଛି। ଆଲୋଚନା ମାଧ୍ୟମରେ ଡିସିପି ମୀନା ଷ୍ଟାଡିୟମର ଚାରୋଟି ଗେଟକୁ ପ୍ରସ୍ଥାନ ନିମନ୍ତେ ବ୍ୟବହାର କରାଯିବା ସହ ସେଠାରେ ସୁରକ୍ଷା କର୍ମୀ ମୁତୟନ ସହ ଖାଦ୍ୟ, ପାନୀୟ ଓ ସଫେଇ ବ୍ୟବସ୍ଥା ନିମନ୍ତେ ନିୟୋଜିତ ହେବାକୁ ଥିବା ବ୍ୟକ୍ତି ବିଶେଷଙ୍କୁ ପରିଚୟ ପତ୍ର ପ୍ରଦାନ କରାଯିବ ବୋଲି କହିଥିଲେ। ପାନୀୟଜଳ ଯୋଗାଣ ନିମନ୍ତେ ସାଧାରଣ ପରିଚାଳକ ୱାଟ୍‌କୋକୁ ଟିକେଟ ବିକ୍ରି ସମୟରେ ୪ ଗୋଟି ୱାଟର ଟ୍ୟାଙ୍କର ଏବଂ ମ୍ୟାଚ ଦିନ ୧୦ ଗୋଟି ୱାଟର ଟ୍ୟାଙ୍କର ଗାଡ଼ି ରହଣି ସ୍ଥଳରେ ବ୍ୟବସ୍ଥା କରିବାକୁ ଆର୍‌ଡିସି ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା କ୍ରିକେଟ ସଂଘ ପକ୍ଷରୁ ଷ୍ଟାଡିୟମ ପରିସରରେ ଦର୍ଶକମାନଙ୍କ ନିମନ୍ତେ ମେଶିନ ଜରିଆରେ କାଗଜ କପ୍ ମାଧ୍ୟମରେ ପାନୀୟଜଳ ଯୋଗାଇ ଦିଆଯିବ। ମ୍ୟାଚ ଆୟୋଜନ ସମୟରେ ଅଗ୍ନି ନିରାପତ୍ତାଜନିତ ତଥା ସମସ୍ତ ଦୁର୍ଘଟଣାକୁ ଏଡ଼ାଇବା ନିମନ୍ତେ ଅଗ୍ନିଶମ ବିଭାଗ ଏବଂ ଓଡ଼ିଶା କ୍ରିକେଟ ସଂଘ ଉଭୟ ଅଗ୍ନିଶମ ନିର୍ଦ୍ଦେଶନାମା ପାଳନ ପୂର୍ବକ ସମସ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଫେବୃଆରୀ ୫ ଓ ୬ରେ କାଉଣ୍ଟରରେ ଟିକଟ ବିକ୍ରି ସମୟରେ ତଥା ମ୍ୟାଚ ଦିନ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ଦଳ ସହ ଆମ୍ବୁଲାନ୍ସର ବ୍ୟବସ୍ଥା ଏବଂ ଓସିଏ ପକ୍ଷରୁ ଦର୍ଶକଙ୍କ ନିମନ୍ତେ ସ୍ୱତନ୍ତ୍ର ଚିକିତ୍ସା ସୁବିଧା କରାଯିବ। ଏସ୍‌ସିବି, ଅଶ୍ୱିନୀ ହସ୍‌ପିଟାଲ, କିମ୍ସ ଚିକିତ୍ସାଳୟ ପକ୍ଷରୁ ସେମାନଙ୍କ ସହଯୋଗରେ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦିଆଯିବ ବୋଲି ଆଲୋଚନା କରାଯାଇଛି। ଷ୍ଟାଡିୟମ ପରିସରରେ ସ୍ୱତନ୍ତ୍ର ଡାକ୍ତରୀ ଦଳ ଏବଂ ଆମ୍ବୁଲାନ୍ସ ସେବା ନିମନ୍ତେ ଔଷଧ ମହଜୁଦ ରଖାଯିବ। ସେହିଭଳି ମ୍ୟାଚ ସମୟରେ ଷ୍ଟାଡିୟମ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ସଫେଇ ଓ ସୌନ୍ଦର୍ଯ୍ୟକରଣ, ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରାଯିବା ସହ ଗାଡି ରହଣିସ୍ଥଳରେ ଆଲୋକୀକରଣ ବ୍ୟବସ୍ଥା ନିମନ୍ତେ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ। ଏଥିସହ ସିଏମ୍‌ସି ପକ୍ଷରୁ ପାଞ୍ଚଦିନ ଧରି ନିକଟବର୍ତ୍ତୀ ଅଞ୍ଚଳରେ ମଶା ଧୂଆଁର ବ୍ୟବସ୍ଥା କରିବା ପାଇଁ ମଧ୍ୟ ଆଲୋଚନା କରାଯାଇଛି। ସେହିଭଳି ଟିପିସିଓଡିଏଲ ପକ୍ଷରୁ ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ ନିମନ୍ତେ ବୈଠକରେ ସ୍ଥିର ହୋଇଛି। ପୁରସ୍କାର ପ୍ରଦାନ ନିମନ୍ତେ ପୂର୍ତ୍ତ ବିଭାଗ ଦ୍ୱାରା ପଡ଼ିଆରେ ସ୍ୱତନ୍ତ୍ର ଭାବେ ଅସ୍ଥାୟୀ ଷ୍ଟେଜ ନିର୍ମାଣ ନିମନ୍ତେ ଆଲୋଚନା ହୋଇଛି। ଜନସାଧାରଣଙ୍କ ଯାତାୟାତ ପାଇଁ ସିଏନ୍‌ବିଟି, ତ୍ରିଶୂଳିଆ ଏବଂ ରେଳ ଷ୍ଟେଶନଠାରୁ ଦର୍ଶକଙ୍କ ଯାତାୟାତ ନିମନ୍ତେ ବସ୍ ବ୍ୟବସ୍ଥା ପାଇଁ ଆଞ୍ଚଳିକ ପରିବହନ ଅଧିକାରୀ, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏବଂ ଡିସିପିଙ୍କ ସହ ଆଲୋଚନା କରାଯାଇଛି। ଦର୍ଶକଙ୍କ ପାଇଁ ବିକ୍ରୟ ହେବାକୁ ଥିବା ଖାଦ୍ୟର ମାନ ପରଖିବା ନିମନ୍ତେ ଖାଦ୍ୟ ସୁରକ୍ଷା ଅଧିକାରୀମାନଙ୍କ ସହାୟତାରେ ଉପଜିଲାପାଳ ଦର ନିଶ୍ଚିତ କରିବା ପାଇଁ ଦାୟିତ୍ୱ ଦିଆଯାଇଛି। ଏହି ବୈଠକରେ ଓଓଏ ସମ୍ପାଦକ ଅଭିଜିତ ପାଲ, ଓସିଏ ସାଧାରଣ ପରିଚାଳକ ଶୁଭାଶିଷ ବେହେରା, ଅତିରିକ୍ତ ପୋଲିସ କମିଶନର ଉମାକାନ୍ତ ଦାସଙ୍କ ସମେତ ସଂପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## କାଉଣ୍ଟରରେ ଟିକେଟ ବିକ୍ରି ଆଜିଠାରୁ

କଟକ,୪।୨ (କାର୍ତ୍ତିକ ସାହୁ)

ଭାରତ ଓ ଇଂଲଣ୍ଡ ମଧ୍ୟରେ ହେବାକୁ ଥିବା ବାରବାଟୀ ଦିନିକିଆ କ୍ରିକେଟ ମ୍ୟାଚ ଆଉ ମାତ୍ର ୪ଦିନ ପରେ। ଚୂଡ଼ାନ୍ତ ପର୍ଯ୍ୟାୟରେ ପ୍ରସ୍ତୁତି ପହଞ୍ଚିଲାଣି। ଅନଲାଇନ୍‌ରେ ଟିକଟ ବୁକିଂରୁ ନିରାଶ କ୍ରିକେଟପ୍ରେମୀ କାଉଣ୍ଟରରେ ଟିକେଟ କରିବାକୁ ଷ୍ଟାଡିୟମ ପାଖରେ ଏବେଠୁ ଭିଡ଼ ଜମାଇଲେଣି। ବୁଧବାର ଅଫ୍‌ଲାଇନ ଟିକଟ ବିକ୍ରି ଆରମ୍ଭ ହେବ। ଆଗ ଟିକେଟ କିଣିବା ପାଇଁ ନାହିଁ ନ ଥିବା ଉତ୍ସାହ। ଷ୍ଟାଡିୟମ ନିକଟ ରାସ୍ତାକୁ ଲାଗି ୪ଟି କାଉଣ୍ଟରରେ ଟିକେଟ ବିକ୍ରି ବ୍ୟବସ୍ଥା ହୋଇଛି। ଯେପରି କୌଣସି ପ୍ରକାର ବିଶୃଙ୍ଖଳା ନ ଉପୁଜେ ସେଥିପାଇଁ ବ୍ୟାରିକେଡ୍ ବନ୍ଧା ଯାଇଛି। ସକାଳ ୯ଟାରେ କାଉଣ୍ଟର ଖୋଲିବ। ଷ୍ଟାଡିୟମର ସମସ୍ତ ଗ୍ୟାଲେରୀ ସମେତ ଅନ୍ୟାନ୍ୟ ପ୍ରାୟ ୧୨,୦୦୦ ଟିକେଟ କାଉଣ୍ଟରରେ ବିକ୍ରି ହେବ ବୋଲି ଜଣାଯାଇଛି।

ସୂଚନା ଅନୁଯାୟୀ, ଷ୍ଟାଡିୟମର ହର୍ସଗେଟ୍ ନିକଟ କାଉଣ୍ଟରରେ ସ୍ପେଶାଲ ଏନକ୍ଲୋଜର, ଏସି ବକ୍ସ, କର୍ପୋରେଟ ବକ୍ସ, ନ୍ୟୁ ପାଭିଲିୟନ ଆଦି ଟିକଟ ବିକ୍ରି କରାଯିବ। ଉଭୟ ପୁରୁଷ ଏବଂ ମହିଳା ଗୋଟିଏ ଧାଡ଼ିରେ ଏହି କାଉଣ୍ଟରରୁ ଟିକେଟ କିଣିବେ। ବାସ୍କେଟବଲ ଗ୍ରାଉଣ୍ଡ ନିକଟ ୧୩ ନମ୍ବର ଫାଟକ ନିକଟରେ ୩ଟି କାଉଣ୍ଟର ଖୋଲିବ। ଏହି କାଉଣ୍ଟରଗୁଡ଼ିକରେ କେବଳ ଗ୍ୟାଲେରୀ ଟିକେଟ ବିକ୍ରି ହେବ। ଏଠାରେ ଗୋଟିଏ କାଉଣ୍ଟର ସ୍ୱତନ୍ତ୍ର ଭାବେ ମହିଳା ଏବଂ ଅନ୍ୟ ଦୁଇଟି ପୁରୁଷଙ୍କ ପାଇଁ କରାଯାଇଛି। ଜଣେ ବ୍ୟକ୍ତି ସର୍ବାଧିକ ଦୁଇଟି ଟିକେଟ କିଣି ପାରିବ। ଟିକେଟ କିଣିବା ନିମନ୍ତେ ପରିଚୟପତ୍ର ବାଧ୍ୟତାମୂଳକ କରାଯାଇଛି। ଓସିଏ ଏକାଡେମୀ ନିକଟରେ ଏବଂ ଉପର ବାଲିଯାତ୍ରା ପଡ଼ିଆରେ ପାର୍କିଂ ବ୍ୟବସ୍ଥା ହୋଇଛି। ଟିକେଟକ୍ରେତାଙ୍କ ନିମନ୍ତେ ଓସିଏ ପକ୍ଷରୁ ସ୍ୱତନ୍ତ୍ର ବନ୍ଦୋବସ୍ତ କରାଯାଇଛ, ଯଥା ଏକାଡେମୀ ନିକଟରେ ବିଶ୍ରାମଗୃହ ଏବଂ ପାନୀୟଜଳ ଆଦିର ବ୍ୟବସ୍ଥା ହୋଇଛି।

**ଟିକେଟ୍ ଦର**

| | |
|---|---|
| ଗ୍ୟାଲେରି ନଂ ୧ | ୧,୧୦୦ ଟଙ୍କା |
| ଗ୍ୟାଲେରି ନଂ ୨ | ୯୦୦ ଟଙ୍କା |
| ଗ୍ୟାଲେରି ନଂ ୩ | ୧,୧୦୦ ଟଙ୍କା |
| ଗ୍ୟାଲେରି ନଂ ୪ | ୯୦୦ ଟଙ୍କା |
| ଗ୍ୟାଲେରି ନଂ ୫ | ୧,୨୦୦ ଟଙ୍କା |
| ଗ୍ୟାଲେରି ନଂ ୭ | ୭୦୦ ଟଙ୍କା |
| ସ୍ପେଶିଆଲ ଏନ୍‌କ୍ଲୋଜର | ୬,୦୦୦ ଟଙ୍କା |
| ଏସି ବକ୍ସ | ୮,୦୦୦ ଟଙ୍କା |
| ନ୍ୟୁ ପ୍ୟାଭିଲିୟନ | ୧୦,୦୦୦ ଟଙ୍କା |
| କର୍ପୋରେଟ ବକ୍ସ | ୨୦,୦୦୦ ଟଙ୍କା। |

## ଭାରତୀୟ ଦିନିକିଆ ଦଳରେ ବରୁଣ ଚକ୍ରବର୍ତ୍ତୀ

ନାଗପୁର, ୪।୨ (ପି.ଟି.)

ନିକଟରେ ଶେଷ ହୋଇଥିବା ଇଂଲଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ସିରିଜରେ ଉଚ୍ଚକୋଟୀର ପ୍ରଦର୍ଶନ ପାଇଁ ଫର୍ମରେ ଥିବା ରହସ୍ୟମୟ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କୁ ଭାରତୀୟ ଅନ୍ତର୍ଜାତୀୟ ଦିନିକିଆ ଦଳରେ ସାମିଲ କରାଯାଇଛି। କୋଲକାତା ନାଇଟ ରାଇଡର୍ସ (କେକେଆର)ର ଏହି ରହସ୍ୟମୟ ସ୍ପିନର ତାଙ୍କ ଫର୍ମକୁ ବଜାୟ ରଖନ୍ତୁ ବୋଲି ଟିମ୍ ମ୍ୟାନେଜମେଣ୍ଟ ଚାହେଁ। ଚାମ୍ପିୟନ୍ସ ଟ୍ରଫିକୁ ଦୃଷ୍ଟିରେ ରଖି ଏହା କରାଯାଇଥିବା କୁହାଯାଉଛି। ଚାମ୍ପିୟନ୍ସ ଟ୍ରଫି ଲାଗି ଘୋଷଣା କରାଯାଇଥିବା ଖେଳାଳି ତାଲିକାରେ ୪ ସ୍ପିନର ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କୁ ବାଦ୍ ଦେଇ ଚକ୍ରବର୍ତ୍ତୀଙ୍କୁ ସାମିଲ କରାଯାଇପାରେ ବୋଲି ଶୁଣାଯାଉଛି। ସମ୍ଭବତଃ କୁଲ୍‌ଦୀପ ଯାଦବ ଓ ୱାଶିଂଟନ ସୁନ୍ଦରଙ୍କ ମଧ୍ୟରୁ ଜଣକୁ ବାଦ୍ ଦେଇ ତାଙ୍କ ସ୍ଥାନରେ ନିଆଯାଇ ପାରେ। ଚାମ୍ପିୟନ୍ସ ଟ୍ରଫି ପାଇଁ ଏପର୍ଯ୍ୟନ୍ତ ଭାରତର ଚୂଡ଼ାନ୍ତ ଦଳ ଘୋଷଣା କରାଯାଇ ନାହିଁ। ଇଂଲଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆରେ ଚକ୍ରବର୍ତ୍ତୀଙ୍କ ପ୍ରଦର୍ଶନ କିପରି ରହୁଛି ଚାମ୍ପିୟନ୍ସ ଟ୍ରଫିରେ ସ୍ଥାନ ମିଳିବା ତା' ଉପରେ ସବୁ ନିର୍ଭର କରୁଛି। ଇଂଲଣ୍ଡ ବିପକ୍ଷ ୫ ଅନ୍ତର୍ଜାତୀୟ ଟି୨୦ରେ ଚକ୍ରବର୍ତ୍ତୀ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।



ବରୁଣ ଚକ୍ରବର୍ତ୍ତୀ

**ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ ପାଇଁ ଭାରତର ଅପ୍‌ଡେଟେଡ ଦଳ:** ରୋହିତ ଶର୍ମା (ଅଧିନାୟକ), ଶୁବମନ ଗିଲ୍ (ଉପଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ଶ୍ରେୟସ ଆୟର, କେ.ଏଲ୍ ରାହୁଲ (ଉଇକେଟକିପର), ରିଷଭ ପନ୍ତ (ଉଇକେଟକିପର), ହାର୍ଦ୍ଦିକ ପାଣ୍ଡ୍ୟା, ରବିନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ, କୁଲ୍‌ଦୀପ ଯାଦବ, ହର୍ଷିତ ରାଣା, ହମ୍ମଦ ଶାମି, ଅର୍ଶଦୀପ ସିଂ ଓ ବରୁଣ ଚକ୍ରବର୍ତ୍ତୀ।

**ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଚେସ୍**

## ପ୍ରଥମ ରାଉଣ୍ଡରେ କିଟ୍‌ର ସହଜ ବିଜୟ

ଭୁବନେଶ୍ୱର, ୪।୨ (ତପନ ସ୍ୱାଇଁ)

ଝାଡ଼ଖଣ୍ଡର ରାଞ୍ଚିଠାରେ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଚେସ୍ ପ୍ରତିଯୋଗିତା ମଙ୍ଗଳବାର ଆରମ୍ଭ ହୋଇଛି। ଏହାର ପ୍ରଥମ ରାଉଣ୍ଡରେ କିଟ୍ ବିଶ୍ୱବିଦ୍ୟାଳୟ ଦଳ ସହଜ ବିଜୟ ହାସଲ କରି ତ୍ରିପୁରାକୁ ୪-୦ରେ ପରାସ୍ତ କରିଛି। ୪ଟି ଯାକ ବୋର୍ଡରେ କିଟ୍‌ର ପ୍ରତିଯୋଗୀମାନେ ଆଧିପତ୍ୟ ବିସ୍ତାର କରି ଖେଳିଥିଲେ। ଓପନିଂ, ମିଡ୍ ଗେମ୍ ଓ ଏଣ୍ଡ ଗେମ୍ କୌଣସିଥିରେ ପ୍ରତିପକ୍ଷ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପ୍ରଭାବୀ ହେବାକୁ ଦେଇ ନ ଥିଲେ। ଏହି ପ୍ରତିଯୋଗିତାରେ ୨୬ଟି ବିଶ୍ୱବିଦ୍ୟାଳୟ ଦଳ ଅଂଶଗ୍ରହଣ କରିଛନ୍ତି। ଏହି ଚେସ୍ ଚାମ୍ପିୟନଶିପ୍ ଚଳିତମାସ ୮ ତାରିଖ ପର୍ଯ୍ୟନ୍ତ ଚାଲିବ।

## ସେମିଫାଇନାଲରେ ଓଡ଼ିଶା

**ଜାତୀୟ ଦୃଷ୍ଟିବାଧିତ କ୍ରିକେଟ**

ଭୁବନେଶ୍ୱର, ୪।୨ (ତପନ ସ୍ୱାଇଁ)

ବେଙ୍ଗାଲୁରୁଠାରେ ଚାଲିଥିବା ଜାତୀୟ ଦୃଷ୍ଟିବାଧିତ ନଗେଶ ଟ୍ରଫି କ୍ରିକେଟ ସୁପର-୮ ପର୍ଯ୍ୟାୟରେ ପ୍ରଭାବ ବିସ୍ତାର କରି ଓଡ଼ିଶା ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ସୁପର-୮ର ଦ୍ୱିତୀୟ ଲିଗ୍ ମ୍ୟାଚରେ ଓଡ଼ିଶା ୧୯୩ ରନରେ ମଧ୍ୟପ୍ରଦେଶକୁ ପରାସ୍ତ କରିଛି। ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଓଡ଼ିଶା ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୬୨ ରନ କରିଥିଲା। ଦଳ ପକ୍ଷରୁ ସୁଖରାମ ମାଝି ସର୍ବାଧିକ ୮୩, ଅଞ୍ଜନ ସିଂ ୫୭ ଓ ଧନପତି ଗୌଡ଼ା ୫୫ ରନ କରିଥିଲେ। ଜବାବରେ ମଧ୍ୟପ୍ରଦେଶ ୧୩ ଓଭରରେ ୬୯ ରନକରି ଅଲ୍‌ଆଉଟ ହୋଇଯାଇଥିଲା।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ସୁଖରାମ ମାଝିଙ୍କୁ ପୁରସ୍କୃତ କରାଯାଉଛି।

ଓଡ଼ିଶା ପକ୍ଷରୁ ଦେବରାଜ ବେହେରା, ନକୁଳ ବଡ଼ନାୟକ ଓ ଅନିଲ ମଲିକ ୨ଟି ଲେଖାଏ ଉଇକେଟ ନେଇଥିଲେ। ସୁଖରାମ ମାଝି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସୁପର-୮ର ନିଜର ପ୍ରଥମ ଲିଗ୍ ମ୍ୟାଚରେ ଝାଡ଼ଖଣ୍ଡକୁ ୧୦୧ ରନରେ ହରାଇଥିବା ଓଡ଼ିଶା ବୁଧବାର କର୍ଣ୍ଣାଟକକୁ ଭେଟିବ।

# ରଜନୀଗନ୍ଧା ଚାଷ



ରଜନୀଗନ୍ଧା ଏବେଠାରୁ ମେ ମାସ ପର୍ଯ୍ୟନ୍ତ ଲଗାଯାଏ। କୋଲକାତା ସିଙ୍ଗଲ, ଶ୍ରୀଙ୍ଗାର,କୋଏମ୍ବାଟୋର,ସିଙ୍ଗଲ ଓ ସୁହାସିନୀ(ଡବଲ) ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୮୦କି.ଗ୍ରା. ଯବକ୍ଷାରଜାନ,୮୦କି.ଗ୍ରା. ଫସ୍‌ଫରସ୍ ଓ ୮୦କି.ଗ୍ରା. ପଟାସ ସାର)ର ଏକ ତୃତୀୟାଂଶ ଯବକ୍ଷାରଜାନ ଓ ସବୁତକ ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦କନ୍ଦା ଆବଶ୍ୟକ ହୋଇଥାଏ। କନ୍ଦାଗୁଡିକୁ ୨.୫ସେ.ମି. ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର। ଶୀତଳଭଣ୍ଡାରରେ ୪-୫ଡିଗ୍ରୀ ସେଲ୍‌ସିଅସ୍‌ରେ ରହିଥିବା କନ୍ଦାଗୁଡିକ ଭଲ ଗଜା ହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକର ପ୍ରତି ୧୬୦କେ.ଜି. ନିମ୍ବପିଡ଼ିଆ ପ୍ରୟୋଗ କରନ୍ତୁ। କନ୍ଦାଗୁଡ଼ିକୁ ଲଗାଇବା ପୂର୍ବରୁ ଚେରଗୁଡିକୁ କାଟିଦିଅନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ କନ୍ଦାକୁ କନ୍ଦା ୩୦ସେ.ମି ବ୍ୟବଧାନରେ ଲଗାନ୍ତୁ।

# ମାଣ୍ଡିଆ ଫସଲରେ ସାର ପ୍ରୟୋଗ

ମାଣ୍ଡିଆ ତଳି ୩ ସପ୍ତାହର ହୋଇଗଲେ ତଳିକୁ ଧାଡ଼ିକୁ ଧାଡ଼ ୨୦ସେ.ମି . ଓ ଗଛକୁ ଗଛ ୧୦ସେ.ମି. ବ୍ୟବଧାନରେ ରୁଅନ୍ତୁ। ମାଟି ପରୀକ୍ଷା ପରେ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ। ମାଟି ପରୀକ୍ଷା ହୋଇ ନ ଥିଲେ ଏକର ପ୍ରତି ୨୪:୧୬:୧୨ଅନୁପାତରେ ଯବକ୍ଷାରଜାନ,ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ରୋଇବା ସମୟରେ ଅଧା ଯବକ୍ଷାରଜାନ ସାର ସହିତ ସମସ୍ତ ଫସ୍‌ଫରସ୍ ଓ ପଟାସ ପ୍ରୟୋଗ କରନ୍ତୁ। ସଅଳ ରୁଆଯାଇଥିବା ମାଣ୍ଡିଆ ଲଗାଇବାର ୩-୪ସପ୍ତାହ ହୋଇଯାଇଥିଲେ ଏକର ପ୍ରତି ୧୨କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କଲେ ଭଲ।



# ଡାଲୁଅ ଧାନ ରୋଇବା ସମୟରେ...



ଡାଲୁଅ ଧାନ ରୋଇବାର ୧୫-୨୦ ଦିନ ପର୍ଯ୍ୟନ୍ତ ଜମିରେ ନଖବୁଡ଼ା ପାଣି ରଖି ୧୨୦ରୁ କମ୍ ଦିନିଆ ଧାନରେ ହେକ୍ଟର ପ୍ରତି ୩୦ କି.ଗ୍ରା. ଓ ୧୨୦ ଦିନରୁ ଅଧିକ ଦିନିଆ ତଥା ସଙ୍କର କିସମ ଧାନରେ ୪୦ କି.ଗ୍ରା. ଯବକ୍ଷାରଜାନ ସାର ପିଲସାର ହିସାବରେ ପ୍ରୟୋଗ କରନ୍ତୁ । ପିଲ ଅବସ୍ଥାରେ ୨.୫ ସେ.ମି. ପର୍ଯ୍ୟନ୍ତ ପାଣି ରଖନ୍ତୁ । କାଣ୍ଡବିନ୍ଧା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରୋପାଇରିଫସ୍ କିମ୍ବା ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରନ୍ତୁ।

**ଗହମ :** ଗହମ କାଣ୍ଡ ହଳଦିଆ ପଡ଼ି ଶୁଖି ମଥା ନଇଁଗଲେ ଅମଳ କରନ୍ତୁ ।

**ମକା :** ମକା ଲଗାଇବାର ୨୧ ଦିନ ପରେ କୋଡ଼ାଖୁସାକରି ଗଛମୂଳରେ ମାଟିଦେବା ଦରକାର। ଫସଲ ବୁଣିବାର ୩୫ ରୁ ୪୫ ଦିନ ମଧ୍ୟରେ ଆଉ ଥରେ କୋଡ଼ାଖୁସାକରି ଘାସ ବାଛି ହେକ୍ଟର ପ୍ରତି ୩୦-୪୦ କି.ଗ୍ରା. ଯବକ୍ଷାରଜାନର ଗଛ ମୂଳରେ ଦେଇ ଦ୍ୱିତୀୟ ଥର ହୁଡ଼ା ଟେକିଦିଅନ୍ତୁ ।

**ଡାଲି ଜାତୀୟ ଫସଲ:** ଖରାଦିନେ ଅଧିକ ଅମଳକ୍ଷମ ଡାଲି ଜାତୀୟ ଫସଲ ଯଥା- ମୁଗ କିସମ - ଆଇପିଏମ୍-୦୨-୧୪ (୬୫ ଦିନ), ଆଇପିଏମ୍-୦୨-୩ (୬୫ ଦିନ), ପିଡିଏମ୍-୧୧ (୬୫ ଦିନ), ପି.ଡି.ଏମ୍.-୫୪ (୬୦ ରୁ ୬୫ ଦିନ), ଦୁର୍ଗା (୬୦ ରୁ ୬୫ ଦିନ), ସମ୍ରାଟ୍ (୬୫ ରୁ ୭୦ ଦିନ), କେ-୮୫୧ (୬୦ ରୁ ୬୫ ଦିନ) ଓ ବିରି କିସମ - ସାରଳା (୬୫ ରୁ ୭୦ ଦିନ), ପି.ୟୁ.-୩୧ (୭୦ ଦିନ), ପି.ୟୁ.-୩୦ (୬୫ ରୁ ୭୦ ଦିନ), ପିୟୁ-୩୫ (୬୫ ରୁ ୭୦ ଦିନ), ପିୟୁ-୧୯(୬୫ ରୁ ୭୦ ଦିନ) ବିହନ ସଂଗ୍ରହକରି ଜମିରେ ବୁଣନ୍ତୁ । ହେକ୍ଟର ପ୍ରତି ୨୫ କି.ଗ୍ରା. ବିହନ ଆବଶ୍ୟକ । ବିହନକୁ ବିଶୋଧନକରି ବୀଜାଣୁ କଲ୍‌ଚର (୫୦୦ ଗ୍ରାମ୍) ଉପଚାରକରି ଧାଡ଼ିରେ ବୁଣନ୍ତୁ ।

**ତୈଳବୀଜ ଜାତୀୟ ଫସଲ**

**ଚିନାବାଦମ:** ଚିନାବାଦାମ ଫସଲରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସା କରି ହେକ୍ଟର ପିଛା ୨୫୦ କି.ଗ୍ରା. ଜିପ୍‌ସମ୍ ସାର ପ୍ରୟୋଗ କରନ୍ତୁ (ଯଦି ମୂଳସାର ରୂପେ ଦିଆଯାଇ ନ ଥାଏ) ବିହାରୀ ଶୁଁଆଳୁଆ ଲାଗିଲେ ସକାଳେ କାକର ଥିବାବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. ହିସାବରେ ୧.୫% କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ଲାମ୍‌ଡ଼ା ସାଇହାଲୋଥ୍ରିନ୍ ୨.୫ ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ସୋରିଷ :** ଡେରିରେ ବୁଣାଯାଇଥିବା ସୋରିଷ ଅମଳ କରିଦିଅନ୍ତୁ ।

## ଏ ମାସର କୃଷି ସୂଚନା

**ରାଶି :** ଖରାଦିନିଆ ରାଶିକୁ ଫେବୃୟାରୀ ଠାରୁ ମାର୍ଚ୍ଚ ପ୍ରଥମ ସପ୍ତାହ ମଧ୍ୟରେ ବୁଣନ୍ତୁ। ହେକ୍ଟର ପ୍ରତି ୭.୫ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ । ରାଶିର ଉନ୍ନତ ବିହନ କିସମଗୁଡ଼ିକ ହେଲା - ଅମ୍ରିତ୍ (୭୫ ଦିନ), ଉମା (୭୫ ରୁ ୮୦ ଦିନ), ନିର୍ମଳା (୮୦ ଦିନ), ପ୍ରାଚୀ (୭୫ ରୁ ୮୦ ଦିନ ) ଓ ଉଷା (୭୫ ରୁ ୮୦ ଦିନ)।

**ସୂର୍ଯ୍ୟମୁଖୀ:** ସୂର୍ଯ୍ୟମୁଖୀ ଗଛ ୩ସପ୍ତାହ ହୋଇଥିଲେ କୋଡ଼ାଖୁସାକରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ। ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରୋପାଇରିଫସ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍‌ଡା ସାଇହାଲୋଥ୍ରିନ୍ (୨.୫ ଇସି) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ। ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ ।

**ଆଖୁ :** ଆଖୁ ଫସଲ ୩୦ ଦିନର ହୋଇ ଥିଲେ ଜମିରୁ ଘାସବାଛି କୋଡ଼ାଖୁସାକରି ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ ।

**ପନିପରିବା :** ପନିପରିବା ଫସଲରେ ଜଉପୋକ ଓ ଫଳବିନ୍ଧା ପୋକ ଦମନ ପାଇଁ ୧ ଲିଟର ପାଣିରେ ଯଥାକ୍ରମେ ୦.୨ ଗ୍ରାମ୍ କ୍ଲୋଥାୟାନିଡିନ୍ ଓ ୦.୩ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।

**ଆଳୁ :** ଆଳୁ ଗଛର କାଣ୍ଡ ଶୁଖି ଢଳି ପଡ଼ିଲେ ଆଳୁ ଅମଳ କରନ୍ତୁ । ଆଳୁ ପାକଳ ହେବା ପାଇଁ ଖୋଳିବା ପୂର୍ବରୁ କାଣ୍ଡଗୁଡ଼ିକୁ କାଟିଦିଅନ୍ତୁ । ଖଣ୍ଡିଆ, ରୋଗାକ୍ରାନ୍ତ ଓ ସବୁଜ ଦିଶୁଥିବା ଆଳୁ ଗୁଡ଼ିକୁ ଅଲଗା ରଖନ୍ତୁ । ଅମଳ ପରେ ଆଳୁକୁ ୨-୩ ଦିନ ଛାଇରେ ଶୁଖାଇ ଦିଅନ୍ତୁ । ଶୀତଳ ଭଣ୍ଡାରକୁ ନେବା ପୂର୍ବରୁ ୩% ବୋରିକ୍ ଏସିଡ଼ରେ ୧୫ ମିନିଟ୍ ବୁଡ଼ାଇ ଶୁଖାଇ ଦିଅନ୍ତୁ।

**ପିଆଜ :** ପିଆଜ ପତ୍ରଗୁଡ଼ିକ ହଳଦିଆ ପଡ଼ିଲେ ପିଆଜ ପାକଳ ହୋଇଯାଇଥାଏ। ଏହି ସମୟରେ ଅମଳ କରନ୍ତୁ। ଅମଳର ୩/୪ ସପ୍ତାହ ପରେ ତାକୁ ସାଇତି ରଖନ୍ତୁ। ଏହାଦ୍ୱାରା ପିଆଜର ଜଳୀୟ ଅଂଶ ଅନେକାଂଶରେ କମିଯାଇଥାଏ ।

-କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର - ୩

# ଡାଲିଜାତୀୟ ଫସଲ ବିହନ ବିଶୋଧନ



ଏକ କି.ଗ୍ରା. ବିହନ ପିଛା କାର୍ବୋକ୍ସିନ୍ ୩୭.୫% ସହ ଥିରାମ୍ ୩୭.୫% ମିଶ୍ରିତ ଡିଏସ୍ ଫିମ୍ପିନାଶକ ଔଷଧ ୨ ଗ୍ରାମ୍ ଗୋଳାଇ ବିହନ ବୁଣନ୍ତୁ । ହେକ୍ଟର ପ୍ରତି ୨୫ କି.ଗ୍ରା. ବିହନରେ ୫୦୦ ଗ୍ରାମ୍ ରାଇଜୋବିୟମ୍ ବୀଜାଣୁ କଲ୍‌ଚର ପ୍ରୟୋଗ କରନ୍ତୁ । ବିହନକୁ ଧାଡ଼ିରେ ବୁଣନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନ ରଖନ୍ତୁ। ଜମିକୁ ଭଲ ଭାବରେ ଚାଷକରି ହେକ୍ଟର ପିଛା ୧୦/୧୨ ଶଗଡ଼ ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ମୁଗ, ବିରି ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଜଉପୋକ ଲାଗିଲେ ହେକ୍ଟର ପିଛା ରୋଗର ୧ ଲିଟର କିମ୍ବା ଇମିଡ଼ାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨ କି.ଗ୍ରା. ସେଚିତ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ କରନ୍ତୁ ।

## ଭେଣ୍ଡିର ଉନ୍ନତ କିସମ



ଭେଣ୍ଡିର ଉନ୍ନତ କିସମ ମଧ୍ୟରେ ରହିଛି ଆର୍କା ଅନାମିକା, ଆର୍କା ଅଭୟ, ଉକ୍ରଳ ଗୌରବ ଏବଂ ପୁଷା-ଏ-୪। ଭେଣ୍ଡି ଲଗାଇବା ସମୟରେ ଗଛ ମଧ୍ୟରେ ଲଗାଇବା ଦୂରତା ୬୦ ସେ.ମି.x ୩୦ ସେ.ମି. ରହିବା ଦରକାର। ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବର ଖତ ସହ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଦରକାର। ଜମି ପ୍ରସ୍ତୁତ ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଏବଂ ସମସ୍ତ ଫସ୍‌ଫରସ୍ ଏବଂ ପଟାସ୍ ସାର ମୂଳସାର ହିସାବରେ ସବୁତକ ଖତ ସହିତ ପ୍ରୟୋଗ କରନ୍ତୁ । ବିହନ ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସାକରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ପ୍ରତି ୫-୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ । ପ୍ରତି ୨ ଦିନରେ ଥରେ ଫଳ ତୋଳିବା ଉଚିତ । ନଚେତ୍ ଗଛର ବୃଦ୍ଧି ଓ ଫଳ ଧାରଣ ଶକ୍ତି କମିଯାଇଥାଏ ଓ ଫଳ ବୁଢ଼ା ହୋଇଯାଇଥାଏ । ଭେଣ୍ଡି ଗଛ ଥଣ୍ଡା ଲାଗି ଛୋଟ ହୋଇଥାଏ ଓ ଫଳ ମଧ୍ୟ ଛୋଟ ହୋଇଥାଏ ।

## ଚାଷୀଙ୍କ ପାଇଁ...

- ଖରାଦିନିଆ ଗୋଖାଦ୍ୟ ପାଇଁ ଶସ୍ୟଜାତୀୟ ଫସଲ ଯଥା ମକା ଓ ବାଜରା ଏବଂ ଡାଲିଜାତୀୟ ଫସଲ ବରଗୁଡ଼ି ଓ ଡଙ୍ଗରରାଣୀ ଚାଷ କରନ୍ତୁ। ସବୁଦିନିଆ ଗୋଖାଦ୍ୟ ଫସଲ ଯଥା ସଙ୍କର ନେପିଅର ବାଜରା ଓ ଗିନି ଘାସରେ ଏକର ପ୍ରତି ୧୬ କି.ଗ୍ରା . ଯବକ୍ଷାରଜାନ ପ୍ରୟୋଗକରି ଜଳସେଚନ କରନ୍ତୁ।
- ଗୋରୁଙ୍କ ସାହାଣ, ବଜବଜିଆ ଓ ଫାଟୁଆ ରୋଗ ପାଇଁ ଏଫ୍‌ଏମ୍‌ଡି ଭାକ୍ସିନ୍ ଓ ଛେଳିଙ୍କ ପିପିଆର୍ ରୋଗ ଲାଗି ପିପିଆର୍ ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ।
- କୁକୁଡ଼ାଙ୍କର ନାଳି ଝାଡ଼ା ହେଉଥିଲେ ଅଧ ଗ୍ରାମ ଫ୍ୟୁରାସଲକୁ ୧ ଲିଟର ପାଣିରେ ମିଶାଇ ୩ ଦିନ ପର୍ଯ୍ୟନ୍ତ ଦିଅନ୍ତୁ।
- କୁକୁଡ଼ାଙ୍କ ଘୁମା ରୋଗର ନିୟନ୍ତ୍ରଣ ପାଇଁ ପ୍ରଥମ ୭ ଦିନ ଭିତରେ ଲାସୋଟା ପ୍ରତିଷେଧକ ଟିକା ଏବଂ ୧୩-୧୫ ଦିନ ଭିତରେ ଆଇବିଟି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ।
- ବନରାଜ ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରିପାରନ୍ତି।



## ଗହମରେ କାଳିଗୁଣ୍ଡି ପୋକ ପରିଚାଳନା

ଗହମ ଫସଲରେ କାଳିଗୁଣ୍ଡି ରୋଗ ହୋଇଥିଲେ, ଏହାର ଦମନ ସକାଶେ ଆକ୍ରାନ୍ତ ଗଛଗୁଡିକୁ ମାଟିରେ ପୋତିଦିଅନ୍ତୁ କିମ୍ବା ପୋଡ଼ିଦିଅନ୍ତୁ ଏବଂ ଏକର ପ୍ରତି ୨୦୦ଗ୍ରାମ୍ କାର୍ବେଣ୍ଡାଜିମ୍ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସଅଳ ଲଗାଯାଇଥିବା ଫସଲରେ ଶସ୍ୟତ୍ୟାଗ ରୋଗ ଲାଗିବାର ଆଶଙ୍କା ଅଛି। ଏହାର ଦମନ ପାଇଁ ଏକର ପ୍ରତି ୬୦୦ଗ୍ରାମ୍ ମାଙ୍କୋଜେବ୍ ୨୦୦ଲିଟର ପାଣିରେ ସିଞ୍ଚନ କରନ୍ତୁ। ବର୍ଷା ନ ଥିଲେ ଫସଲରେ ଜଳସେଚନର ଆବଶ୍ୟକତା ବଢ଼ିଯାଇଥାଏ, ଫୁଲ ଓ କ୍ଷୀର ଢୋକିବା ଅବସ୍ଥାରେ ଜଳସେଚନ ପ୍ରତି ଧ୍ୟାନ ଦିଅନ୍ତୁ।



## ଚିନାବାଦାମରେ ସାର ପ୍ରୟୋଗ

ଚିନାବାଦମ ବୁଣିବାର ୨/୩ ସପ୍ତାହ ବେଳକୁ ଖୁସାଇ ଘାସ ବାଛିଦିଅନ୍ତୁ। ଯଦି ଜିପ୍‌ସମ୍ ବୁଣିବା ସମୟରେ ଦିଆଯାଇ ନ ଥାଏ ତେବେ ଏହି ସମୟରେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ଦୁଇପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ । ୧୨ ରୁ ୧୫ ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ । ଲାଲ୍ ସମ୍ବାଳୁଆ ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ଫ୍ଲୁବେଣ୍ଡିଆମାଇଡ୍ ସିଞ୍ଚନ କରନ୍ତୁ । ଜଉପୋକ ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ୧୨୫ ଗ୍ରାମ୍ ଥାୟୋମେଥୋକ୍ସାମ୍ ୫୦୦ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ପତ୍ରଦାଗ ରୋଗ (ଟିକା) ଦେଖାଦେଲେ ହେକ୍ଟର ପ୍ରତି ୭୫୦ ମି.ଲି. ଟେବୁକୋନାଜୋଲ୍ ଇ.ସି.(୨୫.୯%)/ହେକ୍ସାକୋନାଜଲ୍ ଇ.ସି. (୫%) କିମ୍ବା କ୍ଲୋରୋଥାଲୋନିଲ୍ ୨ ଗ୍ରାମ୍ / ଲିଟର ପାଣି ସିଞ୍ଚନ କରନ୍ତୁ।





## ପୋଟଳରେ ଫୁଲଫଳ ଧରୁଥିଲେ...

ପୋଟଳ ଫୁଲଫଳ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମିକୁ ଘାସୁଆ ରଖାଯିବା ଦରକାର। କାରଣ ଘାସ ଜମିର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟକରେ ଓ ମାଟି ଉପରେ ମାଡୁଥିବା ଲତାର ଫଳକୁ ନିରାପଦରେ ଧରିରଖେ। ଏହାଦ୍ୱାରା ଫଳଗୁଡ଼ିକ ମାଟିର ସଂସ୍ପର୍ଶରେ ଆସି ନଷ୍ଟ ହୁଏନାହିଁ। ଡେରିରେ ଲଗାଯାଇଥିବା ପୋଟଳରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସା କରି ଅନୁମୋଦିତ ପ୍ରଣାଳୀରେ ସାର ପ୍ରୟୋଗକରି ଜଳସେଚନ କରନ୍ତୁ। ପୋଟଳରେ କବକଜନିତ ଝାଉଁଳା ରୋଗ ଲାଗିବା ଆଶଙ୍କା ରହିଛି। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୧.୫ଗ୍ରାମ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ମୂଳ ମାଟି ଭିଜାଇ ରଖନ୍ତୁ।




# ଫାଇନାଲରେ ଓଡ଼ିଶା ମହିଳା ଫୁଟବଲ ଦଳ



ଜାତୀୟ କ୍ରୀଡ଼ାର ଫାଇନାଲରେ ପ୍ରବେଶ ପରେ ଉଲ୍ଲସିତ ଓଡ଼ିଶା ମହିଳା ଫୁଟବଲ ଦଳ।

**ଜାତୀୟ କ୍ରୀଡ଼ା**

**ଭୁବନେଶ୍ୱର, ୪।୨ (ତପନ ସ୍ୱାଇଁ)**

ଡିଫେଣ୍ଡିଂ ଚାମ୍ପିୟନ ଓଡ଼ିଶା ମହିଳା ଫୁଟବଲ ଦଳ ଚମତ୍କାର ପ୍ରଦର୍ଶନ କରି ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ାର ଫାଇନାଲରେ ପ୍ରବେଶ କରିଛି। ଫଳରେ ଓଡ଼ିଶା ପାଇଁ କ୍ରମାଗତ ଚାମ୍ପିୟନ ହୋଇ ଟାଇଟଲ ବଜାୟ ରଖିବାର ସୁଯୋଗ ଆସିଛି। ମଙ୍ଗଳବାର ଅନୁଷ୍ଠିତ ସେମିଫାଇନାଲରେ ଓଡ଼ିଶା ୫-୧ ଗୋଲରେ ଦିଲ୍ଲୀକୁ ପରାସ୍ତ କରିଛି। ଓଡ଼ିଶା ଏହି ମ୍ୟାଚରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ୨୨ତମ ମିନିଟରେ ପ୍ୟାରି ଖାଖା ଏକ ଗୋଲ ଦେଇ ଓଡ଼ିଶାକୁ ଅଗ୍ରଣୀ କରିଥିଲେ। ପ୍ରଥମାର୍ଦ୍ଧର ଇଞ୍ଜୁରି ଟାଇମ୍ ଅର୍ଥାତ୍ ୪୫+୩ ମିନିଟରେ ମାଳତୀ ମୁଣ୍ଡା ଗୋଲ ଦେବାରୁ ଓଡ଼ିଶା ଅଗ୍ରଣୀ ବ୍ୟବଧାନ ୨-୦ରେ ପହଞ୍ଚିଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭର ଅଳ୍ପକିଛି ସମୟ ପରେ ୫୩ତମ ମିନିଟରେ ଦିଲ୍ଲୀର ରେବେକା ଜାମଥିଆନମାଓ୍ୱି ଗୋଟିଏ ଗୋଲ ପରିଶୋଧ କରିବାରୁ ମ୍ୟାଚରେ ରୋମାଞ୍ଚ ଆସିଥିଲା। ମାତ୍ର ଓଡ଼ିଶା ଖେଳାଳିମାନେ ପୁଣି ବଡ଼ ଅଗ୍ରଣୀ ନେବାରେ ବେଶି ସମୟ ବିଳମ୍ବ କରି ନ ଥିଲେ। ୫୯ତମ ମିନିଟରେ ମାଳତୀ ମୁଣ୍ଡା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇଥିବାବେଳେ ୬୮ତମ ମିନିଟରେ ସୁମିତ୍ରା ହେମ୍ବ୍ରମ ଗୋଟିଏ ଗୋଲ ସ୍କୋର କରି ଓଡ଼ିଶା ଅଗ୍ରଣୀ ବ୍ୟବଧାନକୁ ୪-୧ରେ ପହଞ୍ଚାଇ ଦେଇଥିଲେ। ମ୍ୟାଚର ଶେଷ ହ୍ୱିସିଲ ବାଜିବାର ଅଳ୍ପକିଛି କ୍ଷଣ ପୂର୍ବରୁ ଅର୍ଥାତ୍ ୯୦+୩ ମିନିଟରେ ଜବାମଣି ଟୁଡୁ ଗୋଲ ଦେବାରୁ ଓଡ଼ିଶା ବଡ଼ ବ୍ୟବଧାନରେ ବିଜୟୀ ହୋଇଥିଲା। ଓଡ଼ିଶାର ଡବଲ ଗୋଲ ସ୍କୋରର ମାଳତୀ ମୁଣ୍ଡା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ଜାତୀୟ ଫୁଟବଲରେ ଓଡ଼ିଶା ମହିଳା ଫୁଟବଲ ଦଳର ରେକର୍ଡ ବେଶ୍ ଭଲ ରହିଛି। ଓଡ଼ିଶା ଏହାକୁ ମିଶାଇ ୬ଷ୍ଠ ଥର ପାଇଁ ଜାତୀୟ କ୍ରୀଡ଼ାର ଫାଇନାଲରେ ପ୍ରବେଶ କରିଛି। ଓଡ଼ିଶା ଦଳ ୩ଥର ୨୦୦୭, ୨୦୧୧ ଓ ୨୦୨୩ରେ ଚାମ୍ପିୟନ ହୋଇ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲା। ସେହିପରି ୨୦୧୫ ଓ ୨୦୨୨ରେ ରନରଅପ୍ ହୋଇ ରୌପ୍ୟ ପଦକ ପାଇଥିଲା। ଏହା ବ୍ୟତୀତ ୨୦୦୨ରେ ଥରେ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ଜିତିଥିଲା। ଗତ ସଂସ୍କରଣର ଫାଇନାଲରେ ଓଡ଼ିଶା ଓ ମଣିପୁର ମ୍ୟାଚ ୧-୧ ଗୋଲରେ ଡ୍ର ରହିବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ପେନାଲ୍ଟି ଶୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ଓଡ଼ିଶା ୪-୨ରେ ଶକ୍ତିଶାଳୀ ମଣିପୁରକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଏହା ପୂର୍ବରୁ ତୀବ୍ର ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ଓଡ଼ିଶା ପେନାଲ୍ଟି ଶୁଟ୍‌ଆଉଟ ୫-୪ ଗୋଲରେ ପଶ୍ଚିମବଙ୍ଗକୁ ପରାସ୍ତ କରି ଫାଇନାଲରେ ପହଞ୍ଚିଥିଲା। ନିର୍ଦ୍ଧାରିତ ସମୟରେ ଖେଳ ଗୋଲଶୂନ୍ୟ ରହିଥିଲା। ଜାତୀୟ କ୍ରୀଡ଼ା ବ୍ୟତୀତ ଜାତୀୟ ମହିଳା ଫୁଟବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ୨୦୧୦ରେ ଚାମ୍ପିୟନ ହୋଇଛି ଏବଂ ୬ଥର ୨୦୦୧-୦୨, ୨୦୦୭-୦୮, ୨୦୦୯-୧୦, ୨୦୧୩-୧୪, ୨୦୧୮-୧୯ ଓ ୨୦୨୪-୨୫ରେ ରନରଅପ୍ ହୋଇଛି।

# ମହିଳା ସନ୍ତରଣରେ ବଡ଼ ସଫଳତା



ଅଫିସିଆଲଙ୍କ ଗହଣରେ ଓଡ଼ିଶା ମହିଳା ସନ୍ତରଣକାରୀ।

**ଭୁବନେଶ୍ୱର, ୪।୨ (ତପନ ସ୍ୱାଇଁ)**

ଉତ୍ତରାଖଣ୍ଡର ହଲଦ୍ୱାନିସ୍ଥିତ ଇନ୍ଦିରାଗାନ୍ଧି ଅନ୍ତର୍ଜାତୀୟ ଷ୍ଟାଡିୟମ ସୁଇମିଂ ପୁଲ୍‌ରେ ଜାତୀୟ କ୍ରୀଡ଼ାର ସୁଇମିଂ ଇଭେଣ୍ଟ ମଙ୍ଗଳବାର ଶେଷ ହୋଇଛି। ଏଥିରେ ଚମକପ୍ରଦ ପ୍ରଦର୍ଶନ କରି ଓଡ଼ିଶା ମହିଳା ଦଳ ଜାତୀୟ କ୍ରୀଡ଼ାର ଇତିହାସରେ ପ୍ରଥମଥରପାଇଁ ଦ୍ୱିତୀୟ ରନରଅପ୍ ହୋଇଛି। ପଦକ ଓ ପଏଣ୍ଟ ଦୃଷ୍ଟିରୁ କର୍ଣ୍ଣାଟକ ପ୍ରଥମ ଓ ମହାରାଷ୍ଟ୍ର ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ସୃଷ୍ଟି ଉପାଧ୍ୟାୟ, ପ୍ରତ୍ୟାଶା ରାୟ, ଆଂଶିକା ଆରାଧନା ସାହୁ, ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ, ମନ୍ମତା ମିଶ୍ର, ଆୟୁଶ୍ରୀ ଦତ୍ତ ଆଦି ୬ ଜଣଙ୍କୁ ନେଇ ଗଠିତ ଓଡ଼ିଶା ମହିଳା ଦଳ ଦଳଗତଭାବେ ଗୋଟିଏ ସ୍ୱର୍ଣ୍ଣ ଏବଂ ୪ଟି ବ୍ୟକ୍ତିଗତ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ମହିଳା ଦଳଗତ କ୍ଷେତ୍ରରେ କର୍ଣ୍ଣାଟକ ଦଳ ୧୪୦ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଥିବାବେଳେ ମହାରାଷ୍ଟ୍ର ୧୧୫ ଓ ଓଡ଼ିଶା ୪୮ ପଏଣ୍ଟ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଓଡ଼ିଶା ମହିଳା ଦଳ ଦ୍ୱିତୀୟ ରନରଅପ୍ ହେବା ଅର୍ଥ ରାଜ୍ୟରେ ସୁଇମିଂ କ୍ରୀଡ଼ାର ଯଥେଷ୍ଟ ଉନ୍ନତି ହେବାରେ ଲାଗିଛି। ନିକଟ ଅତୀତରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗିମାନେ ଚମତ୍କାର ପ୍ରଦର୍ଶନ କରି ପଦକ ହାସଲ କରିଥିଲେ। ଜାତୀୟ କ୍ରୀଡ଼ାରେ ଓଡ଼ିଶା ଦଳର ଏହି ସଫଳତା ଏବେ ରାଜ୍ୟରେ ଅଧିକରୁ ଅଧିକ ପିଲା ସୁଇମିଂ ପ୍ରତି ଆଗ୍ରହୀ ହେବାପାଇଁ ବାଟ ଖୋଲି ଦେଇଛି। ରାଜ୍ୟରେ ବିଶ୍ୱସ୍ତରୀୟ ଭିତ୍ତିଭୂମୀ ଉପଲବ୍ଧ ରହିଛି। ଅଧିକରୁ ଅଧିକ ପିଲା ସୁଇମିଂକୁ ଆସିଲେ ଆଗାମୀ ଦିନରେ ଯେ ଓଡ଼ିଶା ଜାତୀୟ ସ୍ତରରେ ସୁଇମିଂରେ ଏକ କ୍ରୀଡ଼ାଶକ୍ତିଭାବେ ଉଭା ହେବ ଏଥିରେ ଦ୍ୱିମତ ନାହିଁ।




ପଦକ ସହ ସ୍ୱସ୍ତି ସିଂ (ମଝି) ଓ ରେଜିୟା ଦେବୀ ଖୋଇରୋମ (ଡାହାଣ)।

# ସ୍ୱସ୍ତିଙ୍କୁ ସ୍ୱର୍ଣ୍ଣ, ରେଜିୟାଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୪।୨ (ତପନ ସ୍ୱାଇଁ)**

ଓଡ଼ିଶାର ପ୍ରତିଭାସମ୍ପନ୍ନ ସାଇକ୍ଲିଷ୍ଟ ସ୍ୱସ୍ତି ସିଂ ଉତ୍ତରାଖଣ୍ଡର ରୁଦ୍ରପୁରରେ ଚାଲିଥିବା ଜାତୀୟ କ୍ରୀଡ଼ାର ଟ୍ରାକ୍ ସାଇକ୍ଲିଂରେ ନୂଆ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ୩ କିଲୋମିଟର ମହିଳା ବ୍ୟକ୍ତିଗତ ପର୍ଶ୍ୟୁଟ ଇଭେଣ୍ଟରେ ୪:୦୩.୨୫୫ ସେକେଣ୍ଡ (ନୂଆ ଜାତୀୟ ରେକର୍ଡ ଟାଇମିଂ) ସମୟ ନେଇ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଚଳିତ ଜାତୀୟ କ୍ରୀଡ଼ାରେ ଏହା ତାଙ୍କର ଦ୍ୱିତୀୟ ପଦକ। ସ୍ୱସ୍ତି ଏବେ କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ଏହି ବିଶ୍ୱବିଦ୍ୟାଳୟର ଅନ୍ୟତମ ଛାତ୍ରୀ ରେଜିୟା ଦେବୀ ଖୋଇରୋମ ୪:୧୦.୮୭୬ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ଜିତିବା ସହ ରାଜ୍ୟ ଏବଂ ନିଜ ଅନୁଷ୍ଠାନକୁ ଗର୍ବିତ କରିଛନ୍ତି। ମହାରାଷ୍ଟ୍ରର ପୂଜା ବାବନ ଡାନୋଲେ ୪:୦୪.୪୯୪ ସେକେଣ୍ଡ ସହିତ ରୌପ୍ୟ ପଦକ ପାଇଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ବିଶ୍ୱବିଦ୍ୟାଳୟର ଏହି ଦୁଇ ଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# କ୍ୱାର୍ଟରରେ ମହିଳା ବିଚ୍ ଭଲିବଲ ଦଳ

**ଭୁବନେଶ୍ୱର, ୪।୨ (ତପନ ସ୍ୱାଇଁ)**



କୋଚ୍‌ଙ୍କ ସହ କିଟ୍‌ର ଦୁଇ ମହିଳା ଖେଳାଳି।

ଉତ୍ତରାଖଣ୍ଡର ରିଶିକେଶରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ାର ମହିଳା ବିଚ୍ ଭଲିବଲରେ ଓଡ଼ିଶା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର କର୍ଣ୍ଣାଟକକୁ ୨-୦ ସେଟ୍‌ରେ ହରାଇ ଓଡ଼ିଶା ଦଳ ଏହି ସଫଳତା ପାଇଛି। ଓଡ଼ିଶା ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟର ଦୁଇ ଛାତ୍ରୀ ଶିବାନୀ ପ୍ରିୟଦର୍ଶିନୀ ଓ ଆଶା ମୁଣ୍ଡାରୀ ପ୍ରଭାବୀ ପ୍ରଦର୍ଶନ କରିଥିଲେ। କୋଚ୍ ସଙ୍ଗୀତା ଟପ୍ପୋଙ୍କ ପ୍ରଶିକ୍ଷଣପ୍ରାପ୍ତ ଓଡ଼ିଶା ବୁଧବାର କ୍ୱାର୍ଟର ଫାଇନାଲ ଖେଳିବ।

# ଜାତୀୟ କ୍ରୀଡ଼ାରେ ସରସ୍ୱତୀ ସହାୟକ ନିଯୁକ୍ତ

**ଯାଜପୁର, ୪।୨ (ହର୍ଷବର୍ଦ୍ଧନ ବେହେରା):** ଯାଜପୁର ଜିଲା ଗୋପାଳପୁର ଗ୍ରାମର ଅନ୍ତର୍ଜାତୀୟ ମହିଳା କ୍ରୀଡାବିତ ତଥା ପୋଲିସ ଇନ୍ସପେକ୍ଟର ସରସ୍ୱତୀ ଚାନ୍ଦ ଉତ୍ତରାଖଣ୍ଡରେ ଚାଲିଥିବା ଜାତୀୟ କ୍ରୀଡା-୨୦୨୫ରେ ସହାୟକ ଭାବେ ଯୋଗଦେଉଛନ୍ତି। ସେ ଆସନ୍ତା ୬ରେ ଡେରାଡୁନ ମହାରଣା ପ୍ରତାପ ସ୍ପୋର୍ଟ୍ସ କଲେଜରେ ଯୋଗଦେଇ ୧୩ ପର୍ଯ୍ୟନ୍ତ ସହାୟକ ଭାବେ କାର୍ଯ୍ୟ କରିବେ। ଏଥିପାଇଁ ଉତ୍ତରାଖଣ୍ଡ ଆଥଲେଟିକ ଆସୋସିଏଶନ ପକ୍ଷରୁ ସମ୍ପାଦକ କେ.ଜେ.ଏସ. କାଲସି ଓଡ଼ିଶା ପୋଲିସର ଡାଇରେକ୍ଟର ଜେନେରାଲ(ଡିଜି)ଙ୍କ



ଅନୁମତି ମାଗିଛନ୍ତି। ସେ ତାଙ୍କ ଅନୁମତି ପତ୍ରରେ ଆହୁରି ଦର୍ଶାଇଛନ୍ତି, ଉତ୍ତରାଖଣ୍ଡ ଜାତୀୟ କ୍ରୀଡ଼ା ୧୪ ପର୍ଯ୍ୟନ୍ତ ଚାଲିବ। ଯେଉଁଥିରେ ରାୟପୁର ମହାରଣା ପ୍ରତାପ ସ୍ପୋର୍ଟ୍ସ କଲେଜ ପଡିଆରେ ଆସନ୍ତା ୮ରୁ ୧୨ ପର୍ଯ୍ୟନ୍ତ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଆୟୋଜନ ହେବ। ଏହିକ୍ରମରେ ଆଥଲେଟିକ ଫିଲ୍ଡ, ଆକ୍ୟୁପମେଣ୍ଟ ଇତ୍ୟାଦିକାମରେ କ୍ରୀଡାବିତ ସରସ୍ୱତୀ ସହଯୋଗ କରିବେ। ତେଣୁ ଏହି ଜାତୀୟ କ୍ରୀଡା କାର୍ଯ୍ୟକ୍ରମରେ ଯୋଗଦାନ ପାଇଁ କ୍ରୀଡାବିତ ସରସ୍ୱତୀଙ୍କୁ ଅନୁମତି ଦେବାକୁ ଆସୋସିଏଶନ ପକ୍ଷରୁ ନିବେଦନ କରାଯାଇଛି।

ସୂଚନାଯୋଗ୍ୟ ଯେ, ସରସ୍ୱତୀ ୨୦୦୭ରୁ ଆର୍ନ୍ତଜାତିକ ଓ ଜାତୀୟସ୍ତରରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ୨୦୦୯ରେ ବ୍ରିଟିସ କଲମ୍ବିଆ ଓ୍ୱାର୍ଲଡ ପୋଲିସ ଆଣ୍ଡ ଫାୟର ଗେମରେ ୨୦୦, ୪୦୦ ଓ ୪୦୦ ମିଟର ରିଲେ ଦୌଡ ପ୍ରତିଯୋଗିତାରେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ମେଡାଲ ହାସଲ କରିଥିଲେ। ୨୦୧୧ରେ ନ୍ୟୁୟର୍କ ୧୪ତମ ପୋଲିସ ଫାୟାର ଗେମରେ ୨୦୦ ମିଟର ଓ ୧୦୦ ମିଟର ରିଲେ ଦୌଡରେ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ଏକାଧିକ ସଫଳତା ଆଣି ଦେଶ ଓ ରାଜ୍ୟ ପାଇଁ ଗୌରବ ଅର୍ଜନ କରିଛନ୍ତି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ